ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୮/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 8/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୧୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

ଜୟସ୍ୱାଲ ପ୍ଲେୟର ଅଫ୍ ଦି ମ୍ୟାଚ

ପଞ୍ଜାବ କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ରାଜସ୍ଥାନ ରୟାଲ୍ସର ଯଶସ୍ୱୀ ଜୟସ୍ୱାଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୨

୧୦

କିପ୍ ସାଇନିଂ ଶେହନାଜ

ରିଆଲିଟି ଶୋ' ବିଗ୍ ବସ୍ ଫେମ୍ ଶେହନାଜ ଗିଲ୍‌ଙ୍କୁ ବ୍ରହ୍ମାକୁମାରୀ ସଂସ୍ଥାନ ପକ୍ଷରୁ 'କିପ୍ ସାଇନିଂ' ସମ୍ମାନ ପ୍ରଦାନ କରାଯାଇଛି।

ଋଣଭାର: ମା', ପୁଅଙ୍କ ଆତ୍ମହତ୍ୟା

ରଜନୀ ଗୁଡ୍‌ଲା

ଶ୍ୟାମ୍

ଅସହ୍ୟ ହେଲା ଲୋକଙ୍କ ଅପମାନ

ରାୟଗଡ଼ା ଅଫିସ,୭।୫

ରାୟଗଡ଼ା ଜିଲା ଶେଷଖାଲ ଥାନା ଅଧୀନ ଜେମାଦେଇପେଣ୍ଠ ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଋଣଭାର ଏବଂ ଲୋକଙ୍କ ଅପମାନ ସହି ନ ପାରି ମା' ଏବଂ ପୁଅ କୀଟନାଶକ ପିଇ ଜୀବନ ହାରିଛନ୍ତି। ଦୁହେଁ ହେଲେ ରଜନୀ ଗୁଡ୍‌ଲା(୫୫) ଏବଂ ତାଙ୍କ ପୁଅ ଶ୍ୟାମ୍(୨୨)। ସୂଚନା ଅନୁଯାୟୀ, ରଜନୀ ଏବଂ ଶ୍ୟାମ୍ ଜେମାଦେଇପେଣ୍ଠ ନିକଟରେ ଏକ ହୋଟେଲ କରିଥିଲେ। କରୋନା ସମୟରେ ତାହା ବନ୍ଦ ରହିବାରୁ ବ୍ୟବସାୟ ବନ୍ଦ ହୋଇଥିଲା। କରୋନା ସ୍ଥିତି ସୁଧୁରିବା ପରେ ପୁଣି ହୋଟେଲ ଚାଲୁ କରିବାକୁ ଉଭୟ ମା' ଏବଂ ପୁଅ ପରିଚିତ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଧାରରେ ☞ପୃଷ୍ଠା–୧୧

ହାଣ୍ଡିଶାଳରେ ମହଙ୍ଗା ମାଡ଼

- **ଏଲ୍‌ପିଜି ସିଲିଣ୍ଡର ୫୦ ଟଙ୍କା ବଢ଼ିଲା**
- **ବର୍ଷକରେ ୧୯୦ ବୃଦ୍ଧି, ଖାଉଟି ହନ୍ତସନ୍ତ**

ନୂଆଦିଲ୍ଲୀ,୭।୫

ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଆକାଶଛୁଆଁ ଦର ବୃଦ୍ଧିକୁ ନେଇ ହନ୍ତସନ୍ତ ହେଉଥିବା ଭାରତୀୟ ଉପଭୋକ୍ତାଙ୍କ ମୁଣ୍ଡରେ ଆଉ ଏକ ବୋଝ ଲଦିଦେଇଛନ୍ତି ସରକାର। ଦେଶରେ ୧୪.୨ କେ.ଜି.ର ଘରୋଇ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରାଯାଇଛି। ନୂଆ ଦର ଶନିବାରଠାରୁ ଲାଗୁ ହୋଇଛି। ଏଥିସହ ଘରୋଇ ସିଲିଣ୍ଡର ପିଛା ଦର ଦିଲ୍ଲୀରେ ୯୯୯.୫୦ ଟଙ୍କା ଛୁଇଁଛି। ଭୁବନେଶ୍ୱରରେ ଏଲ୍‌ପିଜି ଦର ୧୦୨୬ ଟଙ୍କା, କଟକରେ ୧୦୨୬.୫୦ ଟଙ୍କା ହୋଇଥିବାବେଳେ ମାଲକାନଗିରିରେ ସର୍ବାଧିକ ୧୦୪୯.୫୦ ଟଙ୍କା ରହିଛି। ୬ ସପ୍ତାହ ମଧ୍ୟରେ ଏହା ହେଉଛି ଏଲ୍‌ପିଜି ମୂଲ୍ୟରେ ଦ୍ୱିତୀୟ ବୃଦ୍ଧି। ୫ ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହେବା ପରଠାରୁ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ଦର କ୍ରମାଗତ ଭାବେ ବଢ଼ିଚାଲିଛି। ତେଲ ଦର ବୃଦ୍ଧି ଉପଭୋକ୍ତାଙ୍କ ବଜେଟକୁ ସଙ୍କୁଚିତ କରିଦେଇଥିବାବେଳେ ଏଲ୍‌ପିଜି ମୂଲ୍ୟ ବଢ଼ିବା ପରେ ବିଶେଷକରି ନିମ୍ନ ମଧ୍ୟବିତ୍ତ ତଥା ମଧ୍ୟବିତ୍ତ ପରିବାରଙ୍କ ରୋଷେଇଘରେ ମହଙ୍ଗା ମାଡ଼ ପଡ଼ିବ। ମାର୍ଚ୍ଚ ୨୨ରେ ରିହାତିରେ ମିଳୁଥିବା ଘରୋଇ ଏଲ୍‌ପିଜି ସିଲିଣ୍ଡର ପ୍ରତି ୫୦ ଟଙ୍କା ବୃଦ୍ଧି କରାଯାଇଥିଲା। ଏହା ପୂର୍ବରୁ ଅକ୍ଟୋବର ୬ ପରଠାରୁ ଘରୋଇ ଏଲ୍‌ପିଜି ଦର ବୃଦ୍ଧି କରାଯାଇ ନ ଥିଲା। ତେବେ ୨୦୨୧ ଏପ୍ରିଲ ପରେ ଏଲ୍‌ପିଜି ସିଲିଣ୍ଡର ପିଛା ୧୯୦ ଟଙ୍କା ମହଙ୍ଗା ହେଲାଣି, ଯାହକି ପ୍ରତ୍ୟେକ ଭାରତୀୟଙ୍କ ମୁଣ୍ଡରେ ଚିନ୍ତାର ବୋଝ ଲଦିଦେଇଛି।

ଭାରତର ପ୍ରତ୍ୟେକ ପରିବାର ବାର୍ଷିକ କୋଟାରେ ୧୪.୨ କେ.ଜି.ର ୧୨ଟି ସିଲିଣ୍ଡର ରିହାତି ମୂଲ୍ୟରେ ପାଇବାକୁ ଯୋଗ୍ୟ। ପହଲ (ଏଲ୍‌ପିଜିର ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର) ଯୋଜନାରେ ଉପଭୋକ୍ତାମାନଙ୍କୁ ଏଲ୍‌ପିଜି ସିଲିଣ୍ଡର ରିହାତି ମୂଲ୍ୟରେ ମିଳିଥାଏ। ଏହି ସବ୍‌ସିଡି ଫରେନ୍ ଏକ୍ସଚେଞ୍ଜ ରେଟ୍ ଓ କ୍ରୁଡ୍ ଅଏଲ୍ ଦର ଭଳି ଅନେକ କାରକ ଉପରେ ନିର୍ଭର କରେ। ତେବେ କେନ୍ଦ୍ର ସରକାର ଏହି ବାବଦରେ ଯେଉଁ ରିହାତି ଦେଉଛନ୍ତି ତାହା ନାମକୁ ମାତ୍ର। ସବ୍‌ସିଡାଇଜ୍‌ଡ ଏଲ୍‌ପିଜିରେ ବ୍ୟାଙ୍କ ଖାତାକୁ ମାତ୍ର ୧୩.୯୫ ଟଙ୍କା ଫେରିଥାଏ। ଏହା ବାଦ୍ ଉପଭୋକ୍ତାମାନେ ଅତିରିକ୍ତ ସିଲିଣ୍ଡର ପାଇବାକୁ ଚାହିଁଲେ ବଜାର ଦରରେ କିଣିପାରିବେ। ଏହାକୁ ନନ୍‌ସବ୍‌ସିଡାଇଜ୍‌ଡ (ବିନା ରିହାତିରେ ମିଳୁଥିବା) ରନ୍ଧନ ଗ୍ୟାସ୍ କୁହାଯାଏ। ଘରୋଇ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ଉପରେ ମୂଲ୍ୟଯୁକ୍ତ ଟିକସ (ଭାଟ୍) ଭଳି ସ୍ଥାନୀୟ ଟ୍ୟାକ୍ସ ଲଗାଯାଉଥିବାରୁ ବିଭିନ୍ନ ରାଜ୍ୟରେ ଏହାର ଦର ଭିନ୍ନ ଭିନ୍ନ ରହିଥାଏ। ଫୁଏଲ୍ ରିଟେଲର୍ସ ପ୍ରତିମାସ ଆରମ୍ଭରେ ସମୀକ୍ଷା କରି ଏହାର ଦର ଧାର୍ଯ୍ୟ କରିଥାଆନ୍ତି। ସଦ୍ୟ ମୂଲ୍ୟ ବୃଦ୍ଧି ସହ ନନ୍‌ସବ୍‌ସିଡାଇଜ୍‌ଡ ଏଲ୍‌ପିଜିର ☞ପୃଷ୍ଠା–୪

> ଉପା ସରକାର ଅମଳରେ ଏଲ୍‌ପିଜି ସିଲିଣ୍ଡର ପିଛା ୪୧୪ ଟଙ୍କା ଥିଲା। ପ୍ରତି ସିଲିଣ୍ଡରରେ ସରକାର ୮୨୭ ଟଙ୍କା ସବ୍‌ସିଡି ଦେଉଥିଲେ। ସାଧାରଣ ଲୋକଙ୍କୁ ମିଳୁଥିବା ଏଭଳି ସୁରକ୍ଷାକୁ ମୋଦି ସରକାର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ କୋଟି କୋଟି ଭାରତୀୟ ଉଚ୍ଚ ମୁଦ୍ରାସ୍ଫୀତି, ବେକାରି ଓ ଦୁର୍ବଳ ଶାସନ ଭଳି ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

> କେନ୍ଦ୍ର ସରକାର ତୈଳ ବିପଣନ କମ୍ପାନୀଗୁଡ଼ିକୁ ପର୍ଯ୍ୟାପ୍ତ ସ୍ୱାଧୀନତା ଦେଇଥିବାରୁ ସେମାନେ ମନଇଚ୍ଛା ଦର ବୃଦ୍ଧି ଘଟାଇ ଚାଲିଛନ୍ତି। ଏହା ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ପ୍ରତି କେନ୍ଦ୍ରର ସମ୍ବେଦନହୀନତାକୁ ଦର୍ଶାଉଛି।
> **-ଡି. ରାଜା, ସିପିଆଇ ସାଧାରଣ ସମ୍ପାଦକ**

ସ୍କୁଲ, ହଷ୍ଟେଲରୁ ୬୪ ପିଲା କରୋନା ପଜିଟିଭ

ଲେଭଟିଲାଣି କରୋନା

ରାୟଗଡ଼ା ଅଫିସ,୭।୫

କରୋନା ସ୍ଥିତିରେ ସୁଧାର ଆସିବା ପରେ ସମସ୍ତ ସ୍କୁଲ ଏବଂ ହଷ୍ଟେଲଗୁଡ଼ିକ ଖୋଲିଛି। ପିଲାମାନେ ଏକଠି ବସି ପଢ଼ିବା ସହ ହଷ୍ଟେଲରେ ଗୋଟିଏ ରୁମ୍‌ରେ ରହୁଛନ୍ତି। ଏଭଳି ପରିସ୍ଥିତିରେ ଏବେ ପୁଣି କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରାୟଗଡ଼ା ଜିଲାରେ ମଙ୍ଗଳ ବିଭାଗ ଅଧୀନରେ ଥିବା ସ୍କୁଲ ଏବଂ ☞ପୃଷ୍ଠା–୪

ସୁପ୍ରିମକୋର୍ଟରେ ୨ ବିଚାରପତି ନିଯୁକ୍ତ

- **ଜଷ୍ଟିସ୍‌ଙ୍କ ସଂଖ୍ୟା ୩୪ରେ ପହଞ୍ଚିଲା**

ବିଚାରପତି ସୁଧାଂଶୁ ଧୁଲିଆ ଓ ଜାମସେଦ ବି. ପର୍ଦ୍ଦୀୱାଲା

ନୂଆଦିଲ୍ଲୀ,୭।୫(ପି.ଟି.)

ସୁପ୍ରିମକୋର୍ଟରେ ଶନିବାର ଦୁଇ ଜଣ ନୂଆ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି। ଫଳରେ ସର୍ବୋଚ୍ଚ ଅଦାଲତର ବିଚାରପତି ସଂଖ୍ୟା ୩୪ (ପୂର୍ଣ୍ଣ କ୍ଷମତା)ରେ ପହଞ୍ଚିବାକୁ ଯାଉଛି। ଦୁଇଦିନ ପୂର୍ବରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମ ଉତ୍ତରାଖଣ୍ଡ ☞ପୃଷ୍ଠା–୧୧

ବାତ୍ୟା ଭୟ ନାହିଁ

ସମୁଦ୍ରରେ ମିଳେଇଯିବ

- **ଗଞ୍ଜାମ, ଗଜପତି, ପୁରୀ, କଟକ, ଜଗତ୍‌ସିଂହପୁରରେ ବର୍ଷା**
- **୯ରୁ ୧୧ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ**
- **ସବୁ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ**
- **ପ୍ରସ୍ତୁତି କମ୍ କରାଯାଇନାହିଁ:ଏସ୍‌ଆର୍‌ସି**

ଭୁବନେଶ୍ୱର,୭।୫(ବ୍ୟୁରୋ)

ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁବ ନାହିଁ। ଓଡ଼ିଶା କିମ୍ବା ଆନ୍ଧ୍ର ଉପକୂଳକୁ ଆସିବ ନାହିଁ। ସମୁଦ୍ରରେ ହିଁ ମିଳେଇ ଯିବ। ଦକ୍ଷିଣ ଆଣ୍ଡାମାନ ଓ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଶନିବାର ଅପରାହ୍ନ ସାଢ଼େ ୫ଟାରେ ଗଭୀର ଅବପାତ (ଡିପ୍ ଡିପ୍ରେସନ)ରେ ପରିଣତ ହୋଇଛି। ଏହା ଆହୁରି ଘନୀଭୂତ ହୋଇ

ରବିବାର ପୂର୍ବାହ୍ନରେ ବାତ୍ୟା ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଭୀଷଣ ବାତ୍ୟାରେ ପରିଣତ ହେବ। ତାହା ଓଡ଼ିଶା ଆଡ଼କୁ ଆସୁଥିଲେ ମଧ୍ୟ ସମୁଦ୍ର ଭିତରେ ରହି ଗତିପଥ ପରିବର୍ତ୍ତନ କରିବ। ପରେ ଉତ୍ତର– ପଶ୍ଚିମ ବଙ୍ଗୋପସାଗର ମଧ୍ୟରେ ଗତି କରି ଧୀରେ ଧୀରେ ଦୁର୍ବଳ ହୋଇଯିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ଶନିବାର ରାତି ୧୦ଟାରେ ମିଳିଥିବା ସୂଚନା ଅନୁଯାୟୀ ଗଭୀର ଅବପାତ ବିଶାଖାପାଟଣାଠାରୁ ଦକ୍ଷିଣ–ପୂର୍ବ ଦିଗରେ ୧୧୪୦ କି.ମି. ଏବଂ ପୁରୀଠାରୁ ଦକ୍ଷିଣ– ଦକ୍ଷିଣ– ପୂର୍ବ ଦିଗରେ ୧୧୮୦ କିଲୋମିଟର ଦୂରରେ ରହିଛି। ଏହା ଘଣ୍ଟାପତି ୨୦ କିଲୋମିଟର ବେଗରେ ଗତି କରୁଛି। ଏହା ଗତିପଥ ପରିବର୍ତ୍ତନ କରି ଉତ୍ତର– ଉତ୍ତର– ପୂର୍ବ ଦିଗକୁ ଯିବ ଓ ପୁଣି ଉତ୍ତର– ପଶ୍ଚିମ ମୁହାଁ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ବାତ୍ୟାରେ ପରିଣତ ହେବା ପରେ ଏହାର ବେଗ ୯୦ରୁ ୧୦୦ କିଲୋମିଟର ରହିବ। ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ଆମେ ତଳକୁ ଖସୁଛୁ

ବେଡ୍‌ରେ ରୋଗୀ, ତଳେ ମୃତଦେହ

କଟକ ଅଫିସ,୭।୫

ବେଡ୍ ଉପରେ ଚାଲିଛି ରୋଗୀ ଚିକିତ୍ସା, ତଳେ ପଡିଛି ମୃତଦେହ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଟକ ଏସ୍‌ସିବି ମେଡିକାଲ କାଜୁଆଲ୍‌ଟିରେ। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ମେଡିକାଲ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୨୪ ଘଣ୍ଟା ପରେ ମୃତଦେହକୁ ଉଠାଇ ନିଆଯାଇ ଶବଗୃହରେ ରଖାଯାଇଛି।

ଭଦ୍ରକ ଜିଲା ତିହିଡି ଅଞ୍ଚଳର ବିଦ୍ୟାଧର ଜେନା(୬୬) କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ସମ୍ପର୍କୀୟମାନେ ଗତ ଶୁକ୍ରବାର ସକାଳ ୭ଟା ୫୦ରେ ଏସ୍‌ସିବି ମେଡିକାଲ ଆଣିଥିଲେ। ତାଙ୍କୁ କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଥିବାବେଳେ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ସମ୍ପର୍କୀୟମାନେ ମୃତଦେହ ଛାଡ଼ି ଚାଲିଯାଇଥିଲେ। ଏହି ସମୟରେ ଆଉ ଜଣେ ରୋଗୀ ଆସିବାରୁ ବିଦ୍ୟାଧରଙ୍କ ମୃତଦେହ ବେଡ୍ ତଳକୁ ଓହ୍ଲାଇ ଦିଆଯାଇଥିଲା। ଉକ୍ତ ବେଡ୍‌ରେ ଅନ୍ୟ ରୋଗୀଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ଦୁଃଖର ବିଷୟ ୨୪ ଘଣ୍ଟା ଧରି ମୃତଦେହ ପଡିରହିଥିଲେ ମଧ୍ୟ ଏଥିପ୍ରତି କାହାର ନଜର ନ ଥିଲା। ଡାକ୍ତର ଓ ନର୍ସ ଆସି ରୋଗୀଙ୍କ ଚିକିତ୍ସା କରୁଥିଲେ ମଧ୍ୟ ତଳେ ପଡିଥିବା ମୃତଦେହକୁ ଉଠାଇ ନ ଥିଲେ। ଏ ସମ୍ପର୍କରେ ଜଣାପଡିବା ପରେ ମେଡିକାଲରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ମେଡିକାଲ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡାକ୍ତର, ମେଡିକାଲ କର୍ମଚାରୀ ଓ ଅନ୍ୟ ରୋଗୀଙ୍କ ସମ୍ପର୍କୀୟମାନଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ମୃତଦେହକୁ ଉଠାଇ ନିଆଯାଇ ଶବଗୃହରେ ରଖାଯାଇଥିଲା। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଲୁସି ଦାସ କହିଛନ୍ତି, ଘଟଣା ଜାଣିବା ପରେ ପ୍ରଶାସନିକ ଅଧିକାରୀମାନେ ପଦକ୍ଷେପ ନେଇଛନ୍ତି। ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ସେମାନଙ୍କୁ କହିଛି।

ଏସ୍‌ସିବି ମେଡିକାଲରେ ଦୟନୀୟ ସ୍ଥିତି

ଦିଲ୍ଲୀରେ ଯୁବକଙ୍କୁ ପିଟି ହତ୍ୟା

ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ଉତ୍ତମନଗରରେ ଜଣେ ୨୦ ବର୍ଷୀୟ ଯୁବକଙ୍କୁ ପିଟି ହତ୍ୟା କରାଯାଇଛି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କୁ ଗିରଫ କରାଗଲାଣି। ହୋଲି ବିବାଦକୁ କେନ୍ଦ୍ର କରି ଅନ୍ୟ ଏକ କଲୋନିର କେତେଜଣ ଯୁବକ ଗତ ମାସ ୨୪ରେ କ୍ରିଷ୍ଣାଙ୍କୁ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ସଫଦରଜଙ୍ଗ ହସ୍ପିଟାଲରେ ଚିକିତ୍ସାଧୀନ ଥିବା କ୍ରିଷ୍ଣାଙ୍କର ଗୁରୁବାର ମୃତ୍ୟୁ ଘଟିଥିଲା।

ସଂକ୍ଷେପରେ

ବିଲ୍ଡିଂରେ ନିଆଁ: ୭ ମୃତ

ଇନ୍ଦୋର,୭।୫: ମଧ୍ୟପ୍ରଦେଶର ଇନ୍ଦୋର ଅନ୍ତର୍ଗତ ସ୍ୱର୍ଣ୍ଣବାଗ ଅଞ୍ଚଳରେ ଥିବା ଏକ ୩ ମହଲା ରେସିଡେନ୍ସିଆଲ ବିଲ୍ଡିଂରେ ଶୁକ୍ରବାର ରାତି ୨ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ ମହିଳାଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଛାତ୍ର। ସେମାନେ ଉକ୍ତ ବିଲ୍ଡିଂରେ ଭଡ଼ାରେ ରହୁଥିଲେ। ନିଆଁ ବିଲ୍ଡିଂରେ ବ୍ୟାପିଯାଇଥିବାବେଳେ ସେମାନେ ଶୋଇପଡ଼ିଥିବାରୁ ବାହାରି ପାରି ନ ଥିଲେ। ଅନ୍ୟ କେତେଜଣ ଜୀବନ ବଞ୍ଚାଇବା ପାଇଁ ତଳକୁ ଡେଇଁ ପଡ଼ିଥିବାବେଳେ ଝରକା ଭାଙ୍ଗି ଅନ୍ୟମାନଙ୍କୁ ଉଦ୍ଧାର କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମୃତକଙ୍କ ଲାଗି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଅଗ୍ନିକାଣ୍ଡର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନିଆଁ ଲାଗିବାବେଳେ ବିଲ୍ଡିଂରେ ୧୨ ଜଣ ଥିଲେ। ତଳ ମହଲା ପାର୍କିଂ ସ୍ଥାନରେ ଥିବା ମୁଖ୍ୟ ବିଦ୍ୟୁତ୍ ମିଟରରେ ଶର୍ଟ-ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପୋଲିସ କହୁଛି। ସେଠାରେ ପାର୍କିଂରେ ଥିବା ଗାଡ଼ିଗୁଡ଼ିକରେ ନିଆଁ ଲାଗିଯିବାରୁ ବିଲ୍ଡିଂରୁ ବାହାରିବା ବାଟ ବନ୍ଦ ହୋଇଯାଇଥିଲା। ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଅଧିକାଂଶଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

ବେଲୁଚିସ୍ତାନରେ ଭୂକମ୍ପ: ୮୦ ଘର ଭାଙ୍ଗିଲା

ଇସ୍‌ଲାମାବାଦ,୭।୫: ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶ ଅନ୍ତର୍ଗତ ଖୁଜ୍‌ଦର ଜିଲାରେ ୫.୨ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୮୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବାବେଳେ ଅନ୍ୟ ୨୬୦ଟି ଘରେ ଫାଟ ସୃଷ୍ଟି ହୋଇଛି। ୨୦୦ରୁ ଅଧିକ ପରିବାର ବାସହରା ହୋଇଛନ୍ତି। ଶୁକ୍ରବାର ରାତି ୧୧ଟା ୫୫ ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିଲା। ଝିରନାଜି ନିକଟରେ ଏହାର କେନ୍ଦ୍ରସ୍ଥଳ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରାୟ ୩୦ ସେକେଣ୍ଡ ଧରି କମ୍ପନ ଅନୁଭୂତ ହେବାରୁ ଲୋକେ ଘରୁ ବାହାରକୁ ପଳାଇଆସିଥିଲେ। ଝିରନାଜିର ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି।

ଯମୁନା ଏକ୍ସପ୍ରେସ୍‌ୱେରେ କାର୍ ଦୁର୍ଘଟଣା: ୭ ମୃତ

ଲକ୍ଷ୍ନୌ, ୭।୫: ଉତ୍ତର ପ୍ରଦେଶ ମଥୁରା ଜିଲା ଅନ୍ତର୍ଗତ ଯମୁନା ଏକ୍ସପ୍ରେସ୍‌ୱେରେ ଶନିବାର ବଡ଼ ଧରଣର ସଡ଼କ ଦୁର୍ଘଟଣାରେ ଜଣେ ଶିଶୁଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ହୋଇଛି। ଏକ କାର୍ ଅଜଣା ଗାଡ଼ି ସହିତ ଧକ୍କାହେବା ଫଳରେ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ଆଫଗାନ ମହିଳାଙ୍କ ପାଇଁ ବୁର୍ଖା ବାଧ୍ୟତାମୂଳକ

କଠୋର ନିୟମ ଆଣିଲା ତାଲିବାନ୍

କାବୁଲ,୭।୫: କଠୋରପନ୍ଥୀ ତାଲିବାନ୍ ଆଫଗାନିସ୍ତାନରେ ମହିଳାଙ୍କ ଉପରେ ଗୋଟିଏ ପରେ ଗୋଟିଏ ନୂଆ ନିୟମ ଲାଗୁ କରିବାରେ ଲାଗିଛି। ଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟ ବନ୍ଦ କରିବା ପରେ ଏବେ ମହିଳାଙ୍କୁ ଟାର୍ଗେଟ କରିଛି ତାଲିବାନ୍ ସରକାର। ମହିଳାମାନେ ସର୍ବସାଧାରଣ ସ୍ଥାନରେ ମୁହଁ ଢାଙ୍କିବା ବାଧ୍ୟତାମୂଳକ କରାଯାଇଛି। ଶନିବାର ତାଲିବାନ୍ ନେତା ହିବାତୁଲ୍ଲାହ ଅଖୁନ୍ଦଜାଦା ଏହି ସୂଚନା ଦେଇଛନ୍ତି। ଯଦି କୌଣସି ମହିଳା ଏହି ନିୟମକୁ ଅବମାନନା କରନ୍ତି ତେବେ ମହିଳାଙ୍କ ବାପା କିମ୍ବା ଘନିଷ୍ଠ ପୁରୁଷ ସମ୍ପର୍କୀୟଙ୍କୁ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ଏଥିସହ ଯଦି ସେମାନେ ସରକାରୀ ଚାକିରି କରିଥାନ୍ତି ତେବେ ତାଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରାଯିବ ବୋଲି ସେ କହିଛନ୍ତି। ନୀଳରଙ୍ଗ ତାଲିବାନ୍ ସରକାରଙ୍କ ବୈଶ୍ୱିକ ପ୍ରତୀକ ହୋଇଥିବାବେଳେ ମହିଳାମାନେ ଏହି ରଙ୍ଗର ବୁର୍ଖା ପରିଧାନ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଷ୍ଟିଲ୍ ପ୍ଲାଣ୍ଟରେ ବିସ୍ଫୋରଣ: ୩ ଆହତ

ଝାଡ଼ଖଣ୍ଡର ଜାମ୍‌ସେଦପୁରସ୍ଥିତ ଟାଟା ଷ୍ଟିଲ୍ କାରଖାନାର ଗ୍ୟାସ୍ ପାଇପ୍ ଲାଇନରେ ବିସ୍ଫୋରଣ ଘଟି ୩ ଜଣ ଠିକା କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ଟାଟା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ପୂର୍ବାହ୍ନ ୧୦ଟା ୨୦ ମିନିଟ ସମୟରେ କମ୍ପାନୀର କୋକ୍ ପ୍ଲାଣ୍ଟରେ ଅଚଳ ହୋଇପଡ଼ିଥିବା ବ୍ୟାଟେରି-୬ ନିକଟ ଗ୍ୟାସ୍ ପାଇପ୍ ଲାଇନରେ ଏହି ବିସ୍ଫୋରଣ ଘଟିଥିଲା। ଫଳରେ କାରଖାନା ଭିତରେ ଭୟର ବାତାବରଣ ସୃଷ୍ଟି ହେବା ସହ କର୍ମଚାରୀମାନେ ଏଣେତେଣେ ଧାଁ ଦଉଡ଼ କରୁଥିବା ଦେଖାଯାଇଥିଲା। ତେବେ ବିସ୍ଫୋରଣ ଯୋଗୁ କାରଖାନା ଉତ୍ପାଦନ ବାଧାପ୍ରାପ୍ତ ହୋଇ ନ ଥିବା କମ୍ପାନୀ ପକ୍ଷରୁ ଟୁଇଟ୍ କରାଯାଇଛି।

ମୁମ୍ବାଇ ଏଲ୍‌ଆଇସି ଅଫିସରେ ଅଗ୍ନିକାଣ୍ଡ

ମୁମ୍ବାଇର ଭିଲେ ପାର୍ଲେ ଅଞ୍ଚଳରେ ଥିବା ଜୀବନ ବୀମା ନିଗମ (ଏଲ୍‌ଆଇସି) କାର୍ଯ୍ୟାଳୟରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟି ବହୁ କାଗଜପତ୍ର ପୋଡ଼ିଯାଇଛି। ଏଥିରେ କେହି ମୃତାହତ ହୋଇ ନାହାନ୍ତି। ସାନ୍ତାକ୍ରୁଜ୍(ଡବ୍ଲ୍ୟୁ)ସ୍ଥିତ ଏଲ୍‌ଆଇସିର ଜୀବନ ସେବା ବିଲ୍ଡିଂର ଦ୍ୱିତୀୟ ମହଲାରେ ସକାଳ ୬ଟା ୪୦ ମିନିଟ ସମୟରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲା। ଏଲ୍‌ଆଇସିର ଡାଟା ସେଣ୍ଟର ସୁରକ୍ଷିତ ରହିଛି ଏବଂ ଆଇଟି ସମ୍ପତ୍ତିର ସୁରକ୍ଷା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ନିଗମ ପକ୍ଷରୁ କୁହାଯାଇଛି।

୫ ବର୍ଷରେ ୧% ମହିଳାଙ୍କୁ ନିଯୁକ୍ତି

ନୂଆଦିଲ୍ଲୀ,୭।୫

ଭାରତରେ ମାତ୍ର ୩୨% ବିବାହିତା ମହିଳା ଓ ଝିଅ (୧୫ରୁ ୪୯ ବର୍ଷୀୟା) ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୮୩% ରୋଜଗାର କରୁଥିବାବେଳେ ଅବଶିଷ୍ଟ ୧୫ ପ୍ରତିଶତ ଅର୍ଥ ଉପାର୍ଜନ କରନ୍ତି ନାହିଁ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍) ପକ୍ଷରୁ ୨୦୧୯-୨୧ରେ କରାଯାଇଥିବା ପଞ୍ଚମ ପର୍ଯ୍ୟାୟ ସର୍ଭେରୁ ଏହି ଉଦ୍‌ବେଗଜନକ ବିଷୟ ସାମ୍ନାକୁ ଆସିଛି। ପୂର୍ବରୁ ୨୦୧୫-୧୬ରେ କରାଯାଇଥିବା ଏନ୍‌ଏଫ୍‌ଏଚ୍‌ଏସ୍-୪ ସର୍ଭେରେ ମହିଳାଙ୍କ ନିଯୁକ୍ତି ୩୧% ଥିବାବେଳେ ଏବେ ଏଥିରେ ସାମାନ୍ୟ ଉନ୍ନତି ଦେଖିବାକୁ ମିଳିଛି। ସେହିପରି ଅର୍ଥ ଉପାର୍ଜନକାରୀ ମହିଳାଙ୍କ ସଂଖ୍ୟା ମଧ୍ୟ ମାତ୍ର ୩% ବଢ଼ିଛି।

୧୫ ପ୍ରତିଶତ କର୍ମଜୀବୀଙ୍କୁ ମିଳେନି ମଜୁରି



ଏନ୍‌ଏଫ୍‌ଏଚ୍‌ଏସ୍‌ର ସଦ୍ୟ ରିପୋର୍ଟ ଅନୁସାରେ ପୁରୁଷଙ୍କ ନିଯୁକ୍ତି କ୍ଷେତ୍ରରେ କୌଣସି ପରିବର୍ତ୍ତନ ଆସିନାହିଁ। ଦେଶରେ ୧୫ରୁ ୪୯ ବୟସ ବର୍ଗର ୯୮% ପୁରୁଷଙ୍କୁ ନିଯୁକ୍ତି ମିଳିଛି। ପୂର୍ବରୁ ସେମାନଙ୍କ ମଧ୍ୟରୁ ୯୧% ଅର୍ଥ ଉପାର୍ଜନ କରୁଥିବାବେଳେ ବର୍ତ୍ତମାନ ଏହା ୯୫%ରେ ପହଞ୍ଚିଛି। କର୍ମଜୀବୀ ମହିଳାଙ୍କ ମଧ୍ୟରୁ ୮୩% ଦରମା କିମ୍ବା ଅନ୍ୟ ପ୍ରକାର ପାରିଶ୍ରମିକ ପାଇଥାଆନ୍ତି। ହେଲେ ୧୫% ମହିଳାଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ଅର୍ଥ ଦିଆଯାଇ ନ ଥାଏ। ଏପରି କି ମହିଳାମାନଙ୍କ ଜୀବନ ଶୈଳୀରେ ମଧ୍ୟ କୌଣସି ପରିବର୍ତ୍ତନ ଆସିନାହିଁ। ୫ ବର୍ଷ (୨୦୧୫-୧୬ରୁ ୨୦୧୯-୨୧) ମଧ୍ୟରେ ମହିଳାଙ୍କ ନିଯୁକ୍ତିରେ ମାତ୍ର ୧% ବୃଦ୍ଧି ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ପପୁଲେଶନ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ପୁନମ୍ ମୁତ୍ରେଜା କହିଛନ୍ତି। ପୁନମ୍‌ଙ୍କ ମତରେ ଦେଶର ଅନେକ ରାଜ୍ୟରେ ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେବାରେ ଲାଗିଛି। ଏନ୍‌ଏଫ୍‌ଏଚ୍‌ଏସ୍-୪ରୁ ଏହା ପ୍ରତିଫଳିତ ହେଉଛି। ତେଣୁ ମହିଳାଙ୍କ ସ୍ୱାଧୀନତା ତଥା ସୁଯୋଗର ବିସ୍ତାର ଲାଗି ସରକାରୀ ସ୍ତରରେ ଅଧିକ ଉଦ୍ୟମ ଓ ପୁଞ୍ଜିନିବେଶର ଆବଶ୍ୟକତା ରହିଥିବା ସେ କହିଛନ୍ତି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଆଇଏମ୍‌ଇ) ପକ୍ଷରୁ ନିକଟରେ ପ୍ରକାଶିତ ଡାଟା ଅନୁସାରେ ଲକ୍ଷ ଲକ୍ଷ ଭାରତୀୟ ବିଶେଷକରି ମହିଳାମାନେ ବିଗତ ୫ ବର୍ଷରେ ଚାକିରି ଖୋଜିବା ବନ୍ଦ କରିଦେଇଛନ୍ତି। କାରଣ ଦେଶରେ ନୂଆ ନିଯୁକ୍ତି ମିଳୁ ନ ଥିବାରୁ ସେମାନେ ହତାଶ ହୋଇଯାଇଛନ୍ତି। ଗତ ମାର୍ଚ୍ଚରେ ଦେଶରେ ବେକାରି ହାର ୭.୬% ଥିବାବେଳେ ଏପ୍ରିଲରେ ଏଥିରେ ୦.୨୩ ପ୍ରତିଶତ ବୃଦ୍ଧି ଘଟି ୭.୮୩% ଛୁଇଁଥିଲା। ଗ୍ରାମାଞ୍ଚଳରେ ପୂର୍ବ ମାସରେ ଏହି ହାର ୭.୧୮% ଥିବାବେଳେ ଏପ୍ରିଲରେ ୭.୨୯% ଥିବା ସିଆଇଏମ୍‌ଇ ଦର୍ଶାଇଛି।

ଦ୍ୱିତୀୟ ଥର ଫ୍ରାନ୍ସ ରାଷ୍ଟ୍ରପତି ଭାବେ ଶପଥ ନେଲେ ମାକ୍‌ରଁ

ପ୍ୟାରିସ,୭।୫

ଏମାନୁଏଲ୍ ମାକ୍‌ରଁ ଶନିବାର ଦ୍ୱିତୀୟ ଥର ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ୟୁକ୍ରେନ୍‌ରେ ରୁଷିଆର ଆକ୍ରମଣକୁ ଅଧିକ ବଢ଼ିବାକୁ ନ ଦେବା ଦିଗରେ ସେ ପଦକ୍ଷେପ ନେବେ ବୋଲି ପ୍ରଥମ ଶପଥ ନେବା ସହ ଫ୍ରାନ୍ସ ଓ ୟୁରୋପର ବିକାଶ ଉପରେ ଧ୍ୟାନ ଦେବେ ବୋଲି କହିଛନ୍ତି। ଗତ ଏପ୍ରିଲ ୪ରେ ମାକ୍‌ରଁ ଆଉ ୫ ବର୍ଷ ପାଇଁ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମାରିନ୍ ଲେ ପେନ୍‌ଙ୍କୁ ପରାସ୍ତ କରିଥିଲେ। ଶାସନ କ୍ଷେତ୍ରରେ ସେ ସ୍ୱଚ୍ଛ ପଦ୍ଧତି ଆପଣାଇବା ସହ ସାମାଜିକ ଉତ୍ତେଜନା ହ୍ରାସ ଲାଗି ତାଙ୍କ ସରକାର ଏବଂ ପାର୍ଲାମେଣ୍ଟ ବିଭିନ୍ନ ୟୁନିୟନ, ସଂଗଠନ ଓ ରାଜନୀତି, ଅର୍ଥନୀତି, ସାମାଜିକ ତଥା ସାଂସ୍କୃତିକ ଜଗତ ସହ ଜଡ଼ିତ ଲୋକମାନଙ୍କ ସହିତ ଏକାଠି କାର୍ଯ୍ୟ କରିବ ବୋଲି କହିଛନ୍ତି।

ବଗ୍‌ଗାଙ୍କ ନାଁରେ ସାନି ଗିରଫ ୱାରେଣ୍ଟ

ମୋହାଲି,୭।୫

ପଞ୍ଜାବର ମୋହାଲିସ୍ଥିତ ଏକ କୋର୍ଟ ଶନିବାର ଦିଲ୍ଲୀର ଭାଜପା ନେତା ତେଜିନ୍ଦର ପାଲ୍ ସିଂ ବଗ୍‌ଗାଙ୍କ ବିରୋଧରେ ସାନି ଗିରଫଦାରି ୱାରେଣ୍ଟ ଜାରି କରିଛନ୍ତି। ଦୁଇ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟି, ହିଂସା ଉସୁକାଇବା ପାଇଁ ଉତ୍ତେଜକ ଭାଷଣ ଓ ଆପରାଧିକ ଧମକ ଦେବା ଭଳି ସଙ୍ଗିନ ଅଭିଯୋଗରେ ବଗ୍‌ଗାଙ୍କୁ ଗିରଫ କରି ହାଜର ପାଇଁ କୋର୍ଟ ପଞ୍ଜାବ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ବଗ୍‌ଗାଙ୍କୁ ପଞ୍ଜାବ ପୋଲିସ ଶୁକ୍ରବାର ଗିରଫ କରି ନେଉଥିବାବେଳେ ତାଙ୍କ ବାପା ଅପହରଣ ଅଭିଯୋଗ ଆଣି ଏତଲା ଦେବାରୁ କୁରୁକ୍ଷେତ୍ରରେ ହରିୟାଣା ପୋଲିସ ଅଟକାଇଥିଲା। ସେଠାରୁ ଦିଲ୍ଲୀ ପୋଲିସ ଉଦ୍ଧାର କରି ଜାତୀୟ ରାଜଧାନୀକୁ ନେଇ ଛାଡ଼ି ଦେଇଥିଲା। ଏହି ହାଇଡ୍ରାମାର ଦିନକ ପରେ ସାଇବର ଅପରାଧ ମାମଲାରେ ଜୁଡିସିଆଲ ମାଜିଷ୍ଟ୍ରେଟ୍ ରଭତେଶ ଇନ୍ଦ୍ରଜିତ୍ ସିଂ ନୂଆ ଗିରଫ ୱାରେଣ୍ଟ ଜାରି କରିଛନ୍ତି। ମେ' ୨୩ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

କ୍ୟୁବା ହୋଟେଲରେ ବିସ୍ଫୋରଣ: ୨୫ ମୃତ

ହାଭାନା,୭।୫

କ୍ୟୁବା ରାଜଧାନୀ ହାଭାନା ସହରରେ ଥିବା ଏକ ବିଳାସପୂର୍ଣ୍ଣ ହୋଟେଲରେ ଶୁକ୍ରବାର ରାତିରେ ବିସ୍ଫୋରଣ ଘଟି ୨୫ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। କେତେଜଣ ଏବେ ବି ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଭଗ୍ନାବଶେଷ ମଧ୍ୟରୁ ମୃତଦେହ ଖୋଜା ଜାରି ରହିଛି। ୯୬ ପ୍ରକୋଷ୍ଠ ବିଶିଷ୍ଟ ହୋଟେଲ ସାରାଟୋଗାରେ ପ୍ରାକୃତିକ ଗ୍ୟାସ୍ ଲିକ୍‌ରୁ ବିସ୍ଫୋରଣ ଘଟିଥିବା କୁହାଯାଉଛି। ଉନବିଂଶ ଶତାବ୍ଦୀର ଏହି ବିଲ୍ଡିଂର ନବୀକରଣ କାର୍ଯ୍ୟ ଚାଲିଥିବାରୁ ସେଠାରେ କୌଣସି ଅତିଥି କିମ୍ବା ପର୍ଯ୍ୟଟକ ନ ଥିଲେ। ମଙ୍ଗଳବାର ଉକ୍ତ ହୋଟେଲ ପୁନଃଉଦ୍‌ଘାଟନ ହେବାର ଥିଲା। ବିସ୍ଫୋରଣ ପରେ କେତେଜଣ ନିଖୋଜ ଥିବାରୁ ସେମାନଙ୍କ ପ୍ରତୀକ୍ଷାରେ ସମ୍ପର୍କୀୟମାନେ ଗତ ରାତିରୁ ସେଠାରୁ ପଡ଼ିରହିଛନ୍ତି। ଏହା ବ୍ୟତୀତ ଆହତମାନେ ଭର୍ତ୍ତି ହୋଇଥିବା ହସ୍ପିଟାଲ ବାହାରେ ମଧ୍ୟ ଆତ୍ମୀୟସ୍ୱଜନଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଛି।

ଯୁଦ୍ଧ ପ୍ରଭାବିତ ୟୁକ୍ରେନରୁ ପ୍ରାୟ ୯ ଲକ୍ଷ ନାଗରିକ ପଳାୟନ କରି ରୋମାନିଆରେ ଆଶ୍ରୟ ନେଇଛନ୍ତି। ଆମେରିକାର ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ଶନିବାର ବୁଚାରେଷ୍ଟର ଏକ ସରକାରୀ ସ୍କୁଲ୍‌ରେ ଶିଶୁ ଓ ମହିଳା ଶରଣାର୍ଥୀଙ୍କୁ ଭେଟି ସେମାନଙ୍କ ଦୁର୍ଦ୍ଦଶାର କାହାଣୀ ଶୁଣୁଛନ୍ତି।

ସାଓମି ଅଧିକାରୀଙ୍କୁ ଇଡିର ମାଡ଼ ଧମକ ଅଭିଯୋଗ

ନୂଆଦିଲ୍ଲୀ, ୭।୫

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନେ ଚାଇନା ସ୍ମାର୍ଟ ଫୋନ୍ ନିର୍ମାତା ସାଓମି କମ୍ପାନୀର କାର୍ଯ୍ୟନିର୍ବାହୀଙ୍କୁ ଜେରା ବେଳେ ମାଡ଼ ଧମକ ଦେଇଥିବା ଅଭିଯୋଗ ହୋଇଛି। ଆବଶ୍ୟକ ତଥ୍ୟ ନ ଦେଲେ ପରିଣାମ ଭୟାବହ ହେବ ବୋଲି ଇଡି ଅଧିକାରୀମାନେ ସାଓମି କମ୍ପାନୀର ଭାରତ ପାଇଁ ଥିବା ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ମନୁ କୁମାର ଜୈନ, ବର୍ତ୍ତମାନର ସିଏଫ୍‌ଓ ସମୀର ବି.ଏସ୍. ରାଓ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଧମକ ଦେଇଥିଲେ। ସୂଚନାଯୋଗ୍ୟ, ବିଦେଶୀ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ଅଭିଯୋଗରେ ଗତ ଫେବୃୟାରୀରୁ ସାଓମି ତଦନ୍ତର ସମ୍ମୁଖୀନ ହୋଇଛି। ଗତ ସପ୍ତାହରେ ଇଡି ସାଓମି ଇଣ୍ଡିଆର ୭୨୫ ନିୟୁତ ଡଲାର (୫୫୦୦ କୋଟି ଟଙ୍କା) ମୂଲ୍ୟର ସମ୍ପତ୍ତି ଜବତ କରିଥିଲା। ତେବେ ରୟାଲ୍‌ଟି ପୈଠରେ କୌଣସି ଭୁଲ୍ କରି ନ ଥିବା ସାଇମି ପକ୍ଷରୁ କୁହାଯାଇଛି। ଗତ ଗୁରୁବାର ଅଦାଲତ ସାଓମି ଓକିଲଙ୍କ ଯୁକ୍ତି ଶୁଣିବା ପରେ ଭାରତୀୟ ସଂସ୍ଥା ଏହାର ବ୍ୟାଙ୍କ ଆକାଉଣ୍ଟ ଅଚଳ କରିବା ନିଷ୍ପତ୍ତିକୁ ସ୍ଥଗିତ ରଖିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ୧୨ ତାରିଖରେ ହେବ।

ହାଜତ ମୃତ୍ୟୁ: ୬ ପୋଲିସ ଗିରଫ

ଚେନ୍ନାଇ,୭।୫

ଚେନ୍ନାଇରେ ପୋଲିସ ହାଜତରେ ଜଣେ ୨୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟଣାକୁ ନେଇ ଶନିବାର ତାମିଲନାଡୁର ୬ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଇଛି। ପୂର୍ବରୁ ସେମାନଙ୍କ ବିରୋଧରେ ସନ୍ଦେହଜନକ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇଛି। ଏଥିସହିତ ସେମାନଙ୍କ ବିରୋଧରେ ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ପ୍ରତିକାର) ଆଇନରେ ମାମଲା ରୁଜୁ ହୋଇଛି। ବିଗ୍ନେଶଙ୍କ ଦେହରେ ୧୩ଟି କ୍ଷତଚିହ୍ନ ଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା। ଗଞ୍ଜେଇ ନେଉଥିବା ଏବଂ ପୋଲିସକୁ ଆକ୍ରମଣ ଉଦ୍ୟମ କରିବା ଅଭିଯୋଗରେ ବିଗ୍ନେଶଙ୍କୁ ଗିରଫ କରାଯିବା ପରଦିନ ହାଜତରେ ତାଙ୍କ ମୃତଦେହ ମିଳିଥିଲା। ଘଟଣାର ସିବିଆଇ ତଦନ୍ତ ଦାବିରେ ତାମିଲନାଡୁ ବିଧାନସଭାରେ ବିରୋଧି ଦଳ କକ୍ଷତ୍ୟାଗ କରିଥିଲେ।

ଅଜଣା ରୋଗରେ ୧୦୯ ଶିଶୁ ଆକ୍ରାନ୍ତ

ୱାଶିଂଟନ, ୭।୫

ଆମେରିକାରେ ଶିଶୁଙ୍କୁ ଅଜଣା ଯକୃତ ରୋଗ ଚିନ୍ତା ବଢ଼ାଇଦେଇଛି। ଅଦ୍ୟାବଧି ୧୦୯ ଶିଶୁ ଏହି ରୋଗରେ ଆକ୍ରାନ୍ତ ହେଲେଣି। ଏଥିରୁ ୯୦% ଶିଶୁଙ୍କୁ ଡାକ୍ତରଖାନାରେ ଭ

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୫୧,୬୭,୭୮,୪୧୬	୬୨,୭୫,୨୮୫	୪୭,୧୪,୧୮,୧୪୪
ଭାରତ	୪,୩୦,୯୮,୭୪୩	୫,୨୪,୦୨୪	୪,୨୫,୫୪,୪୧୬
ଓଡ଼ିଶା	୧୨,୮୮,୧୩୧	୯୧୨୬(+୫୩)	୧୨,୭୮,୮୬୩

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ବିଶ୍ୱ ଦକ୍ଷତା ପ୍ରତିଯୋଗିତା | ସ୍ୱର୍ଣ୍ଣ ଜିତିଲେ ମିଳିବ ୧ କୋଟି

ଉତ୍କର୍ଷକୁ ଅଭ୍ୟାସରେ ପରିଣତ କରିଛନ୍ତି ଓଡ଼ିଶା ପିଲା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୫(ବ୍ୟୁରୋ)

ବିଜୟ ଏକ ଅଭ୍ୟାସ। ବିଜୟରୁ ମିଳେ ଉତ୍କର୍ଷତା। ଓଡ଼ିଶାର ପିଲାମାନେ ଉତ୍କର୍ଷକୁ ଏକ ଅଭ୍ୟାସରେ ପରିଣତ କରିଛନ୍ତି। ଜାତୀୟ ଓ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ବିଜୟ ଲାଭ କରି ରାଜ୍ୟ ପାଇଁ ଓଡ଼ିଆ ପିଲା ଗୌରବ ଆଣୁଛନ୍ତି। ଶନିବାର ଲୋକସେବା ଭବନଠାରେ ବିଜେତା ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଭାରତ ଦକ୍ଷତା ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ଓଡ଼ିଶାର ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏହି ଅବସରରେ ୨୦୨୨ ଜାନୁୟାରୀରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଭାରତ ଦକ୍ଷତା ପ୍ରତିଯୋଗିତାରେ ୫୯ଟି ମେଡାଲ ଜିତିଥିବା ଓଡ଼ିଶା ପ୍ରତିଭାଙ୍କୁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଦକ୍ଷତା ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହାସହ ୨୦୨୨ ଅକ୍ଟୋବରରେ ହେବାକୁ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସାଂଘାଇରେ ହେବାକୁ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ବିଜେତାଙ୍କ ପାଇଁ ପୁରସ୍କାର ରାଶି ଘୋଷଣା କରିଛନ୍ତି। ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ଜିତିଲେ ୧ କୋଟି, ରୌପ୍ୟ ଜିତିଲେ ୫୦ଲକ୍ଷ ଏବଂ ବ୍ରୋଞ୍ଜ ଜିତିଲେ ୨୫ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସ୍ୱର୍ଣ୍ଣ ବିଜେତାଙ୍କୁ ପ୍ରସ୍ତୁତ କରିଥିବା ସଂସ୍ଥାକୁ ୫କୋଟି ଟଙ୍କା ଦିଆଯିବ। ଆସନ୍ତା ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ୨-୩-୪ ଲକ୍ଷ୍ୟ ନେଇ ପ୍ରସ୍ତୁତି ହେବା ଆବଶ୍ୟକ। ଓଡ଼ିଶାର ଯୁବଗୋଷ୍ଠୀ ଦେଶ ପାଇଁ ୨ଟି ସ୍ୱର୍ଣ୍ଣ ପଦକ, ୩ଟି ରୌପ୍ୟ ପଦକ ଓ ୪ଟି ବ୍ରୋଞ୍ଜ ପଦକ ବିଜୟୀ ହେବା ନେଇ ପ୍ରସ୍ତୁତ ହେବାକୁ ପରାମର୍ଶ ଦିଆଯାଇଛି। ମନରେ ସାଂଘାଇ, ହୃଦୟରେ ଭାରତ ଭାବି ଆଗକୁ ବଢ଼ିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତ ଦକ୍ଷତା ପ୍ରତିଯୋଗିତାରେ ଓଡ଼ିଶା ୫୯ଟି ପଦକ ଜିତି ପ୍ରଥମ ସ୍ଥାନ ଅଧିକାର କରିଛି। ମୁଖ୍ୟମନ୍ତ୍ରୀ ଏଥିପାଇଁ ବିଜେତାଙ୍କ ମାତାପିତା, କୋଚ, ଅନୁଷ୍ଠାନ ଓ ଶିଳ୍ପ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆମର ଝିଅ,ପୁଅଙ୍କ ନିକଟରେ ବହୁବିଧ ଦକ୍ଷତା ରହିଛି। ପଦକଗୁଡ଼ିକ ପାରମ୍ପରିକ ଦକ୍ଷତାରୁ ଉତ୍କର୍ଷ ବୈଷୟିକ ଦକ୍ଷତା ମଧ୍ୟରୁ ଆସିଛି। ଝିଅମାନଙ୍କୁ ବୈଷୟିକ ଶିକ୍ଷା ପ୍ରଦାନ କରିବା ନେଇ ଆମେ ପ୍ରତିଶ୍ରୁତିବଦ୍ଧ। ଏହାଦ୍ୱାରା ପାରମ୍ପରିକ ପୁରୁଷ ପ୍ରଭାବିତ କ୍ଷେତ୍ରରେ ଝିଅମାନେ ଦେଶରେ ରାଜ୍ୟକୁ ଗର୍ବିତ କରି ପାରିଛନ୍ତି। ଓଡ଼ିଆ ଯୁବଗୋଷ୍ଠୀଙ୍କୁ ଦକ୍ଷ କରିବା ପାଇଁ ଭୁବନେଶ୍ୱରଠାରେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ସହିତ ସିଙ୍ଗାପୁରସ୍ଥିତ ଆଇଟିଇଏସ୍ ନଲେଜ ପାର୍ଟନର ଭାବେ କାର୍ଯ୍ୟ କରୁଛି। ଏହା ସରକାରଙ୍କର ଯୁବଗୋଷ୍ଠୀଙ୍କ ପ୍ରତି ପ୍ରତିବଦ୍ଧତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ କହିଛନ୍ତି ଯେ ଭାରତ ଦକ୍ଷତା ପ୍ରତିଯୋଗିତାରେ ସମସ୍ତ ବିଜୟୀ ତୃଣମୂଳ ସ୍ତରରୁ ଆସିଛନ୍ତି। ସମଗ୍ର ରାଜ୍ୟ ପାଇଁ ସେମାନେ ଏକ ସମ୍ଭାବନା। ମୁଖ୍ୟମନ୍ତ୍ରୀ ହକି ପାଇଁ ଯାହାକିଛି କରିଛନ୍ତି ଦକ୍ଷତା ହାସଲ ପାଇଁ ମଧ୍ୟ ତାହା କରୁଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି ଯେ ବିଜେତାମାନେ ହେଉଛନ୍ତି ରାଜ୍ୟର ଦକ୍ଷତା ତାରକା। ବିଭାଗ ସେମାନଙ୍କ ସ୍ୱପ୍ନ ସାକାର କରିବା ଦିଗରେ କାର୍ଯ୍ୟ କରିବ। ଏହି ଅବସରରେ ବିଭାଗୀୟ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ସିଇଓ ଜି. ରେଘୁ ଧନ୍ୟବାଦ ଜଣାଇଥିଲେ।

ଭାରତ ଦକ୍ଷତା ପ୍ରତିଯୋଗିତାରେ ଓଡ଼ିଶାର ବିଜୟୀ ପ୍ରତିଭାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭୁବନେଶ୍ୱର ଲୋକସେବା ଭବନରେ ବିଜୁ ପଟ୍ଟନାୟକ ଦକ୍ଷତା ପୁରସ୍କାରରେ ସମ୍ବର୍ଦ୍ଧିତ କରୁଛନ୍ତି।

- **ରୌପ୍ୟ ପାଇଁ ୫୦ ଲକ୍ଷ**
- **ବ୍ରୋଞ୍ଜ ନିମନ୍ତେ ୨୫ ଲକ୍ଷ**
- **ଭାରତ ଦକ୍ଷତା ବିଜେତାଙ୍କୁ ବିଜୁ ପଟ୍ଟନାୟକ ଦକ୍ଷତା ପୁରସ୍କାର**

ସରିଲା ମାଟ୍ରିକ ପରୀକ୍ଷା

କପି କରି ଧରାପଡ଼ିଲେ ୧୫୬ ଛାତ୍ରୀଛାତ୍ର

ଉତ୍ତର ପତ୍ର ଆସିବା ପରେ ଅନୁପସ୍ଥିତ ପିଲାଙ୍କ ସଂଖ୍ୟା କହିପାରିବୁ: ବୋର୍ଡ ସଭାପତି

କଟକ ଅଫିସ, ୭।୫

ଚଳିତ ବର୍ଷର ମାଟ୍ରିକ ସମେଟିଭ-୨ ପରୀକ୍ଷା ଶନିବାର ଶେଷ ହୋଇଛି। ଶେଷଦିନରେ ସାମାଜିକ ବିଜ୍ଞାନ ପରୀକ୍ଷା ଥିବାବେଳେ ଏଥିରେ କପି କରି ୪୩ ଜଣ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ଗତ ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପରୀକ୍ଷାରେ ମୋଟ୍ ୧୫୬ ଜଣ କପି କରି ଧରାପଡ଼ିଛନ୍ତି। ଆସନ୍ତା ୧୦ ତାରିଖରେ ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଶେଷ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ସରିଥିବାବେଳେ ଖାତାଦେଖା ଆସନ୍ତା ୨୦ କିମ୍ବା ୨୧ ତାରିଖରୁ ଆରମ୍ଭ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି।

ମାଟ୍ରିକ ପରୀକ୍ଷାରେ ପ୍ରାୟ ୪୬ ହଜାର ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ନେଇ ଚର୍ଚ୍ଚା ହେଉଛି । ପ୍ରକୃତରେ କେତେ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି ସେ ନେଇ ବୋର୍ଡ ପାଖରେ ତଥ୍ୟ ନାହିଁ ବୋଲି ହାଜରା କହିଛନ୍ତି। ଏଥିସହ ସେ କହିଛନ୍ତି, ପରୀକ୍ଷା ପରିଚାଳନା ଆମ କାମ, ପିଲା ଫର୍ମ ପୂରଣ କଲେ ଆମେ ପରୀକ୍ଷା କରେଇବୁ। ପ୍ରକୃତରେ ସେ ଠିକ୍ ପିଲା କି ନୁହେଁ ତାହା ଯାଞ୍ଚ କରିବା ପାଇଁ ଆମର କୌଣସି ବ୍ୟବସ୍ଥା ନାହିଁ। ଯେଉଁମାନେ ଫର୍ମ ପୂରଣ କରିଥିଲେ ଆମେ ତାଙ୍କ ପାଇଁ ଆଡ୍‌ମିଟ କାର୍ଡ ଇସ୍ୟୁ କରିବା ସହ ପରୀକ୍ଷା ବନ୍ଦୋବସ୍ତ କରିଥିଲୁ। ତେବେ ପ୍ରକୃତରେ କେତେ ପିଲା ପରୀକ୍ଷା ଦେଇଛନ୍ତି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଆଉ ଦିନେ ଦୁଇଦିନ ମଧ୍ୟରେ ଏନେଇ ସୂଚନା ମିଳିଯିବ। ନୋଡାଲ ସେଣ୍ଟରଗୁଡ଼ିକରୁ ଉତ୍ତର ଖାତା ଆସିବା ପରେ ଅନୁପସ୍ଥିତ ପିଲାଙ୍କ ସଂଖ୍ୟା କହିପାରିବୁ। ଏ ନେଇ ଗଣଶିକ୍ଷା ବିଭାଗ ସହ ଆଲୋଚନା ହୋଇଛି। ଇଂଲିଶ, ଗଣିତ ଓ ସାମାଜିକ ବିଜ୍ଞାନ ବିଷୟରେ ପାଠ୍ୟକ୍ରମ ବାହାରୁ ପ୍ରଶ୍ନପତ୍ରକୁ ନେଇ ପରୀକ୍ଷାର୍ଥୀ କରୁଥିବା ଅଭିଯୋଗର ତର୍ଜମା କରାଯିବ। କେବଳ ଇଂଲିଶ ବିଷୟର କିଛି ପ୍ରଶ୍ନକୁ ନେଇ ତ୍ରୁଟିଥିବା ଜଣାପଡ଼ିଛି ବୋଲି ହାଜରା କହିଛନ୍ତି।

ବଜ୍ରପାତରେ ଚାଷୀ ମୃତ

ଭଦ୍ରକ ଅଫିସ,୭।୫: ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଓଲଙ୍ଗ ଗ୍ରାମରେ ଶନିବାର ଅପରାହ୍ନରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଗରୁଆ ମହନ୍ତ(୫୫)। ସୂଚନା ଅନୁଯାୟୀ, ସେ ଗାଁ ନିକଟ ପରିବା କ୍ଷେତକୁ ଯାଇଥିବା ବେଳେ ଅପରାହ୍ନରେ ବିଜୁଳି ସାଙ୍ଗକୁ ବର୍ଷା ପବନ ଆରମ୍ଭ ହୋଇଥିଲା। ସେ ଘରକୁ ଫେରୁଥିବା ସମୟରେ ବଜ୍ରପାତ ହେବାରୁ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ବିବାହକୁ ବିରୋଧ କରି ଥାନାରେ ପହଞ୍ଚିଲେ ନାବାଳିକା

ସୋର, ୭।୫(ଡି.ଏନ.ଏ.): ପରିବାର ଲୋକଙ୍କ ବିବାହ ନିଷ୍ପତ୍ତିକୁ ବିରୋଧ କରି ଥାନାରେ ପହଞ୍ଚିଛନ୍ତି ଜଣେ ନାବାଳିକା। ସେ ପାଠ ପଢ଼ିବାକୁ ଜିଦ୍ କରୁଥିବା ବେଳେ ପରିବାର ଲୋକେ ତାଙ୍କ ଇଚ୍ଛା ବିରୋଧରେ ବିବାହ କରାଇବା ଲାଗି ଅଡି ବସିଥିଲେ। ଶେଷରେ ଛାତ୍ରୀଜଣକ ଅନ୍ୟ ଉପାୟ ନ ପାଇ ଶନିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତାଙ୍କୁ ଚାଇଲ୍ଡଲାଇନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ। ଚାଇଲ୍ଡଲାଇନ୍ କର୍ମକର୍ତ୍ତା ଏନେଇ ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

ମାଓବାଦୀଙ୍କ ଟାର୍ଗେଟରେ ଛତିଶଗଡ଼ ମନ୍ତ୍ରୀ

ମାଓବାଦୀ ସଙ୍ଗଠନ ପକ୍ଷରୁ ବିଜ୍ଞପ୍ତି ଜାରି

ମାଲକାନଗିରି,୭।୫ (ଡି.ଏନ୍.ଏ.): ପୂର୍ବରୁ ସାଧାରଣ ଜନତାଙ୍କ ସହ ପୋଲିସକୁ ନିଜ ଟାର୍ଗେଟରେ ରଖୁଥିବା ମାଓବାଦୀମାନେ ଏବେ ମନ୍ତ୍ରୀଙ୍କୁ ଟାର୍ଗେଟ୍ କଲେଣି। ଏନେଇ ସେମାନେ ସଙ୍ଗଠନ ପକ୍ଷରୁ ମନ୍ତ୍ରୀଙ୍କ ବିରୋଧରେ ଏକ ବିଜ୍ଞପ୍ତି ମଧ୍ୟ ଜାରି କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ। ଏଠାରେ ଶାସକ ଦଳର ମନ୍ତ୍ରୀ କବାସି ଲକ୍ଷ୍ମାଙ୍କ ବିରୋଧରେ ମାଓବାଦୀମାନେ ଗୁରୁତର ଅଭିଯୋଗ ଆଣି ସେ ପୁଞ୍ଜିପତିଙ୍କ ଇସାରାରେ ଚାଲୁଥିବା ଅଭିଯୋଗ କରିଛନ୍ତି। ମନ୍ତ୍ରୀ ଆଦିବାସୀଙ୍କ ସଂସ୍କୃତି ନଷ୍ଟକରି ଅନ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ଛତିଶଗଡ଼ର ବସ୍ତର ଜିଲା ସାଉଥ୍ ସବ୍ ଜୋନାଲ ବ୍ୟୁରୋ ସଙ୍ଗଠନର ନୂଆ ମୁଖପାତ୍ର ସମ୍ତା କହିଛନ୍ତି। ମନ୍ତ୍ରୀ ଲକ୍ଷ୍ମାଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବିରୋଧ କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ତେବେ ସେ ନିଜର ଆଚରଣ ଓ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ନ ଆଣିଲେ ଆଗାମୀ ଦିନରେ ଏହାର ଫଳ ଭୋଗିବେ ବୋଲି ଚେତାବନୀ ଜାରିକରି ବିଜ୍ଞପ୍ତିରେ କୁହାଯାଇଛି।

ଡିଜେ ଲଗାଇ ରାସ୍ତାରେ ଗୁଆଘିଅ ଗୀତରେ ଡ୍ୟାନ୍ସ

ୟୁନିଫର୍ମ ପିନ୍ଧି ଅଣଛାତ୍ରମାନଙ୍କ ସହ ପରୀକ୍ଷାର୍ଥୀମାନେ ଡ୍ୟାନ୍ସ କରୁଛନ୍ତି।

ଦିଗପହଣ୍ଡି,୭।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମକେଇ ଗ୍ରାମ ଶିବାନନ୍ଦ ହାଇସ୍କୁଲର ମାଟ୍ରିକ ପରୀକ୍ଷାର୍ଥୀମାନେ ଶନିବାର ପରୀକ୍ଷା ସରିବା ପରେ ଖୁସିରେ ମତୁଆଲ ହୋଇ ବିଭିନ୍ନ ଓଡ଼ିଆ ଗୀତର ତାଳେ ତାଳେ ନାଚିଛନ୍ତି। ନିଜେ ନିଜେ ଆଦାୟ କରିଥିବା ଅର୍ଥରେ ଡିଜେ ବଜାଇ ଗୁଆଘିଅ ସଙ୍ଗୀତର ତାଳେ ତାଳେ ଡ୍ୟାନ୍ସ କରି ଗ୍ରାମର ପ୍ରମୁଖ ସାହି ବସ୍ତି ପରିକ୍ରମା କରିଥିଲେ। ଅନ୍ୟପଟେ ଗୋପାଳପୁର ଅଞ୍ଚଳର କେତେଜଣ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ସରିବା ପରେ ସିଧାସଳଖ ଗୋପାଳପୁର ସମୁଦ୍ରରେ ପହଞ୍ଚି ବିପଦସଙ୍କୁଳ ସ୍ନାନ କରୁଥିବା ଭିଡିଓ ଭାଇରାଲ ହୋଇଛି। ପରୀକ୍ଷାର୍ଥୀମାନେ କେତେଜଣ ଅଣଛାତ୍ରଙ୍କ ସହ ସ୍କୁଲ ୟୁନିଫର୍ମ ପିନ୍ଧି ବେଧଡକ ନାଚୁଥିଲେ। ଏହାକୁ କେତେଜଣ ଅଭିଭାବକ ଏବଂ ଗ୍ରାମବାସୀ ଦେଖୁଥିଲେ ମଧ୍ୟ ସେମାନଙ୍କ ପ୍ରତିକ୍ରିୟା ନଥିବା ସ୍ଥାନୀୟ ଲୋକଙ୍କୁ ତାଜୁବ କରିଥିଲା। ଏ ସମ୍ପର୍କରେ ସ୍ଥାନୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅରୁଣ ଚନ୍ଦ୍ର ମହାପାତ୍ରଙ୍କୁ ପଚାରିବାରୁ ପରୀକ୍ଷା ସରିବା ପରେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ସେ ଏବଂ ଅନ୍ୟ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକମାନେ ବ୍ୟସ୍ତ ଥିଲେ। ପରୀକ୍ଷାର୍ଥୀମାନେ ନିଜ ଘରକୁ ନ ଫେରି କୁଆଡେ ଗଲେ କ'ଣ କଲେ ସେ ନେଇ ତାଙ୍କ ନିକଟରେ କିଛି ଖବର ନାହିଁ। କିନ୍ତୁ ରାସ୍ତାରେ ଡ୍ୟାନ୍ସ କରି ପରୀକ୍ଷାର୍ଥୀମାନେ ଗାଁ ବୁଲିବା ଶୁଣିଛନ୍ତି। ଘଟଣା ନିନ୍ଦନୀୟ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ମାଟ୍ରିକ ପରୀକ୍ଷା ପରେ ଖୁସି ମନାଇଲେ ଛାତ୍ର

ୟୁନିଫର୍ମ ପିନ୍ଧି ବେଧଡକ ମଜା, ଭିଡିଓ ଭାଇରାଲ

ଶନିବାର ମାଟ୍ରିକ ପରୀକ୍ଷାର ଶେଷ ଦିନରେ ସାମାଜିକ ବିଜ୍ଞାନ ବିଷୟ ଥିଲା। ପରୀକ୍ଷା ସରିବା ପରେ ଛାତ୍ରମାନେ ନିଜେ ଚାନ୍ଦା କରି ଡିଜେ ସାଉଣ୍ଡ ବାକ୍ସ ଲଗାଇ ରାସ୍ତାରେ ଗୁଆଘିଅ ଓଡ଼ିଆ ସଙ୍ଗୀତର ତାଳେ ତାଳେ ନାଚୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ଦେଖି ଅନ୍ୟ ଛାତ୍ରଛାତ୍ରୀ ମଜା ଲୁଟିଛନ୍ତି। ଏହି ଘଟଣା ଶିକ୍ଷା ଅନୁଷ୍ଠାନ ପାଇଁ ଲଜ୍ଜାସ୍ପଦ ବୋଲି ସ୍ଥାନୀୟ ଲୋକେ ମନ୍ତବ୍ୟ ଦେଇଛନ୍ତି।

ଭୁବନେଶ୍ୱରରେ ଖୋଲିଲା କେଏଲ୍ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ କାର୍ଯ୍ୟାଳୟ

ମେଧାବୀଙ୍କ ପାଇଁ ୧୦୦ କୋଟିର ସ୍କଲାରଶିପ୍ ଘୋଷଣା

ଭୁବନେଶ୍ୱର, ୭।୫(ବ୍ୟୁରୋ)

କେ.ଏଲ୍. ଡିମ୍ଡ୍ ଟୁ ବି ୟୁନିଭର୍ସିଟି ଆନ୍ଧ୍ରପ୍ରଦେଶର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରରେ ଖୋଲିଛି। ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସତ୍ୟନଗରଠାରେ ଏହି କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଏହା ପ୍ରତିଭାବାନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ସହ ବିଭିନ୍ନ ଶିକ୍ଷାଗତ ପାଠ୍ୟକ୍ରମ ଯୋଗାଇବ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଆଡ୍‌ମିଶନ ନିର୍ଦ୍ଦେଶକ ଡ. ଜେ. ଶ୍ରୀନିବାସା ରାଓ 'ମେରିଟ୍‌ସ୍କଲାରଶିପ୍' ଓ 'କେଏଲ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ୨୦୨୨'ର ତାରିଖ ଘୋଷଣା କରିଥିଲେ। ଆସନ୍ତା ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଏପର୍ଯ୍ୟନ୍ତ ଦେଶ ବିଦେଶରେ ୫୦ହଜାରରୁ ଅଧିକ ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ନାମଲେଖାରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅଧିକ ପ୍ରାଧାନ୍ୟ ଦେଉଛି ବିଶ୍ୱବିଦ୍ୟାଳୟ। ତେଣୁ ଚଳିତ ବର୍ଷ ଅଧିକରୁ ଅଧିକ ଛାତ୍ରୀଛାତ୍ର ଯେପରି ସ୍କଲାରଶିପ ଓ ପ୍ରବେଶିକା ପରୀକ୍ଷା ଦେଇପାରିବେ ସେଥିପାଇଁ ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବା ଆଦି କେତେକ ନୂଆ ପଦକ୍ଷେପ ନିଆଯାଇଛି। ଏଥିସହ ଦୁର୍ବଳ ଶ୍ରେଣୀର ମେଧାବୀ ପିଲାଙ୍କ ପାଇଁ ଚଳିତ ବର୍ଷ ୧୦୦ କୋଟିର ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ଡ. ରାଓ କହିଛନ୍ତି। ସେ କହିଛନ୍ତି, ଗତବର୍ଷ ଆମେ ଭୁବନେଶ୍ୱରର ବହୁ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିଛୁ। କରୋନା ମହାମାରୀ ସତ୍ତ୍ୱେ ବିଶ୍ୱବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରୀଛାତ୍ର ପ୍ଲେସ୍‌ମେଣ୍ଟ ପାଇଥିଲେ। ବିଶ୍ୱବିଦ୍ୟାଳୟରୁ ଛାତ୍ରୀଛାତ୍ର ଡେଲାଏଟ୍, ମାଇକ୍ରୋସଫ୍ଟ, ଆମାଜନ୍, ଆକ୍ସେଞ୍ଚର, ୱିପ୍ରୋ, ୱାଲ୍‌ମାର୍ଟ ଲ୍ୟାବ୍ ଆଦି କମ୍ପାନୀରେ ଚାକିରି ପାଇଛନ୍ତି।

କେଏଲ୍ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ କାର୍ଯ୍ୟାଳୟକୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରୁଛନ୍ତି।

ନକଲି ସାର୍ଟିଫିକେଟ ଦେଇ ଚାକିରି, ଶିକ୍ଷକ ଗିରଫ

ଉମରକୋଟ, ୭।୫(ସ୍ୱ.ପ୍ର.)

ନକଲି ବି.ଏଡ୍. ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଜଣେ ଶିକ୍ଷକଙ୍କୁ ଉମରକୋଟ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ଉମରଗାଁ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ରବୀନ୍ଦ୍ର କୁମାର ସ୍ୱାଇଁ। ତାଙ୍କ ନିଜ ଘର ନୟାଗଡ଼ ଜିଲା ଶରଣକୂଳ ଥାନା କୁରୁଡଙ୍ଗା ଗ୍ରାମରେ।

ଜନ୍ମଦିନର ଶୁଭେଚ୍ଛା

ଗିର୍ଭାନି ପରିବାରବର୍ଗ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ

ଧର୍ମଶାଳା,୭।୫(ଡି.ଏନ.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ପଞ୍ଚାୟତ ନାନପୁର ଗ୍ରାମରେ ଶନିବାର ସକାଳେ ଜଣେ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ମହେନ୍ଦ୍ର ମଲିକ। ସକାଳେ ଶୌଚ ହେବା ପାଇଁ ବାଡି ପଛପଟକୁ ଯାଇଥିଲେ। ହେଲେ ଘରକୁ ଫେରି ନ ଥିଲେ। ପରେ ପରିବାର ଲୋକେ ତାଙ୍କୁ ବାଡ଼ିରେ ପଡିଥିବା ଦେଖି ୧୦୮ ଅମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଶୌଚ ହେବାକୁ ଯାଇଥିବା ବେଳେ ମହେନ୍ଦ୍ର ପୋଖରୀରେ ଖସିପଡିବାରୁ ତାଙ୍କୁ ମେଡିକାଲ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ବୋଲି ତାଙ୍କ ପୁଅ ସମିର ମଲିକ ଥାନାରେ ଅଭିଯୋଗ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

ହାଣ୍ଡିଶାଳରେ ...

ସିଲିଣ୍ଡର ପିଛା ଦର ମୁମ୍ବାଇରେ ୯୯୯.୫୦ ଟଙ୍କା ହୋଇଥିବାବେଳେ ଚେନ୍ନାଇ ଏବଂ କୋଲକାତାରେ ଯଥାକ୍ରମେ ୧,୦୧୫.୫୦ ଟଙ୍କା ଓ ୧,୦୨୬ ଟଙ୍କାରେ ପହଞ୍ଚିଛି। ଗତବର୍ଷ ଏପ୍ରିଲ ପରଠାରୁ ଦେଶରେ ଏଲ୍‌ପିଜି ସିଲିଣ୍ଡର ପିଛା ୧୯୦ ଟଙ୍କା ମହଙ୍ଗା ହେଲାଣି। ଅନ୍ୟପକ୍ଷେ ମେ' ୧ ତାରିଖରେ ୧୯ କେ.ଜି. କମର୍ସିଆଲ ଏଲ୍‌ପିଜି ସିଲିଣ୍ଡରରେ ୧୦୨ ଟଙ୍କା ବୃଦ୍ଧି କରାଯାଇଥିଲା। ଏହି ବୃଦ୍ଧି ସହ ଦିଲ୍ଲୀରେ ସିଲିଣ୍ଡର ପ୍ରତି ୨,୩୫୫.୫୦ ଟଙ୍କା ହୋଇଥିଲା। ସେହିପରି ୫ କେ.ଜି.ର ଏଲ୍‌ପିଜି କମର୍ସିଆଲ ସିଲିଣ୍ଡର ଦର ମଧ୍ୟ ୬୫୫ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ରନ୍ଧନ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ପଛର ମୁଖ୍ୟ କାରଣ ହେଉଛି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ମହଙ୍ଗା ହେବା। ଗତ ମାର୍ଚ୍ଚରେ ଏହା ୧୩ ବର୍ଷର ରେକର୍ଡ ଭାଙ୍ଗି ୧୪୦ ଡଲାରରେ ପହଞ୍ଚିଥିଲା। ଶନିବାର ବ୍ରେଣ୍ଟ ବ୍ୟାରେଲ ପିଛା ୧୦୯.୭୭ ଡଲାର ରହିଛି। ସେହିପରି ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ମଧ୍ୟ ଅନ୍ୟ ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଏବେ ପ୍ରତି ଡଲାର ସହ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୭୭ ଟଙ୍କା ରହିଛି। ଭାରତ ନିଜର ୮୫% ତୈଳ ଆବଶ୍ୟକତା ପୂରଣ ପାଇଁ ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ନିର୍ଭର କରିଥାଏ। ତେଣୁ ଡଲାରରେ କିଣିବା ଭାରତକୁ ମହଙ୍ଗା ପଡୁଛି।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ) ହେଉଛି ସାମାଜିକ ଅନ୍ତର୍ଭୁକ୍ତୀକରଣ ଦିଗରେ ଏକ ପଦକ୍ଷେପ, ଯହିଁରେ ପ୍ରତ୍ୟେକ ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ପରିବାରର ମହିଳାଙ୍କୁ ମାଗଣାରେ ଏଲ୍‌ପିଜି ସଂଯୋଗ ଦିଆଯାଇଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ ମେ' ୧ରେ ଉତ୍ତର ପ୍ରଦେଶର ବାଲିଆରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। କିନ୍ତୁ ଏହି ଯୋଜନାରେ ମାଗଣାରେ ସିଲିଣ୍ଡର ପାଉଥିବା ପରିବାରଗୁଡ଼ିକ ନିଜ ଅର୍ଥରେ ଫିଲିଂ କରାଇଥାଆନ୍ତି। ଏଲ୍‌ପିଜି ଦର କ୍ରମାଗତ ବୃଦ୍ଧି ହେଉଥିବାରୁ ଅନେକ ଅସ୍ୱଚ୍ଛଳ ପରିବାର ଅର୍ଥାଭାବ ଯୋଗୁ ରିଫିଲିଂ କରିବାକୁ ମନା କରୁଥିବା ଦେଖିବାକୁ ମିଳୁଛି।

ବାତ୍ୟା ଭୟ ...

୧୦ ତାରିଖ ବେଳକୁ ଏହା ଧୀରେ ଧୀରେ କମି ୭୫ରୁ ୮୦ କି.ମି. ରହିବା ନେଇ ଅନୁମାନ କରାଯାଇଛି। ତେବେ ସ୍ଥଳଭାଗ ନିକଟବର୍ତ୍ତୀ ହେବା ବେଳକୁ ଏହାର ବେଗ ୭୦ରୁ ୮୦ କି.ମି. ହେବ ବୋଲି ପାଣିପାଗ ପକ୍ଷରୁ କୁହାଯାଇଛି। ବାତ୍ୟା ପ୍ରଭାବରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲାର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି। ୧୦ ତାରିଖରୁ ଗଞ୍ଜାମ, ଗଜପତି ଓ ପୁରୀ ଜିଲାର କେତେକ ସ୍ଥାନରେ ବର୍ଷା ହୋଇପାରେ। ୧୧ ତାରିଖରେ ଗଞ୍ଜାମ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ପୁରୀ ଏବଂ କଟକ ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବାତ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହିବ। ୯ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘଣ୍ଟା ପ୍ରତି ପବନର ବେଗ ୬୫ରୁ୭୫ କି.ମି. ରହିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୯ ଓ ୧୦ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ୧୧ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରି ଦିଆଯାଇଛି। ଯେଉଁ ମତ୍ସ୍ୟଜୀବୀମାନେ ସମୁଦ୍ରରେ ରହିଛନ୍ତି ତୁରନ୍ତ କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ ଜେନା କହିଛନ୍ତି ଯେ, ବାତ୍ୟା ସ୍ଥଳଭାଗ ଛୁଇଁବନି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲେ ମଧ୍ୟ ପ୍ରସ୍ତୁତି କମ୍ କରାଯାଇ ନାହିଁ। ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ୧୭୫ ଅଗ୍ନିଶମ ବାହିନୀ, ୨୦ ଓଡ୍ରାଫ୍ ଏବଂ ୧୭ ଏନ୍‌ଡିଆରଏଫ୍ ଟିମ୍‌କୁ ସଜାଗ ରଖାଯାଇଛି। ଆବଶ୍ୟକ ସ୍ଥଳେ ସେ ସବୁକୁ ମୁତୟନ କରାଯିବ।

ରାଜ୍ୟରେ ପାଗ ମେଘୁଆ ରହୁଥିବାରୁ ତାତି ଗତ କିଛିଦିନ ହେବ କମ୍ ରହିଛି। ୧୦ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରହିଥିବା ବେଳେ ୩ଟି ସ୍ଥାନରେ ୪୧ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୧.୮ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ ନୂଆପଡ଼ା ୪୧.୫, ଝାରସୁଗୁଡ଼ା ୪୧.୪, ଟିଟିଲାଗଡ଼ ୪୧, ସମ୍ବଲପୁର ୪୦.୪, ସୁନ୍ଦରଗଡ଼ ୪୦.୫, ହୀରାକୁଦ ୪୦.୨, ଭବାନୀପାଟଣା ୪୦.୨, ସୋନପୁର ୪୦.୮ ଏବଂ ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଯୁବ ଶିକ୍ଷକଙ୍କ ଡକ୍ଟରେଟ ଲାଭ

ଶ୍ରୀମାନ ରଭୁ ଆଭୂଷଣ ପଣ୍ଡା ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶ୍ରୀମାନ ରଭୁ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର EL and TC, ବିଭାଗର ପ୍ରଫେସର ଡଃ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Efficient Design and Analysis of Perturbed Patch Antennas for Wireless Communication" ପ୍ରସଙ୍ଗରେ ଗବେଷଣା କରୁଥିଲେ। ତାଙ୍କ ଗବେଷଣା BITS PILANI Instituteର ପ୍ରାଧ୍ୟାପକ ପ୍ରଫେସର ନବନୀତ ଗୁପ୍ତାଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଶ୍ରୀମାନ ରଭୁ, ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବାସିନ୍ଦା। ସେ ସ୍ୱର୍ଗତ ପଦାର୍ଥ ବିଜ୍ଞାନର ପ୍ରଫେସର ଶ୍ରୀ ହରିହର ପଣ୍ଡାଙ୍କ ଏକମାତ୍ର ପୁତ୍ର। ତାଙ୍କର ଏ ସଫଳତା ପାଇଁ ସେ ତାଙ୍କ ପିତାଙ୍କ ନିକଟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ଗୁରୁ ଡଃ ଦେବାଶିଷ ମିଶ୍ର, ଡଃ ଶୁଭେନ୍ଦୁ ନାରାୟଣ ମିଶ୍ର ଓ ବିଭାଗ ମୁଖ୍ୟ ଡଃ କବିରାଜ ସେଠୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ ନିଜ ମାତାଙ୍କୁ ପ୍ରେରଣାର ସ୍ରୋତ ରୂପେ ମାନିଛନ୍ତି। ସେ ନିଜ କର୍ମକ୍ଷେତ୍ର GIET Universityର ରେଜିଷ୍ଟ୍ରାର ଡଃ N.V.J. Rao, Electronics ବିଭାଗର ମୁଖ୍ୟ ଡଃ ଶୁଭ୍ରଜିତ ପ୍ରଧାନ ତଥା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୩୬୭

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ

ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ଧର୍ମକାର୍ଯ୍ୟ, ଆନୁଷ୍ଠାନିକ କ୍ଷେତ୍ରରେ ସାମିଲ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାମ ଫଳପ୍ରଦ ରହିବ। କିନ୍ତୁ ବ୍ୟବହାରରେ ଶାଳୀନତା ରକ୍ଷା ନ କଲେ ଓଲଟା ଫଳ ପାଇବେ। ଅବଶ୍ୟ ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ।

ବୃଷ

ଲାଭ ଭାବରେ ବୃହସ୍ପତି ଓ ଶୁକ୍ରଙ୍କ ପ୍ରଭାବରୁ ସାମଗ୍ରିକ ସୁଖ, ସୁବିଧା ଲାଭ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ପାଇଁ ଦିନଟି ଭଲ ରହିବ। ବନ୍ଧୁମିଳନ ସାଙ୍ଗକୁ କଳା, ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହେବେ।

ମିଥୁନ

ଆପଣଙ୍କ ସରଳ ଓ ମଧୁର ବ୍ୟବହାର ଅନ୍ୟମାନଙ୍କୁ ଖୁସି କରିବ। ଦୂରଯାତ୍ରାରେ ଲକ୍ଷ୍ୟ ପୂରଣ ହେବା ସହ ମୂଲ୍ୟବାନ୍ ଜିନିଷ ପ୍ରାପ୍ତିର ସୁଯୋଗ ଲାଭ କରିବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ପାରିବାରିକ ସ୍ଥିତି କେତେକାଂଶରେ ସନ୍ତୋଷଜନକ ନ ହୋଇପାରେ।

କର୍କଟ

ଆଜି ସକାଳ ସମୟଟି ଭଲରେ କଟିବା ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ମାଧ୍ୟମରେ ଅଫିସିଆଲ କାମଗୁଡ଼ିକ ସହଜ ଓ ସୁବିଧାରେ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କିନ୍ତୁ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି।

ସିଂହ

ଉଚ୍ଚସ୍ଥ ରବି ପାପଗ୍ରହ ଦ୍ୱାରା ଆକ୍ରାନ୍ତ ହେବାରୁ ସମସ୍ୟା ଜାଲରେ ଛନ୍ଦି ହୋଇ ମାନସିକ ସନ୍ତୁଳନ ହରାଇବେ। ରାଜନୀତି ତଥା ପ୍ରଶାସନିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ। ଆଜି ବ୍ୟବସାୟ, ପରିବହନ ପ୍ରଭୃତିରେ ସଫଳତା ଅର୍ଜନ କରିବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

କନ୍ୟା

କର୍ମକ୍ଷେତ୍ରରେ କାମ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେବେ, କିନ୍ତୁ କିଛି କରିବେ ନାହିଁ। ଅର୍ଥ ଲାଭରୁ କିମ୍ବା କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି, କଳା, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

ତୁଳା

ନିଜ ଲୋକଙ୍କ ବ୍ୟତୀତ କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ଲୋଡ଼ିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ଆନୁଷ୍ଠାନିକ, ମାଙ୍ଗଳିକ କିମ୍ବା ସଭାସମିତିରେ ଯୋଗ ଦେଇ ପ୍ରଶଂସିତ ହେବେ। ରପ୍ତାନି ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି ଘଟିବାର ସୂଚନା ରହିଛି।

ବିଛା

ବୃଥାଭିମାନ ଏବଂ କ୍ରୋଧମିଶ୍ରିତ ବ୍ୟବହାରରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିପାରନ୍ତି। ବନ୍ଧୁମାନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ବହୁତ ସମ୍ଭାବନା ଅଛି।

ଧନୁ

ଅତୀତ କଥା ଚିନ୍ତା କରି ମନ ଭଲ ରହି ନ ପାରେ। ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧିଜନିତ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ଗଠନମୂଳକ ପ୍ରେରଣା ଦେଇ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ।

ମକର

ସକାଳୁ ସକାଳୁ କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ରହିଛି। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ଅସ୍ଥିରତା ସୃଷ୍ଟି କରିପାରନ୍ତି। କୌଶଳ ପ୍ରୟୋଗ କରି ନିଜ ଲୋକମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ।

କୁମ୍ଭ

ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂର ଯାତ୍ରା କରିପାରନ୍ତି। ସମସ୍ୟା ଥିଲେ ମଧ୍ୟ ପ୍ରିୟ କଥା କହି ସ୍ଥିତି ସୁଧାରି ନେବେ। ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ। ବ୍ୟବସାୟ, ପରିବହନ କ୍ଷେତ୍ର ମାନ୍ଦା ହେବ ନାହିଁ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ହେତୁ ପ୍ରଶଂସିତ ହେବେ।

ମୀନ

ବ୍ୟକ୍ତିଗତ ସମସ୍ୟା ରହିଥିଲେ ମଧ୍ୟ ସାମାଜିକ ସ୍ତରରେ ଉନ୍ନତ ମାନର ଫଳ ପାଇ ଖୁସି ରହିବେ। ପୂର୍ବ ବିବାଦର ସମାଧାନ ହେବା ସାଙ୍ଗକୁ ଟେନସନ୍ ମଧ୍ୟ କମିଯିବ। କଠୋର ବାକ୍ୟାଳାପରୁ ନିବୃତ୍ତ ହୋଇ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସାହିତ୍ୟ, ସଙ୍ଗୀତ, କଳା, ଆଲୋଚନା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତି ଘଟିବ।

ସ୍କୁଲ, ହଷ୍ଟେଲରୁ ୬୪ ପିଲା ....

ହଷ୍ଟେଲରୁ ୬୪ ଛାତ୍ର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ରାୟଗଡ଼ା ବ୍ଲକ କୋଟଲାଗୁଡ଼ାସ୍ଥିତ ଅନ୍ୱେଷା ହଷ୍ଟେଲରୁ ୪୪ ଛାତ୍ର ଏବଂ ବିଷମକଟକ ବ୍ଲକ ହାଟମୁନିଗୁଡ଼ାସ୍ଥିତ ସରକାରୀ ସ୍କୁଲର ୨୦ ଛାତ୍ରଙ୍କ କରୋନା ରିପୋର୍ଟ ପଜିଟିଭ ଆସିଥିବା ଜଣାପଡ଼ିଛି। ସମସ୍ତ ସଂକ୍ରମିତ ସୁସ୍ଥ ଥିବାବେଳେ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଗତ ୪ ତାରିଖରେ ସ୍ୱାସ୍ଥ୍ୟ ବିଭଗ ପକ୍ଷରୁ ଆର୍‌ଆର୍‌ଟି ଟିମ୍ ପହଞ୍ଚି ଅନ୍ୱେଷା ହଷ୍ଟେଲରେ ରହୁଥିବା ୨୫୭ ପିଲାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରିଥିଲେ। ସେଥିମଧ୍ୟରୁ ୪୪ ଜଣଙ୍କ ରିପୋର୍ଟ ପଜିଟିଭ ରହିଛି। ସଂକ୍ରମଣକୁ ରୋକିବା ନିମନ୍ତେ ଅନ୍ୱେଷା ହଷ୍ଟେଲ ଏବଂ ହାଟମୁନିଗୁଡ଼ାସ୍ଥିତ ସ୍କୁଲରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

classifieds Everyday

0674-2580101, 2549302



MATRIMONIAL

GROOM WANTED

Matching groom required for Odiya, Khandayat girl, Paediatric doctor, 30, 5'6", 8/4 Pushya Nakhetra. Mob.- 9438120900. D-326

Required Karan/ Khandayat groom for our elder daughter 26y/5'3" mula/dhanu, B.Tec software Engineer.Infosys at Bangalore (10.2l). Father Govt. Class -1 officer, educated family. Searching for suitable IT proposal parents. Contact: 9437188370, 9937328966. D-359

45 ବର୍ଷର ଅବିବାହିତ ମହିଳା Govt. Teacher ଭାବରେ କାର୍ଯ୍ୟରତ। ଘର- ଅନୁଗୁଳ । ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ । 7655858756. D-329

real estate

SALE

Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666. D-73211

2BHK flat sale near SBI Colony Kesura. 9692213354. D-71895

ଭୁବନେଶ୍ୱର ପୁରୀ ବାଇପାସରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ବର୍ଗଫୁଟକୁ ୧୬୦୦ ଟଙ୍କାରେ ମିଳୁଅଛି। ଯୋଗାଯୋଗ ଫୋନ୍- 9827339640, 6371681832. D-330

Gharabari land (near SV Nirtar hospital, Olatpur) with road, electricity for immediate sale by owner. Contact: 7978168941. D-363

Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452. D-71892

ଭୁବନେଶ୍ୱର ତମାଣ୍ଡୋ ଛକଠାରୁ କାଶୀପୁରୁ ମୌଜାରେ ଘରବାରି ପ୍ଲଟ୍- 30x50= (1500sqft.) 29ଟି ପ୍ଲଟ୍ ଅଛି। ନିୟର ଆଣ୍ଡ ବ୍ୟାକ୍ ସାଇଡ୍ D.N. ରିଗଳିଆ ଗ୍ରୀନ୍ ଭିଲେଜ ଆପାର୍ଟମେଣ୍ଟ ପାଖରେ yellowzone ଅଣ୍ଡର BDA ଭୁକ୍ତ ପ୍ଲଟ୍ ଘର ନିର୍ମାଣ କରିବା ପାଇଁ ଉପଯୋଗୀ ପ୍ଲଟ୍

ଲୋକଙ୍କ ପାଇଁ ଲଢ଼ୁଥିବା ନେତାଙ୍କୁ ଟିକେଟ ମିଳିବ: ରାହୁଲ

ହାଇଦ୍ରାବାଦ,୭।୫(ଆଇଏଏନ୍‌ଏସ୍)

ଯେଉଁମାନେ ଲୋକଙ୍କ ସହ ରହିଛନ୍ତି ଓ ସେମାନଙ୍କ ଅଧିକାର ପାଇଁ ଲଢ଼େଇ କରୁଛନ୍ତି, ଆସନ୍ତାବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ସେମାନଙ୍କୁ କଂଗ୍ରେସ ଟିକେଟ ମିଳିବ ବୋଲି ତେଲଙ୍ଗାନାରେ ଦଳୀୟ ନେତାମାନଙ୍କୁ ରାହୁଲ ଗାନ୍ଧୀ କହିଛନ୍ତି। ଦଳରେ ଏକତା ରକ୍ଷା ଉପରେ ସେ ଗୁରୁତ୍ୱ ଦେବା ସହ ଗଣମାଧ୍ୟମ ଆଗରେ ନିଜର ଆପତ୍ତି ଅଭିଯୋଗ ନ ଉଠାଇବାକୁ ସେ ରାଜ୍ୟ ନେତାମାନଙ୍କୁ ସତର୍କ କରାଇ ଦେଇଛନ୍ତି। ଏଥି ସହିତ ନିଜ ନିଜ ନିର୍ବାଚନ ମଣ୍ଡଳୀକୁ ଯାଇ ତୃଣମୂଳ ସ୍ତରରେ କାର୍ଯ୍ୟ

ରାହୁଲ ଗାନ୍ଧୀ

କରିବାକୁ ରାହୁଲ ପରାମର୍ଶ ଦେଇଛନ୍ତି। ଦୁଇଦିନିଆ ତେଲଙ୍ଗାନା ଗସ୍ତରେ ଥିବା ରାହୁଲ ଗାନ୍ଧୀ ଭବନସ୍ଥିତ ପ୍ରଦେଶ କଂଗ୍ରେସ କମିଟି ମୁଖ୍ୟାଳୟରେ ଦଳର ରାଜ୍ୟ ନେତାମାନଙ୍କ ବୈଠକରେ ଉଦ୍‌ବୋଧନ ଦେଇଥିଲେ। ଆସନ୍ତା ବର୍ଷ ନିର୍ବାଚନରେ ଟିଆର୍‌ଏସ୍ ଏବଂ କଂଗ୍ରେସ ମଧ୍ୟରେ ସିଧାସଳଖ ଲଢ଼େଇ ହେବ। ଯୋଗ୍ୟତା ଆଧାରରେ ଟିକେଟ ବଣ୍ଟନ କରାଯିବ ବୋଲି କଂଗ୍ରେସ ନେତା ସ୍ପଷ୍ଟ କରିଦେଇଛନ୍ତି। ଟିକେଟ ପାଇଁ ଦିଲ୍ଲୀ ଯିବା ଦରକାର ନାହିଁ। ଏହା ବଦଳରେ ନିର୍ବାଚନ ମଣ୍ଡଳୀ ଓ ଗାଁକୁ ଯାଇ ଲୋକଙ୍କ ପାଇଁ କାମ କରିବାକୁ ରାହୁଲ ପରାମର୍ଶ ଦେଇଛନ୍ତି।

ଟିଆର୍‌ଏସ୍ ସହ କଂଗ୍ରେସର ମେଣ୍ଟ ହେବ ନାହିଁ ବୋଲି ଶୁକ୍ରବାର ରାହୁଲ ସ୍ପଷ୍ଟ କରିଥିଲେ। ସେ ଟିଆର୍‌ଏସ୍ ସୁପ୍ରିମୋ କେ. ଚନ୍ଦ୍ରଶେଖର ରାଓଙ୍କୁ କଡ଼ା ସମାଲୋଚନା କରିଥିଲେ। କେସିଆର୍ ମୁଖ୍ୟମନ୍ତ୍ରୀ ପରିବର୍ତ୍ତେ ନିଜକୁ ରାଜା ଭାବୁଛନ୍ତି। ସେ ଲୋକଙ୍କ କଥା ଶୁଣୁନାହାନ୍ତି ବୋଲି ରାହୁଲ ଏକ ଚାଷୀ ସମାବେଶରେ ଉଦ୍‌ବୋଧନ ଦେଇ କହିଥିଲେ। ରାଜ୍ୟରେ କଂଗ୍ରେସ କ୍ଷମତାକୁ ଆସିଲେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ଼ କରିବା ସହ ଚାଷୀଙ୍କୁ ସେମାନଙ୍କ ଫସଲ ଉପରେ ଉପଯୁକ୍ତ ଏମ୍‌ଆର୍‌ପି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆନ୍ଧ୍ରପ୍ରଦେଶରୁ ଅଲଗା ହୋଇ ତେଲଙ୍ଗାନା ସୃଷ୍ଟି ହେବା ପରେ କେବଳ ଗୋଟିଏ ପରିବାର ଲାଭବାନ ହୋଇଛି ବୋଲି କେସିଆର୍‌ଙ୍କୁ ଲକ୍ଷ୍ୟ କରି ରାହୁଲ କହିଥିଲେ।

୨,୫୦୦ କୋଟିରେ ଯଚାଯାଇଥିଲା ମୁଖ୍ୟମନ୍ତ୍ରୀ ପଦ

ବେଙ୍ଗାଲୁରୁ,୭।୫

- କର୍ନାଟକ ଭାଜପା ବିଧାୟକଙ୍କ ଅଭିଯୋଗ
- ତଦନ୍ତ ଦାବି କଲା କଂଗ୍ରେସ

କର୍ନାଟକ ମୁଖ୍ୟମନ୍ତ୍ରୀ ପଦ ପାଇଁ ଭାଜପାର ଦିଲ୍ଲୀ ନେତୃତ୍ୱ ତାଙ୍କୁ ୨,୫୦୦ କୋଟି ଟଙ୍କା ମାଗିଥିଲେ ବୋଲି ଦଳୀୟ ବିଧାୟକ ବାସନାଗୌଡ଼ ପାଟିଲ ୟାତ୍‌ନାଲ ଅଭିଯୋଗ କରିବା ପରେ ଏହାର ତଦନ୍ତ ଲାଗି କଂଗ୍ରେସ ପକ୍ଷରୁ ଦାବି ହୋଇଛି। ତେବେ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଏହା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି। କର୍ନାଟକ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଏଭଳି ଅଭିଯୋଗ ସାମନାକୁ ଆସିଛି। 'ରାଜନୀତିରେ ଆପଣ ଅନେକ ଚୋରଙ୍କୁ ଭେଟିବେ। କେହି ଆପଣଙ୍କୁ ଟିକେଟ ଯାଚିବେ ତ କେହି ଦିଲ୍ଲୀ ନେଇ ସୋନିଆ ଗାନ୍ଧୀ, ଜେ.ପି. ନଡ୍ଡାଙ୍କୁ ସାକ୍ଷାତ କରାଇଦେବାକୁ କହିବେ। ସେହିପରି ଦିଲ୍ଲୀରୁ କେତେଜଣ ଆସି ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ କହିବା ସହ ଏଥିପାଇଁ ୨,୫୦୦ କୋଟି

ବିଧାୟକ ବାସନାଗୌଡ଼ ପାଟିଲ ୟାତ୍‌ନାଲ

ଟଙ୍କା ଯୋଗାଡ଼ କରିବାକୁ କହିଥିଲେ ବୋଲି ବିଧାୟକ ୟାତ୍‌ନାଲ କହିଛନ୍ତି। ତେବେ ୨,୫୦୦ କୋଟି ଟଙ୍କା କେତେ ହେବ ଓ ତାହାକୁ କେଉଁ ରୁମ୍ କିମ୍ବା ଗୋଦାମରେ ରଖିବାକୁ ହେବ, ତାହା ହୁଏତ ସେମାନଙ୍କୁ ଜଣା ନ ଥିବ ବୋଲି ବିଧାୟକ କହିଥିଲେ। ସେହି ଲୋକମାନେ ତାଙ୍କୁ ଦଳ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବାସଭବନକୁ ନେଇଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ଉପରେ ଜାତୀୟ ସ୍ତରରେ ଆଲୋଚନା କରାଯିବା ସହ ତଦନ୍ତ ଲାଗି ରାଜ୍ୟ କଂଗ୍ରେସ ସଭାପତି ଡି.କେ. ଶିବକୁମାର ଦାବି କରିଛନ୍ତି। କର୍ନାଟକରେ ପୋଲିସ ଏସ୍‌ଆଇ ଏବଂ ସହକାରୀ ପ୍ରଫେସର ପଦବୀ ନିମନ୍ତେ ଭାଜପା ସରକାର ଦାମ୍ ଫିକ୍ସ କରୁଛି। ଭାଜପା ବିଧାୟକ ୟାତ୍‌ନାଲଙ୍କୁ ନିକଟ ଭବିଷ୍ୟତରେ ଭଲ ପଦବୀ ମିଳିବା ଆଶା କରାଯାଉଛି। ତାଙ୍କ ମନ୍ତବ୍ୟକୁ ଗୁରୁତର ସହ ନିଆଯିବା ଆବଶ୍ୟକ ବୋଲି ଶିବକୁମାର କହିଛନ୍ତି। ଅଭିଯୋଗ ଅତ୍ୟନ୍ତ ଗମ୍ଭୀର ହୋଇଥିବାରୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଉ ବୋଲି ବିରୋଧୀ ଦଳ ନେତା ସିଦ୍ଧରମୈୟା ଶନିବାର ଦାବି କରିଛନ୍ତି।

ବ୍ରଜରାଜନଗର ଉପନିର୍ବାଚନ ପରିଚାଳନା ବୈଠକ

ଝାରସୁଗୁଡ଼ା ଅଫିସ,୭।୫: ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପରିଚାଳନା ନେଇ ଏକ ବୈଠକ ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସରୋଜ କୁମାର ସାମଲ ନିର୍ବାଚନ ପାଇଁ ଗଠିତ ବିଭିନ୍ନ ସ୍ଟାଡ୍‌ର ପଦାଧିକାରୀଙ୍କୁ ସତର୍କତା ପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଭୋଟରମାନଙ୍କୁ ପ୍ରଲୋଭିତ କରିବା ପାଇଁ ଟଙ୍କା, ମଦ ବିତରଣ, ଡ୍ରଗ୍ସ ନେବାଆଣିବା ଉପରେ ନଜର ରଖିବା ଓ ଆବଶ୍ୟକ ସ୍ଥଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହାର ଭିଡିଓ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ନିର୍ବାଚନ ପ୍ରକ୍ରିୟାରେ ବାଧା ଉପୁଜାଇବା ଓ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କିତ ଅଭିଯୋଗ ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ଟିମଗୁଡ଼ିକ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଏସ୍‌ପି ରାହୁଲ ଜୈନ ଆବଶ୍ୟକ ପୋଲିସ ମୁତୟନ ଓ ଦଳଗତ ଭାବରେ କାର୍ଯ୍ୟ କରିବାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଅତିରିକ୍ତ ଏସ୍‌ପି କେ.ସି. ବେହେରା, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ପିସିସିରେ ହେବ ବ୍ୟାପକ ଅଦଳବଦଳ

- ଦିଲ୍ଲୀ ଗଲେ କଂଗ୍ରେସ ବିଧାୟକ, ନେତା
- ଆଜି ଯିବେ ବଳକା ନେତା

ଭୁବନେଶ୍ୱର,୭।୫(ବ୍ୟୁରୋ)

ରାଜ୍ୟ କଂଗ୍ରେସ ସଂଗଠନରେ ବ୍ୟାପକ ପରିବର୍ତ୍ତନ ହେବ। ହାଇକମାଣ୍ଡଙ୍କ ଡାକରା ପାଇ ଶନିବାର କେତେ ଜଣ ବିଧାୟକ ଓ ବରିଷ୍ଠ ନେତା ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ରବିବାର ଅନ୍ୟ ନେତାମାନେ ଦିଲ୍ଲୀ ଯିବେ। ୯ ତାରିଖରେ ଓଡିଶା ନେତାଙ୍କ ସହ ରାଜ୍ୟ କଂଗ୍ରେସ ସଂଗଠନ ଉପରେ ରାହୁଲ ଗାନ୍ଧି ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ। ପିସିସି ସଭାପତି ଓ କଂଗ୍ରେସ ବିଧାୟକ ଦଳ ନେତା ପରିବର୍ତ୍ତନ ହେବା ସମ୍ଭାବନା ରହିଛି।

ରାଜ୍ୟରେ କଂଗ୍ରେସର ସ୍ଥିତି ବେଳକୁ ବେଳ ଖରାପ ହେବାରେ ଲାଗିଛି। ଅନେକ ବରିଷ୍ଠ ନେତା ଦଳ ଛାଡି ଅନ୍ୟ ଦଳକୁ ଚାଲି ଯାଇଥିବା ବେଳେ ସଙ୍ଗଠନ ଦୁର୍ବଳ ହେଉଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ହାଇକମାଣ୍ଡ ଦଳରେ ଅମୂଳବୂଳ ପରିବର୍ତ୍ତନ କରିବା ନେଇ ସଙ୍କେତ ମିଳୁଛି। ଦିଲ୍ଲୀ ଗସ୍ତ ପୂର୍ବରୁ କଂଗ୍ରେସ ବିଧାୟକ ଦଳ ନେତା ପଦରୁ ନରସିଂହ ମିଶ୍ର ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଥିବା ବେଳେ ମୁଖ୍ୟ ସଚେତକ ପଦରୁ ତାରାପ୍ରସାଦ ବାହିନୀପତି ଇସ୍ତଫା ଦେଇଛନ୍ତି। ଆସନ୍ତା ୯ ତାରିଖରେ କ'ଣ କଲେ ଓଡ଼ିଶାରେ କଂଗ୍ରେସ ମଜବୁତ ହେବ, କାହାକୁ ପିସିସି ସଭାପତି କରାଯିବ ସେନେଇ ରାହୁଲ ୱାନ ଟୁ ୱାନ ଆଲୋଚନା କରିବେ। ଅନ୍ୟ ପକ୍ଷରେ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ପିସିସି ସଭାପତି କରିବାକୁ ବିଧାୟକମାନେ ଦାବି କରିଛନ୍ତି। ଏଥିସହ ବିଧାୟକ ଦଳ ନେତା ଓ ମୁଖ୍ୟ ସେଚତକଙ୍କ ସହ ତୃଣମୂଳ ସ୍ତରରୁ ସାଂଗଠନିକ ପରିବର୍ତ୍ତନ ପାଇଁ ବିଧାୟକମାନେ ଆଲୋଚନା ବେଳେ ଦାବି ଉଠାଇବେ।

ପିସିସି ସଭାପତି ପଦବୀ ପାଇଁ କଂଗ୍ରେସର ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଲବି ଜୋରଦାର ହୋଇଛି। ବିଧାୟକଙ୍କ ମଧ୍ୟରୁ ପିସିସି ସଭାପତି ରେସରେ ଆଗରେ ଅଛନ୍ତି ମହମ୍ମଦ ମୋକିମ ଓ ତାରାପ୍ରସାଦ ବାହିନୀପତି। ସେହିପରି ଅନ୍ୟ ନେତାଙ୍କ ମଧ୍ୟରୁ ଶରତ ପଟ୍ଟନାୟକ, ଭକ୍ତ ଦାସ ଓ ଏମପି ସପ୍ତଗିରି ଉଲ୍ଲାକାଙ୍କ ନାଁ ଆଗରେ ଅଛି। ତେବେ ହାଇକମାଣ୍ଡ କାହାକୁ ପିସିସି ମଙ୍ଗ ଧରାଇବେ, ସେନେଇ ଦଳୀୟ ରାଜନୀତି ଉଷ୍ମ ରହିଛି।

'ରାଜ୍ୟର ମାନବ ସମ୍ବଳକୁ ଧ୍ୱଂସ କରିବାକୁ ଚାଲିଛି ଷଡ଼ଯନ୍ତ୍ର'

ରାସ୍ତାକୁ ଓହ୍ଲାଇବ ଛାତ୍ର କଂଗ୍ରେସ

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୪୨,୭୦୪ ରେଗୁଲାର ଓ ୭୮୫ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ନ ଦେବା ଶିକ୍ଷା ବ୍ୟବସ୍ଥାର ଏକ ଦାରୁଣ ଚିତ୍ର। ରାଜ୍ୟର ଭବିଷ୍ୟତ ମାନବ ସମ୍ବଳକୁ ନଷ୍ଟଭ୍ରଷ୍ଟ କରି ରାଜ୍ୟକୁ ଛାରଖାର କରିବା ବିଜୁ ଜନତା ଦଳର ୨୨ ବର୍ଷର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଶନିବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ରଜନୀ ମହାନ୍ତି ଏ ପ୍ରସଙ୍ଗ ଉତ୍‌ଥାପନ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଯଦି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରନ୍ତି ଓ ୪୩,୪୭୯ ପିଲାଙ୍କୁ ଫେରାଇ ଆଣି ପରୀକ୍ଷା ନ କରନ୍ତି ତେବେ ଆଗାମୀ ଦିନରେ ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଅମିୟ ପାଣ୍ଡବ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ ଏହି ଶିକ୍ଷା କେଳେଙ୍କାରୀ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

ଆନ୍ଦୋଳନକୁ ଓହ୍ଲାଇବ ବିଜେଡି

ଦରଦାମ ବୃଦ୍ଧି ପ୍ରତିବାଦ

ଭୁବନେଶ୍ୱର,୭।୫(ବ୍ୟୁରୋ): ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବଢ଼ି ଚାଲିଛି। ପେଟ୍ରୋଲ, ଡିଜେଲ ସାଙ୍ଗକୁ ରନ୍ଧନ ଗ୍ୟାସ ଦର ନିୟନ୍ତ୍ରଣ ବାହାରକୁ ଚାଲି ଗଲାଣି। ଦରବୃଦ୍ଧି ପ୍ରତିବାଦରେ ବିଜୁ ଜନତା ଦଳ ଆନ୍ଦୋଳନକୁ ଓହ୍ଲାଇବ। କେନ୍ଦ୍ର ସରକାର ଦରଦାମ ନିୟନ୍ତ୍ରଣରେ ସମ୍ପୂର୍ଣ୍ଣବିଫଳ ହୋଇଛନ୍ତି। ସାଧାରଣ ଲୋକଙ୍କ ଉପରେ ଦର ବୃଦ୍ଧିର ଚାପ ବଢ଼ି ଚାଲିଛି। ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ୍ୟ ଆକାଶଛୁଆଁ ହେଲାଣି। କେନ୍ଦ୍ର ସରକାରଙ୍କ ଏଭଳି ଅର୍ଥନୀତିକୁ ବିରୋଧ କରି ବିଜେଡି ଆନ୍ଦୋଳନକୁ ଓହ୍ଲାଇବାକୁ ଧମକ ଦେଇଛି। ଗ୍ରୀଷ୍ମ ପ୍ରବାହ କମିବା ପରେ ବିଜେଡି ଦରବୃଦ୍ଧିକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ସେହିପରି କଂଗ୍ରେସ ମଧ୍ୟ ଦରବୃଦ୍ଧିକୁ ନେଇ କେନ୍ଦ୍ର ସରକାର ଉପରେ ବର୍ଷିଛି। କେନ୍ଦ୍ର ସରକାର ଲୋକଙ୍କୁ ଭୁଆଁ ବୁଲେଇବାକୁ ଉଜ୍ଜ୍ୱଳା ଯୋଜନା ନାଁରେ ବେପାର କରୁଛନ୍ତି ବୋଲି କଂଗ୍ରେସ ନେତା ଶରତ ରାଉତ ଅଭିଯୋଗ କରିଛନ୍ତି।

FORM No.13
BEFORE THE DEBTS RECOVERY TRIBUNAL, CUTTACK, ORISSA
C/71, Sector-7, CDA, Cuttack, Odisha
O.A. No. 40/2021

IDBI BANK LTD. .... Applicant
Versus
M/s. SAI SALES AND SERVICE AND OTHERS ....Defendant(s)

To,
1. **M/s. Sai Sales and Service,** At: Rajkanti Complex, Kenduapada, P.O./P.S.: Sundargarh, District: Sundargarh, Odisha, PIN-770001, Represented by its Partner **Mr. Dhruba Narayan Lal.**
2. **Sri Dhruba Narayan Lal (Partner),** At: Luhurapada, Purunabasti, P.O./P.S.: Jharsuguda, Dist.: Jharsuguda, Odisha, PIN-768201.
3. **Sri Rana Sarkar (Partner),** C/o- Bapu Sarkar, At: Luhurapara, Purunabasti, P.O./P.S./Dist.: Jharsuguda, Odisha, PIN-768201.
4. **Smt. Maya Sarkar,** At: Luhurapada, Purunabasti, P.O./P.S./Dist.: Jharsuguda, Odisha, PIN-768201.
5. **Sri Manoj Kumar Behera,** S/o- Late Purushottam Behera, At: Chowleipada, P.O./P.S./Dist.: Jharsuguda, Odisha, PIN-768201.

SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 40/2021** in the court of the Debts of Recovery Tribunal, Cuttack for recovery of **Rs.81,82,671.80** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent,in support of their defence to show cause within **30 days** from the publication or on **10.06.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **27th day of April, 2022.**

Sd/- (M.K. Patnaik)
REGISTRAR

ଦେବଗଡ଼ ବିଧାୟକଙ୍କୁ ସର୍ତ୍ତମୂଳକ ଜାମିନ

ଦେବଗଡ଼, ୭।୫(ଡି.ଏନ୍.ଏ.)

ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ।

ଦେବଗଡ଼ ଜିଲା ତିଲେଇବଣି ବିଡିଓଙ୍କୁ ମାଡ଼ ମାରିବା ଅଭିଯୋଗରେ ଗିରଫ ହୋଇଥିବା ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଶନିବାର ସର୍ତ୍ତମୂଳକ ଜାମିନ ମିଳିଛି। ବିଧାୟକଙ୍କ ଦୁଇ ସହଯୋଗୀଙ୍କୁ ମଧ୍ୟ ସର୍ତ୍ତମୂଳକ ଜାମିନ ଦେଇଛନ୍ତି ଜିଲା ଜଜ୍। ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଜମାରାଶି ଓ ବ୍ୟକ୍ତିଗତ ମୁଚାଲିକାରେ ଜାମିନ ମିଳିଛି। କାହାକୁ ଧମକଚମକ ନ ଦେବା ସହ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବାକୁ କୋର୍ଟ ସର୍ତ୍ତ ରଖିଛନ୍ତି।

ମେ ୧ ତାରିଖ ଶନିବାର ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ଏତଲା ଆଧାରରେ ଦେବଗଡ଼ ପୋଲିସ ବିଧାୟକ ପାଣିଗ୍ରାହୀ ଓ ତାଙ୍କ ଦୁଇ ସହଯୋଗୀ ଅକାଳୁ ଧଳ ଓ କୁମରମଣି ସାହୁଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିଲା। ରବିବାର ଜାମିନ ନାମଞ୍ଜୁର ହେବା ପରେ ବିଧାୟକଙ୍କୁ ୭ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ହେଲେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସେହିଦିନ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।

ପ୍ରତିଶ୍ରୁତି ରଖି ନଳକୂପ ଖୋଲାଇଲେ ବ୍ଲକ ଉପାଧ୍ୟକ୍ଷ

ଗ୍ରାମବାସୀଙ୍କ ସହ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା।

ପାପଡ଼ାହାଣ୍ଡି,୭।୫(ଡି.ଏନ୍.ଏ.): ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ରଖିଲେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ। ଗ୍ରାମର ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଖୋଲାଇଲେ ନଳକୂପ। ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ନିର୍ବାଚନ ପ୍ରଚାର ବେଳେ ତଣ୍ଡାଗୁଡ଼ା ଗ୍ରାମବାସୀଙ୍କର ରହିଥିବା ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଗ୍ରାମରେ ଆବଶ୍ୟକ ଅନୁଯାୟୀ ନଳକୂପ ନ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଉପରସାହି ବାସିନ୍ଦାଙ୍କ ଲାଗି ନଳକୂପ ନିହାତି ଜରୁରୀ ବୋଲି ଗ୍ରାମବାସୀ ସୁଶାନ୍ତଙ୍କୁ ଅବଗତ କରାଇଥିଲେ। ନିର୍ବାଚନରେ ବିଜୟୀ ହେଲେ ନଳକୂପ ଖୋଲାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଜିତିବା ପରେ ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ଅବଗତ କରାଇଥିଲେ। ବିଧାୟକଙ୍କ ସହଯୋଗରେ ଉପାଧ୍ୟକ୍ଷ ତଣ୍ଡାଗୁଡ଼ାରେ ନଳକୂପ ଖୋଲାଇଛନ୍ତି। ତଣ୍ଡାଗୁଡ଼ା ଗ୍ରାମବାସୀ ଉପାଧ୍ୟକ୍ଷ ସୁଶାନ୍ତ ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ODISHA PUBLIC SERVICE COMMISSION, CUTTACK
NOTICE
No. 4345/PSC Dt.07.05.2022
(2PE-12-21/22) (DR-I)

No. D-41: It is for information of all concerned that, pursuant to Advt. No. 09 of 2021-22, 47 (Forty Seven) candidates bearing following PPSAN have been allowed to face the interview to determine their eligibility for recruitment to the post of **Assistant Professor, Teacher Education (Botany)**. The Interview in respect of the following candidates will be held in the Office of the Commission at 19, Dr. P.K. Parija Road, Cuttack - 753001 on 23.05.2022, 24.05.2022 & 25.05.2022 as per the Programme mentioned below.

PROGRAMME OF INTERVIEW

Date	Time of Interview	PPSAN of Candidates
23.05.2022	10.30 A.M.	00089656, 00112181, 00082193, 00091850, 00101552, 00092106, 00096124, 00098053, 00112055, 00081995 **= 10 Candidates**
	02.45 P.M.	00112376, 00048546, 00092834, 00094773, 00093662, 00096758 **= 06 Candidates**
24.05.2022	10.30 A.M.	00112254, 00076900, 00089396, 00094093, 00095523, 00018116, 00092894, 00088518, 00089797, 00099584 **= 10 Candidates**
	02.45 P.M.	00112630, 00089682, 00103439, 00038668, 00094882, 00067353 **= 06 Candidates**
25.05.2022	10.30 A.M.	00112186, 00091302, 00086536, 00112712, 00077021, 00087875, 00083617, 00067611, 00100030, 00103877 **= 10 Candidates**
	02.45 P.M.	00110101, 00086496, 00097459, 00087517, 00112686 **= 05 Candidates**

Note: It Is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.
The candidates are advised to report in the Office of the Commission half an hour before the commencement of interview on the scheduled date & time as mentioned above.
The candidates are further advised to bring three sets of Xerox copies of published research papers as earlier produced during verification.
Note: The candidates are nformed that the pedagogy skill is part of the interivew. They are to come prepaed to present a topic of their choice within 8 to 10 minutes before the Interview board. White baord shall be provided by the comission for the purpose.

OIPR-12002/11/0050/2223 Sd./- Secretary

OFFICE OF THE CHIEF CONSTRUCTION ENGINEER No. O-175
RURAL WORKS CIRCLE, BALASORE
E-mail ID: serw_balasore@yahoo.in; Ph. No.: 06782/260318, Balia, Balasore
"e"-Procurement Notice for Road Work | Identification No. Online Tender-Road N.C.B. No. 329 for 2021-

ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢିବାକୁ ଏବଂ ବିଜୟ ଲାଭକରିବାକୁ। –ଶ୍ରୀମା

ଆମେ ତଳକୁ ଖସୁଛୁ

ଆକାର ପଟେଲ

ଜୁଲାଇ ୨୦୨୦ରେ ୨୯ଟି ପ୍ରମୁଖ ବୈଶ୍ୱିକ ସୂଚକାଙ୍କରେ ଭାରତର ପ୍ରଦର୍ଶନ ଯାଞ୍ଚ କରିବେ ବୋଲି ସରକାର ଘୋଷଣା କରିଥିଲେ। ଭାରତର ର୍ୟାଙ୍କିଙ୍ଗ୍‌ରେ କିଭଳି ଉନ୍ନତି ଅଣାଯାଇପାରିବ ସେଥିପାଇଁ ୪୭ କେନ୍ଦ୍ର ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକୁ ନେଇ ଏକ ବୈଠକ ବି କରାଯାଇଥିଲା। ତେବେ ତା'ପରଠାରୁ କ'ଣ ଘଟିଛି ଆସନ୍ତୁ ଦେଖିବା। ଜାତିସଂଘ ମାନବ ବିକାଶ ସୂଚକାଙ୍କରେ ଆମେ ଗୋଟିଏ ସ୍ଥାନ ତଳକୁ ଖସିଛୁ। ବାଳିକାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟରେ ହାରାହାରି ଆୟ ଏବଂ ବିନିବେଶରେ ହ୍ରାସ ଯୋଗୁ ଏହା ଘଟିଛି। ଜାତିସଂଘ ବିଶ୍ୱ ଖୁସି ରିପୋର୍ଟ ଖୁସିର ମାନକ ନୁହେଁ। ଏହା ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦର, ଆୟୁ ସମ୍ଭାବ୍ୟତା, ସ୍ୱାଧୀନତା ଏବଂ ଭ୍ରଷ୍ଟାଚାର ସମ୍ପର୍କରେ ସମୀକ୍ଷା କରେ। ଏଥିରେ ଭାରତ ୧୯ଟି ସ୍ଥାନ ତଳକୁ ଖସିଛି। ବିଶ୍ୱ କ୍ଷୁଧା ସୂଚକାଙ୍କ ବିଶ୍ୱରେ କ୍ଷୁଧା, ପିଲାମାନଙ୍କର ଷ୍ଟଣ୍ଟିଂ(ବୟସ ଅନୁପାତରେ କମ୍ ଉଚ୍ଚତା) ଏବଂ ଅପପୁଷ୍ଟିର ମୂଲ୍ୟାଙ୍କନ କରେ। ଏଥିରେ ଆମେ ୪୬ଟି ସ୍ଥାନ ଖସି ପାକିସ୍ତାନ, ନେପାଳ ଏବଂ ବାଂଲାଦେଶ ପଛରେ ରହିଛୁ। ଆମେରିକାରେ ବାମପନ୍ଥୀ ସଂସ୍ଥାଗୁଡ଼ିକ ଦ୍ୱାରା ସଞ୍ଚାଳିତ କାଟୋ ହ୍ୟୁମ୍ୟାନ ଫ୍ରିଡମ୍ ଇଣ୍ଡେକ୍ସରେ ଭାରତ ର୍ୟାଙ୍କରେ ୪୪ ସ୍ଥାନ ତଳକୁ ଖସିଛି। ଭାରତରେ ଆଇନର ଶାସନ, ଧାର୍ମିକ ଏବଂ ବ୍ୟବସାୟିକ ସ୍ୱାଧୀନତାରେ ହ୍ରାସ ଯୋଗୁ ଏଭଳି ପରିଣାମ ଆସିଛି। ୱାର୍ଲ୍ଡ ଇକୋନୋମିକ ଫୋରମ୍ ବୈଶ୍ୱିକ ଲିଙ୍ଗଗତ ପ୍ରଭେଦ ସୂଚକାଙ୍କ ପ୍ରକାଶ କରେ। ଏହା ଲିଙ୍ଗଗତ ସମାନତାରେ କ'ଣ ଅଗ୍ରଗତି ହୋଇଛି ତାହା ଅବଲୋକନ କରେ। ତେବେ ଏଥିରେ ଭାରତ ୨୬ ସ୍ଥାନ ତଳକୁ ଆସିଛି। ବିଶ୍ୱ ବ୍ୟାଙ୍କ ଏହାର ଓମେନ, ବିଜ୍‌ନେସ ଆଣ୍ଡ ଲ' ଇଣ୍ଡେକ୍ସ ମାଧ୍ୟମରେ ମହିଳାଙ୍କ ଆର୍ଥିକ ସୁଯୋଗଗୁଡ଼ିକର ପର୍ଯ୍ୟବେକ୍ଷଣ କରେ। ଏଥିରେ ବି ଭାରତ ୧୩ଟି ର୍ୟାଙ୍କ ନିମ୍ନକୁ ଆସିଛି। ସ୍ମାର୍ଟ ସିଟି ସୂଚକାଙ୍କ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ, ସୁରକ୍ଷା, କାର୍ଯ୍ୟକଳାପ ଏବଂ ସୁଯୋଗଗୁଡ଼ିକ ଉପରେ ଅନୁଧ୍ୟାନ କରିଥାଏ। ଏହି ସୂଚକାଙ୍କରେ ଦିଲ୍ଲୀ ୧୮ଟି ସ୍ଥାନ, ବେଙ୍ଗାଲୁରୁ ୧୬, ହାଇଦ୍ରବାଦ ୧୮ ଏବଂ ମୁମ୍ବାଇ ୧୫ଟି ସ୍ଥାନ ତଳକୁ ଖସିଛନ୍ତି। ଆକ୍ସେସ ନାଓ ଟ୍ରାକର୍ ବିଶ୍ୱରେ ଇଣ୍ଟରନେଟ ଶଟ୍‌ଡାଉନ ଉପରେ ଅନୁଧ୍ୟାନ କରିଥାଏ। ଏଥିରେ ବିଶ୍ୱରେ ଆଗୁଆ ଦେଶ ହୋଇଛି ଭାରତ। ୨୦୧୯ରେ ବିଶ୍ୱର ମୋଟ ୨୧୩ ଶଟ୍‌ଡାଉନ ମଧ୍ୟରୁ ୫୬% ଭାରତରେ ହିଁ ଘଟିଥିଲା। ୨୦୨୦ରେ ମୋଟ ବୈଶ୍ୱିକ ଶଟ୍‌ଡାଉନ ୧୫୫ ମଧ୍ୟରୁ ୭୦% ଭାରତରେ ହୋଇଥିଲା।

ବୈଶ୍ୱିକ ଆର୍‌ଟିଆଇ ରେଟିଂରେ ଭାରତ ୪ଟି ର୍ୟାଙ୍କ ତଳକୁ ଖସି ନିଜକୁ ଅପାରଦର୍ଶୀ ସାବ୍ୟସ୍ତ କରିଛି। ଏହା ବ୍ୟତୀତ ଗଣତାନ୍ତ୍ରିକ ଦେଶ ଭାବେ ଭାରତ ତା' ପ୍ରତିଷ୍ଠା ହରାଇଥିବା ୟୁନିଭର୍ସିଟି ଅଫ୍ ଗୁଟେନବର୍ଗର ଭାରିଟିଜ୍ ଅଫ୍ ଡେମୋକ୍ରାସି ଆକଳନ ଦର୍ଶାଇଥିଲା। ଏହା ଭାରତକୁ ଏକ 'ନିର୍ବାଚନୀ ସ୍ୱେଚ୍ଛାଚାର' ଭାବେ ବର୍ଗୀକୃତ କରି ତୁର୍କୀ ଓ ହଙ୍ଗେରି ସହ ସ୍ଥାନିତ କରିଥିଲା। ବାକ୍, ଗଣମାଧ୍ୟମ ଓ ନାଗରିକ ସମାଜ ସ୍ୱାଧୀନତାରେ ପାକିସ୍ତାନ ଭଳି ଭାରତ ଏକଚ୍ଛତ୍ରବାଦୀ ହେବା ସହ ଏହା ନେପାଳ ଓ ବାଂଲାଦେଶ ଠାରୁ ମଧ୍ୟ ଖରାପ ରହିଥିଲା ବୋଲି ପ୍ରକାଶ କରିଥିଲା। ଅନ୍ୟପଟେ ଆମେରିକାର ଫ୍ରିଡମ ହାଉସ୍‌ର ରିପୋର୍ଟ ଅନୁଯାୟୀ ବିଶ୍ୱରେ ସ୍ୱାଧୀନତା କ୍ଷେତ୍ରରେ ଭାରତ 'ସ୍ୱାଧୀନ'ରୁ 'ଆଂଶିକ ସ୍ୱାଧୀନ'ସ୍ତରକୁ ଚାଲିଯାଇଛି। କଶ୍ମୀର 'ଆଂଶିକ ସ୍ୱାଧୀନ'ରୁ 'ସ୍ୱାଧୀନତା ବିହୀନ' ସ୍ଥିତିକୁ ଯାଇଥିବା କହିଛି। ସିଭିକସ୍ ମନିଟର୍‌ର ନ୍ୟାଶନାଲ ସିଭିକ୍ ସ୍ପେଶ୍ ର୍ୟାଙ୍କିଙ୍ଗ ଅନୁଷ୍ଠାନ, ଶାନ୍ତିପୂର୍ଣ୍ଣ ସମାବେଶ ଏବଂ କହିବାର ଅଧିକାର ଉପରେ ପର୍ଯ୍ୟବେକ୍ଷଣ କରିଥାଏ। ଏହା ଅନୁଯାୟୀ ଭାରତ ସ୍ୱାଧୀନତା ଅବରୋଧକ ନୁହେଁ, ବରଂ ଦମନକାରୀ ପାଲଟିଯାଇଛି। ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍‌ର ଡେମୋକ୍ରାସି ସୂଚକାଙ୍କରେ ଭାରତ ୧୯ ଟି ର୍ୟାଙ୍କ ଖସିଛି। ଭାରତ ସେନା ଦକ୍ଷତା ଏବଂ ବିଶ୍ୱକୁ ପ୍ରଭାବିତ କରିବାର କ୍ଷମତା ହରାଇଛି। ଲୋଓ୍ୱି ଇନ୍‌ଷ୍ଟିଚ୍ୟୁଟର ଏସିଆ ପାୱାର ଇଣ୍ଡେକ୍ସରେ ଲଦାଖ ଘଟଣା ପରେ ୨୦୨୦ରେ ଭାରତ ଏହାର 'ପ୍ରମୁଖ ଶକ୍ତି' ମାନ୍ୟତା ହରାଇଛି। ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କର ଭାରତ ୧୦ଟି ସ୍ଥାନ ନିମ୍ନକୁ ଆସିଛି। ଏବେ ବିଶ୍ୱ ବାୟୁ ଗୁଣବତ୍ତା ସୂଚକାଙ୍କରେ ଭାରତ ବିଶ୍ୱର ସବୁଠୁ ପ୍ରଦୂଷିତ ୩୦ଟି ସହର ମଧ୍ୟରେ ଭାରତର ୨୨ଟି ରହିଥିଲା। ୨୦୧୭ ପରେ ଏଥିରେ ୧୧ଟି ସହର ଯୋଡ଼ିହୋଇଛି। ୟେଲେ ପରିବେଶଗତ ପ୍ରଦର୍ଶନ ସୂଚକାଙ୍କ ଜୈବ ଶୃଙ୍ଖଳା ଉପରେ ଅନୁଧ୍ୟାନ କରିଥାଏ। ଏହାର ର୍ୟାଙ୍କିଙ୍ଗ୍‌ରେ ଭାରତ ୧୩ଟି ସ୍ଥାନ ତଳକୁ ଆସି ପାକିସ୍ତାନ, ନେପାଳ ଓ ବାଂଲାଦେଶ ପଛକୁ ଚାଲିଯାଇଛି। ସେହିଭଳି କ୍ଲାଇମେଟ ରିସ୍କ ଇଣ୍ଡେକ୍ସରେ ୧୩ ସ୍ଥାନ ନିମ୍ନଗାମୀ ହୋଇ ପୁନଶ୍ଚ ବାଂଲାଦେଶ ଓ ପାକିସ୍ତାନ ପଛରେ ଅଛି। ଭାରତ ମଧ୍ୟ ଶତତ ବିକାଶ ସୂଚକାଙ୍କରେ ୧୦ଟି ସ୍ଥାନ ତଳକୁ ଆସିଛି।

ଅଗଷ୍ଟ ୨୦୨୦ରେ ବୈଶ୍ୱିକ ତାଲିକାରେ ଭାରତର ର୍ୟାଙ୍କିଙ୍ଗ୍ ବଢ଼ାଇବାକୁ ଭାବମୂର୍ତ୍ତି ସୁଧାରିବା ପାଇଁ ମୋଦି ସରକାର ମିଡିଆ ପ୍ରଚାର ଯୋଜନା କରିଥିବା ଜଣାପଡ଼ିଥିଲା। ଯୋଜନା ମୁତାବକ ବିଭିନ୍ନ ପ୍ରକାର ମିଡିଆ ଓ ମନ୍ତ୍ରଣାଳୟ ଦ୍ୱାରା ଗଠିତ ୱେବ୍‌ସାଇଟକୁ ସାମିଲ କରାଯିବ ବୋଲି କୁହାଯାଇଥିଲା। ଏହି ପ୍ରଚାର ଭାରତ ଏବଂ ବିଶ୍ୱ ଦର୍ଶକଙ୍କ ସମ୍ମୁଖରେ ଭାରତର ଦୃଷ୍ଟିକୋଣକୁ ଦର୍ଶାଇ ଏକ ଭାବମୂର୍ତ୍ତି ଗଢିବା ସହ ବୈଶ୍ୱିକ ସୂଚକାଙ୍କର ମାପଦଣ୍ଡ ଏବଂ ତଥ୍ୟ ଉତ୍ସରେ ଥିବା ସମସ୍ୟାଗୁଡ଼ିକୁ ପ୍ରଚାର କରିବା ଲାଗି କୁହାଯାଇଥିଲା। ହେଲେ ପ୍ରଚାର କେମିତି ଭାରତର ର୍ୟାଙ୍କିଙ୍ଗ୍ ବଢ଼ାଇଲା ସେ ସମ୍ପର୍କରେ କିଛି କୁହାଗଲା ନାହିଁ। ଅଗଷ୍ଟ ୨୦୨୦ ପରେ, ଭାରତର ର୍ୟାଙ୍କିଙ୍ଗ ନିମ୍ନଗାମୀ ହେଉଥିବାରୁ ସୂଚକାଙ୍କଗୁଡ଼ିକୁ ସମର୍ଥନ କରିବେ ନାହିଁ ବୋଲି ସରକାର ନିଷ୍ପତ୍ତି ନେଲେ। ଏହା ପରିବର୍ତ୍ତେ ସରକାର କହିଲେ ଯେ, ସେଗୁଡ଼ିକ ଭୁଲ୍ ଓ ପକ୍ଷପାତପୂର୍ଣ୍ଣ। ଯାହାହେଲେ ବି ସୂଚକାଙ୍କ ପ୍ରକାଶ ପାଇ ଚାଲିବ ଏବଂ ଭାରତ ଏମିତି ତଳକୁ ଖସି ଚାଲୁଥିବ। ସମସ୍ୟା ସୁଧାରିବା ପାଇଁ, ପ୍ରଥମେ ଜଣକୁ ସମସ୍ୟାଟିକୁ ଗ୍ରହଣ କରିବାକୁ ହେବ। ତା'ହେଲେ କ'ଣ ଭୁଲ ରହିଛି ଜଣେ ଭାବିବ ଏବଂ କି ପଦକ୍ଷେପ ନେବାକୁ ହେବ ବିଚାର କରିବ। ଆମେ ଆଜି ଅମୃତକାଳ ପର୍ଯ୍ୟାୟକୁ ଚାଲିଯାଇଥିବାରୁ ଏବେ କିଛି ବି ତ୍ରୁଟି ନାହିଁ ବୋଲି ବିଚାର କରୁଛୁ। ଏଥିପାଇଁ ଏହି ଧାରାରେ ଆମେ ଯେତେ ଯାଏ ପାରିବା ତଳକୁ ଖସିଚାଲୁଥିବା।

Email:aakar.patel@gmail.com

ମାନବ ସେବାରେ ରେଡ୍‌କ୍ରସ

ମୋହନ ଚରଣ ବିଷି

ଯୁଦ୍ଧ ସରିଯାଇଛି। ଯୁଦ୍ଧର ବିଭୀଷିକାକୁ ଦେଖି ମ୍ରିୟମାଣ ହୋଇଛନ୍ତି। ପାରିବାଯାଏ ଆହତ, ମୁମୂର୍ଷୁ ସୈନିକମାନଙ୍କର ସେବା, ଶୁଶ୍ରୁଷା କରିଛନ୍ତି। ଏହି ଯୁଦ୍ଧର ଭୟବହତାକୁ ସେ ବର୍ଣ୍ଣନା କରନ୍ତି ''ମେମୋରି ଅଫ୍ ସଲ୍‌ଫରିନୋ'' ନାମରେ। ଏହି ପୁସ୍ତକ ହିଁ ଏକ ଅନ୍ତର୍ଜାତୀୟ ସେବା ସଂସ୍ଥା ସ୍ଥାପନ ପାଇଁ ସମ୍ଭାବନା ସୃଷ୍ଟି କରିଥିଲା। ଶେଷରେ ସ୍ୱପ୍ନ ସଫଳ ହୋଇଥିଲା। ୧୮୬୩ରେ ଜନ୍ମଲାଭ କଲା ରେଡ୍‌କ୍ରସ। ଏହାର ଜନ୍ମଦାତା ଭାବରେ ସାର୍ ଜନ୍ ହେନେରୀ ଡୁନାଣ୍ଟ ପ୍ରସିଦ୍ଧି ଲାଭ କରନ୍ତି।

ଡୁନାଣ୍ଟଙ୍କ ଜନ୍ମ ୮ମେ' ୧୮୨୮ରେ ସ୍ୱିଜରଲାଣ୍ଡର ଜେନେଭା ସହରରେ । ସେ ହେଉଛନ୍ତି ଜିନ୍ ଜାକ୍ୟୁସ୍ ଡୁନାଣ୍ଟ ଓ ଆଣ୍ଟୋ ଇନେଟି ଡୁନାଣ୍ଟଙ୍କ ପ୍ରଥମ ସନ୍ତାନ। ଡୁନାଣ୍ଟ ଜଣେ ସାମାଜିକ କର୍ମୀ, ମାନବବାଦୀ ତଥା ଜଣେ ବ୍ୟବସାୟୀ ଥିଲେ। ବ୍ୟବସାୟ ଉଦ୍ଦେଶ୍ୟରେ ଯାଇଥିବା ବେଳେ ୨୪ ଜୁନ ୧୮୫୯ରେ ସେ ସଲ୍‌ଫରିନୋ ସହରରେ ପହଞ୍ଚିଥିଲେ। ସେହି ସମୟରେ ଫ୍ରାନ୍ସର ନେପୋଲିୟନ ତୃତୀୟ, ସାରାଦିଆନର ଭିକ୍ଟର ଇମାନୁଏଲ ଦ୍ୱିତୀୟ ଓ ଅଷ୍ଟ୍ରିଆର ଫ୍ରାନ୍‌ଜ ଜୋଶେଫଙ୍କ ମଧ୍ୟରେ ଯୁଦ୍ଧ ହୋଇ ସାରିଥିଲା। ପାଖାପାଖି ୪୦ ହଜାର ସୈନିକ ଓ ସାଧାରଣ ଲୋକ ଯୁଦ୍ଧରେ କ୍ଷତିଗ୍ରସ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅନେକ ମୃତ୍ୟୁବରଣ କରିଥିଲେ, କିଛି ବିକଳାଙ୍ଗ, ଆଉ କିଛି ଆହତ ହୋଇ ଛଟପଟ ହେଉଥିଲେ। ଡୁନାଣ୍ଟ ଏହି ଦୃଶ୍ୟ ଦେଖି ଆହତମାନଙ୍କୁ ଚିକିତ୍ସା କରିବା ପାଇଁ ଲାଗିପଡିଲେ। ଅଷ୍ଟ୍ରିଆର କିଛି ଡାକ୍ତର ମଧ୍ୟ ଡୁନାଣ୍ଟଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେବାରେ ଲାଗିଥିଲେ। ଏହି ଯୁଦ୍ଧର ଭୟାବହତାକୁ ୧୮୬୨ରେ ''ମେମୋରି ଅଫ୍ ସଲ୍‌ଫରିନୋ'' ପୁସ୍ତକ ଆକାରରେ ପ୍ରକାଶ କଲେ। ନିଜ ଉଦ୍ୟମରେ ଏହି ପୁସ୍ତକର ୧୬୦୦ କପି କରିଥିଲେ। ଉକ୍ତ ପୁସ୍ତକ ଦ୍ୱାରା ପ୍ରଭାବିତ ହୋଇ ଅନେକ ରାଷ୍ଟ୍ରନାୟକ ଏକ ପକ୍ଷପାତିତା ବିହୀନ ସଂଘ ଗଠନ କରିବା ପାଇଁ ମନ ବଳାଇଥିଲେ। ସେବା ଉଦ୍ଦେଶ୍ୟରେ ଏକ ଆନ୍ତର୍ଜାତିକ ସଂସ୍ଥା ଗଠନ ପାଇଁ ପ୍ରଥମ ବୈଠକ ୧୭.୦୩.୧୮୬୩ରେ ବସିଥିଲା। ଏଥିରେ ଡୁନାଣ୍ଟଙ୍କ ସମେତ ଥିଲେ ମେୟନିର, ଆର୍ମି ଜେନେରାଲ ଡୁଫୋଇ, ଡାକ୍ତର ଲୁଇସ୍ ଏପି, ଥିଓଡର ମଉରିଅର। ଉକ୍ତ ବୈଠକ ପରେ ଏକ ଅନ୍ତର୍ଜାତୀୟ ସଂସ୍ଥା ଗଠନ ପାଇଁ ସୁଗମ ହୋଇଥିଲା। ୯ ଫେବୃୟାରୀ ୧୮୬୩ରେ ସୃଷ୍ଟି ହେଲା ଅନ୍ତର୍ଜାତୀୟ ସଂସ୍ଥା ରେଡ୍‌କ୍ରସ। ୧୮୬୪ରେ ଜେନେଭା କନ୍‌ଭେନ୍‌ଶନରେ ବିଭିନ୍ନ ନିୟମ ପ୍ରଣୟନ କରାଗଲା। ଯୁଦ୍ଧରେ ଆହତ ସୈନିକମାନଙ୍କୁ ଜାତି, ବର୍ଣ୍ଣ, ଧର୍ମ ଓ ଦେଶ ନିର୍ବିଶେଷରେ ସେବା ପ୍ରଦାନ କରିବା। ଏହିପରି ବିଶ୍ୱରେ ଭ୍ରାତୃଭାବ ଓ ସେବା ସହଯୋଗ ପାଇଁ ସଭ୍ୟ ରାଷ୍ଟ୍ର ଏହିସବୁ ନିୟମରେ ହସ୍ତାକ୍ଷର କରିବ। ପରବର୍ତ୍ତୀ ସମୟରେ ଏହିସବୁ ନିୟମକୁ ଆହୁରି ସାର୍ବଜନୀନ କରାଯାଇ ନୂଆ ନିୟମ ସଂଯୋଗ ହୋଇଛି। ରେଡ୍‌କ୍ରସର ଏକ ପତାକା ରହିଲା। ବିଭିନ୍ନ ଚିହ୍ନ ରେଡ୍‌କ୍ରସ ପତାକାରେ ବ୍ୟବହାର ହେଇ ଶେଷରେ ରେଡ୍‌କ୍ରସ, ରେଡ୍ କ୍ରିସାଣ୍ଟ ଓ ରେଡ୍ କ୍ରିଜାଣ୍ଟ ହିଁ ସ୍ଥାନ ପାଇଲା। ଦେଶ ଭିତ୍ତିରେ ଏହି ଚିହ୍ନ ବ୍ୟବହାର ହେଲା। ଚିହ୍ନର ରଙ୍ଗ ସବୁ ଲାଲ ରହିଲା।

ଡୁନାଣ୍ଟ ଓ ତାଙ୍କ ସାଥୀମାନଙ୍କ ମାର୍ଗଦର୍ଶନରେ ଅନେକ ଦେଶରେ ପ୍ରତିଷ୍ଠା ହୁଏ ରେଡ୍‌କ୍ରସ ସଂସ୍ଥା। ବିଧିବଦ୍ଧ ଭାବେ ୧୯୧୯ରେ ପ୍ରତିଷ୍ଠା ହେଲା ଅନ୍ତର୍ଜାତୀୟ ରେଡ୍‌କ୍ରସ ସଂସ୍ଥା, ଯାହାର ସଦସ୍ୟ ୧୯୦ ଦେଶ ଅଛନ୍ତି। ଏହି ଅନ୍ତର୍ଜାତୀୟ ସଂସ୍ଥାରେ ପାଖାପାଖି ୯୭ ମିଲିୟନ ସ୍ୱେଚ୍ଛାସେବୀ କାମ କରନ୍ତି। ସମ୍ପୃକ୍ତ ସ୍ୱେଚ୍ଛାସେବୀମାନେ ୧୬୦ ମିଲିୟନ ଲୋକଙ୍କୁ ସହଯୋଗ କରିଥା'ନ୍ତି। ରେଡ୍‌କ୍ରସର ୭ଟି ନିୟମ ବା ସଂକଳ୍ପ ରହିଛି ଯଥା– ମାନବିକତା, ନିଷ୍ପକ୍ଷତା, ନିରପେକ୍ଷତା, ସ୍ୱାଧୀନତା, ସ୍ୱଇଚ୍ଛା ସେବା, ଏକତା ଓ ବିଶ୍ୱଭ୍ରାତୃତ୍ୱ। ରେଡ୍‌କ୍ରସର ଜଣେ ସ୍ୱେଚ୍ଛାସେବୀ ଏହି ୭ଟି ଅଳଙ୍କାରରେ ଭୂଷିତ ହୋଇଥାଏ ଏବଂ ତା'ର କାର୍ଯ୍ୟ ମଧ୍ୟ ତଦନୁରୂପ ହୋଇଥାଏ। ତେବେ ତ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହେଉଥିଲେ ମଧ୍ୟ ଉଭୟ ପକ୍ଷର ଗୁଳି ରେଡ୍‌କ୍ରସ ସ୍ୱେଚ୍ଛାସେବୀକୁ ବାଜେ ନାହିଁ। କେବଳ ରେଡ୍‌କ୍ରସ ଚିହ୍ନିତ ହୋଇ ସେବା କରୁଥିବା ଆବଶ୍ୟକ। ରେଡ୍‌କ୍ରସ ପ୍ରତିଷ୍ଠା କରି ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିଗତ ଭାବରେ ଡୁନାଣ୍ଟ ୧୯୦୧ରେ ସମ୍ମାନଜନକ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ରେଡ୍‌କ୍ରସ ସଂସ୍ଥା ୧୯୧୭, ୧୯୪୪, ୧୯୬୩ରେ ନୋବେଲ ଶାନ୍ତି ପୁରସ୍କାର ପାଇସାରିଛି ଏବଂ ରେଡ୍‌କ୍ରସ ଘୋଷଣା କରିଛି ପରବର୍ତ୍ତୀ ସମୟରେ ନୋବେଲ ପୁରସ୍କାର ଆଉ ଗ୍ରହଣ କରିବ ନାହିଁ। ୧୯୪୮ରେ ପ୍ରଥମ କରି ବିଶ୍ୱ ରେଡ୍‌କ୍ରସ ଦିବସ ପାଳନ କରାଯାଇଥିଲା। ଏହାର ପରବର୍ତ୍ତୀ ସମୟରେ ଆନ୍ତର୍ଜାତିକ ରେଡ୍‌କ୍ରସ ସଂସ୍ଥା ଓ ରେଡ୍ କ୍ରିସାଣ୍ଟ ୧୯୮୪ ରେ ଘୋଷଣା ହୋଇ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ସେବା କାର୍ଯ୍ୟକ୍ରମ ସଫଳତା ସହ ଜାରି ରହିଛି। ସାର୍ ହେନେରୀ ଡୁନାଣ୍ଟଙ୍କ ଜନ୍ମ ତାରିଖରେ ପ୍ରତିବର୍ଷ ବିଶ୍ୱ ରେଡ୍‌କ୍ରସ ଦିବସ ପାଳନ ହୋଇ ଆସୁଅଛି।



ବିଶ୍ୱ ରେଡ୍‌କ୍ରସ ଦିବସ ଉପଲକ୍ଷେ

୧୯୧୦ରେ କ୍ଲାଉଡ ହିଲ୍‌ଙ୍କ ଉଦ୍ୟମରେ ଭାରତରେ ରେଡ୍‌କ୍ରସ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ଭାରତରେ ୩୫ଟି ଶାଖା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ରହିଛି। ଭାରତରେ ବିଭିନ୍ନ ଜିଲା ଓ ସବ୍‌ଡିଭିଜନରେ ୭୦୦ଟି ଶାଖା ରହିଛି। ଦେଶରେ ଭାରତର ରାଷ୍ଟ୍ରପତି ରେଡ୍‌କ୍ରସର ସଭାପତି ଥିଲା ବେଳେ ରାଜ୍ୟଗୁଡ଼ିକରେ ରାଜ୍ୟପାଳ ରେଡ୍‌କ୍ରସର ମୁଖ୍ୟ ଭାବରେ କାର୍ଯ୍ୟ କରିଥା'ନ୍ତି। ଯୁବ ରେଡ୍‌କ୍ରସ ଓ ଜୁନିୟର ରେଡ୍‌କ୍ରସ ପରି ଶାଖାମାନଙ୍କରେ ହଜାର ହଜାର ସ୍ୱେଚ୍ଛାସେବୀ ସୃଷ୍ଟି ହୋଇ ସେବା ସହଯୋଗ ଚାଲୁ ରଖିଛନ୍ତି। ରେଡ୍‌କ୍ରସ କେବଳ ଚିକିତ୍ସା ସେବା କି ରକ୍ତଦାନରେ ସୀମିତ ନାହିଁ। ଦେଶରେ ଭୂମିକମ୍ପ, ବନ୍ୟା, ବାତ୍ୟା, ନିଆଁପୋଡି, ବିଭିନ୍ନ ମହାମାରୀ ସମୟରେ ଆଗକୁ ଆସି ସଚେତନ ଓ ସହଯୋଗ କରୁଛି। କୋଭିଡ୍ ମହାମାରୀରେ ସାରା ପୃଥିବୀରେ ସେବା ଯୋଗାଇ ଆସୁଛି ରେଡ୍‌କ୍ରସ। ଓଡ଼ିଶାରେ ରାଜ୍ୟ ରେଡ୍‌କ୍ରସ ଶାଖା ତରଫରୁ ନିୟମିତ କୋଭିଡ୍ ସଚେତନତା ଓ ସେବା ସହଯୋଗ ଚାଲୁ ରହିଛି। ରେଡ୍‌କ୍ରସ ବର୍ତ୍ତମାନ ପରିସ୍ଥିତିରେ ହଜି ଯାଇଥିବା ଲୋକମାନଙ୍କ ଥଇଥାନ ପାଇଁ ମଧ୍ୟ କାର୍ଯ୍ୟ କରୁଅଛି। ରେଡ୍‌କ୍ରସ ଓଡ଼ିଶା ରାଜ୍ୟ ଶାଖାର ଭୂମିକା ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରେଡ୍‌କ୍ରସ ମାନବର ସେବା ପାଇଁ ଉତ୍ସର୍ଗୀକୃତ। ଆନ୍ତର୍ଜାତିକ ରେଡ୍‌କ୍ରସ ସଂଗଠନ ମାନବବାଦର ଜୟଗାନ କରିଥାଏ। ଏହାର ମୁଖ୍ୟ କାର୍ଯ୍ୟାଳୟ ସ୍ୱିଜରଲାଣ୍ଡର ଜେନେଭା ସହରରେ ଅବସ୍ଥିତ। ଏହି ସଙ୍ଗଠନର ଏକ ସମ୍ବିଧାନ ରହିଛି।

ଚଳିତ ବର୍ଷ ରେଡ୍‌କ୍ରସର ବାର୍ତ୍ତା ହେଉଛି– ମାନବ ପ୍ରତି ଦୟା ପ୍ରଦର୍ଶନ କରିବା। ମହାମାରୀ ସମୟରେ ମାନବ ପ୍ରତି ଯଥୋଚିତ ବ୍ୟବହାର ସ୍ନେହ, ସହାନୁଭୂତି, ଦୟାଭାବ ଉଦ୍ରେକ କରିବା। ସାରା ବିଶ୍ୱକୁ ନିଜର ପରିବାର ମନେକରିବା। ପରୋପକାର ପାଇଁ ଚେଷ୍ଟିତ ହେବା। ରେଡ୍‌କ୍ରସ ପରି ଏକ ଅନ୍ତର୍ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀ ହେବା ନିଶ୍ଚିତ ଭାବେ ଗର୍ବ ଓ ଗୌରବର କଥା।

ଗଡରାମାଲ, କୋକସରା, କଳାହାଣ୍ଡି
ମୋ: ୯୭୭୭୪୬୮୮୪୧

ସିଆଇଏ ସିଟିଓ

ପ୍ରଥମ ଥର ପାଇଁ ଜଣେ ଭାରତୀୟ ବଂଶୋଦ୍ଭବ ନନ୍ଦ ମୁଲଚନ୍ଦାନି ଆମେରିକାର ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ)ର ଚିଫ୍ ଟେକ୍ନୋଲୋଜି ଅଫିସର (ସିଟିଓ) ନିଯୁକ୍ତ ହୋଇଛନ୍ତି। ଆମେରିକୀୟ ଗୋଇନ୍ଦାର ଏକ ଉଚ୍ଚ ପଦବୀରେ ମୁଲଚନ୍ଦାନି ଅବସ୍ଥାପିତ ହେବା ସଂକ୍ରାନ୍ତରେ ଘୋଷଣା କରିବା ଅବସରରେ ସିଆଇଏର ନିର୍ଦ୍ଦେଶକ ୱିଲିୟମ୍ ଯୋଶେଫ୍ ବର୍ନସ କହିଛନ୍ତି, ତାଙ୍କ ଅଭିଜ୍ଞତା ସଂସ୍ଥାକୁ ଆଗକୁ ନେବାରେ ଯଥେଷ୍ଟ ସହାୟକ ହେବ।

ମୁଲଚନ୍ଦାନିଙ୍କ ଶିକ୍ଷା ଓ ଅଭିଜ୍ଞତା ବିଷୟରେ ଆଲୋଚନା କରିବା ପୂର୍ବରୁ ସିଆଇଏର ସ୍ୱରୂପ ବିଷୟରେ ଟିକେ ବର୍ଣ୍ଣନା କରିବା ଦରକାର ପଡୁଛି। ସିଆଇଏ ୱେବ୍‌ସାଇଟ୍ ଅନୁଯାୟୀ, ଏହା ଆମେ

ସଂକ୍ଷେପରେ

ମହାନଦୀକୁ ଡେଇଁଲେ ନାବାଳକ

ମୋବାଇଲ, ବାଇକ ପାଇଁ ଆତ୍ମହତ୍ୟା ଉଦ୍ୟମ

ପାରାଦୀପ, ୭।୫(ସ୍ୱ.ପ୍ର.): ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଚଣ୍ଡିଖୋଲ ପାରାଦୀପ ଜାତୀୟ ରାଜପଥ ଭୂତମୁଣ୍ଡାଇ ମହାନଦୀ ପୋଲ ଉପରୁ ଥାନା ଅଞ୍ଚଳର ଜଣେ ନାବାଳକ ଶନିବାର ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସୌଭାଗ୍ୟବଶତଃ ସେଠାରେ ଡଙ୍ଗା ସାହାଯ୍ୟରେ ମାଛ ଧରୁଥିବା ଜଣେ ମତ୍ସ୍ୟଜୀବୀ ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ସମ୍ପୃକ୍ତ ନାବାଳକ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା କରାଯିବା ପରେ ସେ ସୁସ୍ଥ ଥିବା ଜଣାପଡିଛି। ପରିବାର ଲୋକଙ୍କ କହିବାନୁଯାୟୀ, ସମ୍ପୃକ୍ତ ନାବାଳକ ଯୁକ୍ତ ୨ଛାତ୍ର। ବାପା ଚା 'ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। କିଛି ଦିନ ହେବ ପିଲାଟି ଘରେ ଗୋଟିଏ ମୋବାଇଲ ଫୋନ ଓ ବାଇକ କିଣିଦେବାକୁ ଦାବି କରି ଆସୁଥିଲେ। ମାତ୍ର ବାପା ତାଙ୍କ କଥାକୁ ଟାଳି ଦେଉଥିଲେ। ଶନିବାର ସକାଳୁ ଏହି ଘଟଣାକୁ ନେଇ ସମ୍ପୃକ୍ତ ନାବାଳକ ବିରକ୍ତ ହୋଇ ଘରୁ ପଳାଇଯାଇ ଏପରି ଉଦ୍ୟମ କରିଥିଲେ।

ଅଣଖିଆ ବଜାରରେ ମହିମା ଅଲେଖ ଧୁନି

ବିରଡ଼ି,୭।୫ (ଡି.ଏନ୍.ଏ.): ବିରିଡି ବ୍ଲକ ଅନ୍ତର୍ଗତ ଅଣଖିଆ ବଜାରସ୍ଥିତ ମହିମା ଷ୍ଟୋର ନିକଟରେ ଶୁକ୍ରବାର ମହିମା ଅଲେଖ ଧୁନି ଅନୁଷ୍ଠିତ ହୋଇଯାଇଛି। ସର୍ବେଶ୍ୱର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମ ଅବଧୂତ ସନ୍ନ୍ୟାସୀ ବାବା, ବ୍ରହ୍ମ ଅବଧୂତ ଅରୂପ ବାବା, ସାଧୁ କୃଷ୍ଣ ଦାସ, ସାଧୁ ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ରହି ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ସହ ଧୁନିରେ ଘୃତ ଆହୁତି ଦେଇଥିଲେ । ଏହି ପରିପ୍ରେକ୍ଷୀରେ ରାତ୍ରସାରା ଭୀମଭୋଇଙ୍କ ଖଞ୍ଜଣି ଭଜନ ପରିବେଷଣ କରାଯାଇଥିଲା । ବହୁ ସାଧୁସନ୍ଥ ଓ ଭକ୍ତ ଯୋଗଦେଇ ଥିଲେ ।

ତହସିଲ କାର୍ଯ୍ୟାଳୟରେ ଚାଷୀଙ୍କ ଧାରଣା ଚେତାବନୀ

ରଘୁନାଥପୁର,୭।୫(ଡି.ଏନ୍.ଏ.): ଗତ ଖରିଫ ଋତୁରେ ଅଦିନିଆ ଲଗାଣ ବର୍ଷାରେ ଜଗତସିଂହପୁର ଜିଲାରେ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଜିଲାର ସମସ୍ତ ବ୍ଲକରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିସାରିଥିବା ବେଳେ ରଘୁନାଥପୁର ବ୍ଲକରେ ଅଦ୍ୟାବଧି ବହୁ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଇନାହିଁ। ସାତଦିନ ଭିତରେ ଏନେଇ ପଦକ୍ଷେପ ନିଆ ନ ଗଲେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଜିଲା କୃଷକ ସଙ୍ଗଠନ ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା ଓ ସମ୍ପାଦକ ଇଂ. ବାବାଜି ଚରଣ ଜେନା ଚେତାବନୀ ଦେଇଛନ୍ତି। କ୍ଷତିପୂରଣ ପାଇଁ ସଙ୍ଗଠନ ପକ୍ଷରୁ ବାରମ୍ବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ପ୍ରସଙ୍ଗରେ ଜିଲାପାଳ ଓ ତହସିଲଦାରଙ୍କୁ ଲିଖିତଭାବେ ଅବଗତ କରାଯାଇଛି ବୋଲି ସମ୍ପାଦକ ଜେନା କହିଛନ୍ତି। ତହସିଲଦାର ରୂପାଲିକା ଦାଶ କହିଛନ୍ତି, କିଛି ଟେକ୍‌ନିକାଲ ସମସ୍ୟା ଓ କେତେଜଣ ଚାଷୀଙ୍କ ଆକାଉଣ୍ଟ ନମ୍ବର ଭୁଲ୍ ଥିବା ଯୋଗୁ ଏଥିରେ ବିଳମ୍ବ ହୋଇଛି। ଚଳିତ ମାସ ଶେଷ ସୁଦ୍ଧା ସମସ୍ତଙ୍କୁ କ୍ଷତିପୂରଣ ଅର୍ଥ ଦିଆଯିବ।

ନାବାଳିକାଙ୍କୁ ନିର୍ଯାତନା ଦେଇ ଯୁବକ ଗିରଫ

ଧର୍ମଶାଳା,୭।୫(ଡି.ଏନ.ଏ.): ଧର୍ମଶାଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ନିଳଗିରି ଥାନା ଅଞ୍ଚଳର ତପନ ସିଂ। ତପନ ଧର୍ମଶାଳା ଥାନା ଅଧୀନ ପାଖର ଗ୍ରାମସ୍ଥିତ ତାଙ୍କ ବନ୍ଧୁ ଘରେ ରହୁଥିଲେ। ଏହି ସମୟରେ ନାବାଳିକାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ସେ ନାବାଳିକାଙ୍କୁ ଅପହରଣ କରିନେଇ ନୀଳଗିରି ପଳାଇଥିଲେ। ସେଠାରେ ସେ ତାଙ୍କୁ ବିବାହ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେ ନାବାଳିକାଙ୍କୁ ମାରପିଟ କରି ଫେରାର ହୋଇ ଯାଇଥିଲେ। ଏନେଇ ନାବାଳିକା ପ୍ରଥମେ ନୀଳଗିରି ଓ ପରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ।

ଟ୍ରକ୍ ଟର୍ମିନାଲ କରା ନ ଯାଇ ପାର୍କିଂ ହଟାଇବାକୁ ନିଷ୍ପତ୍ତି

ପାରାଦୀପର ଅଠରବାଙ୍କି ଦୋଛକି ରାସ୍ତାର ଟ୍ରାଫିକ ବ୍ୟବସ୍ଥା ପାଇଁ ସମୀକ୍ଷା

- ଭାରିଯାନ ରହିବା ନେଇ ବଢ଼ିଲା ଚିନ୍ତା
- ଜିଲା ପ୍ରଶାସନର ରୁଦ୍ଧଦ୍ୱାର ବୈଠକ
- ପୋଲିସ, ଆର୍‌ଟିଓ, ଏମ୍‌ଭିଆଇ, ମ୍ୟୁନିସିପାଲ୍‌ଟି ଯାଞ୍ଚ କରିବେ

ପାରାଦୀପ,୭।୫(ସ୍ୱ.ପ୍ର.)

ପାରାଦୀପର ବହୁ ଚର୍ଚ୍ଚିତ ଅଠରବାଙ୍କି ଦୋଛକି ରାସ୍ତାର ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଶନିବାର ଜିଲା ପ୍ରଶାସନ ପକ୍ଷରୁ ପୌର ପରିଷଦ ସମ୍ମିଳନୀ କକ୍ଷରେ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପୋଲିସ, ପାରାଦୀପ ପୌର ପରିଷଦ, ପାରାଦୀପ ବନ୍ଦର, ପିପିଏଲ୍, ଇଫ୍‌କୋ, ତୈଳ ବିଶୋଧନାଗାର, ଏଏମ୍‌ଏନ୍‌ଏସ୍ ସମେତ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ। ମାତ୍ର ଗଣମାଧ୍ୟମର ପ୍ରତିନିଧିଙ୍କୁ ବାରଣ କରାଯାଇଥିଲା। ଜିଲାପାଳ ପାରୁଲ ପଟ୍‌ଓ୍ୱାରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଆଲୋଚନା ହୋଇଥିଲା। ବୈଠକ ପରେ ଜିଲାପାଳ ତାଙ୍କ ସଂକ୍ଷିପ୍ତ ଉତ୍ତରରେ କହିଥିଲେ, ଅଠରବାଙ୍କି ଦୋଛକି ୪.୫ କି.ମି. ରାସ୍ତାରେ ଏବେ ପୋଲିସ, ଆର୍‌ଟିଓ, ଏମ୍‌ଭିଆଇ ଓ ପୌରପାଳିକା ପକ୍ଷରୁ ନିୟମିତ ଯାଞ୍ଚ ହେବ। କୌଣସି ଭାରିଯାନ ପାର୍କିଂ ହୋଇପାରିବ ନାହିଁ। ସ୍ପିଡ୍‌ମିଟର ଲଗାଯିବ। ରାସ୍ତାରେ ପଡୁଥିବା ଧୂଳି ଆସ୍ତରଣ ନିୟମିତ ସଫେଇ କରାଯିବ। ଏଥିପାଇଁ ରୋଡ ସ୍ୱିପ ମେଶିନ ମୁତୟନ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଉକ୍ତ ରାସ୍ତାରେ ପ୍ରତିଦିନ ୧୦ ହଜାରରୁ ଅଧିକ ଭାରିଯାନ ପାରାଦୀପ ବନ୍ଦର ଓ ଅନ୍ୟ ଶିଳ୍ପକୁ ଚଳାଚଳ କରୁଛି। ୩ ଥାକିଆ ଏହି ରାସ୍ତାରେ ପ୍ରାୟତଃ ଦୁର୍ଘଟଣା ଘଟୁଛି। ଗତ ମାସକ ମଧ୍ୟରେ ୩ ଜଣଙ୍କ ଜୀବନ ଗଲାଣି ଏବଂ ଅନେକେ ଆହତ ହୋଇଛନ୍ତି। ଏନେଇ ଏପ୍ରିଲ ୧୦ରେ ଜିଲା ପ୍ରଶାସନ ପକ୍ଷରୁ ସମୀକ୍ଷା ବୈଠକ ବସିଥିଲା। ପୁଣି ଶନିବାର ମଧ୍ୟ ଅନ୍ୟ ଏକ ବୈଠକ ହୋଇଛି। ତେବେ ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କାରଣ ପାରାଦୀପକୁ ଯାତାୟାତ କରୁଥିବା ଭାରିଯାନ ପାଇଁ ଏପର୍ଯ୍ୟନ୍ତ ଟ୍ରକ୍ ଟର୍ମିନାଲ ହୋଇପାରିଲା ନାହିଁ। ୨୦୧୬ରେ ଏଭଳି ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ଭୂତମୁଣ୍ଡାଇଠାରେ ବିଶ୍ୱସ୍ତରୀୟ ଟ୍ରକ ଟର୍ମିନାଲ ହେବ। ଏହାକୁ ପାରାଦୀପ ବନ୍ଦର ନିର୍ମାଣ କରିବ। ଏଥିପାଇଁ ୫୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଘୋଷଣା କରାଯାଇଥିଲା। ଉକ୍ତ ଜାଗାକୁ ରାଜ୍ୟ ସରକାର ଯୋଗାଇ ଦେବେ। ଏନେଇ ଦୁଇଟି ସ୍ଥାନରେ ଜାଗା ଚିହ୍ନଟ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପ୍ରସ୍ତାବିତ ଟର୍ମିନାଲ ବିରୋଧରେ ଆନ୍ଦୋଳନ ହୋଇଥିଲା। ଯେଉଁଥିପାଇଁ ଏପର୍ଯ୍ୟନ୍ତ ଟର୍ମିନାଲ ହୋଇପାରିନାହିଁ ବୋଲି ବନ୍ଦର ଆସିଷ୍ଟାଣ୍ଟ ଟ୍ରାଫିକ ମ୍ୟାନେଜର ଶ୍ରୀମନ ମିଶ୍ର କହିଛନ୍ତି। ପୁଣି ଏକ ଜାଗା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏତଦ୍‌ବ୍ୟତୀତ ଆଉ ଏକ ପ୍ରସ୍ତାବ ରହିଛି। ଯଥା ଅଠରବାଙ୍କିରୁ ଦୋଛକି ପର୍ଯ୍ୟନ୍ତ ଆଉ ୪ ଲେନ୍ ରାସ୍ତା କରିବାକୁ ରାଜପଥ କର୍ତ୍ତୃପକ୍ଷଙ୍କୁ ଲେଖାଯାଇଛି। ଏଥିପାଇଁ ପାରାଦୀପ ବନ୍ଦର ୨୭ କୋଟି ଟଙ୍କା ବ୍ୟୟବରାଦ କରିଛି। ରାଜପଥ କର୍ତ୍ତୃପକ୍ଷ ସ୍ୱୀକୃତି ଦେଲେ ରାସ୍ତା ସମ୍ପ୍ରସାରଣ ହେବ ବୋଲି ସେ କହିଛନ୍ତି।

ଏବେ ଅଠରବାଙ୍କିରୁ ଦୋଛକି ପର୍ଯ୍ୟନ୍ତ ରାସ୍ତାରୁ ଭାରିଯାନ ପାର୍କିଂ ହଟାଇଲେ ଟ୍ରକଗୁଡ଼ିକ କେଉଁଠି ରହିବେ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବନ୍ଦର କିମ୍ବା ଶିଳ୍ପ ସଂସ୍ଥାରେ ଗାଡି ପ୍ରବେଶ ପ୍ରସ୍ଥାନ ସମୟସାପେକ୍ଷ। ସେତେବେଳେ ପୋଲିସ କିମ୍ବା ଅନ୍ୟ କୌଣସି ବିଭାଗ ଟ୍ରକ ପାର୍କିଂ ଉପରେ କଟକଣା କଲେ ନୂଆ ବିବାଦ ଉପୁଜିପାରେ। କାରଣ ପୂର୍ବରୁ ଏମିତି ଅନେକଥର ଘଟିଛି। ୨୦୧୮ ରେ ଶାସକ ବିଜେଡି ପକ୍ଷରୁ ଦିନିକିଆ ରାସ୍ତା ଅବରୋଧ କରାଯାଇ ବିରୋଧ କରାଯାଇଥିଲା। ସେବେଠାରୁ ଜିଲା ପ୍ରଶାସନ ଉକ୍ତ ରାସ୍ତାରେ ନୋ ପାର୍କିଂ ଜୋନ୍ ଘୋଷଣା କରିଛନ୍ତି। ରାସ୍ତା ସଫେଇ କରିବା ପାଇଁ ୩ଟି କମ୍ପାନୀକୁ କାମ ବଣ୍ଟାଯାଇଛି। ସେହିନିୟମକୁ ପୁଣି ନୂଆ ରୂପରେ କରିବା ପାଇଁ ଶନିବାର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏ ପ୍ରସଙ୍ଗରେ ଜିଲାପାଳ ପଟ୍‌ଓ୍ୱାରିଙ୍କୁ ପଚାରଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ।

ଡେକୋରେଟରଙ୍କ ଘରୁ ୩୫ ତାର୍ପୋଲିନ୍ ଚୋରି

ତାର୍ପୋଲିନ ସହ ଗିରଫ ଅଭିଯୁକ୍ତମାନେ।

୯ ଗିରଫ, ୨୦ ତାର୍ପୋଲିନ୍ ଜବତ

ଜଗତ୍‌ସିଂହପୁର ଅଫିସ,୭।୫

ଜଗତ୍‌ସିଂହପୁର ଖେରସ ଠାକୁରପାଟଣା ଗ୍ରାମର ଡାଇମଣ୍ଡ ଡେକୋରେଟର ମାଲିକ ଗଣେଶ ସାହୁଙ୍କ ଘରୁ ମେ ୪ ତାରିଖ ରାତିରେ ୩୫ ତାର୍ପୋଲିନ୍ ଚୋରି ହୋଇଯାଇଥିଲା। ଏନେଇ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୨୭୦/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା । ଏହି ମାମଲାରେ ଶନିବାର ପୋଲିସ ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ସ୍ଥାନୀୟ ଖେରସପାଟର କାଳିଆ ଦାସ (୩୦), ଭୀମ ସିଂହ (୩୮) ଓ ଅକ୍ଷୟ ଦାସ (୨୨) ତାର୍ପୋଲିନ୍ ଚୋରି ଅଭିଯୁକ୍ତ ଥିବାବେଳେ ଅନ୍ୟ ୬ ଜଣ କିଣିଥିଲେ । କିଣିଥିବା ବ୍ୟକ୍ତିମାନେ ହେଲେ ସ୍ଥାନୀୟ ଦେଉଳୀ ଗ୍ରାମେଶ୍ୱର ଗ୍ରାମର ଦୀପକ ସ୍ୱାଇଁ (୩୮), ଖେରସପାଟଣାର ପ୍ରକାଶ ମଲ୍ଲିକ (୨୫), ସତ୍ୟଜିତ ଖଟୁଆ (୨୩), ଜଗନ୍ନାଥ ନାୟକ (୩୯), ସିପି ମକୁନ୍ଦପୁରର ଚିତ୍ତରଞ୍ଜନ ଷଡ଼ଙ୍ଗୀ (୫୪) ଓ ସୌମ୍ୟରଞ୍ଜନ ସାହୁ (୨୫)। ଅଭିଯୁକ୍ତଙ୍କ ନିକଟରୁ ୨୦ଟି ତାର୍ପୋଲିନ୍ ଜବତ ହୋଇଛି । ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି । ଏ ସମ୍ପର୍କରେ ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁଙ୍କ ସୂଚନା ଅନୁଯାୟୀ, ଗଣେଶଙ୍କ ଘରୁ ଚୋରି ସମୟରେ ଏକ ୪ ଚକିଆ ଯାନ ବ୍ୟବହାର କରାଯାଇଥିଲା।

ଶନିଦେବଙ୍କ ଜଳାଭିଷେକ ଉତ୍ସବ

ରଘୁନାଥପୁର/କୁଜଙ୍ଗ, ୭।୫ (ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଗୁଆଳିପୁର ପଞ୍ଚାୟତ ପାଟେଣି ଗାଁର ନୂଆପଲାଇସ୍ଥିତ ଶନିଦେବଙ୍କ ପୀଠରେ ପଞ୍ଚମ ବାର୍ଷିକ ଜଳାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗ ଓ ଶନି ସେବକ ମନୋଜ ବାବାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ହୋଇଥିଲା। କୁଳସାହି, ରାଧାନଗର, ବର୍ତ୍ତି, ପୂରଣ, ବାଙ୍କଳ ଓ ଆଖପାଖ ଅଞ୍ଚଳର ପ୍ରାୟ ୫୦୦ ମହିଳା ଓ ପୁରୁଷ କଳସୀରେ ପାଣି ଆଣି ଶନିଦେବଙ୍କୁ ଜଳଲାଗି କରିଥିଲେ। ସେହିପରି କୁଜଙ୍ଗର ମହାନଦୀ କୂଳରେ ଥିବା ଶନିଶ୍ୱରଙ୍କ ମନ୍ଦିରରେ ଦଶମ ବାର୍ଷିକ ଯଜ୍ଞ ଓ ଜଳାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାତି ପ୍ରାୟ ୪ଟାରୁ ହଜାର ହଜାର କାଉଡିଆ ମହାନଦୀରୁ ଜଳ ଆଣି ଗ୍ରହରାଜଙ୍କୁ ଜଳାଭିଷେକ କରିଥିଲେ। ମନ୍ଦିରର ତତ୍ତ୍ୱାବଧାରକ ସୁରେଶ ଚନ୍ଦ୍ର ଦାସ, ସାମାଜିକ କର୍ମୀ ରଜନୀକାନ୍ତ ଦାସ, ଏ.ଏନ୍‌ଡି.ଯାଦବ, ସଂଗ୍ରାମ ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଭିଡ଼ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୁଜଙ୍ଗ ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ପ୍ରାୟ ପଚାଶ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଧାଡିରେ ଆସି ଜଳାଭିଷେକ କରିଥିଲେ।

ରଘୁନାଥପୁର ନୂଆପଲାଇସ୍ଥିତ ପୀଠରେ ମହିଳାମାନେ ଶନିଦେବଙ୍କୁ ଜଳଲାଗି କରୁଛନ୍ତି।

ନାରାୟଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ରଘୁନାଥପୁର, ୭।୫(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ତାରପୁର ଗ୍ରାମର ମହାନଦୀ କୂଳରେ ଅବସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ନାରାୟଣୀଙ୍କ ପୀଠରେ ଅକ୍ଷୟ ତୃତୀୟାଠାରୁ ପାଞ୍ଚ ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ, ଅଷ୍ଟପ୍ରହର ନାମଯଜ୍ଞ ଓ ଅନ୍ନଯଜ୍ଞ ଶନିବାର ଶେଷ ହୋଇଛି। ଏହି ଅବସରରେ ୧୦୮ କଳସ ଯାତ୍ରା, ଯଜ୍ଞରେ ଅଗ୍ନି ସ୍ଥାପନ, ସର୍ବଦେବଦେବୀ ପୂଜା, ରୁଦ୍ରାଭିଷେକ ଓ ଚଣ୍ଡୀପାଠ ଆଦି ଅନୁଷ୍ଠିତ ହୋଇଥିଲା। ଏନେଇ ପ୍ରତ୍ୟେକ ଦିନ ପୀଠରେ ଭଜନ କୀର୍ତ୍ତନ ଚାଲିଥିଲା। ପୂର୍ଣ୍ଣାହୁତି ଅବସରରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନ ସମାରୋହ ଆୟୋଜନ କରାଯାଇଥିଲା। ଏହାକୁ ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ମା' ନାରାୟଣୀ ପରିଚାଳନା କମିଟି ଓ ସ୍ଥାନୀୟ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

ପିପିଏଲ୍ ସଂଯୋଗ ରାସ୍ତାର ମରାମତି ପାଇଁ ସହମତି

୭ କମ୍ପାନୀ ୮.୦୫ କୋଟି ଟଙ୍କା ଦେବେ

ପାରାଦୀପ,୭।୫(ସ୍ୱ.ପ୍ର.)

ପାରାଦୀପ–ଚଣ୍ଡିଖୋଲ ୫୩ ନଂ.ଜାତୀୟ ରାଜପଥ ପିପିଏଲ୍ ଛକଠାରୁ କମ୍ପାନୀ ପର୍ଯ୍ୟନ୍ତ ରାସ୍ତା ୨୦୧୪ ପରଠାରୁ ମରାମତି ହୋଇନାହିଁ। ଫଳରେ ଉକ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇଯାଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଭାରିଯାନ ଚଳାଚଳ କରୁଛି। ଏଥିସହ ବାଲିଝରା, ବାଉରିଆ ପାଳନ୍ଦା, ପିପିଏଲ୍, ରଙ୍ଗିଆଗଡ, ରେଲୱେ ଷ୍ଟେଶନକୁ ବହୁ ଯାତ୍ରୀ ଏହି ବାଟଦେଇ ଯାତାୟାତ କରୁଛନ୍ତି। ଏହାକୁ ମରାମତି ପାଇଁ ଶନିବାର ସହମତି ହୋଇଛି। ରାସ୍ତାକୁ ରାଜ୍ୟ ସରକାରଙ୍କ ଆର ଆଣ୍ଡ ବି ବିଭାଗ ପକ୍ଷରୁ ମରାମତି କରାଯିବ। ଏଥିପାଇଁ ଆବଶ୍ୟକ ୮ କୋଟି ୫ ଲକ୍ଷ ଟଙ୍କା ରାସ୍ତା ଉପରେ ନିର୍ଭରଶୀଳ ୭ କମ୍ପାନୀ ଦେବେ। ବର୍ତ୍ତମାନ ପିପିଏଲ୍ ଓ ଇଫ୍‌କୋ ତାଙ୍କ ଅର୍ଥ ଦେଇ ସାରିଛନ୍ତି। ଅନ୍ୟ କମ୍ପାନୀ ମାସକ ମଧ୍ୟରେ ଟଙ୍କା ଦେବେ। ତା'ପରେ ଉକ୍ତ ରାସ୍ତା ନିର୍ମାଣ ହେବ ବୋଲି ଜିଲାପାଳ ପଟ୍‌ଓ୍ୱାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ରାସ୍ତାକୁ ୧୯୮୨ ରେ ପିପିଏଲ୍ ନିର୍ମାଣ କରିଥିଲା। ସେତେବେଳେ ପିପିଏଲ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ୨୦୧୪ ପର୍ଯ୍ୟନ୍ତ ପିପିଏଲ୍ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ କରୁଥିଲା। ସେହି ରାସ୍ତାରେ ପର୍ଯ୍ୟାୟକ୍ରମେ ଅନ୍ୟ କମ୍ପାନୀ ଗାଡି ଚଳାଚଳ କରୁଥିଲେ। ଏମିତି ଚାଲିଥିବା ବେଳେ ୨୦୧୫ ଜାନୁୟାରୀ ୩୧ରେ ଉକ୍ତ ରାସ୍ତା ରାଜ୍ୟ ସରକାର ଅଧୀନରେ ବୋଲି ସରକାରୀ ଭାବେ ନିଷ୍ପତ୍ତି ହୋଇଥିଲା। ଏହାକୁ ମଲ୍ଟି ମୋଡାଲ କରିଡର ରାସ୍ତା ଘୋଷଣା କରାଗଲା। ଏବେ ଏହି ରାସ୍ତା ଦେଇ ବିପିସିଏଲ୍, ଏଚ୍‌ପିସିଏଲ୍, ଇଣ୍ଡିଆନ ଅଏଲ ଅଧୀନରେ ଥିବା ୪ ଟର୍ମିନାଲକୁ ଯାତାୟାତ କରୁଥିବା ଭାରିଯାନ, ଆଦାନୀ ଓ୍ୱିଲମର କମ୍ପାନୀ ଗାଡି, କଙ୍କର ନିର୍ମାଣକାରୀ ସଂସ୍ଥା ଗାଡି ଏବଂ ପ୍ରସ୍ତାବିତ ଦୁଇଟି କମ୍ପାନୀ ଏସାର ମିନମେଟ ଓ ତ୍ରିବେଣୀ ଆର୍ଥ ମୁଭର୍ସ ଗାଡି ଚଳାଚଳ କରୁଛି। ସେବେଠାରୁ ପିପିଏଲ୍ ଆଉ ରାସ୍ତା ମରାମତି କରୁନାହିଁ। ଦୀର୍ଘଦିନ ପରେ ଉକ୍ତ ରାସ୍ତାର ମରାମତି କାମ ପାଇଁ ସହମତି ପ୍ରକାଶ ପାଇଛି।

୯ରୁ ବିଦ୍ୟୁତ୍ କର୍ମଚାରୀଙ୍କ ଅସହଯୋଗ ଆନ୍ଦୋଳନ

ରାଜ୍ୟ ବିଦ୍ୟୁତ୍ ପରିଷଦ କର୍ମଚାରୀ ସଂଘ ସାଧାରଣ ସମ୍ପାଦକଙ୍କୁ ମାଡ଼ ଘଟଣା

କୁଜଙ୍ଗ,୭।୫(ଡି.ଏନ୍.ଏ.)

ପାରାଦୀପ ଡିଭିଜନ ବିଦ୍ୟୁତ୍ କର୍ମଚାରୀମାନେ ମେ ୯ ତାରିଖରୁ ଅସହଯୋଗ ଆନ୍ଦୋଳନ ଓ ରିଲେ ଅନଶନ କରିବେ ବୋଲି ଶନିବାର ଘୋଷଣା କରିଛନ୍ତି। ରାଜ୍ୟ ବିଦ୍ୟୁତ୍ ପରିଷଦ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଗଗନ ବିହାରୀ ଲେଙ୍କାଙ୍କୁ ମାଡ଼ ମାରିବା ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଏହି ଆନ୍ଦୋଳନ କରାଯିବ ବୋଲି ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ା କହିଛନ୍ତି। ଏନେଇ ପାରାଦୀପ ଡିଭିଜନ ବିଦ୍ୟୁତ୍ ବିଭାଗ ଡେପୁଟି ଜେନେରାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥି

ସଂକ୍ଷେପରେ

ରାଜ୍ୟ ହସ୍ତଶିଳ୍ପ ପକ୍ଷରୁ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ,୭।୫(ସ୍ୱ.ପ୍ର.): ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଇ ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ପୌରପରିଷଦ ୭ନଂ. ୱାର୍ଡ ବଳଦେବନଗର ମହାମହାସଂଘ କକ୍ଷରେ ରାଜ୍ୟ ହସ୍ତଶିଳ୍ପ ସଂସ୍ଥା ପକ୍ଷରୁ ଶିଳ୍ପଗ୍ରାମ ଯୋଜନାରେ ଏକ ଚାନ୍ଦୁଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ବଳଦେବ ମହିଳା ମହାସଂଘ ସଭାନେତ୍ରୀ ସସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡା ଜିଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ଅଜିତ ପ୍ରସାଦ ଭୋଇ ମୁଖ୍ୟଅତିଥି, ଶିକ୍ଷାବିତ କଣ୍ଟୁରୀ ଚରଣ ସ୍ୱାଇଁ, ହସ୍ତଶିଳ୍ପ ବିକାଶ ଅଧିକାରିଣୀ ମୋନାଲିସା ମିଶ୍ର ସମ୍ମାନୀତଅତିଥି ଭାବେ ଯୋଗ ଚାନ୍ଦୁଆ ହସ୍ତଶିଳ୍ପ ତାଲିମ କେନ୍ଦ୍ରର ସାମର୍ଥ୍ୟ ବୃଦ୍ଧି ଓ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନାର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ୱୟଂ ସହାୟିକା ମହାସଂଘର ସଂଯୋଜକ ରବିନ୍ଦ୍ର କୁମାର ବିଶ୍ୱାଳ ପରିଚାଳନା କରିଥିଲେ।

ୱାର୍ଲ୍ଡ ସ୍କିଲ୍ ପ୍ରତିଯୋଗିତାରେ ଭାଗ ନେବେ ଓଡ଼ିଆ ଛାତ୍ର

କଟକ ଅଫିସ,୭।୫: ଚାଇନାର ସାଙ୍ଘାଇରେ ହେବାକୁ ଥିବା ୱାର୍ଲ୍ଡ ସ୍କିଲ୍-୨୦୨୨ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଓଡ଼ିଆ ଯୁବକ ସନ୍ତୋଷ ଓଝା ପ୍ରତିନିଧିତ୍ୱ କରିବେ। ସେ କଟକ ଖପୁରିଆସ୍ଥିତ ଆଇଟିଆଇର୨୦୧୭ ବ୍ୟାଚର ଛାତ୍ର। ଗତ ଜାନୁୟାରୀରେ ଦିଲ୍ଲୀଠାରେ ଆୟୋଜିତ ସ୍କିଲ୍ ଇଣ୍ଡିଆ ଜାତୀୟ ଚାମ୍ପିୟନଶିପ୍‌ରେ ସେ ଭାଗନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ କ୍ୟାବିନେଟ୍ ତିଆରି ସ୍କିଲ୍‌ରେ ଏହି ପ୍ରତିଯୋଗିତାରେ ଭାଗନେଇ ପଦକ ହାସଲ କରିଥିଲେ । ଏହାପରେ ସେ ସାଙ୍ଘାଇ ଯିବା ପାଇଁ ମନୋନୀତ ହୋଇଛନ୍ତି। ସନ୍ତୋଷଙ୍କ ଘର ଯାଜପୁର ଜିଲା ବରୁଆ ଗ୍ରାମରେ। ନୂତନ ଜ୍ଞାନକୌଶଳ ବ୍ୟବହାର କରି ନିଜର ସ୍ୱତନ୍ତ୍ର ପରିଚୟ ଗଠନ କରିବାରେ ଲାଗି ପଡିଆନ୍ତି ସନ୍ତୋଷ । ଏ ସମ୍ପର୍କରେ ଅଧ୍ୟାପକ ଭୋଦେବ ସାହୁ କହିଛନ୍ତି, ୨୦୧୭ ମସିହାରୁ ତାଙ୍କୁ ତାଲିମ ଓ ପ୍ରଶିକ୍ଷଣ ଦେଇ ଆସୁଥିଲୁ । ଏବେ ତାଙ୍କ ସଫଳତା ଦେଖି ମୁଁ ଗର୍ବିତ ମନେକରୁଛି। ତେବେ ସାଙ୍ଘାଇରେ ଆୟୋଜିତ ପ୍ରତିଯୋଗିତାରେ ସନ୍ତୋଷ ସ୍ୱର୍ଣ୍ଣପଦକ ଜିତିଲେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ୧କୋଟି ଟଙ୍କା ମିଳିବ ବୋଲି ସୁବ୍ରତ ବାଗ୍‌ଚୀ ଟୁଇଟ୍ କରି ଜଣାଇଛନ୍ତି।

ହେନ୍ତାଳ ବଣ ରୋକିବ ବିପର୍ଯ୍ୟୟ

କେନ୍ଦ୍ରାପଡ଼ା ଅଫିସ,୭।୫

ପେଣ୍ଡ ନିକଟରେ ଥିବା ହେନ୍ତାଳବଣ ।

- କାଗଜପତ୍ରରେ ଗ୍ରୀନ ମହାନଦୀ ଯୋଜନା
- ବିପଦରେ ନାଶି-୨, ହବାଳିଖଟି, ଏକକୁଳା
- ତଟାଞ୍ଚଳରେ ହେନ୍ତାଳ ବଣ ସୃଷ୍ଟି ଉପରେ ଗୁରୁତ୍ୱ

୨୦୨୧ ମେ ମାସରେ ୟାସ୍ ସମୁଦ୍ରିକ ଝଡ ହୋଇଥିଲା । ସେପ୍ଟେମ୍ବରରେ ଗୁଲାବ ଓ ଡିସେମ୍ବରରେ ଜୱାଦ ସାମୁଦ୍ରିକ ଝଡ଼ କେନ୍ଦ୍ରାପଡା ଜିଲାରେ ପ୍ରଭାବ ପକାଇଥିଲା । ଏହାପୂର୍ବରୁ ଫାଇଲିନ, ହୁଡହୁଡ, ୨୦୧୮ରେ ତିତଲି, ୨୦୧୯ରେ ଫନି, ୨୦୨୦ରେ ଅମ୍ଫାନ ସାମୁଦ୍ରିକ ଝଡ ହୋଇଥିଲେ ମଧ୍ୟ ଜିଲାର ତଟାଞ୍ଚଳରେ ଥିବା ହେନ୍ତାଳବଣ ଏହି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଚୀର ହୋଇ ଛିଡା ହୋଇଛି । ଏପରିକି ୧୯୯୯ ମହାବାତ୍ୟା ସମୟରେ ସମୁଦ୍ରର ଉତ୍ତଳ ଜୁଆରରେ ରାଜ୍ୟର ୧୦ହଜାର ଲୋକଙ୍କ ଜୀବନ ଯାଇଥିବା ବେଳେ ଏହି ପ୍ରାଚୀର ଯୋଗୁ କେନ୍ଦ୍ରାପଡ଼ା ଜିଲାରେ ମାତ୍ର ୩୮୭ଟି ଜୀବନହାନୀ ହୋଇଥିବା ଜିଲା ଜରୁରୀକାଳୀନ ବିଭାଗରୁ ତଥ୍ୟ ମିଳିଛି ।

ଏହି ପରିପ୍ରେକ୍ଷୀରେ ୟାସ୍ ବାତ୍ୟା ପରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସମୁଦ୍ର ତଟାଞ୍ଚଳରେ ୪୦୦ ହେକ୍ଟର ଅଞ୍ଚଳରେ ହେନ୍ତାଳବଣ ସୃଷ୍ଟି ସହ ମୋଟ ୩୫୦୦ ହେକ୍ଟର ସମୁଦ୍ର ଓ ନଦୀ ତଟାଞ୍ଚଳରେ ବନୀକରଣ ହେବ ବୋଲି ଘୋଷଣା ହୋଇଥିଲା । ଏପରି କି ଗ୍ରୀନ ମହାନଦୀ ଯୋଜନାକୁ ଗୁରୁତ୍ୱ ଦିଆଯାଇଥିଲା । ତେବେ ଏହି ଯୋଜନା ଏବେ ବି କାଗଜପତ୍ରରେ ସୀମିତ ହୋଇଛି। ଗୋଟିଏ ପାର୍ଶ୍ୱରେ ସମୁଦ୍ରର ଉତ୍ତଳ ଜୁଆର ଯୋଗୁ ତଟାଞ୍ଚଳର ଦ୍ରୁତ କ୍ଷୟ ହୋଇ ନାଶି-୨, ହବେଳିଖଟି, ଏକକୁଳା ଆଦି ବିପଦ ମଧ୍ୟକୁ ଠେଲି ହୋଇ ଯାଉଛି । ଅନ୍ୟପାର୍ଶ୍ୱରେ ତଟକ୍ଷୟ ରୋକିବା ପାଇଁ ପେଣ୍ଡଠାରେ ନିର୍ମିତ ଜିଓ ସିଣ୍ଟେଟିକ ଟିଉବ ୱାଲ ପ୍ରକଳ୍ପ ଫେଲ ମାରିଛି । ତଟାଞ୍ଚଳ ୧୦ କିଲୋମିଟର ପରିଧିରେ ହେନ୍ତାଳ ବଣ ସୃଷ୍ଟି ହେଲେ ପ୍ରାକୃତିକ ବିପର୍ଯ୍ୟୟ କ୍ଷତିକୁ ଖୁବ୍ କମ୍ କରିହେବ ବୋଲି ମହାକାଳପଡ଼ା ବ୍ଲକ ଜଗତୀଜୋରଠାରେ ଗହୀରମଥା କଇଁଛ ସୁରକ୍ଷା ସମିତି ପକ୍ଷରୁ ଗତ ୧ ତାରିଖରେ ଆୟୋଜିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ ଆଲୋଚନା ଚକ୍ରରେ ଅତିଥିମାନେ ମତ ଦେଇଥିଲେ । ଏଥିରେ ଯୋଗ ଦେଇଥିବା ପରିବେଶବିତ୍ ତଥା କବି ନିରାକାର ଦାସ, ସମ୍ପାଦକ ହେମନ୍ତ କୁମାର ରାଉତ, ପରିବେଶବିତ୍ ଅଶୋକ କୁମାର ସ୍ୱାଇଁ, ପ୍ରଭୁପ୍ରସାଦ ମିଶ୍ର, ଅରୁଣ କୁମାର କାନୁନଗୋ ପ୍ରମୁଖ କହିଥିଲେ, କେନ୍ଦ୍ରାପଡ଼ା ଜିଲାବାସୀ ପ୍ରତ୍ୟେକ ବର୍ଷ ସାମୁଦ୍ରିକ ଝଡ ପରି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଧିବାସୀଙ୍କ ଥଇଥାନ ଓ ମୌଳିକ ସୁବିଧା ଯୋଗାଇ ଦେବାକୁ ଝଡ ସମୟରେ ତତ୍ପର ହେଉଛନ୍ତି। ତେବେ ପ୍ରାକୃତିକ ବିପର୍ଯ୍ୟୟରୁ ବହୁ ପରିମାଣରେ ରକ୍ଷା କରୁଥିବା ହେନ୍ତାଳବଣ ସୃଷ୍ଟି ପାଇଁ ନଜର ଦେଉନାହାନ୍ତି।

ତଟାଞ୍ଚଳରେ ବନ୍ୟା, ବାତ୍ୟା ସହ ସୁନାମୀ ଭୟ ରହିଛି। ଏହି ଭୟରୁ ମୁକ୍ତି ପାଇଁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ହେନ୍ତାଳବଣ ସୃଷ୍ଟି ଓ ବ୍ୟାପକ ବନୀକରଣକୁ ଗୁରୁତ୍ୱ ଦିଆଯାଇଥିଲା। ଇତିମଧ୍ୟରେ ଏହି ଘୋଷଣା ଓ ଯୋଜନା ଜିଲାରେ କାର୍ଯ୍ୟକାରୀ ହେବା ଦେଖାଯାଇ ନାହିଁ। ସେହିପରି ୨୦୧୮ ଜୁଲାଇ ୨୪ ରେ ଗ୍ରୀନ ମହାନଦୀ ମିଶନ ରାଜ୍ୟ ସରକାର ଘୋଷଣା କରିଥିଲେ । ଏହି ମିଶନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରି ମହାନଦୀ, ଇବ୍ ଓ ତେଲ ନଦୀ ତଟାଞ୍ଚଳର ୪୧ ହଜାରରୁ ଅଧିକ ଅଞ୍ଚଳରେ ୫ କୋଟିରୁ ଅଧିକ ଚାରରେ ବନୀକରଣ ହେବ ବୋଲି ଘୋଷଣା ହେଲା । କେନ୍ଦ୍ରାପଡ଼ା ଜିଲାରେ ମହାନଦୀ ପ୍ରବାହିତ ହେଉଥିଲେ ମଧ୍ୟ ଗତ ବର୍ଷକ ମଧ୍ୟରେ ଏନେଇ ସ୍ଥାନ ଚିହ୍ନଟ ହୋଇପାରି ନାହିଁ । ତଟାଞ୍ଚଳରେ ବୃଦ୍ଧି ପାଉଥିବା ଚିଙ୍ଗୁଡି ଘେରି, ଜବରଦଖଲ ଆଦି ହେନ୍ତାଳବଣକୁ ନଷ୍ଟ କରୁଛି । ଦ୍ରୁତ ତଟକ୍ଷୟ ଯୋଗୁ ସାତଭାୟାର ୫ ରାଜସ୍ୱ ଗ୍ରାମ ସମୁଦ୍ରକୁ ଯାଇଥିବା ବେଳେ ଏବେ ଷଷ୍ଠ ଗ୍ରାମ ବରାହୀପୁର ରାଜସ୍ୱ ମାନଚିତ୍ରରୁ ଲୋପ ପାଇବାକୁ ଅପେକ୍ଷା କରିଛି। ଦୁରନ୍ତ ତଟାଞ୍ଚଳର ୧୦ କି.ମି. ପରିଧିରେ ହେନ୍ତାଳବଣ ସୃଷ୍ଟି ପାଇଁ ସେମାନ ମତ ପ୍ରଦାନ କରିଥିଲେ ।

ଏସମ୍ପର୍କରେ ଏଡିଏମ୍ ପିତାମ୍ବର ସାମଲ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ବନୀକରଣକୁ ଗୁରୁତ୍ୱ ଦିଆଯାଇଛି। ବନବିଭାଗଠାରୁ ଆରମ୍ଭ କରି ପଞ୍ଚାୟତରାଜ ବିଭାଗର ଅଧିକାରୀ ଏହି ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି। ସାମୁଦ୍ରିକ ଝଡ଼ ବିପର୍ଯ୍ୟୟ ପରିଚାଳନାରେ ହେନ୍ତାଳବଣର ଗୁରୁତ୍ୱ ଅଧିକ ବୋଲି ଏଡିଏମ୍ ମତ ଦେଇଛନ୍ତି।

ଗୋଟିଏ ରାତିରେ ୨ ସୁନା ଦୋକାନରୁ ଚୋରି

ଆଳି,୭।୫(ଡି.ଏନ୍.ଏ.)

ଶୁକ୍ରବାର ରାତିରେ ଆଳି ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ଦୁଇଟି ସୁନା ଦୋକାନରୁ ଚୋରି ହୋଇଛି । ଆଳି ମେଡିକାଲ ରୋଡ଼ରେ ଥିବା ପାତ୍ର ଜୁଏଲାରୀର ମାଲିକ ଅନ୍ତର୍ଯ୍ୟାମୀ ପାତ୍ର ଓ ଆଖଣ୍ଡଳମଣି ଜୁଏଲାରୀର ମାଲିକ ବିଶ୍ୱନାଥ ସାହୁ ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି । ସେମାନେ ଦର୍ଶାଇଛନ୍ତି, ଶୁକ୍ରବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ଶନିବାର ସକାଳେ ଦୋକାନ ଖୋଲିବାକୁ ଆସି ଦେଖନ୍ତି, ଆଜବେଷ୍ଟସ ଛାତ ତଡା ହୋଇଛି। ଦୁର୍ବୃତ୍ତମାନେ ସେହି ବାଟେ ଦୋକାନ ଭିତରେ ପଶି ଲାଗିଥିବା ସିସି କ୍ୟାମେରା ଭାଙ୍ଗିବା ସହିତ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ଲୁଟି ନେଇଛନ୍ତି । ଆଳି ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି । ରାତ୍ରି ପାଟ୍ରୋଲିଂ ଅଭାବରୁ ଚୋରି ହୋଇଛି ବୋଲି ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଚୋରି ଡକାୟତି ଭଳି ଘଟଣା ନିତିଦିନିଆରେ ପରିଣତ ହେଲାଣି । ଏପରିକି ଥାନା ନିକଟରୁ ଚୋରି କରିବାକୁ ମଧ୍ୟ କେହି ଭୟ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି ।

୩ ବଖରା ଜଳିଗଲା

ରସୁଲପୁର,୭।୫(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ଶୁକ୍ରବାର ଓ ଶନିବାର ୨ଦିନ ଧରି ଅଗ୍ନିକାଣ୍ଡ ଘଟିବାରେ ଲାଗିଛି। ଏଥିରେ ୩ ବଖରା ଘର ଜଳିଯାଇଛି। ଫଳରେ ୨ଟି ପରିବାର ବାସଶୂନ୍ୟ ହୋଇ ପଡ଼ିଛନ୍ତି। ଖବର ପାଇ ରସୁଲପୁର ଦମକଳ କେନ୍ଦ୍ର ବାହିନୀ ପହଞ୍ଚି ନିଆଁ ଲଭାଇଥିଲେ। ତେବେ ନିଆଁ ଲିଭାଇ ଚାଲିଯିବା ପରେ ପୁଣି ନିଆଁ ଲାଗିଯାଇଥିଲା। ଘର ଛପରର ବିଭିନ୍ନ ସ୍ଥାନରୁ ନିଆଁର ଝୁଲ ଦେଖିବାକୁ ମିଳିଥିଲା। ଏହାକୁ ଗାଁ ଲୋକେ ଆୟତ କରିଥିଲେ। ରାତିରେ ନିଆଁ ଲାଗି ନ ଥିଲା। ମାତ୍ର ଶନିବାର ଦିନବେଳା ପୁଣି ଘର ମଥାଣରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ଏହା ଦେଖି ଗାଁ ଲୋକେ ସମ୍ପୂର୍ଣ୍ଣ ଘରକୁ ଓଲାରି ଦେଇଥିଲେ। ପରେ ନରସିଂହପୁର ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟେ ଷଡ଼ଙ୍ଗୀ, ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ବାତ୍ୟା:୪୬ ଗ୍ରାମର ଲୋକେ ଆତଙ୍କିତ

ରାଜନଗର,୭।୫(ଡି.ଏନ.ଏ.)

ବାତ୍ୟା ଆଶ୍ରୟସ୍ଥଳ ଅନୁଧ୍ୟାନ କଲେ ବିଡିଓ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତର ରୂପ ନେଇଛି। ରବିବାର ଏହା ବାତ୍ୟାରେ ପରିଣତ ହେବ। ଏହି ପରିପ୍ରେକ୍ଷୀରେ ବ୍ଲକ ପ୍ରଶାସନ ପକ୍ଷରୁ ସାମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜନଗରବ୍ଲକର ୪୬ ଗାଁ ସମୁଦ୍ର କୂଳରେ ଅବସ୍ଥିତ। ଜୁଆର ଉଠିଲେ ଓ ବାତ୍ୟା ହେଲେ ଉପରୋକ୍ତ ଗାଁରେ ଅଧିକ ପ୍ରଭାବ ପଡିବାର ଆଶଙ୍କା ଥିବାରୁ ସ୍ଥାନୀୟ ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ଅନ୍ୟପକ୍ଷେ ରାଜନଗର ବ୍ଲକରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଗୁଡିକୁ ପ୍ରସ୍ତୁତି ରଖାଯାଇଛି। ଶନିବାର ବିଡିଓ ରବିନ୍ଦ୍ର କୁମାର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁ ରାଜନଗର ବ୍ଲକର ଜୁଣୁପାଙ୍ଗରା, ମହିଁଷାସୁର, ପେଣ୍ଡ, ପ୍ରସନ୍ନପୁର, କୁରୁଣ୍ଡି, ବଳରାମପୁର, ଦେବେନ୍ଦ୍ରନାରାୟଣପୁର, ଓକିଲପାଳ, ବଗପାଟିଆ, ବଳଭଦ୍ରପୁର, ଜୁନୁସନଗର, ଖମାରସାହି, ଡାଙ୍ଗମାଳ, ପଟାପାରିଆ, ଚାଆଁରାକୋଲ୍ଲା, ଭେଲ୍ଲା, ବାଘମାରି, ତାଳଗୁଆ ଆଦି ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିବା ସହ ବାତ୍ୟା ଆଶ୍ରୟ ସ୍ଥଳୀ କେଉଁ ଭଳି ସ୍ଥିତିରେ ଅଛି ସେ ନେଇ ଅନୁଧ୍ୟାନ କରିଛନ୍ତି । ବାତ୍ୟା ଆଶ୍ରୟସ୍ଥଳୀରେ ଜେନେରେଟର, ଆସ୍କାଲାଇଟ ଠିକ୍ ଅଛି ନା ନାହିଁ, ବାତ୍ୟା ଆଶ୍ରୟସ୍ଥଳୀରେ ପାନୀୟଜଳ ଓ ଟଏଲଟ ସୁବିଧା ନିଶ୍ଚିତ କରିବାକୁ ପଞ୍ଚାୟତ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶନିବାର ରାଜନଗର ଅଞ୍ଚଳରେ ପାଗ ଖରାଟିଆ ରହିଛି। ରାଜନଗର ବାତ୍ୟା ପ୍ରବଣ ଅଞ୍ଚଳ ହୋଇଥିବାରୁ ରାଜନଗରବାସୀ ବାତ୍ୟାକୁ ନେଇ ଆତଙ୍କିତ ହୋଇପଡିଛନ୍ତି । ରାଜନଗର ଅଞ୍ଚଳରୁ ସମୁଦ୍ରକୁ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜିବୀମାନେ ଧିରେ ଧିରେ କୂଳକୁ ଫେରି ଆସୁଥିବା ଲକ୍ଷ୍ୟ କରାଯାଉଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍ ଓ ସରପଞ୍ଚମାନଙ୍କୁ ପ୍ରସ୍ତୁତ ରହିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଫେରିଲେ ଶିବ ପ୍ରସାଦ

ଆଳି,୭।୫(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଏକମାଣିଆ ପଞ୍ଚାୟତ ନଳପାହି ଗ୍ରାମର ଶିବ ପ୍ରସାଦ ଗତ କିଛିଦିନ ତଳେ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇ ଥିଲେ । ଏହି ଦୁଃଖରେ ତାଙ୍କ ପରିବାର ଭାଙ୍ଗି ପଡିଥିବା ବେଳେ ଶିବପ୍ରସାଦଙ୍କ ସ୍ତ୍ରୀ ସରସ୍ୱତୀ ଶନିବାର ସନ୍ଧ୍ୟାରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି । ଏହାକୁ ନେଇ ଗ୍ରାମବାସୀ ଖୁସିବ୍ୟକ୍ତ କରିବା ସହ ଯାହାହେଉ ଭଗବାନ ସରସ୍ୱତୀଙ୍କ ଡାକ ଶୁଣିଲେ । ପୁଣି ପରିବାରକୁ ଶିବ ଫେରିଲେ ବୋଲି କହିଛନ୍ତି ।

ସୂଚନାଯୋଗ୍ୟ, ନଳପାହି ଗ୍ରାମର ଶିବ ପ୍ରସାଦ ଓ ସ୍ତ୍ରୀ ସରସ୍ୱତୀଙ୍କ ୩ ଝିଅ ଥିଲେ । ପୁଅ ଆଶାରେ ସରସ୍ୱତୀ ଚତୁର୍ଥ ଥର ପାଇଁ ଗର୍ଭ ଧାରଣ କରିଥିଲେ । କିନ୍ତୁ ଚତୁର୍ଥ ସନ୍ତାନ ଦୁନିଆର ଆଲୋକ ଦେଖିବା ଆଗରୁ ବାପା ଶିବପ୍ରସାଦ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିଲେ। ଶନିବାର କେନ୍ଦ୍ରାପଡ଼ା ମେଡିକାଲରେ ସରସ୍ୱତୀଙ୍କ ପୁତ୍ର ସନ୍ତାନ ଜନ୍ମ କରିବା ପରେ ଖୁସି ଅଛନ୍ତି। ହେଲେ ସ୍ୱାମୀଙ୍କୁ ହରାଇବାର ଦୁଃଖ ତାଙ୍କୁ ଏବେ ବି ବିଚଳିତ କରୁଛି।

ବ୍ରାହ୍ମଣୀ ନଦୀରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ମିଳିଲା

ପଟ୍ଟାମୁଣ୍ଡାଇ,୭।୫(ସ୍ୱ.ପ୍ର.)

ଗୁରୁବାର ପୂର୍ବାହ୍ନ ୧୧ଟାରେ ପତ୍ରପୁର ପୋଲ ନିକଟ ବ୍ରାହ୍ମଣୀ ନଦୀରେ ଗାଧୋଉଥିବାବେଳେ ନଦୀସ୍ରୋତରେ ଭାସିଯାଇ ନିଖୋଜ ଥିବା ଶ୍ରମିକ ରିଙ୍କୁନାଥ ନାୟକ (୪୦)ଙ୍କ ମୃତଦେହକୁ କଅଁରପୁର ଗ୍ରାମ ନିକଟ ବ୍ରାହ୍ମଣୀ ନଦୀରୁ ଉଦ୍ଧାର କରାଯାଇଛି। ରିଙ୍କୁ ନଦୀସ୍ରୋତରେ ଭାସି ନିଖୋଜ ହେବା ପରେ ସ୍ଥାନୀୟ ପୋଲିସ ଓ ଦମକଳବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କ ପତ୍ତା ମିଳିପାରି ନ ଥିଲା । ତେଣୁ ଅନ୍ଧକାରରେ ରିଙ୍କୁଙ୍କୁ ନଦୀଗର୍ଭରେ ଖୋଜାଖୋଜି କରିବା ସମ୍ଭବ ହୋଇ ନ ଥିଲା । ମୃତକଙ୍କ ଘର ମୟୂରଭଞ୍ଜ କରଞ୍ଜିଆ କୋଳିପସି ଥାନା ଅଧୀନ ଟିକାସିଲି ଗ୍ରାମରେ । ରିଙ୍କୁଙ୍କ ମୃତଦେହକୁ ଆଳି ଡାକ୍ତରଖାନାରେ ବ୍ୟବଚ୍ଛେଦ କରିବା ପରେ ମୟୂରଭଞ୍ଜରୁ ଆସିଥିବା ତାଙ୍କ ସ୍ତ୍ରୀ ଜୟମତୀ ନାୟକ ଓ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପାରାଦୀପ ବନ୍ଦର ବୁଲିଲେ ଇଣ୍ଡୋନେସିଆ ରାଷ୍ଟ୍ରଦୂତ

ପାରାଦୀପ,୭।୫(ସ୍ୱ.ପ୍ର.)

ଇଣ୍ଡୋନେସିଆ ରାଷ୍ଟ୍ରଦୂତଙ୍କୁ ବନ୍ଦର ଅଧ୍ୟକ୍ଷ ସ୍ୱାଗତ କରୁଛନ୍ତି।

ଓଡ଼ିଶାକୁ ଦୁଇଦିନିଆ ଗସ୍ତରେ ଆସିଥିବା ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା. ଏଚ୍. କ୍ରିଷ୍ଣମୂର୍ତ୍ତି ଶନିବାର ପାରାଦୀପ ବନ୍ଦର ବୁଲି ଦେଖିଛନ୍ତି। ସେ ପାରାଦୀପରେ ପହଞ୍ଚିବା ପରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ତାଙ୍କୁ ସ୍ୱାଗତ କରିବା ସହ ପୋତାଶ୍ରୟକୁ ନେଇଥିଲେ। ଏହି ଅବସରରେ ହାରାନ୍ଧ କହିଥିଲେ, ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ସହ ଇଣ୍ଡୋନେସିଆର ସମ୍ପର୍କ ଐତିହାସିକ। ଦେଶର ଦ୍ୱିତୀୟ ବୃହତ୍ ବନ୍ଦର ପାରାଦୀପ ସେହି ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିଛି। ୧୯୯୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କାର୍ତ୍ତିକ ପୂର୍ଣ୍ଣିମା ଦିନ ଏକ ବୋଇତରେ ନିବେଦିତା ଆଚାର୍ଯ୍ୟ ନାମ୍ନୀ ଝିଅକୁ ଇଣ୍ଡୋନେସିଆ ପଠାଇଥିଲେ। ସେବେଠାରୁ ପାରାଦୀପ ବନ୍ଦର ଅଫିସିଆଲି ଭାବେ ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବ ପାଳନ କରୁଛି। ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆୟୋଜନ କରାଯାଉଛି। ପୋତାଶ୍ରୟଠାରେ କ୍ରିଷ୍ଣମୂର୍ତ୍ତି ଏକ

ମହୁମାଛି ଆକ୍ରମଣରେ ୭ରୁ ଊର୍ଦ୍ଧ୍ୱ ଆହତ

ଭଣ୍ଡାରିପୋଖରୀ: ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଫିସ୍ ସମ୍ମୁଖ ଶନିମନ୍ଦିରରେ ଶନିବାର ପ୍ରବଳ ଗହଳି ହୋଇଥିଲା । ଶନି ଠାକୁରଙ୍କ ଜନ୍ମଦିନ ଥିବାରୁ ମନ୍ଦିରରେ ଭିଡ଼ ଜମିଥିଲା । ଏହି ସମୟରେ ମହୁମାଛି ଆକ୍ରମଣରେ ୭ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି । ପ୍ରକାଶ ଯେ, ମନ୍ଦିର ନିକଟରେ ଥିବା ଏକ ଶିରିଶି ଗଛରେ ଅନେକ ମହୁମାଛି ଉଡୁଥିବା ଦେଖାଯାଇଥିଲା । କିଛି କ୍ଷଣ ମଧ୍ୟରେ ମହୁମାଛିଗୁଡ଼ିକ ରାସ୍ତା ଓ ମନ୍ଦିର ଆଡ଼କୁ ଉଡ଼ି ଆସିଥିଲେ । ପଥଚାରୀ ଓ ମନ୍ଦିରରେ ଥିବା ଶ୍ରଦ୍ଧାଳୁମାନଙ୍କୁ ଆକ୍ରମଣ କରିଥିଲେ । ଆହତମାନେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି । ମହୁମାଛି ବସାଗୁଡ଼ିକୁ ଭାଙ୍ଗିବା ପାଇଁ ଲୋକେ ବ୍ଲକ ପ୍ରଶାସନକୁ ଜଣାଇଛନ୍ତି ।

ମହାନଦୀ, ବ୍ରାହ୍ମଣୀ ଜଳ ପ୍ରଦୂଷିତ

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୭।୫

- ୧୯ଟି ସ୍ଥାନରୁ ମିଳିଛି ବିଓଡି, ଟିସି
- ଏସ୍‌ପିସିବିର ୨୦୨୧ ପରୀକ୍ଷା ରିପୋର୍ଟ

ରାଜ୍ୟରେ ପ୍ରବାହିତ ମହାନଦୀ ଓ ବ୍ରାହ୍ମଣୀ ନଦୀର ୧୯ଟି ସ୍ଥାନର ଜଳରେ ବିଭିନ୍ନ ବିଷାକ୍ତ ଦ୍ରବ୍ୟ ରହିଥିବାରୁ ତାହା ବ୍ୟବହାର ଅନୁପଯୋଗୀ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ୨୦୨୧ ବର୍ଷ ପାଇଁ ୧୧ଟି ନଦୀର ୧୨୯ଟି ସ୍ଥାନରୁ ହୋଇଥିବା ଜଳନମୁନା ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଛି । ଏହି ମର୍ମରେ ଜଳ ସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ଗତ ଏପ୍ରିଲ ୨୭ରେ ଏସ୍‌ପିସିବିର ସଦସ୍ୟ ସଚିବ ସବିଶେଷ ଜଳନମୁନା ପରୀକ୍ଷା ରିପୋର୍ଟ ପ୍ରଦାନ କରିଛନ୍ତି । ଏହି ରିପୋର୍ଟ ଉପରେ ଜଳ ସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଚନ୍ଦ୍ରଶେଖର ପାଢ଼ୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ସେଚ ସଦନର ଚିଫ୍ ଇଞ୍ଜିନିୟରଙ୍କୁ ଗତ ୬ ତାରିଖରେ ସୂଚନା ଦେଇଛନ୍ତି । ଶିଳ୍ପ କାରଖାନା ଏବଂ ସହରର ବର୍ଜ୍ୟଜଳ ନିଷ୍କାସନରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ରିପୋର୍ଟରୁ ଜଣାପଡିଛି । ତେବେ ଯାଜପୁର ଓ କେନ୍ଦୁଝର ଜିଲାର ଖଣି ସମେତ ଶିଳ୍ପ କାରଖାନାରୁ ନିର୍ଗତ ପାଣି ବ୍ୟବହାର ଉପଯୋଗୀ ବୋଲି ରିପୋର୍ଟରେ ଦର୍ଶାଯାଇଥିବାରୁ ପରୀକ୍ଷାର ସତ୍ୟତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଓଡ଼ିଶାରେ ପ୍ରବାହିତ ବିଭିନ୍ନ ନଦୀକୁ ଲୋକଙ୍କ ଜୀବନରେଖା ଭାବେ ଅଭିହିତ କରାଯାଇଥାଏ । ଏହି କ୍ରମରେ ନଦୀଜଳକୁ ସ୍ୱଚ୍ଛ ରଖିବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହୋଇଛି । ତେଣୁ ଏସ୍‌ପିସିବି ପ୍ରତିବର୍ଷ ନଦୀକୂଳର ବିଭିନ୍ନ ସ୍ଥାନରୁ ଜଳନମୁନା ସଂଗ୍ରହ କରି ପରୀକ୍ଷା ରିପୋର୍ଟ ସରକାରଙ୍କୁ ବିହିତ ପଦକ୍ଷେପ ନେବାକୁ ପ୍ରଦାନ କରିଥାଏ । କିନ୍ତୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପ୍ରତିକାର ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲେ ହେଁ ତାହା ନିର୍ଦ୍ଧାରିତ ସମୟରେ ସମ୍ପନ୍ନ ହେଉ ନ ଥିବାରୁ ଅଞ୍ଚଳବାସୀ ବିଭିନ୍ନ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଥିବା ନଜିର ରହିଛି । ୨୦୨୧ରେ ମହାନଦୀର ୫୫ଟି ସ୍ଥାନରୁ ହୋଇଥିବା ଜଳନମୁନା ପରୀକ୍ଷାରେ ୪୦ଟି ସ୍ଥାନର ଜଳ ସହ୍ୟ କରିବାର ସୀମିତ (ଟଲରେନ୍ସ ଲିମିଟ) ବୋଲି ଦର୍ଶାଯାଇଛି । ତେବେ ଏହି ନଦୀର ୮ଟି ସ୍ଥାନ ଯଥା କଟକ କାଠଯୋଡ଼ି, ସେରୁଆ, ଦୟା ନଦୀ ଭୁବନେଶ୍ୱର, ରାଜଧାନୀ ଇଞ୍ଜିନିୟର କଲେଜ ନିକଟ, ପଳାଶୁଣୀ, ସାମନ୍ତରାପୁର ଓ ଭାଡିମୁଲରୁ ଉଭୟ ବିଓଡି (ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ) ଏବଂ ଟିସି (ଟୋଟାଲ କୋଲିଫର୍ମ) ଭଳି ବିଷାକ୍ତ ଦ୍ରବ୍ୟ ଯେତିକି ରହିବା କଥା ତା'ଠାରୁ ଅଧିକ ମିଳିଛି । ସେହିପରି ଗୋଲସାହି(ମଙ୍ଗଳା) ନିକଟରୁ କେବଳ ବିଓଡି ଅଧିକ ରହିଛି । ଅନ୍ୟପକ୍ଷେ ୬ଟି ସ୍ଥାନ କାଠଯୋଡ଼ି ମତଗଜପୁର, ଦୟା ନଦୀର ଗେଲପୁର ଓ କଣାସ, କୁଶଭଦ୍ରା ନଦୀର ଭିଙ୍ଗାରପୁର, ନିମାପଡ଼ା ଓ ଗୋପ ନିକଟରୁ କେବଳ ଟିସି ରାସାୟନିକ ଦ୍ରବ୍ୟ ଅଧିକ ମିଳିଛି । ମଣିଷ ବ୍ୟବହାର, ଭୁବନେଶ୍ୱର ଓ କଟକ ସହରର ବର୍ଜ୍ୟଜଳ ଉପରୋକ୍ତ ନଦୀରେ ମିଶୁଥିବାରୁ ଜଳ ବ୍ୟବହାର ଉପଯୋଗୀ ହୋଇ ପାରିନାହିଁ । ସେହିପରି ରାଜ୍ୟର ବ୍ରାହ୍ମଣୀ ନଦୀର ୪୧ଟି ସ୍ଥାନରୁ ହୋଇଥିବା ଜଳ ନମୁନା ପରୀକ୍ଷାରେ ୩୭ଟି ସ୍ଥାନର ଜଳ ବ୍ୟବହାର ଉପଯୋଗୀ । ଅଥଚ ଏହି ନଦୀର ୩ଟି ସ୍ଥାନ ଯଥା ପାନପୋଷ, ରାଉରକେଲା ଓ ଗୁରଡିହ ନାଳରେ ଉଭୟ ବିଓଡି ଓ ଟିସି ଅଧିକ ରହିଛି । ଏହାବାଦ୍ ଗୋଟିଏ ସ୍ଥାନ ରାଉରକେଲା ଅଟାଘାଟ ନିକଟରେ କେବଳ ବିଓଡି ରହିଥିବା ସୂଚନା ମିଳିଛି । ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏବଂ ସହରରୁ ନିର୍ଗତ ବର୍ଜ୍ୟପାଣି ଯୋଗୁ ଏଭଳି ବିପଦ ଦେଖା ଦେଇଛି । ଅନ୍ୟପକ୍ଷେ ବୈତରଣୀର ୧୪, ଋଷିକୁଲ୍ୟାର ୬, ନାଗବଳିର ୩, ସୁବର୍ଣ୍ଣରେଖା ୧, ବୁଢାବଳଙ୍ଗ ନଦୀର ୪, କୋଲାବ ନଦୀର ୧, ବଂଶଧରାର ୨, ଇନ୍ଦ୍ରାବତୀର ୧ ଓ ବାହୁଦା ନଦୀର ଗୋଟିଏ ସ୍ଥାନର ଜଳନମୁନାରେ ବିଭିନ୍ନ ରାସାୟନିକ ଦ୍ରବ୍ୟ ସୀମିତ ମଧ୍ୟରେ ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୧।୭।୨୦୨୧ ଓ ୨।୭।୨୦୨୧ରେ କଳିଙ୍ଗନଗର ଅଞ୍ଚଳସ୍ଥିତ ବ୍ରାହ୍ମଣୀ, ଖରସ୍ରୋତା ଓ ଗଣ୍ଡନାଳା ପାଣି ନମୁନା ପରୀକ୍ଷାରେ ସାଏନାଇଡ ପ୍ରାୟ ୨ ଗୁଣ ଓ ଫେନୋଲିକ୍ କମ୍ପାଉଣ୍ଡ ୧୫ ଗୁଣ ଅଧିକ ରହିଥିବା ଜଣାପଡିଥିଲା । ସେହିପରି ବ୍ରାହ୍ମଣୀରେ ମିଶିଥିବା ସୁକିନ୍ଦା ଖଣି ଅଞ୍ଚଳରେ ପ୍ରବାହିତ ଡମଶାଳା ପାଣି ବ୍ୟବହାର ଅନୁଯୋଗୀ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଅଭିଯୋଗ କରି ଆସୁଛନ୍ତି । କିନ୍ତୁ ଏସ୍‌ପିସିବିର ଏହି ରିପୋର୍ଟରେ ଗଣ୍ଡନାଳା ଓ ଡମଶାଳା ନଦୀଜଳକୁ କ୍ଲିନ୍‌ଚିଟ୍ ମିଳିଥିବା ନେଇ ସାଧାରଣରେ ଭିନ୍ନ ମତପ୍ରକାଶ ପାଇଛି । ବିଷାକ୍ତ ଜଳ ନିଃଶ୍ୱାସ-ପ୍ରଶ୍ୱାସ ସ୍ନାୟୁକୁ ଅକାମୀ କରିଦିଏ, ସ୍ମରଣଶକ୍ତି ହ୍ରାସ କରେ, ଦନ୍ତ କର୍କଟ, ଓଜନ ବୃଦ୍ଧି କରେ, ହୃତ୍‌ପିଣ୍ଡର ଗତିକୁ ଶିଥିଳ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ସଂରକ୍ଷଣ, ସଂରଚନାରେ ବାଧା ସୃଷ୍ଟି କରିଥାଏ । ମସ୍ତିଷ୍କକୁ ଅଚଳ କରିଦିଏ ଏବଂ ହରମୋନ କ୍ଷରଣ ବନ୍ଦ କରିଦିଏ । ଆସ୍ତେ ଆସ୍ତେ ମଣିଷକୁ ମୃତ୍ୟୁ ମୁହଁକୁ ଠେଲିଦିଏ । ଏଭଳି ସ୍ଥିତିରେ ନଦୀଜଳର ସ୍ୱଚ୍ଛତା ଏବଂ ନିରପେକ୍ଷ ପରୀକ୍ଷା ନିହାତି ଆବଶ୍ୟକ ବୋଲି ମତପ୍ରକାଶ ପାଇଛି ।

ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ: ନାବାଳକ ଅଟକ

ବାରିପଦା ଅଫିସ,୭।୫

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଞ୍ଚଳର ଜଣେ ୬ ବର୍ଷୀୟ ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତ ନାବାଳକଙ୍କୁ ଶନିବାର ଅଟକ ରଖିଛି । ଏନେଇ ପୋଲିସ ଏକ ମାମଲା(ନଂ.୧୨୮/୨୨) ରୁଜୁ କରିବା ସହ ଉଭୟଙ୍କ ଡାକ୍ତରୀମାଇନା କରାଇ ତଦନ୍ତ ଜାରି ରଖିଛି । ଥାନାଧିକାରୀ ରଞ୍ଜନ କୁମାର ସେଠୀଙ୍କ ସୂଚନା ଅନୁଯାୟୀ, ଗତ ୫ ତାରିଖରେ ଉକ୍ତ ଶିଶୁକନ୍ୟାଙ୍କୁ ଚକୋଲେଟ ଦେବାକୁ ପ୍ରଲୋଭନ ଦେଖାଇ ଅଭିଯୁକ୍ତ ନାବାଳକ ବଳାତ୍କାର କରିଥିଲେ । ଶିଶୁକନ୍ୟା ଚିତ୍କାର କରିବାରୁ ସେ ସେଠାରୁ ପଳାଇଯାଇ ରାଇରଙ୍ଗପୁରରେ ଲୁଚିଥିଲେ । ପରିବାର ଲୋକେ ଝିଅକୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

ବୈତରଣୀରେ ବୁଡ଼ିଗଲେ ଦଶମ ଶ୍ରେଣୀ ଛାତ୍ର

ଯାଜପୁର ଟାଉନ,୭।୫(ଡି.ଏନ.ଏ.)

- ପରୀକ୍ଷା ପରେ ସାଥୀଙ୍କ ସହ ନଦୀରେ ଗାଧୋଉଥିଲେ
- ୨ ଦିନରେ ଗଲା ଦୁଇ ଜୀବନ
- ବେଆଇନ ବାଲି ଖନନ ଯୋଗୁ ଘଟୁଛି ଦୁର୍ଘଟଣା

ଯାଜପୁର ସହରର ଦଶାଶ୍ୱମେଧ ଘାଟ ନିକଟ ବୈତରଣୀ ନଦୀରେ ନିର୍ମାଣାଧୀନ ବ୍ୟାରେଜ୍ ନିକଟରେ ଶୁକ୍ରବାର ବୁଡ଼ିଯାଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା । ତେବେ ଏହି ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ଶନିବାର ପୁଣି ଉକ୍ତ ନଦୀରେ ବୁଡ଼ି ଜଣେ ୧୦ମ ଶ୍ରେଣୀ ଛାତ୍ର ପ୍ରାଣ ହରାଇଛନ୍ତି । ସେ ହେଲେ ସହରର ରାଉତରାପୁର ନିବାସୀ ରାଜେନ୍ଦ୍ର କୁମାର ସାହୁଙ୍କ ବଡ଼ପୁଅ ପ୍ରିୟାଂଶୁ ସାହୁ(୧୬) । ପରୀକ୍ଷା ସରିବା ପରେ ଛାତ୍ର ଜଣକ ତାଙ୍କ ସାଙ୍ଗମାନଙ୍କ ସହ ଆସି ବୈତରଣୀ ନଦୀର ପଣସା ପଞ୍ଚାୟତ ଅଧୀନ ମୋଟରଙ୍ଗାପାଳ ନଦୀଘାଟରେ ଗାଧୋଉଥିଲେ । ଗାଧୋଇବା ପରେ ସେଠାରେ ପାର୍ଟି ମନାଇବାକୁ ସାଥିରେ ବିରିୟାନି କିଣି ଆଣିଥିଲେ । ସମସ୍ତ ପରୀକ୍ଷାର୍ଥୀ ନଦୀକୂଳରେ ବିରିୟାନି ରଖି ସ୍ନାନ କରୁଥିଲେ । ତେବେ ପ୍ରିୟାଂଶୁଙ୍କର ହଠାତ୍ ଗଭୀର ଜଳରେ ଗୋଡ଼ି ଖସିଯିବାରୁ ସେ ବୁଡ଼ିଯାଇଥିଲେ । ସାଥୀ ପିଲାମାନେ ଚିତ୍କାର କରି ଡାକିବାରୁ ନିକଟସ୍ଥ କ୍ଷେତରେ କାମ କରୁଥିବା ଚାଷୀମାନେ ଆସି ୪ଜଣଙ୍କୁ ନଦୀରୁ ଉଦ୍ଧାର କରିଥିଲେ । ହେଲେ ପ୍ରିୟାଂଶୁଙ୍କୁ ବଞ୍ଚାଇ ପାରି ନ ଥିଲେ । ମୃତ ଛାତ୍ର ପ୍ରିୟାଂଶୁ ନିକଟସ୍ଥ ଜିଲାସ୍କୁଲର ଜଣେ ମେଧାବୀ ଓ ଶାନ୍ତ ସ୍ୱଭାବର ଛାତ୍ର ଥିଲେ । ତାଙ୍କ ମୃତ୍ୟୁରେ ସମଗ୍ର ସହରରେ ଶୋକର ଛାୟା ଖେଳିଯାଇଛି । ଅନ୍ୟପକ୍ଷରେ ଏହି ସ୍ଥାନ ସମେତ ନଦୀଶଯ୍ୟାର ବିଭିନ୍ନ ସ୍ଥାନରେ ବେଧଡ଼କ ବାଲି ଚୋରି ଯୋଗୁ ଏଭଳି ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଛି । ମେଶିନରେ ଏବଂ ନଦୀସ୍ରୋତ ମଧ୍ୟରୁ ବାଲି ଉତ୍ତୋଳନ ପାଇଁ ସମ୍ପୂର୍ଣ୍ଣ କଟକଣା ରହିଥିଲେ ମଧ୍ୟ ବାଲିମାଫିଆ ତହସିଲ ଓ ପ୍ରଭାବଶାଳୀଙ୍କ ବାହୁ ଛାୟା ତଳେ ରହିଥିବାରୁ ସେମାନେ ମନଇଚ୍ଛା ଯେଉଁଠି ନାହିଁ ସେଠି ଖନନ କରୁଛନ୍ତି । ଏଥିଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି । ତେଣୁ ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି ।

DRDA, BALANGIR
No.129/DSMS/DRDA Dated 07.05.2022
Ph.No.06652 (232127 & 235916), Fax: 06652 (233082)
SHORT TENDER CALL NOTICE

DRDA, Balangir on behalf of PR & DW Deptt., Govt. of Odisha invite proposal with certain terms & conditions from reputed & registered Tent Houses / Firms / Agencies / Decorators / Transport agencies / Security agencies having GSTIN No. may apply for the Tentage & Allied works / Security Services / Photo & Videography/ Local Transportation / Printing of Flex Hoardings & Banners for the Pallishree Mela to be organized at Koshal Kalamandal Ground, Balangir from 5th to 9th June 2022.

The tender papers only for Tentage & allied works will be available for purchase from 7th to 17th May 2022 during Official day of Office hour in the Accounts Section of DSMS, Balangir. Details documents, terms & conditions on apply for tentage & allied work is mentioned in the tender paper. The sealed tenders will be received latest upto 1.00 P.M. on 17.05.2022 at Office of DRDA in the tender box. The tenders will be opened in the Office of DRDA on 18.05.2022 at 11.00 A.M. in the presence of the tenderers or their authorized representatives. If it will found that the quoted amount of L1 party will be exceed the budget limit of the particular head then the party may be called for negotiation. The undersigned reserves the right to accept or reject any or all the tenders without assigning any reason thereof.

Sd./- Project Director, DRDA, Balangir

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, କୋରାପୁଟ
ସଂଖ୍ୟା: ୩୧୭/ଡିସିପିୟୁ/ପୋଷ୍ୟ/୨୨ ତାରିଖ: ୦୬।୦୫।୨୦୨୨

ବିଜ୍ଞପ୍ତି

No. g-14: ଏତଦ୍ଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କୋରାପୁଟ ଜିଲ୍ଲାର ସେମିଲିଗୁଡ଼ାସ୍ଥିତ ମହାବିଦ୍ୟାଳୟ କଲେଜ ପରିସରରୁ ଗତ ୧୨।୦୪।୨୦୨୨ ତାରିଖ ଦିନ ଏକ ଶିଶୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ କମିଟି, କୋରାପୁଟ ନିର୍ଦ୍ଦେଶ ଅନୁସାରେ ବର୍ତ୍ତମାନ ଶିଶୁ ମିସିନାରୀ ଅଫ୍ ଚାରିଟି (ନିର୍ମଳ ଶିଶୁ ସଦନ), ପୁରୁଣା କୋରାପୁଟଠାରେ ସୁରକ୍ଷିତ ଭାବରେ ଅଛଥାନ କରାଯାଇଛି । ଉକ୍ତ ଶିଶୁଟିର ଯଦି କେହି ଜନ୍ମିତ ପିତାମାତା କିମ୍ବା ଅଭିଭାବକ ଓ ଆଇନ୍ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋରାପୁଟ, ଫୋନ୍: ୦୬୮୪୨-୨୯୧୦୬୨ ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି, କୋରାପୁଟ, ଫୋନ୍; ୦୬୮୪୨-୨୯୧୨୮୦କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ଉକ୍ତ ଶିଶୁଟିକୁ ନେଇଯିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଅନୁଯାୟୀ ପୋଷ୍ୟ ସନ୍ତାନ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ ।

ପିଲାର ନାମ	ଲିଙ୍ଗ	ବୟସ	CWC କେସ୍ ନମ୍ବର/ ତାରିଖ	ଉଦ୍ଧାର କରାଯାଇଥିବା ସ୍ଥାନ	ଫଟୋ
ଅଜଣା	ଝିଅ	୧୨।୦୪।୨୦୨୨	୧୧୦୯/ ୨୦୨୨	ସେମିଲିଗୁଡ଼ାସ୍ଥିତ ମହାବିଦ୍ୟାଳୟ କଲେଜ ପରିସର, ସେମିଲିଗୁଡ଼ା	

ସ୍ୱା./- ଜିଲ୍ଲାପାଳ, କୋରାପୁଟ
OIPR-33022/11/0001/2223

No. C-224
GOVERNMENT OF ODISHA
OFFICE OF THE SUPERINTENDING ENGINEER, PUBLIC HEALTH DIVISION, RAYAGADA
e-mail:- eephd.rgda.od@nic.in
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB)
NO. SEPHDRAYAGADA-9/2022-23 DT.05.05.2022

01	Name of the work	:	Procurement of D.I. K-7 Pipe for Augmentation of W/S to Rayagada Town.
02	Number of works	:	1 No.
03	Estimate cost	:	**Rs.776.29 Lakh**
04	Period of completion	:	As per DTCN
05	Class of contractor	:	**Reputed Manufacturers**
06	Date & Time of availability of bid document in the portal	:	From 08.00 AM of Dt.16.05.2022 To 5.30 PM of 30.05.2022
07	Last date/time of receipt of bids in the portal	:	1.00 PM of 30.05.2022
08	Date & Time of opening of bids	:	At 12 PM of 31.05.2022
09	Name and Address of the Officer Inviting Bid	:	Superintending Engineer, P.H. Division, Rayagada
10	The bidders have to participate in ONLINE bidding only.		

- Further details can be seen from the e-Procurement Portal **"https://www.tendersorissa.gov.in"**

Sd./- SUPERINTENDING ENGINEER, P.H. DIVISION, RAYAGADA
OIPR-13052/11/0003/2223

Your classified advertisement published in Dharitri will be listed free in Dharitri online edition : **www.dharitri.com**

BPMU, CHC MANAMUNDA, BOUDH
QUOTATION CALL NOTICE FOR HIRING OF VEHICLE
No. 22 **Date: 06.05.2022**

No. E-63: Sealed tenders are invited from Travel Agencies/ Transporters/Tour Operator/Individuals/Private Organization/ NGOs for supply of vehicle on monthly hiring basis to be used for **BPMU, Addl. MHU, RBSK-I & RBSK-II** in CHC, Manamunda. Last date for submitting the documents is 27.05.2022 upto 5 P.M. For details information and documents, please visit **www.boudh.nic.in**. The authority has reserve the right to cancel the whole process without any notice.

Sd./- Superintendent, CHC, Manamunda, Boudh
OIPR-10177/11/0001/2223

OFFICE OF THE PROJECT ADMINISTRATOR, I.T.D.A., RAIRANGPUR
At: Rairangpur, W. No.-3, Mandirsahi, P.O.: Rairangpur, Dist.- Mayurbhanj - 757043
E-mail: paitdarrp@yahoo.in, itdargp@nic.in, Office No.: 06794-222024
Letter No. 739//2022-ITDARRP Dated, the 06.05.2022
2nd CORRIGENDUM NOTICE OF BID IDENTIFICATION
No. 01/2022-23 OF ITDA, RAIRANGPUR

No.CAD-451: The Bid Identification No. 01/2022-23 Date 25.04.2022 which was published in daily Oriya Newspaper "Dharitri" & "Pragativadi" and in English Newspaper "The Times of India" on date 26.04.2022 and the 1st Corrigendum Notice No. 682 Dt.28.04.2022 as per DTCN Work Sl. No. 1 to 44 is hereby cancelled due to unavoidable circumstances. The cancel notice of Bid Identification No. 01/2022-23 Dt.25.04.2022 may pelase be published in two daily Oriya Newspaper and One English Newspaper for wide circulation.

Sd./- Project Administrator
I.T.D.A., Rairangpur
OIPR-19080/11/0003/2223

INVITING RFP FOR SELECTION OF AGENCY FOR ESTABLISHMENT OF STATE RESOURCE CENTRE (SRC) AT ODISHA ADARSHA VIDYALAYA SANGATHAN (OAVS)
Tender Ref. No. 2294 **Bhubaneswar, Dt. 04.05.2022**

No. n-7: The Odisha Adarsha Vidyalaya Sangathan (OAVS) invites Prequalification, Technical and Financial Proposals from Agencies of national repute for the establishment of State Resource Centre (SRC) for increasing the efficiency and effectiveness as well as educational competitiveness of students as well as teachers OAVS, Odisha as specified in this RFP Document.

The RFP document can be downloaded from the website link **http//www.oav.edu** with effect from 05.05.2022 (11 A.M.) to 25.05.2022 (2 P.M.) and response to this tender shall be deemed to have been done after careful study and examination of this document with full understanding of its implications.

Interested agencies are requested to submit the details to the undersigned as per the schedule indicated in the Fact Sheet, by Post (Registered/Speed)/by hand submission at the Office of the Odisha Adarsha Vidyalaya Sangathan (OAVS). Based on the eligibility criteria as mentioned in the RFP, the applicant agency will be selected.

Office Address:
Odisha Adarsha Vidyalaya Sangathan (OAVS)
N-1/9, Nayapalli, P.O.: Sainik School
Land Mark - Near Bbubaneswar Doordarshan Centre
Bhubaneswar - 751005

For further clarifications, please contact the Odisha Adarsha Vidyalaya Sangathan (OAVS) on Phone Number: 0674-2391471 during official working hours only (10 A.M. to 5 P.M.).

OIPR-27029/11/0002/2223 **Sd./- State Project Director**

OFFICE OF THE ROURKELA MUNICIPAL CORPORATION
UDITNAGAR, ROURKELA, ODISHA - 769012
E-mail ID: rourkelamunicipality@gmail.com
RFP No. 4956 Date: 05.05.2022
NOTICE INVITING REQUEST FOR PROPOSAL (RFP) FOR SUPPLY AND INSTALLATION OF PORTABLE CABINS FOR CONTAINER LIBRARY AT DIFFERENT LOCATIONS OF ROURKELA MUNICIPAL CORPORATION AREA

No. C-225: Rourkela Municipal Corporation (RMC) invites Request for Proposal (RFP) from the reputed Intending Agencies/Suppliers/Bidders for Supply and Installation of 04 Nos. of Portable Cabins for Container Library at Different Locations of Rourkela Municipal Corporation area.

The RFP is to be submitted in closed covers addressed to the Commissioner, Rourkela Municipal Corporation, Uditnagar, Rourkela, Dist.- Sundargarh (Odisha), PIN - 769012 on or before 11.00 A.M. 25.05.2022 through Speed Post/Registered Post/Courier/or by Hand.

The complete RFP document can be downloaded from the RMC website **(www.rmc.nic.in)** from 07.05.2022 onwards.

Authority reserves the right to reject any or all the RFP without assigning any reason thereof.

Sd./- Commissioner
Rourkela Municipal Corporation
OIPR-13131/11/0018/2223

GOVERNMENT OF ODISHA
OFFICE OF THE EXECUTIVE ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist.: Kalahandi, PIN - 766001
e-mail: eephbhpt@gmail.com, Tel.: 06670-230243
NATIONAL COMPETITIVE BIDDING THROUGH e-Procurement
Identification No. EEPH-BHPT-02 of 2022-23 / Dt.02.05.2022
No. C-222 **e-Procurement Notice**

Name of work : PHEO works
Total No. of works : 1 (One)
Estimated Cost : Approx. Rs.7.37 lakhs
Class of contractor : Manufacturer/Authorised dealer
Period of Completion : 120 Days

Procurement Officer	Bid Identification No.	No. of Works	Availability of Tender Online for Bidding From	To	Date & time of opening of Bid
1	2	3	4	5	6
Executive Engineer, P.H. Division, Bhawanipatna	EEPH - BHPT - 02 of 2022-23	01 (One)	09.05.2022	23.05.2022	24.05.2022

For details can be seen from the Government website **www.tendersorissa.gov.in**.
OIPR-13059/11/0001/2223 **Executive Engineer, P.H. Division, Bhawanipatna**

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA
Advt. No. 1764 **Date: 07.05.2022**
CONTRACTUAL ENGAGEMENT

No. E-70: Walk-in-Interview will be conducted for hiring of Specialists/Super Specialist Doctors on Full Time/Part Time/Visiting Basis under Zilla Swasthya Samiti, Nuapada (Corpus Fund) on contractual basis for a period of 11 months and subject to renewal as per society norms basing on the performance and subject to continuance of the scheme whichever is earlier. The minimum age for all post is 21 years and maximum age limit is 70 years for doctors **Honourarium for all the posts is negotiable as per mutual consent and conditionality of engagement. Remuneration fixed for full time specialist is 1,50,000.00/month which is negotiable**. The remuneration of Super Specialist will be negotiated as per their convenience.

Sl. No.	Name of the Post	Requirement	Qualification	Full Time/ Part Time	Date of Interview
01	Specialist in Orthop

ଏଲ୍‌ଆଇସିର ଘରୋଇକରଣ ଚର୍ଚ୍ଚା

ନୂଆଦିଲ୍ଲୀ: ଦେଶର ସର୍ବବୃହତ୍ ବୀମା କମ୍ପାନୀ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ର ଆଇପିଓ କାର୍ଯ୍ୟକ୍ରମ ପରେ ସରକାର କୌଣସି ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଏପରିକି ଉକ୍ତ ବୀମା କମ୍ପାନୀର ଘରୋଇକରଣ ମଧ୍ୟ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଜାତୀୟ ଗଣମାଧ୍ୟମରେ ଏ ନେଇ ମଧ୍ୟ ଏକ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟ ଅନୁସାରେ ସରକାର ନିଜର ୩ ସାଧାରଣ ବୀମା କମ୍ପାନୀ, ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କୋ, ୟୁନାଇଟେଡ୍ ଇନ୍‌ସ୍ୟୁରାନ୍ସ କୋ ଏବଂ ଓରିଏଣ୍ଟାଲ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ମଧ୍ୟରୁ ଗୋଟିଏକୁ ଘରୋଇକରଣ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

ସଂକ୍ଷେପରେ

ରିଅଲ୍‌ମିର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୭।୫: ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ରିଅଲ୍‌ମି ଜିଟି ନିଓ ୩ ସହ ଏହାର ଏଆଇଓଟି ପୋର୍ଟଫୋଲିଓରେ ୩ଟି ନୂତନ ରିଅଲ୍‌ମି ପ୍ୟାଡ୍ ମିନି, ରିଅଲ୍‌ମି ବଡ୍‌ସ କ୍ୟୁ୨ଏସ୍ ଓ ରିଅଲ୍‌ମି ସ୍ମାର୍ଟ ଟିଭି ଏକ୍ସ ଫୁଲ୍ ଏଚ୍‌ଡିର ଶୁଭାରମ୍ଭ କରାଯାଇଛି। ରିଅଲ୍‌ମି ଜିଟି ନିଓ ୩ ହେଉଛି ୧୫୦ୱାଟ୍ ଅଲ୍‌ଟ୍ରା ଡାର୍ଟ ଚାର୍ଜ ସହ ଚାର୍ଜିଙ୍ଗ୍ ସ୍ମାର୍ଟଫୋନ୍ ଯାହା କେବଳ ୫ ମିନିଟ୍‌ରେ ୫୦% ପର୍ଯ୍ୟନ୍ତ ଚାର୍ଜ ହୋଇଥାଏ। ଏ ସମ୍ପର୍କରେ ରିଅଲ୍‌ମି ବିଜ୍‌ନେସ୍ ଗ୍ରୁପ୍‌ର ପ୍ରେସିଡେଣ୍ଟ ମାଧବ ସେଠ୍ କହିଛନ୍ତି, ଆମେ ଏକ ଏଭଳି ବ୍ରାଣ୍ଡ ହୋଇ ଉପଭୋଗ କରୁଛୁ, ଯାହା ଟେକ୍ ଇଣ୍ଡଷ୍ଟ୍ରିରେ ଉଦ୍ଭାବନଗୁଡ଼ିକୁ ପରିଚିତ କରାଉଛି ଏବଂ ଆମେ ରିଅଲ୍‌ମି ଜିଟି ନିଓ ୩ ସହିତ ୧୫୦ୱାଟ୍ ଫାଷ୍ଟ୍ ଚାର୍ଜିଂ ଟେକ୍ନୋଲୋଜି ଆଣି ଉତ୍ସାହିତ ରହିଛୁ। ରିଅଲ୍‌ମି ଜିଟି ନିଓ ୩ ସହିତ ଆମେ ଏଆଇଓଟି ପୋର୍ଟଫୋଲିଓରେ ୩ଟି ନୂତନ ଉତ୍ପାଦ ଆଣିଛୁ। ରିଅଲ୍‌ମିର ୨ୟ ଟାବ୍‌ଲେଟ୍ ରିଅଲ୍‌ମି ପ୍ୟାଡ୍ ମିନି, ରିଅଲ୍‌ମି ବଡ୍‌ସ କ୍ୟୁ୨ଏସ୍ ଓ ଏକ ନୂଆ ସ୍ମାର୍ଟ ଟିଭି ରିଅଲ୍‌ମି ସ୍ମାର୍ଟ ଟିଭି ଏକ୍ସ ଫୁଲ୍ ଏଚ୍‌ଡିକୁ ଦୁଇଟି ଭିନ୍ନ ସାଇଜରେ ଅଣାଯାଇଛି।

ହିଣ୍ଡ୍‌ୱେୟାର ଇଟାଲିଆନ୍ କଲେକ୍ସନ

ନୂଆଦିଲ୍ଲୀ,୭।୫ : ଆଇକୋନିକ୍ ବାଥ୍‌ୱେୟାର ବ୍ରାଣ୍ଡ 'ହିଣ୍ଡ୍‌ୱେୟାର' ପକ୍ଷରୁ ଇଟାଲିଆନ୍ କଲେକ୍ସନର ବଜାର ପ୍ରବେଶ କରାଯାଇଛି। ଏହା ହିଣ୍ଡ୍‌ୱେୟାର ଇଟାଲିଆନ୍ ଟାଇଲ୍ସ ଏବଂ ଟାଇଲ୍ସ ସେଗ୍‌ମେଣ୍ଟର ସମ୍ପ୍ରସାରଣ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଜାବର ରାଜପୁରାଠାରେ ଏକ ଡିପୋର ମଧ୍ୟ ଉଦ୍‌ଘାଟନ ସହ ଦେଶବ୍ୟାପୀ ମୋଟ ୧୮ଟି ଡିପୋ ଖୋଲିବା ନେଇ ମଧ୍ୟ କମ୍ପାନୀ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ କମ୍ପାନୀ ୨୫୯ଟି ସହରରେ ନିଜର ସର୍ବବୃହତ୍ ନେଟ୍‌ୱର୍କ ବିସ୍ତାର କରିଛି। ଏହି ଅବସରରେ ବ୍ରିଲୋକା ଲିମିଟେଡ୍‌ର ବାଥ୍ ଆଣ୍ଡ ଟାଇଲ୍ସ ବିଜ୍‌ନେସ୍‌ର ସିଇଓ ସୁଧାଂଶୁ ପୋଖ୍ରିଆଲ କହିଛନ୍ତି, ହିଣ୍ଡ୍‌ୱେୟାର ହେଉଛି ଏକ ଘରୋଇ ନାମ ଏବଂ ଏହା ଶିଳ୍ପର ପ୍ରଥମ ଡିଜାଇନ୍ ଓ ଉଦ୍ଭାବନଗୁଡିକର ଆଗରେ ରହିଆସିଛି।

ରିଲାଏନ୍ସର ଆୟ ୧୦୦ ବିଲିଅନ ଡଲାର

ମୁମ୍ବାଇ,୭।୫



- ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ୪ର୍ଥ ତ୍ରୈମାସ ଫଳାଫଳ
- କମ୍ପାନୀର ନିଟ୍ ଲାଭରେ ୨୨.୫% ବୃଦ୍ଧି

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ନିକଟରେ ଏହାର ୪ର୍ଥ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ତୈଳ ବିଶୋଧନରେ ବ୍ୟାପକ ମାର୍ଜିନ, ଟେଲିକମ୍ ଓ ଡିଜିଟାଲ ସେବାରେ ଦ୍ରୁତ ଅଭିବୃଦ୍ଧି ଓ ରିଟେଲ ବ୍ୟବସାୟରେ ଦୃଢ଼ ଗତିଶୀଳତା ଯୋଗୁ ମାର୍ଚ୍ଚ ଶେଷ ସୁଦ୍ଧା କମ୍ପାନୀର ତ୍ରୈମାସରେ ନିଟ୍ ଲାଭରେ ୨୨.୫% ବୃଦ୍ଧି ହୋଇଛି। ଫଳରେ ତୈଳରୁ ରିଟେଲ ଓ ଟେଲିକମ୍ ପର୍ଯ୍ୟନ୍ତ ଏହି ବ୍ୟବସାୟ ସାମ୍ରାଜ୍ୟର ନିଟ୍ ଲାଭ ୧୩,୨୨୭ କୋଟି ଟଙ୍କାରୁ ବୃଦ୍ଧି ପାଇ ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ୧୬,୨୦୩ କୋଟି ଟଙ୍କା ହୋଇଛି। ବଜାର ମୂଲ୍ୟ ଅନୁସାରେ ଦେଶର ସର୍ବବୃହତ୍ କମ୍ପାନୀର ଏକତ୍ରିତ ରାଜସ୍ୱ ୨୦୨୧-୨୨ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସରେ ବର୍ଷରୁ ବର୍ଷ ଭିତ୍ତିରେ ୩୫% ବୃଦ୍ଧି ପାଇ ୨.୩୨ ଲକ୍ଷ କୋଟି ଟଙ୍କା ହୋଇଛି। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷରେ ରିଲାଏନ୍ସ ନିଟ୍ ଲାଭ ୬୦,୭୦୫ କୋଟି ଟଙ୍କା ହୋଇଥିବା ବେଳେ ରାଜସ୍ୱ ୭.୯୨ ଲକ୍ଷ କୋଟି ଟଙ୍କା (୧୦୨ବିଲିଅନ ଡଲାର) ରହିଛି। ଏହା ହେଉଛି ପ୍ରଥମ ଭାରତୀୟ କମ୍ପାନୀ ଯାହା ଗୋଟିଏ ଆର୍ଥିକ ବର୍ଷରେ ୧୦୦ ବିଲିଅନ ଡଲାର ରାଜସ୍ୱ ଅତିକ୍ରମ କରିଛି। କମ୍ପାନୀ ସର୍ବକାଳୀନ ଶ୍ରେଷ୍ଠ ତ୍ରୈମାସ ଇବିଆଇଟିଡିଏ ହାସଲ କରିଛି, ଯାହା ବର୍ଷରୁ ବର୍ଷ ଭିତ୍ତିରେ ୨୮% ବୃଦ୍ଧି ପାଇ ୩୩,୯୬୮ କୋଟି ଟଙ୍କା ହୋଇଛି। ଅପରପକ୍ଷରେ ତୈଳରୁ ରସାୟନ (ଓ୨ସି) ବ୍ୟବସାୟର ଇବିଆଇଟିଡିଏ୨୫% ବୃଦ୍ଧି ପାଇ ୧୪,୨୧୪ କୋଟି ଟଙ୍କା ହୋଇଥିବା ବେଳେ ଡିଜିଟାଲ୍ ବ୍ୟବସାୟର ଟିକସ ପୂର୍ବବର୍ତ୍ତୀ ଆୟ ଗତବର୍ଷ ତୁଳନାରେ ୨୫% ବୃଦ୍ଧି ପାଇ ୧୧,୨୦୯ କୋଟି ଟଙ୍କା ହୋଇଛି। ରିଟେଲ ବ୍ୟବସାୟର ଇବିଆଇଟିଡିଏ ୨.୫% ବୃଦ୍ଧି ପାଇ ୩,୭୧୨ କୋଟି ଟଙ୍କା ହୋଇଛି ଓ କେଜି-ଡି୬ ବ୍ଲକ୍‌ର ସାଟେଲାଇଟ୍ ଫିଲ୍ଡରୁ ଗ୍ୟାସ୍ ଉତ୍ପାଦନ ଯୋଗୁ ତୈଳ ଓ ଗ୍ୟାସ୍‌ର ଇବିଆଇଟିଡିଏ ୩ଗୁଣା ବୃଦ୍ଧି ପାଇ ୧,୫୫୬ କୋଟି ଟଙ୍କା ହୋଇଛି। କ୍ଷେତ୍ର ଇବିଆଇଟିଡିଏରେ ଉପଭୋକ୍ତା ବ୍ୟବସାୟ ଅବଦାନ ପାଖାପାଖି ୪୫% ରହିଛି।

ରିଲାଏନ୍ସ ରିଟେଲ୍‌ର ଦକ୍ଷତା ବଢ଼ାଇବା ଓ ସମ୍ପତ୍ତି ଅଧିଗ୍ରହଣ ପାଇଁ କମ୍ପାନୀ ୧ ବିଲିଅନ ଡଲାରରୁ ଅଧିକ ନିବେଶ କରିଛି ଏବଂ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ଅଧିକ ଷ୍ଟୋର୍ ଖୋଲିଛି। ସବୁଜ ଶକ୍ତି ସମ୍ପର୍କିତ ଗିଗା ଫ୍ୟାକ୍ଟ୍ରି ଓ ଉତ୍ସାହଜନକ ଅପ୍‌ଷ୍ଟ୍ରିମ୍ କ୍ଷେତ୍ର ୪-୫ ବର୍ଷ ମଝିରେ ରହିବା ପରେ ଆଗାମୀ ୨୪-୩୬ ମାସ ପାଇଁ ଦୃଢ଼ ଅଭିବୃଦ୍ଧି ସୁଯୋଗ ସୃଷ୍ଟି କରିଛି।

ଜିତେନ୍ଦ୍ରଙ୍କୁ ନୂଆ ଦାୟିତ୍ୱ

କଟକ,୭।୫

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ବରିଷ୍ଠ ଅଧିକାରୀ ଜିତେନ୍ଦ୍ର ସ୍ୱାଇଁଙ୍କୁ ବ୍ୟାଙ୍କ ପକ୍ଷରୁ ନୂଆ ଦିଆଯାଇଛି। ପିଏନ୍‌ବି କଟକ ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ସ୍ୱାଇଁ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଛତିଶଗଡ଼ସ୍ଥିତ ଭିଲାଇ ମଣ୍ଡଳର ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ୧୯୮୯ରେ ସେ ପିଏନ୍‌ବିରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ବ୍ୟାଙ୍କର ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ହରିୟାଣା, ଛତିଶଗଡ଼ ଓ ଓଡ଼ିଶାର ବିଭିନ୍ନ ଶାଖାରେ କାର୍ଯ୍ୟ କରିଛନ୍ତି। ସେ ତାଙ୍କର ଅଧିକାଂଶ ସମୟ ଶାଖା ସ୍ତରରେ ବିତାଇବା ସହ ଅନେକ ଅଭିଜ୍ଞତା ମଧ୍ୟ ହାସଲ କରିଛନ୍ତି। ବ୍ୟାଙ୍କର ରିଟେଲ୍ କ୍ଷେତ୍ରରେ ଅଧିକ ରୁଚି ରଖିଥିବା ସ୍ୱାଇଁ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ରିଟେଲ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି।

ବେଦାନ୍ତର ଅଭିନବ କାର୍ଯ୍ୟକ୍ରମ

ଭୁବନେଶ୍ୱର,୭।୫

ସ୍ଥାନୀୟ ପ୍ରତିଭାକୁ କମ୍ପାନୀର ଗୁରୁତ୍ୱ

ବେଦାନ୍ତ ଲିମିଟେଡ୍‌ର ଲାଞ୍ଜିଗଡ଼ ୟୁନିଟ୍ ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡ୍‌ର ଆଲୁମିନିୟମ ନିର୍ମାତା ସହ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ କିଡ୍‌ସ୍ ଆଥ୍‌ଲେଟିକସ ଦିବସ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ତୃଣମୂଳ ସ୍ତରୀୟ କ୍ରୀଡ଼ା ସଂସ୍କୃତିକୁ ମଜବୁତ କରିବା ପାଇଁ କମ୍ପାନୀ ସଂକଳ୍ପ ନେଇଛି। ବେଦାନ୍ତର କାର୍ଯ୍ୟ ପରିଚାଳନା ଦର୍ଶନରେ ଗୋଷ୍ଠୀ ବିକାଶ ଲକ୍ଷ୍ୟକୁ ନେଇ ବେଦାନ୍ତ ଲାଞ୍ଜିଗଡ଼ ଉକ୍ତ ଅଞ୍ଚଳରେ ବହୁ ସାମାଜିକ, ଅର୍ଥନୈତିକ ପ୍ରକଳ୍ପ ଆରମ୍ଭ କରିଛି। ବର୍ତ୍ତମାନ ୧୦୦ଜଣ ଛାତ୍ର ତୀରନ୍ଦାଜ ଓ ୮୦ଛାତ୍ର କରାଟେ ଶିକ୍ଷା ପାଇଁ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଏସ୍‌ଏସ୍‌ଡି ସ୍କୁଲ, ଲାଞ୍ଜିଗଡ଼ରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ଜାତୀୟ ତଥା ରାଜ୍ୟ ସ୍ତରରେ ପଦକ ଜିତିଛନ୍ତି। ଆଜି ପର୍ଯ୍ୟନ୍ତ ତୀରନ୍ଦାଜୀ ଛାତ୍ରମାନେ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରୁ ୪ଟି ସ୍ୱର୍ଣ୍ଣ ପଦକ ଓ ୮ଟି ରୌପ୍ୟ ପଦକ ତଥା ୪ଟି ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ନିକଟରେ ଜମ୍ମୁ କଶ୍ମୀରରେ ଆୟୋଜିତ ତୀରନ୍ଦାଜ ସିନିୟର ନ୍ୟାଶନାଲ ପ୍ରତିଯୋଗିତାରେ ଛାତ୍ର ସୀମାଞ୍ଚଳ କାଡ୍ରାକା ଓ ରତ୍ନା ମାଝି ଅଂଶ ଗ୍ରହଣ କରିଥିଲେ। କରାଟେ କ୍ଷେତ୍ରରେ ମଧ୍ୟ ଛାତ୍ରମାନେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପୁରସ୍କାର ପାଇଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ ଲାଞ୍ଜିଗଡ଼ର ସିଇଓ ଜି.ଜି.ପାଲ୍ କହିଛନ୍ତି, ଯଦି ଆମେ ନିଜର ଭବିଷ୍ୟତ ପାଇଁ ପିଲାମାନଙ୍କର ଅନ୍ତର୍ନିହିତ ସାମର୍ଥ୍ୟର ବିକାଶ ପାଇଁ ଆବଶ୍ୟକ ଉପକରଣ ସହିତ ସେମାନଙ୍କୁ ଉପଯୁକ୍ତ ତାଲିମ ଯୋଗାଇଦେବା ତେବେ ସ୍ଥାୟୀ ବିକାଶ ସମ୍ଭବ ହୋଇପାରିବ। ପ୍ରତ୍ୟେକ ପିଲାକୁ ତା'ର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ସୁଯୋଗ ଦିଆଯିବା ଉଚିତ। ଆମର ବିକାଶମୂଳକ ପଦକ୍ଷେପ ଆମ ପଡ଼ୋଶୀ ଗୋଷ୍ଠୀ ମଧ୍ୟରେ ଖେଳୁଥିବା ଆଥଲେଟିକ୍ସଙ୍କୁ ସାହାଯ୍ୟ କରିବ। ସେମାନେ ଚାହିଁଲେ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିପାରିବେ।

ଟିପିସିଓଡିଏଲ୍‌ର ସିସିସି ଉଦ୍‌ଘାଟିତ

ଭୁବନେଶ୍ୱର,୭।୫

ମାର୍ଶାଘାଇ ଅଞ୍ଚଳର ଗ୍ରାମୀଣ ଗ୍ରାହକଙ୍କ ଅନୁଭୂତିରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇ ତହସିଲରେ ଏହାର ପ୍ରଥମ ଭ୍ରାମ୍ୟମାଣ ଗ୍ରାହକ ସେବା କେନ୍ଦ୍ର (ସିସିସି)ର ଶୁଭାରମ୍ଭ କରାଯାଇଛି। ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏହି ଭ୍ରାମ୍ୟମାଣ ଗ୍ରାହକ ସେବା କେନ୍ଦ୍ରକୁ ପତାକା ଦେଖାଇ ଲୋକାର୍ପଣ କରିଛନ୍ତି। ଏହା ହେଉଛି କମ୍ପାନୀ ପକ୍ଷରୁ ଏହାର ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ସ୍ଥାପନ କରାଯାଇଥିବା ୧୫ତମ ଗ୍ରାହକ ସେବା କେନ୍ଦ୍ର।

ଏ ସମ୍ପର୍କରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ର ସିଇଓ ଏମ୍. ସେନ୍‌ବାଗମ୍ କହିଛନ୍ତି, ବିଦ୍ୟୁତ୍ ଯୋଗାଣ ସମ୍ପର୍କିତ ସବୁ ପ୍ରକାର ସେବା ପାଇଁ ଆମ ପାଖରେ ପହଞ୍ଚିବା ଲାଗି ସମସ୍ତ ଗ୍ରାହକଙ୍କୁ ଗ୍ରାହକ ସେବା କେନ୍ଦ୍ର ଏକ ମଞ୍ଚ ପ୍ରଦାନ କରୁଛି। ଏବେ ଆଉ ପାଦେ ଆଗକୁ ବଢ଼ି ଆମେ ଓଡ଼ିଶାର ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳରେ ଥିବା ଆମର ଗ୍ରାହକଙ୍କ ପାଖରେ ପହଞ୍ଚିବାକୁ ଚାହୁଁଛୁ। ଏହାଦ୍ୱାରା ସେମାନେ ଆମର ବିଭିନ୍ନ ସେବା ଦ୍ୱାରା ଉପକୃତ ହୋଇପାରିବେ।

ଏସ୍‌ସିଏଲ୍‌ର ନୂଆ ଏମ୍‌ଡି ନିଯୁକ୍ତ

ନୂଆଦିଲ୍ଲୀ,୭।୫

ଦେଶର ଅଗ୍ରଣୀ ଅଟୋ ଉପକରଣ ନିର୍ମାତା ସୁନ୍ଦରମ୍-କ୍ଲେଟନ୍ ଲିମିଟେଡ୍ (ଏସ୍‌ସିଏଲ୍) ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ଡ. ଲକ୍ଷ୍ମୀ ବେଣୁ ଶ୍ରୀନିବାସଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ମଧ୍ୟ କମ୍ପାନୀର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ କରୁଥିଲେ। ଡ. ଶ୍ରୀନିବାସ ଏକ ଦଶନ୍ଧିରୁ ଅଧିକ ସମୟ ଧରି ସୁନ୍ଦରମ କ୍ଲେଟନ୍‌ର ନେତୃତ୍ୱ ନେଥବା ସହ ଏହାକୁ ବିଶ୍ୱ ଦରବାରରେ ପରିଚିତ କରାଇଛନ୍ତି। ଏ ସମ୍ପର୍କରେ ସୁନ୍ଦରମ୍ କ୍ଲେଟନ୍‌ର ଅଧ୍ୟକ୍ଷ ଆର୍.ଗୋପାଳନ କହିଛନ୍ତି, ଲକ୍ଷ୍ମୀଙ୍କ ପାଖରେ ଗ୍ରାହକଙ୍କୁ ଗଭୀର ଭାବେ ବୁଝିବାର ଜ୍ଞାନ ରହିଛି। ବିଶ୍ୱସ୍ତରୀୟ ଗ୍ରାହକମାନଙ୍କ ସହିତ ସେ ଦୃଢ଼ ସମ୍ପର୍କ ବିକଶିତ କରିଛନ୍ତି।

ଫୁଚର୍‌ସପ୍ତ୍

ସଚେତନତା ହିଁ ପ୍ରକୃତ ନିଦାନ

ବିଶ୍ୱ ଥାଲାସେମିଆ ଦିବସ

କୌଣସି ସ୍ୱାସ୍ଥ୍ୟ ସମସ୍ୟା ପୂର୍ବରୁ ଏନେଇ ସଚେତନତା ସୃଷ୍ଟି ଦ୍ୱାରା ବହୁ ଅସୁବିଧାରୁ ଦୂରେଇ ହୋଇ ରହିବା ସମ୍ଭବ ହୋଇଥାଏ। ଥାଲାସେମିଆ ଭଳି ଜିନ୍‌ଗତ ରକ୍ତ ସମସ୍ୟା ପ୍ରତି ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ମେ' ୮ରେ ବିଶ୍ୱ ଥାଲାସେମିଆ ଦିବସ ପାଳିତ ହୋଇଥାଏ। ଏହି ରୋଗରେ ଶରୀରରେ ଥିବା ରକ୍ତରେ ଯଥେଷ୍ଟ ହେମୋଗ୍ଲୋବିନ ସୃଷ୍ଟି କରିବାରେ ସମ୍ଭବ ହୋଇ ନଥାଏ। ଫଳସ୍ୱରୂପ ଲାଲ ରକ୍ତକଣିକା ଦୁର୍ବଳ ହୋଇଯାଏ। ସାଧାରଣତଃ ଦୁଇ ପ୍ରକାରର ଥାଲାସେମିଆ ସମସ୍ୟା ରହିଛି। ଏହାକୁ ଆଲ୍‌ଫା ଏବଂ ବିଟା ଭାବେ ନାମିତ କରାଯାଇଛି। ଏହି ସମସ୍ୟା ଯୋଗୁ ରକ୍ତହୀନତା,

ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା, ଅତ୍ୟଧିକ ଥକା ଏବଂ ଅନିୟମିତ ହୃଦ୍‌ସ୍ପନ୍ଦନ ହୋଇଥାଏ। ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହାର ମୁକାବିଲା ପାଇଁ ରୋଗୀ, ସେମାନଙ୍କ ପରିବାର ଏବଂ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ସହାୟତା କରିବା ସକାଶେ ବିଶ୍ୱ ଥାଲାସେମିଆ ଦିବସ ପାଳନର ଲକ୍ଷ୍ୟ ରଖାଯାଇଥାଏ। ୧୯୯୪ରେ ଥାଲାସେମିଆ ଇଣ୍ଟରନ୍ୟାଶନାଲ ଫେଡେରେଶନ (ଟିଆଇଏଫ୍) ଦ୍ୱାରା ପ୍ରତିଷ୍ଠାତା ପାନୋସ ଏଙ୍ଗଲେଜୋସଙ୍କ ପୁଅ ଜର୍ଜ ଏଙ୍ଗଲେଜୋସଙ୍କ ସ୍ମୃତିରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଭାରତୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୱେବ୍‌ସାଇଟ ଅନୁସାରେ ପ୍ରତିବର୍ଷ ଭାରତରେ ଥାଲାସେମିଆ ସମସ୍ୟା ସହ ପ୍ରାୟ ୧୦ରୁ ୧୫ ହଜାର ଶିଶୁ ଜନ୍ମ ହୁଅନ୍ତି। ବିଶ୍ୱସ୍ତରରେ ପ୍ରତିବର୍ଷ ଏଭଳି ସମସ୍ୟା ଥିବା ପିଲାଙ୍କ ସଂଖ୍ୟା ପ୍ରାୟ ୩ ଲକ୍ଷରୁ ୫ ଲକ୍ଷ ରହିଥାଏ।

'କିପ୍ ସାଇନିଂ ଶେହନାଜ'

ନୂଆଦିଲ୍ଲୀ: ବିଗ୍ ବସ୍ ରିଆଲିଟି ଶୋ'ରୁ ହିନ୍ଦୀ ମନୋରଞ୍ଜନ ଜଗତରେ ପାଦ ଥାପିଥିବା ପଞ୍ଜାବର ଶେହନାଜ ଗିଲ୍ ଏବେ ଅନେକଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି। ନିକଟରେ ବ୍ରହ୍ମାକୁମାରୀ ସଂସ୍ଥାନ ଶେହନାଜଙ୍କୁ କିପ୍ ସାଇନିଂ ସମ୍ମାନରେ ସମ୍ମାନିତ କରିଛନ୍ତି। ସଂସ୍ଥା ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶେହନାଜ ଯୋଗ ଦେଇଥିଲେ। ସିରିଏଲ୍ ଅଭିନେତା ତଥା ବିଗ୍‌ବସ୍ ୧୩ର ବିଜେତା ସିଦ୍ଧାର୍ଥ ମାଳହୋତ୍ରାଙ୍କ ଅକାଳ ବିୟୋଗ ପରେ ତାଙ୍କ ବାନ୍ଧବୀ ଶେହନାଜ ଭାଙ୍ଗିପଡ଼ିଥିଲେ। ମାନସିକଚାପରେ ରହୁଥିବା ଶେହନାଜ ଶେଷରେ ବ୍ରହ୍ମାକୁମାରୀ ସଂସ୍ଥାନର ଆଶ୍ରୟ ନେବା ପରେ ସମସ୍ତ ପ୍ରକାର ଦୁଶ୍ଚିନ୍ତାରୁ ବାହାରି ଆସିପାରିଥିଲେ।

ନିକଟରେ ଶେହନାଜ ସଲମାନ୍ ଖାନ୍‌ଙ୍କ ଇଦ୍ ପାର୍ଟିରେ ଦେଖିବାକୁ ମିଳିଥିଲେ, ଯାହାକୁ ନେଇ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ହୋଇଥିଲା। ସୂଚନାଯୋଗ୍ୟ ଶେହନାଜ ଖୁବ୍ ଶୀଘ୍ର ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସଲମାନଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'କଭି ଇଦ୍ କଭି ଦିୱାଲି'ରେ ଶେହନାଜ ଦେଖିବାକୁ ମିଳିବେ।

୭୦୦ ବର୍ଷର ଗଛତଳେ ବିବସ୍ତ୍ର: ୬ ବର୍ଷ ଜେଲ

ମସ୍କୋ: ଇଣ୍ଡୋନେସିଆ ବାଲିରେ ଥିବା ୭୦୦ ବର୍ଷ ପୁରୁଣା ଗଛ ତଳେ ଉଲଗ୍ନ ଫଟୋ ଉତ୍ତୋଳନ କରିବା ପାଇଁ ରୁଷିଆର ଜଣେ ମଡେଲ ତଥା ଯୋଗ ଟ୍ରେନର୍‌ଙ୍କୁ ୬ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିପାରେ। ଏଲିନା ନାମ

ସୁପ୍ରିମକୋର୍ଟରେ ୨...

ପ୍ରଥମ ପୃଷ୍ଠାରୁ...

ହାଇକୋର୍ଟର ମୁଖ୍ୟ ବିଚାରପତି ସୁଧାଂଶୁ ଧୁଲିଆ ଏବଂ ଗୁଜରାଟ ହାଇକୋର୍ଟ ବିଚାରପତି ଜଷ୍ଟିସ ଜାମସେଦ ବି. ପର୍ଡିୱାଲାଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦେବା ଲାଗି ସୁପାରିସ କରିଥିଲେ। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଶନିବାର ଦୁଇଟି ଭିନ୍ନ ବିଜ୍ଞପ୍ତି ଜରିଆରେ ସେମାନଙ୍କ ନିଯୁକ୍ତି ସମ୍ପର୍କରେ ଘୋଷଣା କରିଛି। ସେମାନେ ଶପଥ ଗ୍ରହଣ କରିବା ପରେ ସୁପ୍ରିମକୋର୍ଟ ମଞ୍ଜୁରୀପ୍ରାପ୍ତ ପୂର୍ଣ୍ଣ କ୍ଷମତା ହାସଲ କରିବେ। ସର୍ବୋଚ୍ଚ ଅଦାଲତକୁ ଯିବାରେ ଜଷ୍ଟିସ୍ ପର୍ଡିୱାଲା ହେଉଛନ୍ତି ପାର୍ସି ସମ୍ପ୍ରଦାୟର ଚତୁର୍ଥ ବିଚାରପତି। ସେହିପରି ଜଷ୍ଟିସ୍ ଧୁଲିଆ ଉତ୍ତରାଖଣ୍ଡରୁ ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇବାରେ ଦ୍ୱିତୀୟ ବିଚାରପତି। ସେ ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ଟିଗ୍‌ମାଂଶୁ ଧୁଲିଆଙ୍କ ଭାଇ। ତାଙ୍କର କାର୍ଯ୍ୟକାଳ ଆଉ ୩ ବର୍ଷ ରହିଛି। ଗତ ଜାନୁୟାରୀ ୪ରେ ଜଷ୍ଟିସ୍ ଆର୍. ସୁଭାଷ ରେଡ୍ଡୀଙ୍କ ଅବସର ପରେ ସର୍ବୋଚ୍ଚ ଅଦାଲତ ବିଚାରପତି ସଂଖ୍ୟା ୩୨କୁ ହ୍ରାସ ପାଇଥିଲା। ଉତ୍ତରାଖଣ୍ଡର ପୌରୀ ଗରୱାଲ ଜିଲା ଅନ୍ତର୍ଗତ ମଦନପୁରରେ ୧୯୬୦ ଅଗଷ୍ଟ ୧୦ରେ ଜନ୍ମିତ ଜଷ୍ଟିସ ଧୁଲିଆ ୧୯୮୬ରେ ଆଲ୍ଲାହାବାଦ ହାଇକୋର୍ଟ ବାର୍‌ରୁ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ସେହିପରି ୧୯୬୫ ଅଗଷ୍ଟ ୧୨ରେ ଜନ୍ମିତ ଜଷ୍ଟିସ ପର୍ଡିୱାଲା ୧୯୯୦ରେ ଗୁଜରାଟ ହାଇକୋର୍ଟରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ସୂଚନାଯୋଗ୍ୟ, ଜଷ୍ଟିସ ରମନା ସିଜେଆଇ ଭାବେ ଦାୟିତ୍ୱ ଗ୍ରହଣ କରିବା ସମୟରେ ସୁପ୍ରିମକୋର୍ଟରେ ୯ ଏବଂ ବିଭିନ୍ନ ହାଇକୋର୍ଟରେ ୬୦୦ ବିଚାରପତି ପଦବୀ ଖାଲି ପଡ଼ିଥିଲା।

ଋଣଭାର: ମା', ପୁଅଙ୍କ...

ଆଣିଥିଲେ। ଦୀର୍ଘ ଦିନ ହେଲା ତାହା ଶୁଝିପାରୁ ନ ଥିବାରୁ ଧାର ଦେଇଥିବା ଲୋକଙ୍କଠାରୁ ଅନେକ ଅପମାନ ଶୁଣିବାକୁ ପଡୁଥିଲା। ପରେ ରଜନୀ ଟଙ୍କା ଧାର କରି ଝିଅର ବାହାଘର ମଧ୍ୟ କରିଥିଲେ। ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ କରିଥିବାବେଳେ ଲୋକେ ବାରମ୍ବାର ଟଙ୍କା ମାଗୁଥିଲେ। ଏମିତିକି ଋଣ ଦେଇଥିବା ବ୍ୟକ୍ତି କିଛିଦିନ ତଳେ ଘରେ ତାଲା ମଧ୍ୟ ପକାଇ ଦେଇଥିଲେ। ମା', ପୁଅଙ୍କୁ ଘର ବାହାରେ ରହିବାକୁ ପଡ଼ିଥିଲା। ପୋଲିସର ହସ୍ତକ୍ଷେପରେ ତାଲା ଖୋଲିଥିଲା। ଝିଅ ଏବଂ ଜ୍ୱାଇଁଙ୍କଠାରୁ ସୁନା ଆଣି ବିକ୍ରି କରି କିଛି ଋଣ ପରିଶୋଧ କରିଥିଲେ। ପରବର୍ତ୍ତୀ ସମୟରେ ଝିଅ ଏବଂ ଜ୍ୱାଇଁ ମଧ୍ୟ ସୁନା ଫେରାଇବାକୁ କହିଥିଲେ। ସୁନା ବଦଳରେ ଟଙ୍କା ଫେରାଇବାରେ ବିଳମ୍ବ ହେବାରୁ ଉଭୟଙ୍କ ପରିବାର ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏହା ଉଭୟ ମା' ଓ ପୁଅଙ୍କୁ କଷ୍ଟ ଦେଇଥିଲା। ଟଙ୍କା ଫେରାଇବା ପାଇଁ ରଜନୀ ଏବଂ ଶ୍ୟାମ୍ ମାନସିକ ଚାପରେ ଥିଲେ ବୋଲି ସାହି ଲୋକେ କହିଛନ୍ତି। ମାନସିକ ଭାରସାମ୍ୟ ହରାଇ ଶୁକ୍ରବାର ରାତିରେ ଦୁହେଁ ଚରମ ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ସେମାନେ ଅନୁମାନ କରୁଛନ୍ତି। ଏମିତିକି ଶ୍ୟାମ୍ ଆଇପିଏଲ୍ ବେଟିଂରେ ମଧ୍ୟ ଟଙ୍କା ହରାଇଥିବା କୁହାଯାଉଛି। କୀଟନାଶକ ପିଇବା ଜାଣି ସାହି ଲୋକେ ଉଭୟଙ୍କୁ ପ୍ରଥମେ ଜେମାଦେଈପେଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ହିଁ ଶ୍ୟାମ୍‌ଙ୍କ ମୃତ୍ୟୁ ଘଟିଥିଲା। ଶନିବାର ସକାଳେ ମା' ରଜନୀଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଖବର ପାଇ ଶେଷଖୋଲ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଋଣଭାର ଯୋଗୁ ଦୁହେଁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା କୁହାଯାଇଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଅଲଣା ମୁହଁକୁ ନାହିଁ ଲାଜ
କୁଲାରେ ପକାଇ ବିରି ଭାଜ।

ଯେଉଁମାନଙ୍କ ମୁହଁରେ ଲାଜ ସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଙ୍ଗୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଅନ୍ୟ ସଉତୁଣୀ ପାଳି ନାଳି ନିଏ
ଭଉଣୀ ସଉତୁଣୀ ବିଷ ଦେଇ ମାରେ।

ସାଧାରଣତଃ ଦୁଇ ସଉତୁଣୀଙ୍କ ମଧ୍ୟରେ ଅହି ନକୁଳ ସମ୍ପର୍କ ରହିଥାଏ। କେହି କାହାର ସୁଖଶିରୀ ଦେଖିପାରି ନ ଥାନ୍ତି। କିନ୍ତୁ ନିଜ ଭଉଣୀ ଯଦି ସଉତୁଣୀ ସାଜେ ତାହେଲେ ପରିସ୍ଥିତି ଆହୁରି ଅଧିକ ସଙ୍କଟାପନ୍ନ ହୋଇଯିବାର ସମ୍ଭାବନା ଥାଏ। ପରୋକ୍ଷରେ ଶତ୍ରୁ ଅପେକ୍ଷା ନିଜ ଲୋକର ଶତ୍ରୁତା ଅଧିକ ବେଶି ପ୍ରାଣଘାତୀ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

ବୋହୂଙ୍କୁ ବଳାତ୍କାର ଘଟଣା: ଶ୍ୱଶୁର ଗିରଫ

କୁଳିଅଣା, ଚାଷ(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ୨୪ ତାରିଖ ରାତିରେ ତାଙ୍କ ଶ୍ୱଶୁର ବଳାତ୍କାର କରିବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କୁଳିଅଣା ପୋଲିସ ଅଭିଯୁକ୍ତ ଶ୍ୱଶୁରଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ରାତିରେ ମହିଳାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ସେ ଝିଅ ସହ ଶୋଇଥିଲେ। ଏହାର ସୁଯୋଗ ନେଇ ତାଙ୍କ ଶ୍ୱଶୁର ଜବରଦସ୍ତ ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ ଜଣାଇଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ସମ୍ପୃକ୍ତ ମହିଳା ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ ମଧ୍ୟ ସେ ନୀରବ ରହିଥିଲେ। ଏହି ଘଟଣାକୁ ନେଇ ଦୁଇଥର ଗ୍ରାମସଭା ହୋଇଥିଲା। ହେଲେ ଶ୍ୱଶୁର ଓ ସ୍ୱାମୀ ଆସି ନ ଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ ଜୀବନପ୍ରତି ବିପଦ ଥିବାରୁ ମହିଳାଜଣକ ଏନେଇ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ. ୭୩/୨୨) ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ବାରିପଦା ସ୍ପେଶାଲ ମାଜିଷ୍ଟ୍ରେଟଙ୍କ ନିକଟରେ ହଜାର କରାଯାଇଥିବା କୁଳିଅଣା ଆଇଆଇସି କୃଷ୍ଣଚନ୍ଦ୍ର ଯାନୀ କହିଛନ୍ତି।

Odisha Mineral Exploration Corporation Ltd
(A State PSU) 3rd Floor, Bayan Bhawan, Unit-3,
Pandit Jawaharlal Nehru Marg, Bhubaneswar -751001
Ph : 0674-2399914, Website : www.omecl.in
CIN No- U13209OR2016SGC025960

OMECL ODISHA MINERAL EXPLORATION CORPORATION LIMITED

ADVERTISEMENT FOR RECRUITMENT OF EXECUTIVES IN OMECL

No. 12/OMECL **Date: 06.05.2022**

No.CAD-448: Odisha Mineral Exploration Corporation Limited (OMECL), a State PSU undertakes exploration and mining activities as approved by Govt. of Odisha. The Corporation planned to operationalise the allotted Iron Ore Mine within a short span of time and has envisioned to emerge as a leading Exploration and Mining Corporation in the State. The Corporation intends to recruit dynamic and competent professionals in the relevant field as under for exploration and mining activities in respect of metalliferous sector.

VACANCY:-

Sl. No.	Name of the Post	Total posts	Scale of Pay (in Rs.)	Initial Basic Pay (in Rs.)	No. of Posts Reserved for				Age as on 30.04.2022
					SC	ST	SEBC	UR	
				MINING					
1	General Manager (Min), E-7 grade	2	Rs. 1,27,100/- to 2,16,300/-	Rs.1,38,800/-	-	-	-	2	Not above 55 years
2	Manager (Min.), E-3 grade	2	Rs. 67,700/- to 2,08,700/-	Rs. 78,500/-	1	1	-	-	Not above 36 years
3	Dy. Manager (Min.), E-2 grade	1	Rs. 67,700/- to 2,08,700/-	Rs.67,700/-	-	1	-	-	Not below 21 years and not above 38 years
				GEOLOGY					
4	Sr. Manager (Geo), E-4 grade	1	Rs. 67,700/- to 2,08,700/-	Rs. 91,100/-	1	-	-	-	Not above 40 years
5	Manager (Geo), E-3 grade	1	Rs. 67,700/- to 2,08,700/-	Rs. 78,500/-	-	1	-	-	Not above 36 years
6	Dy. Manager (Geo), E-2 Grade	1	Rs. 67,700/- to 2,08,700/-	Rs. 67,7001-	-	1	-	-	Not below 21 years and not above 38 years
				FINANCE					
7	Sr. Manager (Fin), E-4 grade	1	Rs. 67,700/- to 2,08,700/-	Rs. 91,100/-	-	1	-	-	Not above 40 years
				PERSONNEL					
8	Sr. Manager (Personnel), E-4 grade	1	Rs.67,700/- to 2,08,700/-	Rs.91,100/-	-	-	1	-	Not above 40 years
9	Manager (Personnel), E-3 grade	1	Rs. 67,700/- to 2,08,700/-	Rs.78,500/-	-	1	-	-	Not above 36 years
				FOREST & ENVIRONMENT					
10	Manager (F& E), E-3 grade	1	Rs. 67,700/- to 2,08,700/-	Rs.78,500/-	-	-	-	1	Not above 36 years

Interested eligible candidates are requested to download the application format from **OMECL** website: http://omecl.in and submit the same duly filled in & signed along with attested copies of Certificates / Testimonials, experience certificate etc. in support of their eligibility by Speed Post/Courier in a cover superscribed "APPLICATION FOR THE POST OF_____ AGAINST ADVERTISEMENT NO. 12/OMECL DATED 06.05.2022" so as to reach **General Manager, Odisha Mineral Exploration Corporation Ltd., 3rd Floor, Bayan Bhawan, Unit-3, Pandit Jawaharlal Nehru Marg, Bhubaneswar-751001 by 06.06.2022 positively.** Applications received after the last date due to delay in postal/courier or any other reason shall not be entertained and will be rejected.

OMECL Management reserves the right to cancel, amend or alter the above advertisement without assigning any reason thereof.

Sd./- GENERAL MANAGER, OMECL
OIPR-30024/11/0001/2223

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
Phone No : 0674-2540742,Email address:se_ccrw@yahoo.co.in

No.O-167: **No.1789/Date.05.05.2022**

"e" Procurement Notice for PMGSY Missing Link Bridge Work((Balance work) for the year.

1.	Name of the Work	:	PMGSY Missing Link Bridge Work (Balance work)
2.	Total No. of Packages	:	1 No.
3.	Estimated Cost of the Package	:	Rs.284.00 Lakhs
4.	Class of Contractor	:	
.	a) Estimated cost more than Rs. 40.00 lakhs up to Rs. 3.00 Crores.	:	B Class & A class (of Odisha PWD) or relevant class of other licensing authorities
5.	Period of completion	:	Packages costing less than Rs.3.00 Crores-09 (Nine) months
6.	Offered rates by bidder	:	The offered rate by the contractor shall be excluding GST.
7.	Other details	:	

Procurement Officer	Bid Identification No.	Availability of Tender online for bidding		Last date & Time of seeking Tender Clarification	Date & Time of submission of original financial instrument alongwith affidavit regarding correctness of information	Date & Time of Opening of Tender	
		From	To			Technical Bid	Financial Bid
1	2	3	4	5	6	7	8
Chief Construction Engineer, Central Rural Works Circle, Bhubaneswar	Tender On-line-C.C.- 12 of 2022	12.05.22 at 11.00 A.M.	27.05.22 upto 3.00 P.M.	25.05.22 upto 3.00 P.M.	31.05.22 to 02.06.22 Upto 5.00 P.M. (during office hour)	31.05.22 at 11.00 A.M.	To be intimated later on

Further details can be seen from the website **www.pmgsytenders.gov.in.**

Chief Construction Engineer, Central Rural Works Circle, Bhubaneswar
OIPR-25082/11/0005/2223

BHUBANESWAR MUNICIPAL CORPORATION
e-Procurement Notice

No. C-216:- **E-Mail:** ee1@bmc.gov.in

1. Bid Reference No. : **BMC-DIV-1-04/2022-23 Dt.06.05.2022**
2. Tender Call Notice No. : **23918/Dt. 06.05.2022**
3. Name of Work : Construction of 3 Nos. of 5 TPD capacity Micro Composting Centre at TTS in Ward No.12
4. Bid Value : Rs.1,75,22,004/-
5. Period of Completion : 4 (Four Month)

Date and Time Schedule

Start	End	Opening
11.00 A.M. of 10.05.2022	5 P.M. of 31.05.2022	11.00 A.M. of 01.06.2022

6. Tender details can be seen for the procurement portal: **https://www.tendersodisha.gov.in** & BMC website **https://www.bmc.gov.in**

Sd./- City Engineer
Bhubaneswar Municipal Corporation
OIPR-13002/11/0026/2223

ZILLA SWASTHYA SAMITI, JAGATSINGHPUR
DPMU, NHM Jagatsinghpur

Walk in Interview for Empanelment of Part time Specialists & Yoga Instructors

Advt.No.1927 **Date:6.5.2022**

No.E-65: Expression of Interest (EOI) is invited for empanelment of Part time Specialists O&G/Paediatric/Medicine/Skin-VD/Eye/ENT/Dentist for Ama Clinic at UPHC, Paradeep under NUHM, and Yoga Instructors at different Health & Wellness Centres of Jagatsinghpur District. The eligible candidates are requested to Walk-in-Interview for empanelment on 18.05.2022 at 10.30 AM to 12.30 PM at O/o CDM & PHO, DHH, Jagatsinghpur. Interested candidates can download the prescribed application form & details of the said advertisement from the district website www.Jagatsinghpur.nic.in. After scheduled date or time of registration no application will be entertained. Further communication to the shortlisted candidates will be made through district website www.Jagatsinghpur.nic.in only.

Dr. Khetrabasi Dash
CDM & PHO-cum-DMD, Jagatsinghpur
OIPR-10043/11/0004/2223

Bhubaneswar Municipal Corporation
Progress through Partnership for better Bhubaneswar

Notice No.23957 **Date:06.05.2022**

Addendum notice no. 1 to RFP No. 22687 dated 26.04.2022 for auction of Advertisement rights on Govt. Land in North and South-West Zone Bhubaneswar Municipal Corporation

No.C-220: In reference to the RFP No. 22687, dated 26/05/2022 for auction of Advertisement rights on Govt. Land in North and South-West Zone Bhubaneswar Municipal Corporation, a few clauses have been added in the RFP in regard to Minimum Eligibility Criteria. Interested bidders are required to go through the addendum notice before submitting the proposal. The details of the Addendum-1 are available in BMC Website - **http://bmc.gov.in.**

By Order
Sd./- Deputy Commissioner (Revenue)
Bhubaneswar Municipal Corporation
OIPR-13002/11/0031/2223

OFFICE OF THE ROURKELA MUNICIPAL CORPORATION: ROURKELA
INVITATION FOR BID
No.4930, Dated:05.05.2022
Bid Identification No. :- MC/RMC/26/2022

No.C-208: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode Bid Identification **No. MC/RMC/26/2022** for **19 nos** Civil work with value of **Rs. 53.90 lakh to 71.87 lakh**.

5. Bid documents will be available in website www.tendersorissa.gov.in from 06.05.2022.
6. Bids must be submitted on "online" on or before 19.05.2022 by 17.00 hours.
7. Bids shall be opened at 11.00 hours on 20.05.2022 in the office of the undersigned in the presence of the bidders or their authorized agents.
8. Other details will be available in the website tendersorissa.gov.in.

Sd./- Municipal Commissioner
Rourkela Municipal Corporation
OIPR-13131/11/0016/2223

Office of the Superintendent
Sardar Vallavbhai Patel Post Graduate Institute of Pediatrics
Health & F.W. Department, Govt. of Odisha
Cuttack-753002, Tel/Fax: 0671-2508978
E-Mail ID- svppgip_cuttack@rediffmail.com, www.svppgip.org

Letter No.2229 **Date:06.05.2022**

SHORT TENDER CALL NOTICE

No.E-66: The Superintendent, SVPPGIP, Cuttack invites Sealed tender from registered Printing Press/ Supplier for supply of various report books and envelops to this institute during the year 2022-23. The tender will be two bid systems as technical bid and price bid. The details of last date of sale, receipt of tender, opening of bid & term and condition can be find in tender paper which can be down loaded from the institution website www.svppgip.org.The bid cost Rs. 200/- (Two hundred only) in the form of DD should be enclosed with the tender paper. The tender should send by speed post/registered post only.

Sd./- Superintendent
SVPPGIP, Cuttack
OIPR-10176/11/0001/2223

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO III, BHUBANESWAR
bbsrrandb03@yahoo.com

60Estg.No.2980 **Date:05.05.2022**

Government of Odisha
"e"-Procurement Notice No (10) of 2022-23
No.B-163: **Bid Identification No :- C.C. (R&B) 03**

1	Name of the Work	Building work
2	Total No. of Works	1 no work
3	Estimated Cost	Rs. 31,13,566.00
4	Class of Contractor	C & B
5	Period of Completion	3 (Three) Calendar Months
6	Type of Tender	Single Cover System. (Online)
7	Date & time of availability of bid document in the portal	From 12/05/2022 at. 10.00 hrs to 23/05/2022 upto 17.30hrs.
8	Last Date & Time for Receipt of bids in the Portal	23/05/2022, upto 17.30 hrs
9	Name & Address of the Officer inviting Bid	Er. Himansu Sekhar Sarangi, Superintending Engineer, Bhubaneswar (R&B) Division No III, Bhubaneswar

Further details can be seen from the e-procurement portal https://tendersorissa.gov.in.

N.B. Subsequent corrigendum/addendum if required shall be available in the website as indicated above.

Sd./- Superintending Engineer
Bhubaneswar (R&B) Division No.III, Bhubaneswar
OIPR-34089/11/0006/2223

INSTITUTE ON MANAGEMENT OF AGRICULTURAL EXTENSION (IMAGE)
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, BHUBANESWAR-751003, Odisha
Ph. - (0674) 2974145, E-mail: imagebbsr1999@gmail.com

No.1977/IMAGE **Dated:06.05.2022**

Clarification on Pre-bid Queries

With reference to RFP Notice No.1749 dt. 20.04.2022, for Selection of Agency for Engagement of Extension Functionaries at Blocks & Districts and setting up of PMU in IMAGE under Extension Reforms (ATMA) Scheme

No.CAD-449: The details of clarification relating to the queries of the interested bidders have been discussed in the Pre-bid meeting held on dt.04.05.2022 and necessary changes made in the RFP documents can be downloaded from the website www.agriodisha.nic.in / www.odisha.gov.in from dt. 07.05.2022.

Other Terms & Conditions as mentioned in the RFP documents are remain unchanged.

DIRECTOR, IMAGE
OIPR-01408/11/0004/2223

obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ.
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No.2962 **Date:06.05.2022**
File: SMT-1788
No.CAD-445: **NOTICE INVITING TENDER**

1	Name of Work	:	Design, Supply, Installation, Testing & Commissioning of CCTV surveillance with Video Analytics & Face Recognition System at Shree Jagannath Temple & Shree Gundicha Temple, Puri, Odisha including 5 years of Operation & Maintenance on Turnkey basis
2	Bid Identification No	:	02/Tender/OBCC/2022-23
3	Date of availability of bid document in e-procurement portal	:	From 09.05.2022
4	Last Date & time of receipt of online bid	:	Up to 5.00 PM on 31.05.2022
5	Last Date of Pre-Bid Queries	:	Till 5.00 PM on 12.05.2022
6	Date & Time for Pre-bid meeting	:	At 4.00 PM on 1 3.05.2022 (Through Video Conferencing) https://meet. google.com/hcs-hsnv-oku
7	Date of Bid Opening	:	01. 06.2022 at 11.30AM

8.Further details can be seen from the e-Procurement portal **https://www.tendersodisha.gov.in.**

9.OBCC has the right to accept or reject the Notice / RFP without assigning any reason thereof.

Sd./- EIC-cum-Managing Director
OIPR-34106/11/0003/2223

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BERHAMPUR
At:- Ambapua, Po:- Engineering School
Near Income Tax office, Berhampur-760011
(E-Mail:- serwbpr2004@yahoo.com, Tel/Fax:- (0680-2404287)

NOTICE
FOR PRADHAN MANTRI GRAM SADAK YOJANA (PMGSY)
NATIONAL COMPETITIVE BIDDING THROUGH "e"-Procurement
Bid identification No. Online Tender/II-2022-23/PMGSY/BPR

No.O-168:The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for construction of roads & Bridges under Pradhan Mantri Gram Sadak Yojana in the districts of Ganjam for 08 (Eight) number of packages with estimated cost totalling to **Rs 42.89 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways.** The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd. **09.03.2022**

Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security declaration and (c) original affidavit regarding correctness of information furnished with bid document as per provisions of Clause 4. 4 B (a) (ii) of ITB with Chief Construction Engineer, Rural Works Circle, Berhampur // Superintending Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement: 23.05.2022 upto 3.00 P.M

For further details and corrigendum (If any) please log on to **www.pmgsytenders.gov.in**

Sd./- Chief Construction Engineer
R.W.Circle, Berhampur
OIPR-25071/11/0018/2223

MAHILA VIKAS SAMABAYA NIGAM
(Govt. of Odisha Undertaking)
Mission Shakti Bhawan, 1st Floor, Pokhariput
Bhubaneswar- 751030
Ph.No.2353223/2353214
E-mail-mvsn_bbsr@yahoo.com

Ref.408/MVSN **Dt.6.5.22**

ADVERTISEMENT

No.CAD-446: The office of Mahila Vikas Samabaya Nigam (MVSN) invites application from Working Women/ trainee girls for accommodation in Working Women's Hostel at Ganganagar, Unit-VI, Bhubaneswar and at Santara, Jajpur supported by Department of W&CD, Govt. of Odisha on rented basis. Applicants are advised to go through the General Information, Hostel Rules and Accommodation norms etc. carefully which is available in the- website of Dept. of W&CD i.e. wcd.odisha.gov.in.

The application alongwith the relevant documents should be submitted in the web portal of the Department of Women & Child Development i.e. **http://amahostel.odisha.gov.in.**

Sd./- Managing Director
Mahila Vikas Samabaya Nigam
OIPR-33003/11/0001/2223

DIRECTORATE OF ECONOMICS AND STATISTICS
ODISHA, BHUBANESWAR
(Arthaniti O Parisankyan Bhawan, HOD Building, Unit - V, Bhubaneswar, 751005)
No.2521/ DES/Pur.154/2022, Bhubaneswar, dated 04.05.2022

TENDER NOTICE

(For award of contract for outsourcing of Sweeping & Cleaning Services for Directorate of Economics and Statistics, Bhubaneswar]

No.X-4: Sealed tenders are invited from intending service providing agencies for outsourcing of Sweeping & Cleaning service for the Directorate of Economics & Statistics, Odisha, Bhubaneswar.

The detail information for outsourcing the services of aforesaid work has been given in the tender document which may either be downloaded from the website of DE&S - www. desorissa.nic.in on any working day from 04.05.2022 to 24.05.2022 5.30 P.M..The downloaded Tender document from the website should be submitted along with a Bank Draft/ Bankers Cheque of Rs. 500/- (Non-Refundable).

The tender document will be received only through Speed Post /Registered Post during office hour only. The last date and time for receipt of filled in Tender documents is 24.05.2022 by 5.30 P.M. The office shall not be responsible for any kind of postal delay. The authority reserves the right to cancel any or all the tender without assigning any reason there of.

Sd./- Director
OIPR-21002/11/0002/2223

OFFICE OF THE MUNICIPAL COUNCIL, JODA
QUOTATION CALL NOTICE
No.1400, Dt.4.5.22

No.C-212: Sealed quotations are invited from the intending registered Firms/ Authorized dealers/ Distributors/supplier's and manufacturers for Supply and Installation of electrical items and electronics accessories and etc. to Joda Municipality Office. The prescribed quotation schedule can be obtained from Joda Municipality on payment of Rs. 2, 100. 00 {Rupees two thousand one Hundred) only including GST (Non-refundable) in shape of cash / bank draft / bankers cheque drawn in favour of the Executive Officer, Joda Municipality payable at Joda from any nationalized bank from date 06.05.2022 to date 13.05.2022 upto 1.00PM during office hour except holidays.

The quotation paper along with all documents should reach the undersigned by Regd. Post /Speed Post/Courier Service or by person on or before date 17.05.2022 upto 1.00 PM and the quotation will be opened on date 18.05.2022 at 11.00 AM in presence of the quotationer or their authorized representative if any. The undersigned will be no responsible for any delay in receipt of the quotation paper. The quotation received beyond the schedule date and time will not be considered at all. All terms and

ରାଜସ୍ଥାନ ପ୍ଲେଅଫ୍ ନିକଟତର

ମୁମ୍ବାଇ, ୭।୫

ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଶନିବାର ଅପରାହ୍ନରେ ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୬ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ୨୦ ଓଭର ଖେଳି ୫ ଉଇକେଟରେ ୧୮୯ ରନ୍ କରିଥିଲା। ଜବାବରେ ଯଶସ୍ୱୀ ଜୟସ୍ୱାଲ (୬୮)ଙ୍କ ଅର୍ଦ୍ଧଶତକ ବଳରେ ରାଜସ୍ଥାନ ୧୯.୪ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ବିଜୟ ଯୋଗୁ ସଞ୍ଜୁ ସାମ୍‌ସନଙ୍କ ରାଜସ୍ଥାନ ୧୪ ପଏଣ୍ଟ ସହ ଅଙ୍କ ତାଲିକାରେ ତୃତୀୟ ସ୍ଥାନ ବଜାୟ ରଖିବା ସହ ପ୍ଲେ-ଅଫ୍‌ର ନିକଟତର ହୋଇଛି।

ଆଇପିଏଲ୍-୧୫

ଆଜିର ମ୍ୟାଚ

ସନରାଇଜର୍ସ ହାଇଦ୍ରାବାଦ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩ଟା ୩୦

ଚେନ୍ନାଇ ସୁପର କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ ମୟଙ୍କ ଅଗ୍ରୱାଲ। ପଞ୍ଜାବ ପାଇଁ ଜନ୍ନି ବେଆରଷ୍ଟୋ(୫୬ ରନ୍, ୮ ଚୌକା ଓ ୧ ଛକା) ଓ ଶିଖର ଧାୱନ (୧୨)ଙ୍କ ଓପ୍‌ନିଂ ଯୋଡ଼ି ୪୧ ରନ୍ କରିଥିଲା। ରାଜସ୍ଥାନକୁ ପ୍ରଥମ ଉଇକେଟ ଆଣିଦେଇଥିଲେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ତା'ପରେ ଭାନୁକା ରାଜପାକ୍ସା(୨୭ ରନ୍, ୨ ଲେଖାଏ ଚୌକା ଓ ଛକା)ଙ୍କ ସହ ମିଶି ବେଆରଷ୍ଟୋ ଦଳୀୟ ସ୍କୋରକୁ ୮୯ ପର୍ଯ୍ୟନ୍ତ ନେଇଥିଲେ। ଚଳିତ ଆଇପିଏଲ୍‌ରେ ପ୍ରଥମ ଥର ମଧ୍ୟକ୍ରମରେ ବ୍ୟାଟିଂ କରିଥିବା ମୟଙ୍କ (୧୫) କିଛି ଖାସ୍ କରିପାରି ନ ଥିଲେ। ଶେଷ ଆଡ଼କୁ ଜିତେଶ ଶର୍ମା (୩୮* ରନ୍, ୪ ଚୌକା ଓ ୨ ଛକା) ଓ ଲିଆମ ଲିଭିଂଷ୍ଟୋନ (୨୨ ରନ୍, ୧ ଚୌକା ଓ ୨ ଛକା)ଙ୍କ ଉପଯୋଗୀ ଯୋଗଦାନ ଯୋଗୁ ପଞ୍ଜାବ ୧୮୯/୫ରେ ପହଞ୍ଚି ପାରିଥିଲା। ଯୁଜ୍‌ବେନ୍ଦ୍ର ଚହଲ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଅଶ୍ୱିନ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ରାଜସ୍ଥାନକୁ ବିସ୍ଫୋରକ ଆରମ୍ଭ ଦେଇଥିଲା ଜୟସ୍ୱାଲ ଓ ବଟ୍‌ଲରଙ୍କ ଓପ୍‌ନିଂ ଯୋଡ଼ି। ଦଳୀୟ ସ୍କୋର ୪ ଓଭରରେ ୪୬ ହୋଇଥିବା ବେଳେ ବଟ୍‌ଲର (୩୦ ରନ୍, ୫ ଚୌକା ଓ ୧ ଛକା) ଆଉଟ୍ ହୋଇଥିଲେ। ତାଙ୍କ ପରେ ଅଧିନାୟକ ସଞ୍ଜୁ ୨୩ ରନ୍ କରି ପ୍ୟାଭିଲିଅନ ଫେରିଥିଲେ। କିନ୍ତୁ ଜୟସ୍ୱାଲ ଗୋଟିଏ ପକ୍ଷ ସମ୍ଭାଳି ଖେଳ ଜାରି ରଖିଥିଲେ। ତୃତୀୟ ଉଇକେଟ ପାଇଁ ଦେବଦତ୍ତ ପଡିକଲ (୩୧) ଓ ଜୟସ୍ୱାଲ ୫୬ ରନ୍ ଯୋଡ଼ି ଦଳକୁ ବିଜୟ ଦିଗରେ ଆଗେଇ ନେଇଥିଲେ। ଦୁଇ ବ୍ୟାଟରଙ୍କୁ ଅର୍ଶଦୀପ ସିଂ ପ୍ୟାଭିଲିଅନ ପଠାଇଥିଲେ। ଶେଷକୁ ୧୬ ବଲରେ ୩ ଚୌକା ଓ ୨ ଛକା ସହାୟତାରେ ଶିମରନ ହେଟମେୟରଙ୍କ ୩୧* ରନ୍‌ର ଇନିଂସ ଯୋଗୁ ରାଜସ୍ଥାନ ୧୯.୪ ଓଭରରେ ୪ ଉଇକେଟ ହରାଇ ୧୯୦ ରନ୍ କରିଥିଲା। ଦଳ ପାଇଁ ଜୈଶ୍ୱାଲ ୪୧ ବଲରେ ୬୮ ରନ୍ କରିଥିଲେ। ତାଙ୍କ ଇନିଂସରେ ୯ ଚୌକା ଓ ୨ ଛକା ସାମିଲ ଥିଲା। ଏଭଳି ମ୍ୟାଚ୍ ବିଜୟୀ ଇନିଂସ ପାଇଁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ପଞ୍ଜାବ ପାଇଁ ଅର୍ଶଦୀପ ୨ ଉଇକେଟ ପାଇଥିବା ବେଳେ କାଗିସୋ ରବାଡା ଓ ରିଶି ଧାୱନ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

ସଂକ୍ଷିପ୍ତ ସ୍କୋର

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୧୮୯/୫(ଜନ୍ନି ବେଆରଷ୍ଟୋ-୫୬, ଜିତେଶ ଶର୍ମା-୩୮*, ଭାନୁକା ରାଜପାକ୍ସା-୨୭, ଯୁଜ୍‌ବେନ୍ଦ୍ର ଚହଲ-୩/୨୮, ରବିଚନ୍ଦ୍ରନ ଅଶ୍ୱିନ-୧/୩୨)।

ରାଜସ୍ଥାନ ରୟାଲ୍ସ: ୧୯.୪ ଓଭରରେ ୧୯୦/୪ (ଯଶସ୍ୱୀ ଜୟସ୍ୱାଲ-୬୮, ଶିମରନ ହେଟମେୟର-୩୧*, ଦେବଦତ୍ତ ପଡିକଲ-୩୧, ଅର୍ଶଦୀପ ସିଂ-୨/୨୯, ରିଶି ଧାୱନ-୨/୨୫)।

ଏକ ଦର୍ଶନୀୟ ଶଟ୍ ଖେଳୁଛନ୍ତି ଯଶସ୍ୱୀ ଜୟସ୍ୱାଲ।

ଆଇପିଏଲ୍ ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ	ରନହାର
ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ	୧୧	୮	୩	୧୬	+୦.୭୦୩
ଗୁଜରାଟ ଟାଇଟାନ୍ସ	୧୧	୮	୩	୧୬	+୦.୧୨୦
ରାଜସ୍ଥାନ ରୟାଲ୍ସ	୧୧	୭	୪	୧୪	+୦.୩୨୬
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର	୧୧	୬	୫	୧୨	-୦.୪୪୪
ଦିଲ୍ଲୀ କ୍ୟାପିଟାଲ୍ସ	୧୦	୫	୫	୧୦	+୦.୬୪୧
ସନ୍‌ରାଇଜର୍ସ ହାଇଦ୍ରାବାଦ	୧୦	୫	୫	୧୦	+୦.୩୨୫
ପଞ୍ଜାବ କିଙ୍ଗ୍ସ	୧୧	୫	୬	୧୦	-୦.୨୩୧
କୋଲକାତା ନାଇଟ ରାଇଡର୍ସ	୧୧	୪	୭	୮	-୦.୩୦୪
ଚେନ୍ନାଇ ସୁପର କିଙ୍ଗ୍ସ	୧୦	୩	୭	୬	-୦.୪୩୧
ମୁମ୍ବାଇ ଇଣ୍ଡିଆନ୍ସ	୧୦	୨	୮	୪	-୦.୭୨୫

ଭୁବନେଶ୍ୱରରେ ହେବ ଇଣ୍ଡିଆନ୍ ଗ୍ରାଁ ପ୍ରି

ଭୁବନେଶ୍ୱର, ୫।୭ (ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା ସରକାର ଓ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଏବଂ ଓଡ଼ିଶା ଆଥଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଇଣ୍ଡିଆନ ଗ୍ରାଁ ପ୍ରି-୩ ଓ ଇଣ୍ଡିଆନ ଗ୍ରାଁ ପ୍ରି-୪ ଭୁବନେଶରରେ ଯଥାକ୍ରମେ ଚଳିତ ମାସ ୨୧ ଓ ୨୪ରେ ଅନୁଷ୍ଠିତ ହେବ। ପୂର୍ବରୁ ଏହି ଇଭେଣ୍ଟ ମଦୁରାଇରେ ହେବାର କାର୍ଯ୍ୟକ୍ରମ ରହିଥିଲା। ଆଥଲେଟ୍‌ମାନଙ୍କ ପାଇଁ ଉନ୍ନତ ବ୍ୟବସ୍ଥା ରହିଥିବାରୁ ଇଭେଣ୍ଟକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ୱାର୍ଲ୍ଡ ଆଥଲେଟିକ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ସ୍ଥଗିତ ରଖାଯାଇଥିବା ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅଙ୍କ ହାସଲ ଲାଗି ଏହି ଆଥଲେଟିକ୍ ମିଟ୍ ଦୁଇଟିର ବିଶେଷ ଗୁରୁତ୍ୱ ରହିଛି। ଉଭୟ ମିଟ୍‌ରେ ମୋଟ ୧୭ଟି ଇଭେଣ୍ଟ ହେବ। ତନ୍ମଧ୍ୟରେ ମହିଳା ପାଇଁ ୯ ଏବଂ ପୁରୁଷ ପାଇଁ ୮ ଇଭେଣ୍ଟ ରହିଛି। ଆଥଲେଟିକ ମିଟ୍ ଦୁଇଟି ଉଭୟ ଦିବସ ସନ୍ଧ୍ୟାରେ ଅନୁଷ୍ଠିତ ହେବ।

ବଧିର ଅଲିମ୍ପିକ୍ସ ଅଭିନବଙ୍କୁ ସ୍ୱର୍ଣ୍ଣ ପଦକ

ଅଭିନବ ଦେଶୱାଲ

ନୂଆଦିଲ୍ଲୀ, ୭।୫ (ପି.ଟି.): ବ୍ରାଜିଲର କାକ୍ସିଆସ ଡୁ ସୁଲ୍‌ଠାରେ ଚାଲିଥିବା ୨୪ତମ ବଧିର ଅଲିମ୍ପିକ୍ସରେ ଭାରତ ଶୁଟିଂରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଅଭିନବ ଦେଶୱାଲ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଟାଇଟଲ ହାସଲ କରିଛନ୍ତି। ୨୪ ଶଟ୍ ବିଶିଷ୍ଟ ଫାଇନାଲରେ ଉତ୍ତରାଖଣ୍ଡ ଅନ୍ତର୍ଗତ ରୁରକି ବାସିନ୍ଦା ଏହି ୧୫ ବର୍ଷୀୟ ଶୁଟର ରୌପ୍ୟ ବିଜେତା ୟୁକ୍ରେନ୍‌ର ଓଲେକ୍ସି ଲେଜ୍‌ବେନିକ୍ (୨୩୪.୨) ସହ ସମାନ ପଏଣ୍ଟ ସ୍କୋର କରିଥିଲେ। ପରେ ଅନୁଷ୍ଠିତ ଶୁଟ୍ ଅଫ୍‌ରେ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୦.୩-୯.୭ରେ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ଚାଇନିଜ ତାଇପେର ହୁ ମିଙ୍ଗ୍ ଜୁଇ ବ୍ରୋଞ୍ଜ ଜିତିଥିଲେ। ଦ୍ୱିତୀୟ ଭାରତୀୟ ଭାବେ ଫାଇନାଲରେ ପ୍ରବେଶ କରିଥିବା ଶୁଭମ ବଶିଷ୍ଠ ୫୬୩ ପଏଣ୍ଟ ସ୍କୋର କରିବା ସହ ୬ଷ୍ଠ ସ୍ଥାନରେ ରହିଥିଲେ। ବଧିର ଅଲିମ୍ପିକ୍ସ ଶୁଟିଂ ପ୍ରତିଯୋଗିତାରେ ବର୍ତ୍ତମାନ ଭାରତର ପଦକ ସଂଖ୍ୟା ୪ରେ ପହଞ୍ଚିଛି। ପୂର୍ବରୁ ଧନୁଷ୍ ଶ୍ରୀକାନ୍ତ ପୁରୁଷ ୧୦ ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ଜିତିଥିବା ବେଳେ ସମାନ ଇଭେଣ୍ଟରେ ସୌର୍ଯ୍ୟ ସଇନି ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ପରେ ଗୁରୁବାର ବେଦିକା ଶର୍ମା ମହିଳା ୧୦ ମିଟର ଏୟାର ପିସ୍ତଲରେ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ବ୍ରାଜିଲ ବଧିର ଅଲିମ୍ପିକ୍ସକୁ ଭାରତ ୬୫ ଜଣିଆ ଦଳ ପଠାଇଛି। ତନ୍ମଧ୍ୟରେ ୧୦ ଶୁଟର ରହିଛନ୍ତି।

'ଦୁଇଟି ରନ୍‌ଆଉଟ୍ ଥିଲା ଟର୍ନିଂ ପଏଣ୍ଟ'

ମୁମ୍ବାଇ, ୭।୫

ଲଗାତର ୫ମ ବିଜୟ ପରେ ଗୁଜରାଟ ଟାଇଟାନ୍ସ ପଏଣ୍ଟ ଟେବୁଲ ତଳେ ଥିବା ଦଳଗୁଡ଼ିକଠାରୁ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇଛି। ପଞ୍ଜାବ କିଙ୍ଗ୍ସ ଏକତରଫା ଭାବେ ଟାଇଟାନ୍ସକୁ ହରାଇଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ୍‌କୁ ଶେଷ ଓଭର ପର୍ଯ୍ୟନ୍ତ ଟାଣି ନେଇ ଚମତ୍କାର ବିଜୟ ହାସଲ କରିଥିଲା। ମ୍ୟାଚ୍ ପରେ ରଶିଦ୍ ଖାନ୍ କହିଛନ୍ତି, ଆମେ ୪ରୁ ୫ ମ୍ୟାଚ୍ ସମାନ ପରିସ୍ଥିତିରେ ଆବଶ୍ୟକ ରନ୍ କରି ଜିତିଛୁ। ଏହା ଟି୨୦ କ୍ରିକେଟର ପ୍ରକୃତି। ପ୍ରାୟତଃ ୬ ବଲ୍‌ରେ ୨୦ ରନ୍ ହୋଇଯାଏ, ବେଳେବେଳେ ୧୦ ରନ୍ ବି ହୁଏ ନାହିଁ। ମୋ ମତରେ ଆମେ ପୂରା ମ୍ୟାଚ୍‌ରେ ଭଲ ଖେଳିଥିଲୁ। ସେମାନେ ଭଲ ଆରମ୍ଭ କରିଥିଲେ। କିନ୍ତୁ ପରେ ଆମେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲୁ। ମାତ୍ର ଦୁଇଟି ରନ୍‌ଆଉଟ୍ ମ୍ୟାଚ୍ ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା।

ଶୀର୍ଷରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ

ପୁଣେ,୭।୫: ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଶନିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୭୫ ରନ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ହରାଇ ଦେଇଛି। ଲକ୍ଷ୍ନୌ ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ୍ କରିଥିବା ବେଳେ କେକେଆର୍ ୧୦୧ ରନ୍‌ରେ ସୀମିତ ରହିଥିଲା। ଏହି ବିଜୟ ଯୋଗୁ ୧୬ ପଏଣ୍ଟ ସହ ଲକ୍ଷ୍ନୌ ଶୀର୍ଷକୁ ଉଠିଛି। ଅନ୍ୟପକ୍ଷରେ ପରାଜୟ ସହ କୋଲକାତାର ପ୍ଲେଅଫ୍ ଆଶା ପ୍ରାୟତଃ ଶେଷ ହୋଇଛି। କେକେଆର୍ ଅଧିନାୟକ ଶ୍ରେୟାସ ଆୟାର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ମ୍ୟାଚ୍‌ର ପ୍ରଥମ ଓଭରରେ ଦୁର୍ଭାଗ୍ୟଜନକ ଭାବେ ଲକ୍ଷ୍ନୌ ଅଧିନାୟକ ଲୋକେଶ ରାହୁଲ କୌଣସି ବଲ ଖେଳିବା ପୂର୍ବରୁ ରନ୍ ଆଉଟ୍ ହୋଇଥିଲେ। ୩ ନଂରେ ଆସିଥିବା ଦୀପକ ହୁଡାଙ୍କ ସହ ଅନ୍ୟତମ ଓପନର କ୍ୱିଣ୍ଟନ ଡି'କକ୍ ମିଶି ପାୱାରପ୍ଲେରେ ପ୍ରତିପକ୍ଷ ବୋଲରଙ୍କୁ ନିର୍ଘାତ ପ୍ରହାର କରିଥିଲେ। ଦୁହେଁ ୭ ଓଭରରେ ୭୧ ରନ୍ ଯୋଡ଼ିଥିଲେ। ୨୭ ବଲରେ ଅର୍ଦ୍ଧଶତକ ପୂରଣ କରିଥିବା ଡି'କକ୍‌ଙ୍କୁ ୮ମ ଓଭରରେ ପ୍ୟାଭିଲିଅନ ବାଟ ଦେଖାଇଥିଲେ ସୁନିଲ ନାରିନ। ଆଉଟ୍ ହେବା ପୂର୍ବରୁ ସେ ୪ ଚୌକା ଓ ୩ ଛକା ସହାୟତାରେ ୫୦ ରନ୍ କରିଥିଲେ। ସେହିଭଳି ହୁଡା (୨୭ ବଲରେ ୪୧ ରନ୍, ୪ ଚୌକା ଓ ୨ ଛକା) ଓ କ୍ରୁନାଲ ପାଣ୍ଡ୍ୟା (୨୫) ଭଲ ଆରମ୍ଭ ପାଇଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ତା' ପରେ ୧୯ତମ ଓଭରରେ ଶିଭମ ମାଭିଙ୍କ ପ୍ରଥମ ୩ ବଲରେ ଛକା ଲଗାଇବା ପରେ ଚତୁର୍ଥ ବଲରେ ଆଉଟ୍ ହୋଇଥିଲେ ମାର୍କସ ଷ୍ଟୋଇନିସ(୨୮)। ପରବର୍ତ୍ତୀ ଦୁଇ ବଲରେ ଦୁଇଟି ଛକା ମାରିଥିଲେ ଜାସନ ହୋଲ୍ଡର (୧୩)। ଫଳରେ ଲକ୍ଷ୍ନୌ ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ୍ କରିବାକୁ ସକ୍ଷମ ହୋଇଥିଲା। କୋଲକାତା ପକ୍ଷରୁ ଆଣ୍ଡ୍ରେ ରସେଲ ୨ ଉଇକେଟ ନେଇଥିବା ବେଳେ ଟିମ୍ ସୌଦି, ମାଭି ଓ ନାରିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ କେକେଆର୍‌ର ଟପ୍ ଅର୍ଡର ଫେଲ ମାରିଥିଲା। ପ୍ରଥମ ଓଭରରେ ବାବା ଇନ୍ଦ୍ରଜିତ (୦) ଖାତା ଖୋଲିବା ପୂର୍ବରୁ ମୋହିସିନ ଖାନଙ୍କ ବଲରେ ଆଉଟ୍ ହୋଇଥିଲେ। ତାଙ୍କ ପରେ ଅଧିନାୟକ ଶ୍ରେୟାସ (୬) ବଡି ଲାଇନ୍ ବାଉନ୍ସର ଖେଳିବାକୁ ଯାଇ କ୍ୟାଚ୍ ଆଉଟ୍ ହୋଇଥିଲେ। ଆରୋନ ଫିଞ୍ଚ (୧୪) ଓ ନୀତୀଶ ରାଣା (୩) ବିଫଳ ହେବାରୁ କେକେଆର୍ ୨୫ ରନ୍ ମଧ୍ୟରେ ପ୍ରମୁଖ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଯାଇଥିଲା। ତା' ପରେ ରସେଲ ଛକା ବର୍ଷା କରିଥିଲେ। ସେ ୧୯ ବଲରେ ୪୫ ରନ୍ କରିଥିଲେ। ତାଙ୍କ ଇନିଂସରେ ୩ ଚୌକା ଓ ୫ ଛକା ସାମିଲ ଥିଲା। ସେ ଆଉଟ୍ ହେବା ପରେ କୋଲକାତାର ବ୍ୟାଟିଂ ଲାଇନ୍ ଭୁଶୁଡ଼ି ପଡ଼ିଥିଲା। ଦଳ ମାତ୍ର ୧୪.୩ ଓଭରରେ ୧୦୧ ରନ୍‌ରେ ଅଲଆଉଟ୍ ହୋଇଥିଲା।

ସଂକ୍ଷିପ୍ତ ସ୍କୋର

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ: ୨୦ ଓଭରରେ ୧୭୬/୭(କ୍ୱିଣ୍ଟନ ଡି'କକ୍-୫୦, ଦୀପକ ହୁଡା-୪୧, ମାର୍କସ ଷ୍ଟୋଇନିସ-୨୮, ଆଣ୍ଡ୍ରେ ରସେଲ-୨/୨୨, ଟିମ୍ ସୌଦି-୧/୨୮)।

କୋଲକାତା ନାଇଟ୍ ରାଇଡର୍ସ: ୧୪.୩ ଓଭରରେ ୧୦୧/୧୦(ଆଣ୍ଡ୍ରେ ରସେଲ ୪୫, ସୁନିଲ ନାରିନ ୨୨, ଅଭେଶ ଖାନ-୩/୧୯, ଜାସନ ହୋଲ୍ଡର-୩/୨୯)।

ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ କ୍ୱିଣ୍ଟନ ଡି'କକ୍।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

For Single Day		For 7 Days		For 15 Days		For 30 days	
6x4	12x4	6x4	12x4	6x4	12x4	6x4	12x4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

GST 5%
for Booking Contact: 0674-2580385 8637280816, 7894447167, 9338226625

Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀ ପାଇଁ ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ପ୍ରତିଚୀ ଡ଼ାଏରୀ ପ୍ରଡ଼କ୍ଟ ପ୍ରା.ଲିମିଟେଡ୍
ପ୍ଲଟ ନଂ-୨୫୪, ଏକମକଣ୍ଠ ଛକ, କନପୁର, ନିମାପଡ଼ା, ପୁରୀ।
Email : pratichidairyproducts@gmail.com
Mob : 9853003317

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9470149388
Whatsapp: 9470149608

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଓଡ଼ିଶା କୁସ୍ତି ଚାମ୍ପିୟନଶିପ୍ ଉଦ୍‌ଯାପିତ

ଭୁବନେଶ୍ୱର, ୭।୫(ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା ରେସ୍‌ଲିଂ ଆସୋସିଏଶନ ପକ୍ଷରୁ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଶନିବାର ୨୩ ଓ ୧୫ ବର୍ଷରୁ କମ୍ ଉଭୟ ମହିଳା ଏବଂ ପୁରୁଷ ବିଭାଗର ବିଭିନ୍ନ ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହୋଇଯାଇଛି। ୨୩ ବର୍ଷରୁ କମ୍ ପୁରୁଷ ବିଭାଗରେ ପୁରୀର ବାପି ଦାସ (୫୭ କେଜି), ସଦାଶିବ ବାରିକ (୬୧ କେଜି), ପବିତ୍ର ସାହୁ (୬୫ କେଜି), ସମ୍ବଲପୁରର କାହ୍ନୁ ଚରଣ ସ୍ୱାଇଁ (୭୦ କେଜି), ପୁରୀର କିରଣ ଦଳାଇ (୭୪ କେଜି), ରୁଦ୍ରନାରାୟଣ ମହାପାତ୍ର (୭୯ କେଜି), କଟକର ବାଦଲ ସାମଲ(୮୬ କେଜି), ପୁରୀର ସୁଦର୍ଶନ ଦିକ୍ଷିତ (୯୧କେଜି) ଚାମ୍ପିୟନ ହୋଇଛନ୍ତି। ସେହିପରି ମହିଳା ବିଭାଗରେ ପୁରୀର ସୁପ୍ରିୟା ମହାପାତ୍ର (୫୦ କେଜି), ଆଲୋକରଶ୍ମି ଗୁରୁ (୫୩ କଜି), କଟକର ରୋଜାଲିନ ପାଲ (୫୫ କେଜି), ବିଜୁଟି ସାମଲ (୫୯କେଜି), ପୁରୀର ଦିବ୍ୟଜ୍ୟୋତି ନାୟକ (୬୨ କେଜି), କଟକର ମିତାଲି ନାୟକ (୬୫ କେଜି), ପୁରୀର ପୂଜା ମହାରଣା (୬୮ କେଜି) ଏହିସବୁ ବର୍ଗରେ ଶୀର୍ଷ ସଫଳତା ପାଇଛନ୍ତି। ସେହିଭଳି ୧୫ ବର୍ଷରୁ କମ୍ ବାଳକ ବିଭାଗର ୩୮, ୪୧, ୪୪, ୪୮, ୫୨, ୫୭, ୬୨ ଓ ୬୮ କେଜି ବର୍ଗରେ ଯଥାକ୍ରମେ ପୁରୀର ଜି. କିରଣ, ଶୁଭମ ସାହୁ, ଦେବାଶିଷ ପାଣିଗ୍ରାହୀ, ଆର୍ଯ୍ୟନ ସାହୁ, ସମିତ ସାହୁ, ପ୍ରଭାସ ରଞ୍ଜନ ପ୍ରଧାନ, କୃଷ୍ଣ ଚନ୍ଦ୍ରନ ପଣ୍ଡା ଓ ଖୋର୍ଦ୍ଧାର ଆଦିତ୍ୟ ଅମ୍ଳାନ ରାଉତ ନିଜ ନିଜ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାଳିକା ବର୍ଗର ୩୩, ୩୬, ୩୯, ୪୨, ୪୬, ୫୦, ୫୪, ୫୮ କେଜି ବର୍ଗରେ ଯଥାକ୍ରମେ ପ୍ରୀତିଶ୍ରୀ ପରିଡ଼ା (ପୁରୀ), ଶୁଭଲକ୍ଷ୍ମୀ ପାଲ (କଟକ), ଜ୍ୟୋତି ସେଠୀ (କଟକ), ପୁତା ସେଠୀ (କଟକ), ଅନ୍ନପୂର୍ଣ୍ଣା ନାୟକ (କଟକ), ଶ୍ରଦ୍ଧାଶ୍ରୀ ଉପାଧ୍ୟାୟ (ପୁରୀ), ସୋନିଆ ନାୟକ (କଟକ) ଓ ଚାନ୍ଦିନୀ ବେଗମ୍ (କଟକ) ପ୍ରମୁଖ ବିଜୟୀ ହୋଇଛନ୍ତି।

ମା' ପାଇଁ ପ୍ରତିଟି ମୁହୂର୍ତ୍ତ ଉତ୍ସର୍ଗୀକୃତ

ଅଭିଷେକ ମହାନ୍ତି *(କର୍ମଜୀବୀ, ଭୁବନେଶ୍ୱର)*– ଯାହା ହାତରନ୍ଧା ଖାଇଲେ ସବୁ କ୍ଷୁଧା ମେଣ୍ଟିଯାଏ, ଯାହା ପଣତକାନି ତଳେ ସବୁ ଡର ଛାଡ଼ିଯାଏ, ଯିଏ ସ୍ନେହରେ ଜାବୁଡି ଧରିଲେ ସବୁ ଦୁଃଖ ମେଣ୍ଟିଯାଏ, ସିଏ ମୋ ଅତି ଆପଣାର ମା' (ପୁଷ୍ପଲତା ମହାନ୍ତି)। ତା'ର ସ୍ନେହ, ଶ୍ରଦ୍ଧା ଆଉ କର୍ତ୍ତବ୍ୟପରାୟଣତା ଆଗରେ ଆମେ ଭାଇଭଉଣୀ ଋଣୀ। କାରଣ ଖୁବ୍ କମ୍ ବୟସରୁ ବାପାଙ୍କୁ ହରାଇଲା ପରେ ମୋ ସହ ଆଉ ଦୁଇ ସନ୍ତାନଙ୍କୁ ବଡ଼ କରିବା ଲାଗି ମା' ସହିଥିବା କଷ୍ଟକୁ ଦେଖିଛି। କାହାରି ବିନା ସହଯୋଗରେ ଜଣେ ଏକାକୀ ମା' ପାଇଁ ତିନି ସନ୍ତାନଙ୍କୁ ପାଳିବା ଯେ କେତେ ବଡ଼ ଚ୍ୟାଲେଞ୍ଜ ତାହା ଅନୁଭବ କରିଛି। ସବୁ ସମୟରେ ଏବଂ ସବୁ ପରିସ୍ଥିତିରେ ସେ ଆମକୁ ଅଣ୍ଟା ସଳଖି ଚାଲିବା ଶିଖାଇଛି। ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିଛି, ସେଥିରେ ମୋ ମା'ର ଅବଦାନ ଅତୁଳନୀୟ। ତେଣୁ ଏଭଳି ମା' ପାଇଁ ଆଜି ଗୋଟିଏ ଦିନ ନୁହେଁ, ପ୍ରତିଟି ମୁହୂର୍ତ୍ତ ଉତ୍ସର୍ଗୀକୃତ।

କଷ୍ଟ ଲୁଚାଇ ମୋତେ ହସାଏ

ବିଶ୍ୱରୂପା ପ୍ରିୟଦର୍ଶିନୀ, ପୁରୀ– ମୋ ମନରେ ଛପି ରହିଥିବା ପ୍ରତ୍ୟେକ ଅକୁହା କଥାକୁ ମା' (ବିଜୟଲକ୍ଷ୍ମୀ ସାହୁ)ଠୁ ଭଲ ଭାବରେ ଆଉ କିଏ ବା ବୁଝିପାରେ! ପିଲାବେଳୁ ବାବା ମୋ ପାଖରେ ନାହାନ୍ତି, ଏକଥା ସେ କେବେ ଅନୁଭବ କରିବାକୁ ଦେଇନି। ଦିନରୁ ରାତି ଭିତରେ ତା'ର ଯେମିତି ବଡ଼ ଟେନ୍‌ସନ ମୋତେ ଖୁଆଇବା। ମମି ପେସାରେ ଶିକ୍ଷୟିତ୍ରୀ, ଚାକିରି କରିବା ସହ ଏକାକୀ ମୋର ଦାୟିତ୍ୱ ନେବା ପାଇଁ ସେ କେତେ କଷ୍ଟ କରେ ସେ କଥା ବଖାଣିବାକୁ ଭାଷା ନିଅଣ୍ଟ। ଯେତେ ବ୍ୟସ୍ତ ଥିଲେ ମଧ୍ୟ ଦିନଯାକ ମୋ ଖାଇବାଠୁ ଆରମ୍ଭ କରି ସ୍ୱାସ୍ଥ୍ୟ ଠିକ୍ ଅଛି ନା ନାହିଁ ପ୍ରତ୍ୟେକ କଥା ବୁଝିଥାଏ। ବେଳେବେଳେ ଆଶ୍ଚର୍ଯ୍ୟ ଲାଗେ ଏତେ ଅସୁବିଧାରେ ଥାଇ ବି ସେ କେବେହେଲେ ମୋତେ ଟାଣ କଥା ପଦେ ବି କୁହେନି। ପ୍ରତ୍ୟେକ କାର୍ଯ୍ୟରେ ଏବଂ ଯେକୌଣସି ପରିସ୍ଥିତିରେ ମମି ମୋ ପଛରେ ସବୁବେଳେ ଠିଆ ହୋଇଥାଏ। ଆଉ ମୋର ପ୍ରତିଟି କାମ ପାଇଁ ମୋତେ ଉତ୍ସାହିତ କରେ। ମମି ପାଇଁ ଏତିକି କହିବି, ତା' ଛଡା ଦୁନିଆରେ ମୋର କେହି ନାହିଁ। ସେ ପାଖରେ ରହିଲେ ମୋତେ ଦୁନିଆର ସବୁ ଖୁସି ମିଳିଯାଏ।

ମା' ପାଇଁ ମୁଁ ଆଜି ଗର୍ବିତ

ଶୁଭମ୍ ପାତ୍ର *(ବ୍ରହ୍ମପୁର)*– ମା' (ସନ୍ତୋଷୀ ପାତ୍ର) ବିନା ଜୀବନରେ କୌଣସି କାର୍ଯ୍ୟ ସଫଳ ହେବା ସମ୍ଭବପର ନୁହେଁ। କାରଣ ଦୀର୍ଘ ବର୍ଷ ଅନେକ କଷ୍ଟ ସହି ସେ ହିଁ ଏକାକୀ ଆମ ଦୁଇ ଭାଇ ଭଉଣୀଙ୍କୁ ସମ୍ଭାଳିଛି। ଆମେ ଛୋଟ ଥିବା ବେଳେ ଶାରୀରିକ ଅସୁସ୍ଥତା କାରଣରୁ ବାପାଙ୍କ ମୃତ୍ୟୁ ହୋଇଥିଲା। ସେ ସମୟରେ ପରିବାର ଚଳାଇବା ସହ ନିଜର ଦୁଇଟି ସନ୍ତାନଙ୍କୁ ପଢ଼ାଇ ଭଲ ମଣିଷ କରିବା ମା' ପାଇଁ ଚିନ୍ତା ପାଲଟିଥିଲା। କିନ୍ତୁ ମା' ହାର ମାନି ନ ଥିଲା ବରଂ ଏକ ଘରୋଇ ବିଦ୍ୟାଳୟରେ ପିଅନ ଭାବେ କାର୍ଯ୍ୟ ଆରମ୍ଭ କରିଥିଲା। ସେଥିରୁ ମିଳୁଥିବା ସ୍ୱଳ୍ପ ଅର୍ଥରେ ସେ ଆମକୁ ପାଠ ପଢ଼ିବା ଲାଗି ସମସ୍ତ ସୁବିଧା ଯୋଗାଇ ଦେଇଥିଲା। ମା'ର ଆଶୀର୍ବାଦ ଓ ସହଯୋଗ କାରଣରୁ ଆଜି ମୁଁ ଏକ ଘରୋଇ ସଂସ୍ଥାରେ କର୍ମଚାରୀ ଭାବେ କାର୍ଯ୍ୟ ପାଇବାରେ ସଫଳ ହୋଇଛି। ସେହିପରି ମୋ ଭଉଣୀ ମଧ୍ୟ ପାଠପଢ଼ା ଜାରି ରଖିଛି। ଏଭଳି ଜଣେ ମା' କୋଳରେ ଜନ୍ମ ନେଇ ଆମେ ବହୁତ ଗର୍ବିତ। ଭବିଷ୍ୟତରେ ଆହୁରି ଭଲ ଜବ୍ କରି ମା' ଆମ ପାଇଁ ଦେଖିଥିବା ସ୍ୱପ୍ନକୁ ସାକାର କରି ତା' ମୁହଁରେ ହସ ଫୁଟାଇବା ଆମର ଏକ ମାତ୍ର ଲକ୍ଷ୍ୟ।

ମା' ହିଁ ମୋ ସାହସ

ପବିତ୍ର କୁମାର ପ୍ରଧାନ *(ନିଆଳି, କଟକ)*– ମା' (ଝୁନାଲତା ପ୍ରଧାନ) ମୋ ପାଇଁ ଏମିତି ଏକ ଶବ୍ଦ, ଯାହାର ଉଚ୍ଚାରଣ ମାତ୍ରେ ମୋ ମନରେ ସାହସ ଭରିଯାଏ। କାରଣ ସ୍କୁଲ୍‌ରେ ପଢ଼ିବା ବେଳେ ଯେବେ ହଠାତ୍ ବାପା ଚାଲିଗଲେ ଆମ ପାଇଁ ପୃଥିବୀ ଯେମିତି ଅନ୍ଧାର ହୋଇଗଲା। ପରିବାରରେ ଖେଳି ଯାଇଥିଲା ଦୁଃଖର ଛାୟା। କେମିତି ପରିବାର ଚଳିବ, କେମିତି ପିଲା ମଣିଷ ହେବେ ଇତ୍ୟାଦି ଚିନ୍ତାରେ ମା' ଭାଙ୍ଗିପଡିଥିଲା। ତଥାପି ସେ ନିଜକୁ ସମ୍ଭାଳି ଆମକୁ ମଣିଷ କରିବା ଲାଗି ଚେଷ୍ଟା ଜାରି ରଖିଲା। ଯେତେ କଷ୍ଟରେ ଥିଲେ ବି ସେ ଆମକୁ ବାପାଙ୍କ ଅଭାବ ଅନୁଭବ ହେବାକୁ ଦେଇନି। ଆମ ମୁହଁରେ ହସ ଫୁଟାଇବାକୁ ନିଜ କଷ୍ଟକୁ ଲୁଚାଇ ରଖିଛି। ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ବଢିବାକୁ ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଇ ଦେଇଛି। ସତ କହିଲେ ମା' ହେଉଛି ମୋର ସବୁଠୁ ବଡ ସାହସ। ତା' ମୁହଁକୁ ଥରେ ଚାହିଁଦେଲେ ଦୁନିଆରେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ବୋଲି ମନେ ହୁଏ।

–ପୌର୍ଣ୍ଣମାସୀ

ମା'। ଯାହା ପାଖରେ ଭରିରହିଛି ସନ୍ତାନ ପ୍ରତି ଅମାପ ସ୍ନେହ, ମମତା ଓ ଭଲଭାଇବା। ତା'ର ପ୍ରତିଟି ସମୟ ନିଜ ସନ୍ତାନ ପାଇଁ ଉତ୍ସର୍ଗୀକୃତ। ସନ୍ତାନକୁ ସବୁ ଖୁସି ଆଉ ସୁବିଧା ସୁଯୋଗ ଅଜାଡ଼ି ଦେଇ ଏକ ସଫଳ ବ୍ୟକ୍ତିତ୍ୱର ପରିଚୟ ଦେବାରେ ଯେମିତି ତା'ର ଶ୍ରମ ହୁଏ ସାର୍ଥକ। ତେବେ ସମାଜରେ ଏଭଳି କେତେଜଣ ମା' ରହିଛନ୍ତି, ଯେଉଁମାନେ ନିଜର ଜୀବନସାଥୀଙ୍କୁ ବିଭିନ୍ନ କାରଣରୁ ହରାଇ ମଧ୍ୟ ନିଜ ସନ୍ତାନକୁ ଭଲ ମଣିଷ ଗଢ଼ିବାରେ ସଫଳ ହୋଇଛନ୍ତି। ଆଜି ମଦର୍ସ ଡେ' ଅବସରରେ ନିଜର ସେଭଳି ମା'ଙ୍କ ସମ୍ପର୍କରେ ଯାହା କୁହନ୍ତି ଏମାନେ...

ମା' ପୁଷ୍ପଲତାଙ୍କ ସହ ଅଭିଷେକ

ମା' ବିଜୟଲକ୍ଷ୍ମୀଙ୍କ ସହ ବିଶ୍ୱରୂପା

ମା' ଝୁନାଲତାଙ୍କ ସହ ପବିତ୍ର

ମା' ସନ୍ତୋଷୀଙ୍କ ସହ ଶୁଭମ୍ ଏବଂ ଶୁଭଶ୍ରୀ

ଏ ସପ୍ତାହର ପ୍ରଶ୍ନ

୧– ରିପୋର୍ଟ ଅନ୍ କରେପ୍ସି ଆଣ୍ଡ ଫାଇନାନ୍ସ ..... ଅନୁଷ୍ଠାନ ପକ୍ଷରୁ ପ୍ରକାଶ ପାଇଥାଏ ?
୨– ସେମିକନ୍ ଇଣ୍ଡିଆ କନ୍‌ଫରେନ୍ସ–୨୦୨୨..... ଠାରେ ଆୟୋଜିତ ହୋଇଛି ?
୩– ଲିଫ୍ଟର ଉଦ୍ଭାବକ..... ?
୪– ଇଣ୍ଟର ପାର୍ଲିଆମେଣ୍ଟାରୀ ୟୁନିଅନ୍‌ର ହେଡ୍‌କ୍ୱାର୍ଟର..... ଠାରେ ଅବସ୍ଥିତ ?
୫– ମିଳ୍କ ଟ୍ରେ ପ୍ରଥମ ଥର..... ମସିହାରେ ପ୍ରସ୍ତୁତ କରାଯାଇଥିଲା ?

ଗତ ଥରର ଉତ୍ତର

୧ ଆମେରିକା
୨ ସେଲ୍ୟୁଲଏଡ୍
୩ ଭାରତ
୪ ଡାଇଓପ୍ଟର
୫ ପାରୁଛୁ ଘଷି

ଉତ୍ତରଦାତା

ଶେଖ୍ ୟାକୁବ୍, ଗୋପ

ବିଭାସ ମହାନ୍ତ, ବାରିପଦା

ପ୍ରଶାନ୍ତ କର, ପୁରୀ

ସୂଚନା: ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

କାର୍ଟୁନ୍ ପ୍ରିଣ୍ଟ ଫ୍ୟାଶାନ

ଯୁବପିଢ଼ି ସବୁବେଳେ କ୍ଲାସି ଲୁକ୍ ପାଇଁ ନୂଆ ନୂଆ ଭେରାଇଟିର ଡ୍ରେସ୍, ଶୁଜ୍, ଶାଢ଼ି ଇତ୍ୟାଦି ଟ୍ରାଏ କରିଥାଆନ୍ତି। ତେବେ ମାର୍କେଟ୍‌ରେ ଏବେ କାର୍ଟୁନ୍ ପ୍ରିଣ୍ଟ ଆଉଟ୍‌ଫିଟ୍ ଟ୍ରେଣ୍ଡ କରୁଛି। ଏହାକୁ ପିନ୍ଧିଲେ ଆପଣ ସମସ୍ତଙ୍କଠାରୁ ଆଟ୍ରାକ୍ଟିଭ୍, ଷ୍ଟାଇଲିଶ୍ ଏବଂ ଟ୍ରେଣ୍ଡି ଲୁକ୍ ମଧ୍ୟ ପାଇପାରିବେ...

ଟି-ଶାର୍ଟ: ଆପଣ ଫର୍ମାଲ ଟି-ଶାର୍ଟ ପିନ୍ଧିବାକୁ ଭଲ ପାଉଛନ୍ତି କି ? ତେବେ କାର୍ଟୁନ୍ ପ୍ରିଣ୍ଟର ଟି-ଶାର୍ଟ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହାକୁ ପିନ୍ଧି ଆପଣ ସମସ୍ତଙ୍କଠାରୁ ୟୁନିକ୍ ଦେଖାଯିବେ। ଯୁବକ ହୁଅନ୍ତୁ କି ଯୁବତୀ, ଏହି ଟି-ଶାର୍ଟ ପିନ୍ଧି ଟ୍ରେଣ୍ଡି ଲୁକ୍ ପାଇପାରିବେ। କୌଣସି ଟ୍ରିପ୍‌ରେ ଯାଉଥିଲେ ଏଥିରେ ଶର୍ଟ୍ସ କିମ୍ବା ଜିନ୍ସ ପେୟାର ଅପ୍ କରିପାରିବେ। ଯଦି ଆପଣଙ୍କୁ କଲାର ଥିବା ଟି-ଶାର୍ଟ ପସନ୍ଦ, କାର୍ଟୁନ୍ ପ୍ରିଣ୍ଟରେ କଲାର ଥିବା ଟି-ଶାର୍ଟ ମାର୍କେଟରେ ଉପଲବ୍ଧ। ଏଥିସହିତ ବିଭିନ୍ନ ଜିଜାଇନ୍‌ର କାର୍ଟୁନ୍ ପ୍ରିଣ୍ଟ ଟପ୍ସ ଏବଂ ଟିଜ୍ ମଧ୍ୟ ଟ୍ରେଣ୍ଡି ଲୁକ୍ ଦେବ।

କାର୍ଟୁନ୍ ପ୍ରିଣ୍ଟ ଶାଢ଼ି: ଯଦି ଆପଣ କାଜୁଆଲ କିମ୍ବା ଗର୍ଜିୟସ୍ ଶାଢ଼ି ପିନ୍ଧି ବୋର ହୋଇଗଲେଣି, ତେବେ କାର୍ଟୁନ୍ ପ୍ରିଣ୍ଟର ଶାଢ଼ି ବାଛିପାରିବେ। ଏଥିରେ ସବୁପ୍ରକାର କାର୍ଟୁନ୍ ଚରିତ୍ରକୁ ଅତି ସୁନ୍ଦର ଭାବରେ ପ୍ରିଣ୍ଟ କରାଯାଇଛି। ଆପଣଙ୍କର ମନପସନ୍ଦ ଉଭୟ କଲର୍ ସାଙ୍ଗକୁ କାର୍ଟୁନ୍ ପ୍ରିଣ୍ଟ ଶାଢ଼ି ମାର୍କେଟରେ ଉପଲବ୍ଧ ହେଉଛି। ଏହାକୁ ଆପଣ ଯେକୌଣସି ପାର୍ଟି ଫଙ୍କସନ୍ କିମ୍ବା ଟ୍ରିପ୍‌ରେ ପିନ୍ଧି ସମସ୍ତଙ୍କଠାରୁ ଅଲଗା ଦେଖାଯିବେ। ଏଥିସହ ଶାଢ଼ି ସହ ମ୍ୟାଚ୍ କରି ଆପଣ କାର୍ଟୁନ୍ ପ୍ରିଣ୍ଟ ବ୍ଲାଉଜ୍ ଟ୍ରାଏ କରିପାରିବେ। ଏହାକୁ ଆପଣ ଚାହିଁଲେ ଅନ୍‌ଲାଇନ୍‌ରୁ ଅର୍ଡର କରିପାରିବେ କିମ୍ବା ଶାଢ଼ିରେ ପ୍ରିଣ୍ଟ ହୋଇଥିବା କାର୍ଟୁନ୍ କ୍ୟାରେକ୍ଟର ଅନୁଯାୟୀ ବ୍ଲାଉଜ୍ ଡିଆରି ବି କରିପାରିବେ। ଏହି ବ୍ଲାଉଜ୍‌କୁ ଆପଣ ଅନ୍ୟ ଶାଢ଼ିରେ ବି ଟିମ୍‌ଅପ୍ କରିପାରିବେ।

ଶୁଜ୍: କାଜୁଆଲ ଶୁ କିମ୍ବା ସ୍ନିକର୍ସ ପିନ୍ଧି ବୋର୍ ହୋଇଗଲେଣି କି, ତେବେ ଟ୍ରାଏ କରନ୍ତୁ କାର୍ଟୁନ୍ ପ୍ରିଣ୍ଟର ସ୍ନିକର୍ସ। ଏହା ଆପଣଙ୍କୁ ଫନ୍ ଲୁକ୍ ଦେବ। କାଜୁଆଲ୍ ଲୁକ୍ ପାଇଁ କାର୍ଟୁନ୍ ପ୍ରିଣ୍ଟର ସ୍ଲିପର୍ ପରଫେକ୍ଟ। ଏଥିସହିତ ହିଲ୍ସ ପିନ୍ଧିବାକୁ ପସନ୍ଦ କରୁଥିବା ଯୁବତୀମାନଙ୍କ ପାଇଁ କାର୍ଟୁନ୍ ପ୍ରିଣ୍ଟର ହିଲ୍ସ ମଧ୍ୟ ମାର୍କେଟ୍‌ରେ ଉପଲବ୍ଧ। ଯୁବତୀମାନେ ଏହାକୁ ପିନ୍ଧି ଗର୍ଜିୟସ୍ ଲୁକ୍ ପାଇପାରିବେ।



ଜାଣନ୍ତୁ ଦୁନିଆ

ଆଜି ମଦର୍ସ ଡେ'। ମା'ଙ୍କ ପ୍ରତି ଥିବା ଗଭୀର ସ୍ନେହ ଶ୍ରଦ୍ଧା ଦର୍ଶାଇବା ପାଇଁ ଏହି ଦିବସଟିର ପରିକଳ୍ପନା। ହେଲେ ଆପଣ ଜାଣନ୍ତି, ପୃଥିବୀର ସମସ୍ତ ଦେଶରେ ଆଜିର ଦିନରେ ଏହି ଦିବସ ପାଳନ ହୋଇ ନ ଥାଏ। ଆସନ୍ତୁ ଜାଣିବା କେଉଁ ଦେଶରେ କେବେ ପାଳନ ହୁଏ ମଦର୍ସ ଡେ'...

ମଦର୍ସ ଡେ'

୧୯୧୪ ମସିହା ମେ' ୯ ତାରିଖରେ ଆମେରିକା ରାଷ୍ଟ୍ରପତି ବୁଡ୍ରୋ ବିଲ୍‌ସନ୍ ମେ ମାସର ଦ୍ୱିତୀୟ ରବିବାରକୁ ମଦର୍ସ ଡେ' ଭାବେ ପାଳନ କରାଯିବ ବୋଲି ଏକ ବିଲ୍ ପାସ୍ କରିଥିଲେ। ସେବେଠୁ ଆମେରିକା, ଭାରତ, ଆଙ୍ଗୁଇଲା, ଆଣ୍ଟିଗୁଆ ଆଣ୍ଡ ବରବୁଡା, ଆରୁବା, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ବାହାମାସ, ବାଂଲାଦେଶ, ବାର୍ବାଡସ୍, ବେଲ୍‌ଜିୟମ୍, ବେଲିଜ, ବର୍ମୁଡା, ବୋନାଇରେ, ବୋତ୍‌ସ୍ୱାନା, ବ୍ରାଜିଲ୍, ବ୍ରୁନେଇ, କାନାଡ଼ା, କାମ୍ବୋଡ଼ିଆ, ଚିଲି, ଚାଇନା, କଲମ୍ବିଆ, କ୍ରୋଏସିଆ, କ୍ୟୁବା, କ୍ୟୁରାକାଉ, ସାଇପ୍ରସ, ଚେକ୍ ରିପବ୍ଲିକ୍, ଡେନ୍‌ମାର୍କ, ଡୋମିନିକା, ଇକ୍ୱେଡର, ଇସ୍ତୋନିଆ, ଇଥିଓପିଆ, ଫିଜି, ଫିନ୍‌ଲାଣ୍ଡ, ଜର୍ମାନୀ, ଘାନା, ଗ୍ରୀସ୍, ଗ୍ରେନାଡା, ଗୁଆନା, ହଣ୍ଡୁରାସ, ହଂକଂ, ଆଇସ୍‌ଲାଣ୍ଡ, ଇଟାଲୀ, ଜାମାଇକା, ଜାପାନ, କେନିଆ, ଲାଟ୍‌ଭିଆ, ଲାଇବେରିଆ, ଲିଚେନ୍‌ଷ୍ଟେଇନ୍, ମକାଓ, ମାଲେସିଆ, ମାଲ୍‌ଟା, ମ୍ୟାନ୍‌ମାର୍, ନାମିଆ, ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ପପୁଆ ନ୍ୟୁଗିନି, ପେରୁ, ଫିଲିପାଇନ୍ସ, ପୋର୍ଟୋରିକୋ, ସେଣ୍ଟ କିଟ୍ସ ଆଣ୍ଡ ନେଭିସ୍, ସେଣ୍ଟ ଲୁସିଆ, ସେଣ୍ଟ ଭିନ୍‌ସେଣ୍ଟ ଆଣ୍ଡ ଦି ଗ୍ରେନାଡାଇନ୍ସ, ସାମୋଆ, ସିଙ୍ଗାପୁର, ସେଣ୍ଟ ମାର୍ଟିନ, ସ୍ଲୋଭାକିଆ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ସୁରିନାମ, ସୁଇଜରଲାଣ୍ଡ, ତାଇୱାନ୍, ତାଞ୍ଜାନିଆ, ଟୋଙ୍ଗା, ତ୍ରିନିଦାଦ୍ ଆଣ୍ଡ ଟବାଗୋ, ତୁର୍କୀ, ଉଗାଣ୍ଡା, ୟୁକ୍ରେନ୍, ଉରୁଗୁଏ, ଭେନେଜୁଏଲା, ଜାମ୍ବିଆ, ଜିମ୍ବାୱେ ଆଦି ଦେଶରେ ମେ' ଦ୍ୱିତୀୟ ରବିବାରକୁ ମଦର୍ସ ଡେ' ଭାବେ ପାଳନ କରାଯାଉଛି।

ଏହା ବ୍ୟତୀତ ଅନ୍ୟ ଦେଶଗୁଡ଼ିକରେ ଏହି ଦିବସ ଭିନ୍ନ ଭିନ୍ନ ତାରିଖରେ ପାଳନ କରାଯାଇଥାଏ–

ଫେବୃୟାରୀ ପ୍ରଥମ ରବିବାର: କୋସାଭୋ।
ଫେବୃୟାରୀ ଦ୍ୱିତୀୟ ରବିବାର: ନରୱେ।
ମାର୍ଚ୍ଚ ୩: ଜର୍ଜିଆ।
ମାର୍ଚ୍ଚ ୮: ଆଫଗାନିସ୍ତାନ, ଆଲ୍‌ବାନିଆ, ଆର୍ମେନିଆ, ଆଜରବୈଜାନ, ବୁଲ୍‌ଗେରିଆ, କାଜାଖସ୍ତାନ, ଲାଓସ୍, ମାସିଡୋନିଆ, ମାଲ୍‌ଟୋଭା, ମଣ୍ଟେନିଗ୍ରୋ, ରୋମାନିଆ, ରୁଷିଆ, ସର୍ବିୟା, ତାଜିକିସ୍ତାନ, ଭିଏତ୍‌ନାମ।
ମାର୍ଚ୍ଚ ୨୧: ବାହାରିନ୍, କମରୋ, ଜିବୁଟି, ଇଜିପ୍ଟ, ଇରାକ୍, ଜୋର୍ଡାନ, କୁଏଟ୍, ଲିବ୍ୟା, ଲେବାନନ୍, ମରିଟାନିଆ, ଓମାନ୍, କାତାର, ସୌଦିଆରବ, ସୋମାଲିଆ, ସୁଦାନ, ସିରିଆ, ୟୁନାଇଟେଡ୍ ଆରବ ଏମିରେଟ୍ସ, ୟେମେନ୍।
ମାର୍ଚ୍ଚ ୨୫: ସ୍ଲୋଭେନିଆ।
ମାର୍ଚ୍ଚ ୪ଥ ରବିବାର: ଆୟର୍ଲାଣ୍ଡ, ନାଇଜେରିଆ, ଇଂଲଣ୍ଡ, ଗୁଏର୍ନସେ, ଜର୍ସି, ଆଇଲ୍ ଅଫ୍ ମ୍ୟାନ୍।
ମେ ପ୍ରଥମ ରବିବାର: ଆଙ୍ଗୋଲା, କେପ୍ ଭର୍ଡେ, ହଙ୍ଗେରୀ, ଲିଥୁଆନିଆ, ମୋଜାମ୍ବିକ୍, ପର୍ତ୍ତୁଗାଲ, ସ୍ପେନ୍।
ମେ ୮: ଦକ୍ଷିଣ କୋରିଆ।
ମେ ୧୦: ଇଆଇ ସାଲ୍‌ଭାଡର, ଗୁଏଟ୍‌ମାଲା, ମେକ୍ସିକୋ।
ମେ ୧୫: ପାରାଗୁଏ।
ମେ ୧୯: କିରଗିଜ୍‌ସ୍ତାନ।
ମେ ୨୬: ପୋଲାଣ୍ଡ।
ମେ ୨୭: ବଲିଭିଆ।
ମେ ଶେଷ ରବିବାର: ଆଲ୍‌ଜେରିଆ, ଡୋମନିକାନ୍ ରିପବ୍ଲିକ୍, ଫ୍ରାନ୍ସ, ଫ୍ରେଞ୍ଚ ଆଣ୍ଟିଲ୍ସ, ମାଡାଗାସ୍କାର, ମରକ୍କୋ, ହାଇତି, ମରିସସ୍, ସେନିଗାଲ, ସ୍ୱିଡେନ, ଟ୍ୟୁନିସିଆ।
ମେ ୩୦: ନିକାରାଗୁଆ।
ଜୁନ୍ ୧: ମଙ୍ଗୋଲିଆ।
ଜୁନ୍ ଦ୍ୱିତୀୟ ରବିବାର: ଲକ୍ସେମ୍ବର୍ଗ।
ଜୁଲାଇ ପ୍ରଥମ ସୋମବାର: ସାଉଥ ସୁଦାନ।
ଅଗଷ୍ଟ ୧୨: ଥାଇଲାଣ୍ଡ।
ଅଗଷ୍ଟ ୧୫: କୋଷ୍ଟାରିକା, ବେଲ୍‌ଜିୟମ୍।
ଅକ୍ଟୋବର ଦ୍ୱିତୀୟ ସୋମବାର: ମାଲାୱି।
ଅକ୍ଟୋବର ୧୪: ବେଲାରୁସ୍।
ଅକ୍ଟୋବର ତୃତୀୟ ରବିବାର: ଆର୍ଜେଣ୍ଟିଆ।
ନଭେମ୍ବର ୩: ଟିମର ଲେଷ୍ଟେ।
ଡିସେମ୍ବର ୮: ପାନାମା।
ଡିସେମ୍ବର ୨୨: ଇଣ୍ଡୋନେସିଆ।

ଟପ୍ ୧୦

ପୃଥିବୀର ଅଜବ ମ୍ୟୁଜିୟମ୍

୧– ମେଗୁରୋ ପାରାସାଇଟୋଲୋଜିକାଲ୍ ମ୍ୟୁଜିୟମ୍.... ଟୋକିଓ, ଜାପାନ
୨– ଦି ଡଗ୍ କଲାର ମ୍ୟୁଜିୟମ୍.....କେଣ୍ଟ, ଇଂଲଣ୍ଡ
୩– ମ୍ୟାକ୍‌ଡୋନାଲ୍ଡସ୍ ବିଗ୍ ମ୍ୟାକ୍ ମ୍ୟୁଜିୟମ୍.. ପେନ୍‌ସିଲ୍‌ଭାନିଆ, ଆମେରିକା
୪– ମ୍ୟୁଜିୟମ୍ ଅଫ୍ ବ୍ରେଡ୍ କଲ୍‌ଚର..... ଜର୍ମାନୀ
୫– ସୁଲଭ ଇଣ୍ଟରନ୍ୟାଶନାଲ୍ ମ୍ୟୁଜିୟମ୍ ଅଫ୍ ଟଏଲେଟ୍... ନୂଆଦିଲ୍ଲୀ, ଭାରତ
୬– ହିଷ୍ଟୋରିକ୍ ୱାଇନ୍ ଟୁଲ୍ ମ୍ୟୁଜିୟମ୍... କାଲିଫର୍ନିଆ, ଆମେରିକା
୭– କରିଓ୍ୱର୍ଷ୍ଟ ମ୍ୟୁଜିୟମ୍..... ବର୍ଲିନ୍, ଜର୍ମାନୀ
୮– ଦି ମ୍ୟୁଜିୟମ୍ ଅଫ୍ ବ୍ରୋକେନ୍ ରିଲେସନ୍‌ଶିପ୍...ଜାଗରେବ, କ୍ରୋସିଆ
୯– ଦି ଆଇସ୍‌ଲାଣ୍ଡିକ୍ ଫାଲୋଲୋଜିକାଲ୍ ମ୍ୟୁଜିୟମ୍..... ରେଜାଭିକ୍, ଆଇସ୍‌ଲାଣ୍ଡ
୧୦– କାନ୍ସାସ୍ ବାର୍‌ବେଡ୍ ୱାଏର୍ ମ୍ୟୁଜିୟମ୍..... କାନ୍ସାସ୍, ଆମେରିକା

ଭାରତର ନେତୃତ୍ୱ ନେବେ ସିନ୍ଧୁ, ଲକ୍ଷ୍ୟ

ଥୋମାସ, ଉବର କପ୍ ଆଜିଠାରୁ

ବ୍ୟାଙ୍କକ୍, ୭।୫(ପି.ଟି.)

ଏଠାରେ ରବିବାରଠାରୁ ଆରମ୍ଭ ହେବାକୁଥିବା ଥୋମାସ ଓ ଉବର କପ୍‌ରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ ଏହାର ପଦକ ଅଭିଯାନ ଆରମ୍ଭ କରିବ। ଡବଲ ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ଓ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଲକ୍ଷ୍ୟ ସେନ୍‌ଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଭାରତୀୟ ପୁରୁଷ ଦଳ ଥୋମାସ କପ୍‌ରେ ଥରେ ହେଲେ ଗୋଟିଏ ପଦକ ଜିତିବାରେ ସମର୍ଥ ହୋଇ ନାହିଁ। ଏପରି କି ଥରେ ହେଲେ ସେମିଫାଇନାଲରେ ପ୍ରବେଶ କରିପାରି ନାହିଁ। ଅନ୍ୟପକ୍ଷରେ ମହିଳା ଦଳ କିନ୍ତୁ କ୍ରମାଗତ ଦୁଇଟି ସଂସ୍କରଣ ଯଥା ୨୦୧୪ ଓ ୨୦୧୬ରେ ସେମିଫାଇନାଲରେ ପ୍ରବେଶ ସହ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିପାରିଛି। ଗତବର୍ଷ ଉଭୟ ପୁରୁଷ ଓ ମହିଳା ଦଳ କ୍ୱାର୍ଟରଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ଏଥର କିନ୍ତୁ ଭାରତ ଏକ ଶକ୍ତିଶାଳୀ ପୁରୁଷ ଦଳ ପଠାଇଛି। ଦଳରେ ବିଶ୍ୱର ୯ ନମ୍ବର ସେନ୍, ୧୧ ନମ୍ବର କିଡାମ୍ବି ଶ୍ରୀକାନ୍ତ ଏବଂ ବିଶ୍ୱର ୨୩ ନମ୍ବର ର୍ୟାଙ୍କିଙ୍ଗପ୍ରାପ୍ତ ଏଚ୍. ଏସ୍. ପ୍ରଣୟଙ୍କ ଭଳି ଖେଳାଳି ସ୍ଥାନ ପାଇଛନ୍ତି। ସେହିପରି ଡବଲ୍ସରେ ନେତୃତ୍ୱ ନେବେ ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି। ଏମାନଙ୍କ ବ୍ୟତୀତ ଅନ୍ୟ ଭାରତୀୟ ଯୋଡ଼ି ଏମ୍.ଆର୍. ଅର୍ଜୁନ ଓ ଧ୍ରୁବ କାପିଲ ଏବଂ କ୍ରିଷ୍ଣା ପ୍ରସାଦ ଗାରାଗା ଓ ବିଷ୍ଣୁବର୍ଦ୍ଧନ ଗୌଡ଼ ପଞ୍ଜାଲା ମଧ୍ୟ ଦଳର ଅଂଶବିଶେଷ ରହିଛନ୍ତି। ଜର୍ମାନୀ, ଚାଇନିଜ, ତାଇପେ ଓ କାନାଡା ସହ ଭାରତ ପ୍ରତିଯୋଗିତାର ଗ୍ରୁପ୍ ସି'ରେ ସ୍ଥାନ ପାଇଛି। ଅନ୍ୟପକ୍ଷରେ ଇଞ୍ଜୁରୀ ଯୋଗୁ ଅଭିଜ୍ଞ ଡବଲ୍ସ ଯୋଡ଼ି ଏନ. ସିକ୍କି ରେଡ୍ଡୀ ଓ ଅଶ୍ୱିନୀ ପୋନ୍ନାପ୍ପା ଓ ଉଦୀୟମାନ ଖେଳାଳି ଗାୟତ୍ରୀ ଗୋପୀଚାନ୍ଦଙ୍କ ଅନୁପସ୍ଥିତିରେ ମହିଳା ଦଳ ଦୁର୍ବଳ ହୋଇପଡ଼ିଛି। ସେମାନଙ୍କ ଅନୁପସ୍ଥିତିରେ ତନିଶା କ୍ରାଷ୍ଟୋ, ଶ୍ରୁତି ମିଶ୍ରା, ସିମ୍‌ରନ ସିଂଘି, ରତିକା ଠାକର ଓ ତ୍ରିଷା ଜୋଲିଙ୍କ ଭଳି ନବାଗତ ଖେଳାଳି ଭାରତୀୟ ଚ୍ୟାଲେଞ୍ଜ ସମ୍ଭାଳିବେ।

ଲକ୍ଷ୍ୟ ସେନ୍ ଓ ପି.ଭି. ସିନ୍ଧୁ।

ମହିଳା ସିଙ୍ଗଲ୍ସରେ ବିଶ୍ୱର ୭ନମ୍ବର ମାନ୍ୟତାପ୍ରାପ୍ତ ସିନ୍ଧୁଙ୍କଠାରୁ ଅଧିକ ଆଶା କରାଯାଉଛି। ଅନ୍ୟ ଦୁଇ ସିଙ୍ଗଲ୍ସ ଖେଳାଳି ଆକର୍ଷୀ କାଶ୍ୟପ ଓ ଉନ୍ନତି ହୁଡାଙ୍କର ଯଥେଷ୍ଟ ଅଭିଜ୍ଞତା ନାହିଁ। କିନ୍ତୁ ସେମାନଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। କାରଣ କଷ୍ଟସାଧ୍ୟ ସିଲେକ୍ସନ ଟ୍ରାଏଲ୍‌ରେ ଭଲ ପ୍ରଦର୍ଶନ କରି ସେମାନେ ଦଳରେ ସ୍ଥାନ ପାଇଛନ୍ତି। ପ୍ରମୁଖ ଖେଳାଳିଙ୍କ ଅନୁପସ୍ଥିତିରେ ଗ୍ରୁପ୍ ଡି'ରେ ଦକ୍ଷିଣ କୋରିଆ, କାନାଡା ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦଳକୁ ଅତିକ୍ରମ କରି ଏକ ପଦକ ଜିତିବା ସହଜ କଥା ନୁହେଁ। ଟୁର୍ନାମେଣ୍ଟର ଫର୍ମାଟ ଅନୁସାରେ ଏଥିରେ ଅଂଶଗ୍ରହଣ କରୁଥିବା ମୋଟ ୧୬ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ।

ରାଜ୍ୟଗୋଷ୍ଠୀ କ୍ରୀଡ଼ା: ଶ୍ରେଷ୍ଠ ଦଳ ପଠାଇବ ଭାରତ

ନୂଆଦିଲ୍ଲୀ, ୭।୫ (ପି.ଟି.)

ଏସିଆଡ, ବର୍ମିଂହାମ୍‌ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ୱାର୍ଲ୍ଡ ଇଭେଣ୍ଟ ପାଇଁ ଜାତୀୟ କ୍ରୀଡ଼ାସଂଘଗୁଡ଼ିକ ପୃଥକ୍ ପୃଥକ ଦଳ ପଠାଇବା ଲାଗି ବାଧ୍ୟ ହୋଇଥିଲେ। ମାତ୍ର କୋଭିଡ୍ ସଂକ୍ରମଣ ବୃଦ୍ଧି ଯୋଗୁ ସେପ୍ଟେମ୍ବର ୧୦ରୁ ୨୫ ପର୍ଯ୍ୟନ୍ତ ଚାଇନାର ହାଙ୍ଗ୍‌ଝୋଠାରେ ହେବାକୁ ଥିବା ଏସିଆନ ଗେମ୍ସକୁ ସ୍ଥଗିତ ରଖାଯିବାରୁ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ), ହକି ଇଣ୍ଡିଆ ଓ ଆର୍ଚେରୀ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଏଆଇ) ବର୍ତ୍ତମାନ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଶ୍ରେଷ୍ଠ ଦଳ ପଠାଇବା ଲାଗି ବିଚାର କରୁଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା (ଜୁଲାଇ ୨୮ରୁ ଅଗଷ୍ଟ ୮) ଏବଂ ଏସିଆନ ଗେମ୍ସ (ସ୍ଥଗିତ ପୂର୍ବରୁ) ମଧ୍ୟରେ ବ୍ୟବଧାନ କମ୍ ରହିଥିଲା। ତେଣୁ କ୍ରୀଡ଼ା ମହାସଂଘଗୁଡ଼ିକ ଦୁଇଟି ବଡ଼ ଇଭେଣ୍ଟ ଏବଂ ଚଳିତ ସିଜନର ବିଶ୍ୱ ଇଭେଣ୍ଟଗୁଡ଼ିକ ଲାଗି ପୃଥକ୍ ପୃଥକ୍ ଦଳ ପଠାଇବା ଲାଗି ନିଷ୍ପତ୍ତି ନେଇଥିଲେ। କାରଣ ଆଥଲେଟମାନେ ପାଖକୁ ପାଖ ଦୁଇଟି ଗ୍ଲୋବାଲ ଇଭେଣ୍ଟରେ ଭାଗ ନେବା ଦ୍ୱାରା ସେମାନଙ୍କ ମାନସିକ ଓ ସ୍ୱାସ୍ଥ୍ୟାବସ୍ଥାରେ ଖରାପ ପ୍ରଭାବ ପକାଇବା ଆଶଙ୍କା ରହିଛି। ହକି (ଉଭୟ ପୁରୁଷ ଓ ମହିଳା) ଏବଂ ଟେନିସ (ଉଭୟ ପୁରୁଷ ଓ ମହିଳା) ଭଳି ଖେଳ ପାଇଁ ଏସିଆନ ଗେମ୍ସକୁ ଅଲିମ୍ପିକ କ୍ୱାଲିଫାଇଙ୍ଗ୍ ଇଭେଣ୍ଟ ଭାବେ ବିବେଚନା କରାଯାଉଛି। ଏହି ଦୁଇଟି ମହାସଂଘ ହାଙ୍ଗ୍‌ଝୋକୁ ସେମାନଙ୍କ ଶ୍ରେଷ୍ଠ ଦଳ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ 'ଏ' ଟିମ୍ ପଠାଇବା ଲାଗି ଯୋଜନା କରିଥିଲେ। ରେସଲିଂ ଓ ଆର୍ଚେରୀ ମହାସଂଘ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ସେମାନଙ୍କ ଶ୍ରେଷ୍ଠ ଖେଳାଳି ଏବଂ ୱାର୍ଲ୍ଡ ଇଭେଣ୍ଟଗୁଡ଼ିକ ଲାଗି ଦ୍ୱିତୀୟ ଶ୍ରେଷ୍ଠ ଆଥଲେଟ ପଠାଇବା ଲାଗି ସ୍ଥିର କରିଥିଲେ। ମାତ୍ର ବର୍ତ୍ତମାନ ଏକ ବଡ଼ ଇଭେଣ୍ଟକୁ ସ୍ଥଗିତ ରଖାଯାଇଥିବାରୁ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ସେମାନଙ୍କ ଯୋଜନାରେ ପରିବର୍ତ୍ତନ କରିଛନ୍ତି।

୩ ବିଲିୟନ ଡଲାରରେ ବିକ୍ରି ହେଲା ଚେଲ୍‌ସି

ଲଣ୍ଡନ, ୭।୫(ଏପି): ଚେଲ୍‌ସିକୁ ଲସ୍ ଆଞ୍ଜେଲ୍ସ ଡଜର୍ସ ସହ ମାଲିକ ଟଡ୍ ବୋହଲିଙ୍କ ନେତୃତ୍ୱାଧୀନ ଗ୍ରୁପ୍ କିଣିବା ସ୍ପଷ୍ଟ ହୋଇଛି। ବୋହଲି ଗ୍ରୁପ୍‌ରେ ଡଜର୍ସ ସହ ମାଲିକ ମାର୍କ ୱାଲ୍ଟର, ସୁଇସ୍ ବିଲିୟନେୟାର ହାନ୍ସଜୋର୍ଗ ୱିସ ଓ ଆମେରିକାର ନିବେଶକାରୀ ଫାର୍ମ କ୍ଲିଅରଲେକ୍ କ୍ୟାପିଟାଲ ରହିଛନ୍ତି। ଏହି ଗ୍ରୁପ୍ ପ୍ରିମିୟର କ୍ଲବ ପାଇଁ ରେକର୍ଡ ୪.୩୫ ବିଲିୟନ ପାଉଣ୍ଡ୍‌ରେ ଚୁକ୍ତି କରିଛି। ୧.୭୫ ବିଲିୟନ ପାଉଣ୍ଡ୍ ଚେଲ୍‌ସିର ଭବିଷ୍ୟତରେ ନିବେଶ କରାଯିବ। ବଳକା ୨.୫ ବିଲିୟନ ପାଉଣ୍ଡ୍ ଅର୍ଥକୁ ବର୍ତ୍ତମାନ ମାଲିକ ରୋମାନ ଆବ୍ରାମୋଭିଚ୍‌ଙ୍କ ଉପରେ ଲାଗିଥିବା ବାସନ୍ଦାଦେଶ କାରଣରୁ ଫ୍ରିଜ୍ କରାଯିବ।

ଜାତୀୟ ରେକର୍ଡ ଭାଙ୍ଗିଲେ ଅବିନାଶ

ନୂଆଦିଲ୍ଲୀ, ୭।୫: ଭାରତୀୟ ଧାବକ ଅବିନାଶ ସାବଲେ ୩୦ ବର୍ଷର ପୁରୁଣା ପୁରୁଷ ୫୦୦୦ ମିଟର ଷ୍ଟିପଲ ଚେଜ୍ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ଆମେରିକାର କାଲିଫର୍ନିଆର ସାନ ଜୁଆନ କାପିଷ୍ଟ୍ରାନୋଠାରେ ଚାଲିଥିବା ସାଉଣ୍ଡ୍ ରନିଂ ଟ୍ରାକ୍ ପ୍ରତିଯୋଗିତାରେ ସେ ଏହି ସଫଳତା ପାଇଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜ୍ ଜାତୀୟ ରେକର୍ଡର ଅଧିକାରୀ ସାବଲେ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଶୁକ୍ରବାର ଅନୁଷ୍ଠିତ ରେସ୍‌ରେ ସେ ୧୩ ମିନିଟ୍ ୨୫.୬୫ ସେକେଣ୍ଡ ଟାଇମିଂ ସହ ଦ୍ୱାଦଶ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ନର୍‌ୱେର ଟୋକିଓ ଅଲିମ୍ପିକ୍ସ ୧୫୦୦ ମି. ଚାମ୍ପିୟନ ଜାକ୍ୟାବ ଇଙ୍ଗେବ୍ରିଗସେନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୧୩:୦୨.୦୩ ସେକେଣ୍ଡରେ ରେସ୍‌କୁ ଶେଷ କରିଥିଲେ। ସାଉଣ୍ଡ୍ ରନିଂ ଟ୍ରାକ୍ ଇଭେଣ୍ଟ ହେଉଛି ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍‌ର ବ୍ରୋଞ୍ଜସ୍ତରୀୟ ପ୍ରତିଯୋଗିତା। ସେନାରେ କାର୍ଯ୍ୟରତ ୨୭ ବର୍ଷୀୟ ସାବଲେ ମହାରାଷ୍ଟ୍ରର ବିଡ୍ ଜିଲା ମାଣ୍ଡୱା ଗ୍ରାମର ଜଣେ ଚାଷୀଙ୍କ ପୁଅ। ସେ ବାହାଦୁର ପ୍ରସାଦଙ୍କ ଦୀର୍ଘଦିନର ରେକର୍ଡ ଭାଙ୍ଗିଛନ୍ତି। ୧୯୯୨ରେ ବର୍ମିଂହାମରେ ବାହାଦୁର ରେସ୍‌କୁ ୧୩:୨୯.୭୦ ସେକେଣ୍ଡରେ ଶେଷ କରି ଜାତୀୟ ରେକର୍ଡ ନିଜ ନାମରେ କରିଥିଲେ। ସାବଲେ ୩୦୦୦ ମି. ଷ୍ଟିପଲଚେଜ୍‌ରେ ନିଜ ଜାତୀୟ ରେକର୍ଡକୁ ବାରମ୍ବାର ଭାଙ୍ଗିବା ପାଇଁ ପରିଚିତ। ମାର୍ଚ୍ଚରେ ଥିରୁଭାନନ୍ତପୁରମ୍‌ଠାରେ ଆୟୋଜିତ ଇଣ୍ଡିଆନ ଗ୍ରାଁ ପ୍ରି ୨ରେ ସପ୍ତମ ଥର ପାଇଁ ସେ ଜାତୀୟ ରେକର୍ଡ ଭାଙ୍ଗିଥିଲେ। ଏହି ଇଭେଣ୍ଟରେ ସେ ୮:୧୬.୨୧ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ଏଥିପୂର୍ବରୁ ସେ ଟୋକିଓ ଅଲିମ୍ପିକ୍ସରେ ୮:୧୮.୧୨ ସେକେଣ୍ଡରେ ଦୌଡ଼କୁ ଶେଷ କରି ସେତେବେଳେ ଜାତୀୟ ରେକର୍ଡ କରିଥିଲେ।

ପୁରୁଣା ଗଣ୍ଠି ବ୍ୟଥାର
ପ୍ରଭାବୀ ଉପଚାର
ଆୟୁର୍ବେଦିକ ତେଲ/କ୍ୟାପ୍‌ସୁଲ
ଡା. ଅର୍ଥୋ®
ASIA'S MOST PROMISING BRAND
Dr. Ortho Oil
An Ayurvedic Medicine
Helpful in Painful Conditions
20% EXTRA
100ml + 20ml FREE
Helpful in Painful Conditions
An Ayurvedic Proprietary Medicine
20% EXTRA
BUY NOW
Tel.: 7876977777
ଡା. ଅର୍ଥୋ ହିଁ କାହିଁକି କିଣିବେ?
ଗ୍ରାମ-ଗ୍ରାମ, ସହର-ସହର, ଯିଏ ବି ଆପଣାଇଲେ - ପରିଣାମ ପାଇଲେ
Rajasthan
ମହମ୍ମଦ ଜାବେଦ କୁରେଶୀ, ୨୯ ବର୍ଷ ଲେଖିଛନ୍ତି ଯେ କିଛିଦିନ ତଳେ ମୋର ଆକ୍ସିଡେଣ୍ଟ ହୋଇ-ଯାଇଥିଲା। ଔଷଧ ସେବନ ବନ୍ଦ କରିବା ପରେ ଆଣ୍ଠୁରେ ଭୀଷଣ ଯନ୍ତ୍ରଣା ରହିବାକୁ ଲାଗିଲା। ମୁଁ ବହୁ ଚିନ୍ତିତ ରହୁଥିଲି। ଦିନେ ମୋ ସାଙ୍ଗ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କରିବାର ପରାମର୍ଶ ଦେଲେ। ମୁଁ ତାହାକୁ ବ୍ୟବହାର କଲି। ଏବେ ଯନ୍ତ୍ରଣା କ'ଣ ତାହା ମୁଁ ଭୁଲିଯାଇଛି।
Uttrakhand
ଲକ୍ଷ୍ମୀ ବାନାର୍ଜୀ, ବୟସ ୫୬ ବର୍ଷ, ବିଗତ ୨-୩ ବର୍ଷ ଧରି ତାଙ୍କର ଅଣ୍ଟା ବ୍ୟଥା ଓ ସାଇଟିକା ଯନ୍ତ୍ରଣା ରହିବାକୁ ଲାଗିଥିଲା। କୁଆଡ଼େ ଯିବାର କଥା ଉଠିଲେ ହିଁ ଭୟ ଲାଗୁଥିଲା । ମୁଁ ପୂର୍ଣ୍ଣ ଆଶା ସହିତ ଡା. ଅର୍ଥୋ ତେଲ ସକାଳେ-ସନ୍ଧ୍ୟାବେଳେ ଆଣ୍ଠୁରେ ଲଗାଇଲି ଓ ନିୟମିତ ରୂପେ କ୍ୟାପ୍‌ସୁଲ ଖାଇବା ଆରମ୍ଭ କଲି । ମାତ୍ର ଦୁଇ-ତିନି ସପ୍ତାହରେ ହିଁ ୭୦ ପ୍ରତିଶତ ଭଲ ହୋଇଯାଇଛି।
Gujarat
ବିନୋଦ ଭାଇ, ବୟସ ୫୬ ବର୍ଷ, ପ୍ରାଇଭେଟ ଚାକିରିଆ ଓ ଆଥ୍‌ଲେଟ୍ ଖେଳାଳି ଥିଲେ। ବିଗତ ୪-୫ ବର୍ଷ ଧରି ମୋ ଡାହାଣ ଆଣ୍ଠୁ ଓ ଶରୀରରେ ବ୍ୟଥାର ସମସ୍ୟା ରହିଥିଲା। ମୁଁ ଖବରକାଗଜରୁ ଆୟୁର୍ବେଦିକ ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି ଓ ନିର୍ଦ୍ଦେଶ ଅନୁଯାୟୀ ତାହାକୁ ବ୍ୟବହାର କଲି। ଆଜିକୁ ୪ ମାସ ହେଲାଣି ମୁଁ ପୂର୍ବାପେକ୍ଷା ଭଲ ଅନୁଭବ କରୁଛି।
Bihar
ନନ୍ଦ କିଶୋର ବିଶ୍ୱକର୍ମା, ବୟସ ୪୦ ବର୍ଷ, ଅନେକ ସମୟ ଧରି ମୁଁ ଗଣ୍ଠି ଯନ୍ତ୍ରଣା ସମସ୍ୟାରେ ପୀଡ଼ିତ ଥିଲି । ଚଲାବୁଲା କଲାବେଳେ ଆଣ୍ଠୁରୁ ଶବ୍ଦ ବାହାରୁଥିବାର ଅନୁଭବ ହେଉଥିଲା । ବନ୍ଧୁଙ୍କ କଥା ମାନି ମୁଁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ଦୈନିକ ସେବନ ଆରମ୍ଭ କଲି । ମୋତେ ଏହାଦ୍ୱାରା ବହୁ ଲାଭ ମିଳିଲା। ଆଜି ମୁଁ ନିର୍ବିଘ୍ନରେ ବସାଉଠା କରିପାରୁଛି ।
Gujarat
ମୋ ନାମ ଲକ୍ଷ୍ମୀ ବେନ ସୋଲଙ୍କି, ବୟସ ୫୨ ବର୍ଷ। ମୁଁ ସିଲେଇ କାମ କରେ। ଦୁଇ ବର୍ଷ ଧରି ମୋ ଗୋଡ଼ ଓ ଗୋଇଠିରେ ଭୟଙ୍କର ବ୍ୟଥା ରହୁଥିଲା। ପରେ ମୁଁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ ଜାଣିଲି। ମାତ୍ର ପଚାଶ ଦିନର ବ୍ୟବହାର ଦ୍ୱାରା ମୋତେ ବହୁତ ଓ ଉତ୍ତମ ଉପଶମ ମିଳିପାରିଛି। ଆପଣଙ୍କୁ ଥ୍ୟାଙ୍କ୍‌ସ କହିବାକୁ ଚାହୁଁଛି ।
Haryana
ସଞ୍ଜୁ କୁମାର, ୩୩ ବର୍ଷ, ଲାଇବ୍ରେରିରେ କାମ କରନ୍ତି। ସେ ଲେଖିଛନ୍ତି ଯେ ୩-୪ ବର୍ଷ ଧରି ମୋ କାନ୍ଧ ଓ ବେକରେ ବ୍ୟଥା ର ହୁଥିଲ । । ଚିକିତ୍ସା ବି କରାଇଲି, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ମୁଁ ଖବରକାଗଜରେ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି । ମୁଁ ନିର୍ଦ୍ଦେଶ ଅନୁଯାୟୀ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ସକାଳେ ଓ ସନ୍ଧ୍ୟାରେ ବ୍ୟବହାର କଲି। ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ।
Maharashtra
ଆନନ୍ଦା ଲକ୍ଷ୍ମଣ ଗୁଜଲାଓ୍ୱର ୬୪ ବର୍ଷୀୟ ଅବସରପ୍ରାପ୍ତ କର୍ମଚାରୀ। ବିଗତ ଚାରି-ପାଞ୍ଚ ବର୍ଷ ଧରି ତାଙ୍କ ଆଣ୍ଠୁରେ ବହୁତ ପୀଡ଼ା ରହୁଥିଲା। ଦିନେ ଜଣେ ତାଙ୍କ ପଡ଼ୋଶୀଙ୍କ କଥା ମାନି ସେ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ କଲେ ଏବଂ ଡା.ଅର୍ଥୋର ଦୁଇ-ଦୁଇଟି କ୍ୟାପ୍‌ସୁଲ ତିନି ମାସ ପର୍ଯ୍ୟନ୍ତ ବ୍ୟବହାର କଲେ। ଆଜି ସେ ଖୁସି।
Uttar Pradesh
ମୁମ୍‌ତାଜ ବେଗମ ୬୭ ବର୍ଷୀୟ ହାଉସ୍ ୱାଇଫ୍ ଅଟନ୍ତି। ବିଗତ ୩ ବର୍ଷ ହେଲା ଆଣ୍ଠୁ ଓ ଗୋଡ଼ ବ୍ୟଥା କାରଣରୁ ଚଲାବୁଲା କରିପାରୁ ନ ଥିଲେ। ସବୁ ଚିକିତ୍ସା କରାଇଲେ, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ଟିଭିରୁ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ଆଡ୍ ଦେଖିଲେ। ସେ ବଜାରରୁ ତାହାକୁ ମଗାଇ ନିର୍ଦ୍ଦେଶ ଅନୁସାରେ ପ୍ରୟୋଗ କଲେ। ଏବେ ସେ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ଉପଶମ ପାଇଛନ୍ତି।
Madhya Pradesh
ପଣ୍ଡିତ ଲକ୍ଷ୍ମୀ ନାରାୟଣ ସତ୍ୟାର୍ଥୀ ୬୪ ବର୍ଷୀୟ ଶିକ୍ଷକ ଓ ଚିକିତ୍ସକ। ସେ ଲେଖନ୍ତି କି ୩-୪ ବର୍ଷ ହେଲା ମୋ ଆଣ୍ଠୁ, କହୁଣି ଓ ହାତରେ ବହୁତ ପୀଡ଼ା ରହୁଥିଲା। ମୁଁ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ୍ କଲି ଓ ଡା.ଅର୍ଥୋର ୨-୨ କ୍ୟାପ୍‌ସୁଲ ସେବନ କଲି। ୫ ମାସ ମଧ୍ୟରେ ହିଁ ମୋତେ ଗଣ୍ଠିର ଭୟଙ୍କର ଯନ୍ତ୍ରଣାରୁ ମୁକ୍ତି ମିଳିଗଲା।
Rajasthan
କଲ୍ୟାଣ ପ୍ରସାଦ ଜୋଷୀଙ୍କୁ ୫୨ ବର୍ଷ ଓ ସେ ପୂଜାପାଠ କରନ୍ତି। ବିଗତ ୩ ବର୍ଷ ଧରି ପିଠି ଓ ଆଣ୍ଠୁର ଯନ୍ତ୍ରଣା କାରଣରୁ ବହୁ ଚିନ୍ତିତ ଥିଲେ। ଦିନେ ସେ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲେ। ସେ ଏହାକୁ ତିନି ମାସ ବ୍ୟବହାର କଲେ। ସେ ଲେଖନ୍ତି କି ତିନି ମାସରେ ହିଁ ତାଙ୍କର ତିନିବର୍ଷର ଯନ୍ତ୍ରଣା ସମ୍ପୂର୍ଣ୍ଣ ଭଲ ହୋଇଗଲା।
Odisha
ଚନ୍ଦ୍ରମଣି ବେଉରିଆ ୭୧ ବର୍ଷୀୟ ଅବସରପ୍ରାପ୍ତ ବ୍ୟକ୍ତି। ସେ ଲେଖିଛନ୍ତି ଯେ, ସେ ବିଗତ ଅନେକ ବର୍ଷ ଧରି ଗଣ୍ଠି ଯନ୍ତ୍ରଣା କାରଣରୁ ବ୍ୟଥିତ ଥିଲେ। କିନ୍ତୁ ଡା. ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ସନ୍ଧ୍ୟାରେ ହାଲୁକା ହାତରେ ମାଲିସ୍ କଲେ ଓ ଦୈନିକ ଡା.ଅର୍ଥୋର ଦୁଇ-ଦୁଇଟି କ୍ୟାପ୍‌ସୁଲ ସେବନ କରି ତାଙ୍କ ଜୀବନ ପୂର୍ବାପେକ୍ଷା ଉନ୍ନତ ହୋଇଯାଇଛି। ଏଥିପାଇଁ ସେ ଡା.ଅର୍ଥୋଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଇଛନ୍ତି।
Maharashtra
ଦତ୍ତାତ୍ରେୟ ବିନାୟକ ଦୀକ୍ଷିତ୍ ୬୮ ବର୍ଷୀୟ ସମାଜସେବୀ। ମୁଁ ଅନେକ ସମୟ ଧରି ଆଣ୍ଠୁ ଓ ଗ

ସଂକ୍ଷେପରେ

ୱାର୍ଲ୍ଡ ସ୍କିଲ୍ ପ୍ରତିଯୋଗିତାରେ ଭାଗ ନେବେ ଓଡ଼ିଆ ଛାତ୍ର

କଟକ ଅଫିସ,୭।୫: ଚାଇନାର ସାଙ୍ଘାଇରେ ହେବାକୁ ଥିବା ୱାର୍ଲ୍ଡ ସ୍କିଲ୍-୨୦୨୨ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଓଡ଼ିଆ ଯୁବକ ସନ୍ତୋଷ ଓଝା ପ୍ରତିନିଧିତ୍ୱ କରିବେ। ସେ କଟକ ଖପୁରିଆସ୍ଥିତ ଆଇଟିଆଇଆର୨୦୧୭ ବ୍ୟାଚର ଛାତ୍ର। ଗତ ଜାନୁୟାରୀରେ ଦିଲ୍ଲୀଠାରେ ଆୟୋଜିତ ସ୍କିଲ୍ ଇଣ୍ଡିଆ ଜାତୀୟ ଚାମ୍ପିୟନଶିପ୍‌ରେ ସେ ଭାଗନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ କ୍ୟାବିନେଟ୍ ଡିଆରି ସ୍କିଲ୍‌ରେ ଏହି ପ୍ରତିଯୋଗିତାରେ ଭାଗନେଇ ପଦକ ହାସଲ କରିଥିଲେ। ଏହାପରେ ସେ ସାଙ୍ଘାଇ ଯିବା ପାଇଁ ମନୋନୀତ ହୋଇଛନ୍ତି। ସନ୍ତୋଷଙ୍କ ଘର ଯାଜପୁର ଜିଲା ବରୁଆ ଗ୍ରାମରେ। ନୂତନ ଜ୍ଞାନକୌଶଳ ବ୍ୟବହାର କରି ନିଜର ସ୍ୱତନ୍ତ୍ର ପରିଚୟ ଗଠନ କରିବାରେ ଲାଗି ପଡିଥାନ୍ତି ସନ୍ତୋଷ। ଏ ସମ୍ପର୍କରେ ଅଧ୍ୟାପକ ଭୋଦେବ ସାହୁ କହିଛନ୍ତି, ୨୦୧୭ ମସିହାରୁ ତାଙ୍କୁ ତାଲିମ ଓ ପ୍ରଶିକ୍ଷଣ ଦେଇ ଆସୁଥିଲୁ। ଏବେ ତାଙ୍କ ସଫଳତା ଦେଖି ମୁଁ ଗର୍ବିତ ମନେକରୁଛି। ତେବେ ସାଙ୍ଘାଇରେ ଆୟୋଜିତ ପ୍ରତିଯୋଗିତାରେ ସନ୍ତୋଷ ସ୍ୱର୍ଣ୍ଣପଦକ ଜିତିଲେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ୧କୋଟି ଟଙ୍କା ମିଳିବ ବୋଲି ସୁବ୍ରତ ବାଗ୍‌ଚୀ ଟୁଇଟ୍ କରି ଜଣାଇଛନ୍ତି।

ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ପାଳିତ

ଜେନାପୁର,୭।୫(ଡି.ଏନ.ଏ.): ଖବରକାଗଜ ସାଧନାର ସ୍ୱରୂପ ପକ୍ଷରୁ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ଉତ୍ସବ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଢ଼େଇଧରାସ୍ଥିତ ଶ୍ରୀଗୁରୁ ଆଶ୍ରମରେ ବ୍ରହ୍ମଚାରୀ ଜ୍ଞାନାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଶ୍ରମ ପରିସରରେ ଥିବା ଆଦିଗୁରୁଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯିବା ସହ ନିଆରା ଢଙ୍ଗରେ ଆରତୀ ପ୍ରଦାନ କରାଯାଇଥିଲା। ଜୟନ୍ତୀ ଉତ୍ସବରେ ସାଧନାର ସ୍ୱରୂପର ସମ୍ପାଦକ ଦେବବ୍ରତ ଦେବତା ସଭାପତିତ୍ୱ କରିଥିଲେ। ଓଡ଼ିଶା ଚାରଣ ଗୋଷ୍ଠୀର ଅଧ୍ୟକ୍ଷ ଉଦୟ ନାଥ ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଚିନ୍ତାମଣି ରାଉତ, ସଚେତନ ନାଗରିକ ମଞ୍ଚ ଆବାହକ ସରୋଜ ବେହେରା ଯୋଗଦେଇ ଆଦି ଗୁରୁଙ୍କ ଇତିହାସ ଉପରେ ଆଲୋକପାତ କରିଥିଲେ। ରଗଡ଼ି ପଶି ମହିଳା ସଂକୀର୍ତ୍ତନ ମଣ୍ଡଳୀ ସହ ବିଭିନ୍ନ ଗ୍ରାମରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବାବାଜୀ ବାମନ ଦାସ, ପଣ୍ଡିତ ସତ୍ୟାନନ୍ଦ ମିଶ୍ର, କୀର୍ତ୍ତନ ପଣ୍ଡା, ମହେଶ୍ୱର ପଣ୍ଡା, ବରିଷ୍ଠ ସଙ୍ଗୀତଜ୍ଞ ପୀତବାସ ସାହୁ, ଧନେଶ୍ୱର ସାହୁ, କାର୍ତ୍ତିକ ଚନ୍ଦ୍ର ବେହେରା ଓ ସନ୍ତୋଷ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶତାଧିକ ଶୈବଭକ୍ତ ଉପସ୍ଥିତ ରହି ବିଭୁକୃପା ଲାଭ କରିଥିଲେ। ଶେଷରେ ବିଶ୍ୱଜିତ ସାହୁ ଧନ୍ୟବାଦ ଦେଇଥିଲେ।

ମହାନଦୀକୁ ଡେଇଁଲେ ନାବାଳକ

ମୋବାଇଲ, ବାଇକ ପାଇଁ ଆତ୍ମହତ୍ୟା ଉଦ୍ୟମ

ପାରାଦୀପ, ୭।୫(ସ୍ୱ.ପ୍ର.): ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଚଣ୍ଡିଖୋଲ ପାରାଦୀପ ଜାତୀୟ ରାଜପଥ ଭୂତମୁଣ୍ଡାଇ ମହାନଦୀ ପୋଲ ଉପରୁ ଥାନା ଅଞ୍ଚଳର ଜଣେ ନାବାଳକ ଶନିବାର ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସୌଭାଗ୍ୟବଶତଃ ସେଠାରେ ଡଙ୍ଗା ସାହାଯ୍ୟରେ ମାଛ ଧରୁଥିବା ଜଣେ ମତ୍ସ୍ୟଜୀବୀ ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ସମ୍ପୃକ୍ତ ନାବାଳକ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା କରାଯିବା ପରେ ସେ ସୁସ୍ଥ ଥିବା ଜଣାପଡିଛି। ପରିବାର ଲୋକଙ୍କ କହିବାନୁଯାୟୀ, ସମ୍ପୃକ୍ତ ନାବାଳକ ଯୁକ୍ତ ୨ଛାତ୍ର। ବାପା ଚା 'ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। କିଛି ଦିନ ହେବ ପିଲାଟି ଘରେ ଗୋଟିଏ ମୋବାଇଲ ଫୋନ ଓ ବାଇକ କିଣିଦେବାକୁ ଦାବି କରି ଆସୁଥିଲେ। ମାତ୍ର ବାପା ତାଙ୍କ କଥାକୁ ଟାଳି ଦେଉଥିଲେ। ଶନିବାର ସକାଳୁ ଏହି ଘଟଣାକୁ ନେଇ ସମ୍ପୃକ୍ତ ନାବାଳକ ବିରକ୍ତ ହୋଇ ଘରୁ ପଳାଇଯାଇ ଏପରି ଉଦ୍ୟମ କରିଥିଲେ।

ଗ୍ରାମବାସୀଙ୍କ ଦ୍ୱାରା ମୋରମ ଗାଡ଼ି ଜବତ

ଯାଜପୁର ଅଫିସ,୭।୫

ସୁକିନ୍ଦା ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଶନିବାର ମୋରମ ଚୋରା ଚାଲାଣ କରୁଥିବା ଓଆର ୦୪ ଏମ ୮୫୧୫ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟରକୁ ସ୍ଥାନୀୟ ଯୁବକମାନେ ଧରିଛନ୍ତି। ଟ୍ରାକ୍ଟର ଯିବା ଆସିବା ପାଇଁ ଉକ୍ତ ଜଙ୍ଗଲର ବହୁ ଗଛ କଟାଯାଇଥିବା ଜଣାପଡିଛି। ଏହାକୁ ନେଇ ଯୁବକମାନେ ସୁକିନ୍ଦା ବନ ବିଭାଗର ବନାଞ୍ଚଳ ଅଧିକାରୀ ବିପିନ ବିହାରୀ ରାଉତରାୟଙ୍କୁ ତୁରନ୍ତ ଜଣାଇଥିଲେ। ସେ ଅନୁପସ୍ଥିତ ଥିବାରୁ ଫରେଷ୍ଟରଙ୍କୁ ସେହି ଗାଡିକୁ ଆଣିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ମୋରମ ଚୋରାଚାଲାଣ କରୁଥିବା ଶିବପ୍ରସାଦ ଦାସ ତହସିଲ କାର୍ଯ୍ୟାଳୟକୁ ଯାଇ ଜୋରିମାନା ଦେଇ ଖସିଯିବାକୁ ଉଦ୍ୟମ କରିଥିଲେ। କିନ୍ତୁ ବନବିଭାଗ ଦ୍ୱାରା ଗାଡି ଜବତ ହେଲେ ଧାରା ୫୬ ଭଳି କଡା ଆଇନ ଲାଗିବ। ତେଣୁ କଳେବଳେ ସେ ଗାଡିକୁ ଖସାଇବା ନିମନ୍ତେ ଉଦ୍ୟମ କରିଥିଲେ। ଅନ୍ୟପକ୍ଷରେ ବନ ବିଭାଗ କର୍ମଚାରୀ ପହଞ୍ଚିବାରେ ବିଳମ୍ବ ହେବାରୁ ସୁକିନ୍ଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ନେଇଆସିଥିଲେ। ଯାହାକୁ ନେଇ ସ୍ଥାନୀୟ ଯୁବକମାନେ ଅସନ୍ତୋଷ ବ୍ୟକ୍ତ କରି ପୁନର୍ବାର ବନ ବିଭାଗ କାର୍ଯ୍ୟାଳୟକୁ ଯାଇ ଲିଖିତ ଅଭିଯୋଗ କରିଥିଲେ।

ମୋରମ ଗାଡ଼ି ଜବତ କରାଯାଇଛି।

ଖସେଇ ଦେବାକୁ ଜଙ୍ଗଲ, ପୋଲିସ ବିଭାଗର ମସୁଧା

ସେଥିରେ ସେମାନେ ମାଫିଆଙ୍କ ଦ୍ୱାରା ନଷ୍ଟ ହେଉଥିବା ଜଙ୍ଗଲ ଏବଂ ତାହାଦ୍ୱାରା ଜଙ୍ଗଲୀ ଜୀବଜନ୍ତୁ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ୨୦୦୮ରୁ ୨୦୧୧ରେ ଏଠାରେ ଜଙ୍ଗଲ କାଟି ମାଙ୍କଡା ପଥର ଚୋରି କରିବା ନିମନ୍ତେ ଏକାଧିକ ମାମଲା ରୁଜୁ ହୋଇଛି। କିନ୍ତୁ ସେଗୁଡିକ ଅଦ୍ୟାବଧି ଫାଇଲ ତଳେ ଚାପି ହୋଇ ରହିଥିବା କାରଣରୁ ଅଧିକରୁ ଅଧିକ ଜଙ୍ଗଲ ନଷ୍ଟ କରି ମୋରମ, ମାଙ୍କଡା ପଥର ଚୋରି ହେବା ସହିତ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି।

ବସ୍ ଓଲଟି ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର

ଚଣ୍ଡିଖୋଲ,୭।୫(ଡି.ଏନ.ଏ.)

କଟକରୁ ମୟୂରଭଞ୍ଜ ଯାଉଥିବା ଏକ ଯାତ୍ରୀବାହୀ ବସ ଶନିବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଏହି ବସରେ ଥିବା ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୂଚନା ଥାଉକି, ରାତ୍ରୀକାଳୀନ ଜୟଦୁର୍ଗା ବସ୍ ନଂ(ଓଡି-୦୫-ଇଉ-୨୧୭୪) ଜାତୀୟ ରାଜପଥ ୧୬ ନଂର ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଚଣା ଗଣ୍ଡି ଛକ ନିକଟରେ ରାତି ପ୍ରାୟ ୧୦.୩୦ରେ ଭାରସାମ୍ୟ ହରାଇ ଜାତୀୟ ରାଜପଥର ତଳକୁ ହଠାତ୍ ଓଲଟି ପଡ଼ିଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ବଡ଼ଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ କ୍ରେନ ସାହାଯ୍ୟରେ ବସକୁ ଉଠାଇଛି। ବସ୍ ଓଲଟିବାର କାରଣ ଜଣା ପଡ଼ିନାହିଁ।

ମହିଳାଙ୍କୁ ସ୍ୱାମୀ, ଦେଢ଼ଶୁରଙ୍କ ମରଣାନ୍ତକ ଆକ୍ରମଣ

ପାଣିକୋଇଲି,୭।୫(ଡି.ଏନ.ଏ.)

ଯୌତୁକ ନିର୍ଯାତନା ପାଇବା ପରେ ବାପଘରେ ଆସି ରହିଥିବା ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଦେଢ଼ଶୁର ମରଣାନ୍ତକ ଆକ୍ରମଣ କରିଛନ୍ତି। ଫଳରେ ସମ୍ପୃକ୍ତ ମହିଳା ଗୁରୁତର ହୋଇଛନ୍ତି। ଏନେଇ ମହିଳାଙ୍କ ଭାଇ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୯୯/୨୨ ରୁଜୁ କରି ତଦନ୍ତ ଚଳାଇଛି।

ପାଣିକୋଇଲି ଥାନା ଗୋଳେଇପୁର ପଞ୍ଚାୟତ ମସୁଦପୁର ଗ୍ରାମର ସନ୍ତୋଷ ମଲ୍ଲିକଙ୍କ ଅଭିଯୋଗ ମୁତାବକ, ତାଙ୍କ ଭଉଣୀ ପଦ୍ମାମଞ୍ଜରୀ ୨୦୧୨ରେ ଯାଜପୁର ସଦର ଥାନା ଅନ୍ତର୍ଗତ ଅଡ଼ଙ୍ଗ ପୁରୁଷୋତ୍ତମପୁର ଗ୍ରାମର ସୁରେନ୍ଦ୍ର କରଙ୍କ ପୁଅ ତପନଙ୍କୁ ବିବାହ କରିଥିଲେ। ବିବାହ ସମୟରେ ନଗଦ ୧ ଲକ୍ଷଟଙ୍କା ସହ ସମସ୍ତ ଯୌତକ ସାମଗ୍ରୀ ଦିଆଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବିରେ ପଦ୍ମାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଏନେଇ ୨୦୨୧ରେ ଯାଜପୁର ସଦର ଥାନାରେ ଏକ ଅଭିଯୋଗ ମଧ୍ୟ ହୋଇଥିଲା। ଏହାପରେ ପଦ୍ମା ଆସି ବାପଘରେ ରହୁଥିଲେ। ଗତ ୧ ତାରିଖରେ ସନ୍ତୋଷ ସପରିବାରେ କଟକ ବଡ଼ ଡାକ୍ତରଖାନା ଯାଇଥିବାବେଳେ ପଦ୍ମା ଏକୁଟିଆ ଘରେ ଥିଲେ। ଏହାର ସୁଯୋଗରେ ସ୍ୱାମୀ ସନ୍ତୋଷ ଓ ତାଙ୍କ ବଡ଼ଭାଇ ଆସି ଧାରୁଆଅସ୍ତ୍ରରେ ପଦ୍ମାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପାଟିଶୁଣି ଗ୍ରାମବାସୀ ପହଞ୍ଚିବାରୁ ଅନ୍ଧାରର ସୁଯୋଗ ନେଇ ସେମାନେ ଫେରାର ହୋଇଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ପଦ୍ମାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସନ୍ତୋଷ ଡାକ୍ତରଖାନାରୁ ଫେରି ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ।

ଶନିଶ୍ଚରଙ୍କ ଦର୍ଶନ ଲାଗି ଲମ୍ବାଧାଡ଼ି

ଧର୍ମଶାଳା,୭।୫(ଡି.ଏନ.ଏ.)

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଶନିଓଷା ମହାଅଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏଥିଲାଗି ଶନି ମନ୍ଦିର ଗୁଡିକରେ ଯଥାରିତି ପୂଜା କରାଯିବା ସହ ହୋମଯଜ୍ଞ କରାଯାଇଥିଲା। ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଶନିଦେବଙ୍କଠାରେ ଜଳାଭିଷେକ କରିଥିଲେ। ଏହି ଦିନରେ ଶନିଦେବଙ୍କୁ ଜଳାଭିଷେକ କରି ପୂଜାର୍ଚ୍ଚନା କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ୨ ବର୍ଷ ହେଲା କରୋନା କଟକଣା ଯୋଗୁ ଓଷା ବନ୍ଦ ରହିଥିଲା। ଚଳିତ ଥର କଟକଣା କୋହଳ ହୋଇଥିବାରୁ ବିଭିନ୍ନ ଶନି ପୀଠରେ ଭିଡ଼ ଜମିଥିଲା।

ଶନିଦେବଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି।

ବ୍ଲକର ବାସୁଦେବପୁରସ୍ଥିତ ଶନିଠାକୁରଙ୍କ ନିକଟରେ ହଜାରହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ଜଳାଭିଷେକ କରିଥିଲେ। ସେହିପରି ଗଙ୍ଗଧରପୁର ପଞ୍ଚାୟତ ନୂଆଗାଁ, କଣିପାଟିଆ, ଇମାମନଗର ବଡ଼ମଙ୍ଗଳପୁର, ଚୋରମୁହାଁ, ନିଳାଦେଇପୁର ଆଦି ଗ୍ରାମରେ ଶନି ଓଷା ପାଳିତ ହୋଇଯାଇଛି। ଭକ୍ତଙ୍କ ଭିଡକୁ ଦେଖି ମନ୍ଦିରଗୁଡ଼ିକରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ଶନି ମେଳାରେ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

କୋରେଇ,୭।୫(ସ୍ୱ.ପ୍ର.)

କୋରେଇ ବ୍ଲକ ତଳଗଡ଼ ପଞ୍ଚାୟତ ଉପୁଳାଇ ଗ୍ରାମର ଗ୍ରହରାଜ ଶନିଶ୍ଚରଙ୍କ ୫୭ତମ ବାର୍ଷିକ ଯଜ୍ଞୋତ୍ସବ ଓ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁ ଧାଡ଼ିରେ ଗ୍ରହରାଜଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଭୋର ୪ଟାଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଲାଗିଥିଲା। ଶ୍ରଦ୍ଧାଳୁ ଶନିଦେବଙ୍କୁ ଜଳାଭିଷେକ କରିଥିଲେ। ନାରାୟଣ ଜେନାଙ୍କ ସଭାପତିତ୍ୱରେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ଅତିଥି ପରିଚୟ, ସମ୍ପାଦକୀୟ ବିବରଣୀ ଓ ସାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଅମୂଲ୍ୟ କୁମାର ନାୟକ, ମୁଖ୍ୟବକ୍ତା ପ୍ରବଚକ ତଥା ଗାୟକ ପ୍ରହ୍ଲାଦ ଆଚାର୍ଯ୍ୟ, ସମ୍ମାନିତ ଅତିଥି କୋରେଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଭିକାରୀ ବରାଳ, ତଳଗଡ଼ ସରପଞ୍ଚ ସନ୍ତୋଷ ସାଇଁ, ପାଟରଙ୍ଗା ସରପଞ୍ଚ ରଞ୍ଜନ କୁମାର ଦାସ, ଶିକ୍ଷାବିତ ମୀନକେତନ ଦାଶ, ଯୁବ ଆଇନଜୀବୀ ଦୀପକ କୁମାର ବାରିକ ଓ ସାମାଜିକ କର୍ମୀ ସୁଶାନ୍ତ କୁମାର ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଙ୍କ ସମେତ ଏସ୍‌ବିଆଇର ବରିଷ୍ଠ ଅଧିକାରୀ ଆଦିକନ୍ଦ ରାଉତ, କୋରେଇ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା, ଅତିରିକ୍ତ ଆୟୁକ୍ତ ଆୟକର ଓ ଜିଏସଟି ପିୟୁଷ ପାଣି, ବିଡିଓ ଉମାକାନ୍ତ ପରିଡ଼ା ଓ ରାମେଶର ଯୁବକ ସଂଘକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅଶୋକ କୁମାର ଦାଶ ମାନପତ୍ର ପାଠ କରିଥିଲେ। ଶିକ୍ଷକ ଅନୀଲ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ଆନନ୍ଦ ବଜାର ମାଧ୍ୟମରେ ଭକ୍ତଙ୍କୁ ଅନ୍ନପ୍ରସାଦ,

ଶନିଶ୍ଚରଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଯାଉଛନ୍ତି।

ରାମେଶର ଯୁବକ ସଂଘ, କୋରେଇ ଡ୍ରାଇଭର ମହାସଂଘ ଓ ଜଳଧର ମଲ୍ଲିକଙ୍କ ପକ୍ଷରୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ମହେନ୍ଦ୍ର କୁମାର ରାଉତ ରାୟ କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଜିତେନ୍ଦ୍ର ତ୍ରିପାଠୀ ଓ ଶ୍ରୀଧର ଆଚାର୍ଯ୍ୟ ଯଜ୍ଞ ପରିଚାଳନା କରିଥିବାବେଳେ ଶରତ ପଣ୍ଡା ସହଯୋଗ କରିଥିଲେ। ସନ୍ଧ୍ୟାରେ ସଂସ୍କୃତି ବିଭାଗ ସହଯୋଗରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କୋରେଇ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଗ୍ରାମ୍ୟ କମିଟି ସଭାପତି ସୁଦର୍ଶନ ଜେନା, ପୁରୁଷୋତ୍ତମ ରାଉତ, ରବୀନ୍ଦ୍ର କୁମାର ଜେନା ଓ ପରିଚାଳନା କମିଟି ସମ୍ପାଦକ ବିକ୍ରମ ଜେନା, ସଭାପତି ଦୁଷ୍ମନ୍ତ କୁମାର ରାଉତ ରାୟ ଓ କିରଣ କୁମାର ଧଳଙ୍କ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଫେବୃୟାରୀ, ମାର୍ଚ୍ଚର ଗହମ ମିଳି ନ ଥିବା ଅଭିଯୋଗ

ବରୀ,୭।୫(ଡି.ଏନ.ଏ.)

ବରୀ ବ୍ଲକ ଅଞ୍ଚଳର କେତେଜଣ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ଫେବୃୟାରୀ, ମାର୍ଚ୍ଚର ଗହମ ମିଳି ନ ଥିବା ଅଭିଯୋଗ ହୋଇଛି। ବିଶେଷକରି ବ୍ଲକ୍ ଅଧୀନ ଉଦୟନାଥପୁର, ରତନାଙ୍ଗ, ଭଅଁରା, ମହାକାଳପଡ଼ା ଓ ରତ୍ନଗିରି ପଞ୍ଚାୟତର ୨୩ଜଣ ରିଟେଲରଙ୍କୁ ଆବଶ୍ୟକ ଗହମ ଯୋଗାଇ ଦିଆଯାଇ ନାହିଁ। ଏହାପରେ ଏପ୍ରିଲ ଓ ମେ'ର ଗହମ ଯୋଗାଇ ଦିଆଯାଇଛି। ତେଣୁ ସେମାନେ ଉକ୍ତ ୨ମାସର ସାମଗ୍ରୀ ଦେଇ ପାରିନାହାନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଗହମର ଚାହିଦା ଥିବାରୁ ଯୋଗାଣ ବିଭାଗ ସମ୍ପୃକ୍ତ ରିଟେଲରଙ୍କ ପାଇଁ ଉଦ୍ଦିଷ୍ଟ ଗହମକୁ ଖୋଲା ବଜାରରେ ବିକ୍ରି କରିବା ସହ ହିତାଧିକାରୀଙ୍କୁ ଚାଉଳ ଦେଇ ଭରଣା କରିବାକୁ ଅଲିଖିତ ଭାବେ ପ୍ରବର୍ତ୍ତାଉଛି ବୋଲି କେତେଜଣ ରିଟେଲର ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ତେବେ ଦୁଇ ମାସର ଗହମ ଡିଲରଙ୍କୁ ଦିଆଯାଇଥିଲା କି ନାହିଁ, ଯଦି ଦିଆଯାଇଥିଲା ଦାୟିତ୍ୱରେ ଥିବା ଷ୍ଟୋରେଜ୍ ଏଜେଣ୍ଟ୍ ରିଟେଲରଙ୍କୁ ଦେବା କ୍ଷେତ୍ରରେ କାହିଁକି କାଳକ୍ଷେପଣ ନୀତି ଅବଲମ୍ବନ କଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିକ୍ରମରେ ଉଦୟନାଥପୁର ପଞ୍ଚାୟତର ୩ଜଣ ରିଟେଲର ଥିବାବେଳେ ଏହି ପଞ୍ଚାୟତକୁ ଦୁଇ ମାସର ଗହମ ଦିଆ ନ ଯିବା ଏବଂ ଦାୟିତ୍ୱରେ ଥିବା ରିଟେଲରମାନେ ପ୍ରତି ହିତାଧିକାରୀଙ୍କଠାରୁ ପ୍ରାପ୍ୟ ଚାଉଳରୁ ୧ କେଜି କାଟିବାକୁ ଭିତ୍ତିକରି ସ୍ଥାନୀୟ ସରପଞ୍ଚ ସବିତା ସାମଲ ଓଡ଼ିଶା ସରକାରଙ୍କ ଅଭିଯୋଗ ପ୍ରକୋଷ୍ଠକୁ ପତ୍ର ଲେଖିଥିଲେ। ହେଲେ ସରକାରଙ୍କ ତରଫରୁ ଏହାର ବିଧିବଦ୍ଧ ତଦନ୍ତ ନିମନ୍ତେ ଜିଲା ଯୋଗାଣ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲେ ମଧ୍ୟ ଏଯାଏ ତଦନ୍ତ କରାଯାଇନାହିଁ, ଯଦ୍ୱାରା ସରକାରଙ୍କ ନିୟମକୁ ବିଭାଗ ଉଲ୍ଲଂଘନ କରୁଛି ବୋଲି ସରପଞ୍ଚ ସାମଲ ମତ ରଖିଛନ୍ତି। ଗହମ ଯୋଗାଣ ନ ବେହା ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଫେବୃଆରୀ ଓ ମାର୍ଚ୍ଚରେ ଗହମ ଅଭାବ ରହିଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ହିତାଧିକାରୀ ଓ ସରପଞ୍ଚଙ୍କ ଅଭିଯ

ସଂକ୍ଷେପରେ

୧୪ରେ ଜାତୀୟ ଲୋକ ଅଦାଲତ

ଯାଜପୁର ଟାଉନ,୭।୫(ଡି.ଏନ.ଏ.): ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଲୋକ ଅଦାଲତ ଯାଜପୁର ସହରସ୍ଥିତ ସିଭିଲ କୋର୍ଟ ପରିସରରେ ଆସନ୍ତା ୧୪ ତାରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ବିଭିନ୍ନ ବକେୟା ମାମଲା ଗୁଡ଼ିକର ତ୍ୱରିତ ବିଚାର କରାଯିବାର ବ୍ୟବସ୍ଥା କରାଯିବ। ତେବେ ଏହାର ସଫଳ ରୂପାୟନ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ଅବଗତ କରାଇଛନ୍ତି।

ଶ୍ରୀକୃଷ୍ଣଚନ୍ଦ୍ର ନିତ୍ୟ ଗୋଶାଳା ପ୍ରତିଷ୍ଠାତା ସଦସ୍ୟଙ୍କ ବିୟୋଗ

ରସୁଲପୁର,୭।୫(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ନିତ୍ୟଗୋ-ଶାଳାର ପ୍ରତିଷ୍ଠାତା ସଦସ୍ୟ ସୁରେନ୍ଦ୍ର ସିଂଙ୍କ ବିୟୋଗ ଘଟିଛି। ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ଜଣେ ସ୍ୱେଚ୍ଛାସେବୀ, ଅନୁଷ୍ଠାନ ପ୍ରେମୀ ଓ ଗୋ ଭକ୍ତଭାବେ ପରିଚିତ ଥିଲେ। ଗୋସମ୍ପଦର ସୁରକ୍ଷାକୁ ସେ ସଦାସର୍ବଦା ଗୁରୁତ୍ୱ ଦେଇ ଆସୁଥିଲେ। ତାଙ୍କ ଗ୍ରାମରେ ଏକ ଗୋ-ଶାଳା ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଗୋ-ଶାଳା ବିକାଶ ଦିଗରେ ବହୁ ପ୍ରୟାସ ଜାରି ରଖିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗୋ-ଶାଳା ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ଚକ୍ରଧର ପଣ୍ଡା, ଲକ୍ଷ୍ମୀଧର ପତି, ସୁରେନ୍ଦ୍ର କର, ନାରାୟଣ କର, ଅମୀୟ ରଂଜନ ସାହୁ ଓ ଅଶୋକ ଦାସ ପ୍ରମୁଖ ଯୋଗଦେଇ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସିଂଙ୍କ ମୃତଦେହକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା।

କୃଷକଙ୍କୁ ରିହାତି ମୂଲ୍ୟରେ ଉପକରଣ ପ୍ରଦାନ

ରସୁଲପୁର,୭।୫(ଡି.ଏନ.ଏ.): ରସୁଲପୁର ବ୍ଲକ ଅଧୀନ କୁଆଖିଆ ବଜାରରେ କୃଷକଙ୍କୁ ରିହାତି ମୂଲ୍ୟରେ କୃଷି ଯନ୍ତ୍ରାଶଂ ଓ ଚାଷ ଉପକରଣ ପ୍ରଦାନ କରାଯାଇଛି। ବିଏସ୍ ଆଗ୍ରୋ ପକ୍ଷରୁ ଚାଷୀଙ୍କ ଉଦେଶ୍ୟରେ ଏହି ବିକ୍ରୟ କେନ୍ଦ୍ର ଖୋଲାଯାଇଛି। ଆଗ୍ରୋ ସେଣ୍ଟରର ମୁଖ୍ୟ ଅନିଲ କୁମାର ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ ଓ ସମ୍ମାନିତ ଅତିଥି ମନୋଜ କୁମାର ରାଉତ ପ୍ରମୁଖ ଯୋଗଦେଇ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଅତ୍ୟାଧୁନିକ ପ୍ରଣାଳୀରେ ଚାଷ ପାଇଁ ଉନ୍ନତମାନର କୃଷି ଉପକରଣ ବ୍ୟବହାର ଉପରେ କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। କୃଷି ଉପକରଣ ପାଇଁ ଚାଷୀ ଅନଲାଇନରେ ନାମ ପଞ୍ଜୀକରଣ କରୁଛନ୍ତି। ସେହି ଚାଷୀଙ୍କୁ କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ରିହାତି ମୂଲ୍ୟରେ କୃଷି ଯନ୍ତ୍ରାଂଶ ଯୋଗାଇ ଦିଆଯାଉଛି। ବିଏସ ଆଗ୍ରୋ ଏହି ପ୍ରକ୍ରିୟାର ଏକ ମାଧ୍ୟମ ହେବ ବୋଲି ଜଣାଯାଇଛି। ଏହି କେନ୍ଦ୍ର ଜରିଆରରେ ଚାଷୀ ସେମାନଙ୍କ ଚାହିଦା ମୁତାବକ ଉପକରଣ ଅର୍ଡର ଦେଇପାରିବେ ବୋଲି ପୋପ୍ରାଇଟର ସାହୁ ସୂଚନା ଦେଇଛନ୍ତି।

ବିନା ଆଲୋଚନାରେ ବାଲିଘାଟ ଚାଲିବାକୁ ବିରୋଧ

ପାଣିକୋଇଲି,୭।୫(ଡି.ଏନ.ଏ.)

ବୈତରଣୀ ନଦୀବନ୍ଧରେ ଧନତ୍ରୀ ବାଲିଘାଟରୁ ବାଲି ପରିବହନ ବେଳେ ଏକ ଭାରିଯାନ (ହାଇୱା) ଓଲଟିବା ଫଳରେ ଗତ ଏପ୍ରିଲ ୨୯ ତାରିଖରେ ବରପଦା ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ସେମାନଙ୍କ ସହ ଆଲୋଚନା କରି ରାସ୍ତା ଅବରୋଧ ହଟାଇଥିଲା। ବାଲିଘାଟ ବିବାଦ ଉଗ୍ରରୂପ ନେବାରୁ ଓ ସ୍ଥାନୀୟ ଅଞ୍ଚଳରେ ନଦୀ ବନ୍ଧର ସୁରକ୍ଷା ନେଇ ପ୍ରଶ୍ନ ଉଠିବାରୁ ରାଜସ୍ୱ ବିଭାଗ ସହ ଆଲୋଚନାପରେ ଧନତ୍ରୀ ଓ ରଣପାଳ ଦୁଇଟି ବାଲିଘାଟକୁ ବନ୍ଦ ରଖାଯାଇଥିଲା। ଆଲୋଚନା ପରେ ବାଲିଘାଟ ଚାଲିବ କି ନାହିଁ ତାହା ପ୍ରଶାସନ ନିଷ୍ପତ୍ତି ନେବ ବୋଲି ସ୍ପଷ୍ଟ କରାଯାଇଥିଲା। ଫଳରେ ଦୁଇ ବାଲି ଘାଟ ବନ୍ଦ ରହିଥିଲା। ତେବେ ଏକ ସପ୍ତାହରୁ ଊର୍ଦ୍ଧ୍ୱ ୨ ବାଲିଘାଟ ବନ୍ଦ ରହିଥିବାବେଳେ ଶୁକ୍ରବାର ଧନତ୍ରୀ ବାଲିଘାଟ ଚାଲୁ ହୋଇଥିଲା। ରାତିରେ ଭାରିଯାନ ଚାଲୁଥିବାବେଳେ ଦିନରେ ସାଧାରଣ ଗାଡିରେ ବାଲି ଚାଲାଣ ହେଉଥିଲା। କିନ୍ତୁ ରଣପାଳ ବାଲିଘାଟ ବନ୍ଦ ରହିଥିବାରୁ ଶନିବାର ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ବିନା ଆଲୋଚନାରେ କିପରି ବାଲିଘାଟ ଚାଲିଲା ତା'ର ପ୍ରତିବାଦରେ ନଦୀ ବନ୍ଧ ଉପରେ ପାଲ ପକାଇ ପ୍ରଶାସନିକ ନିଷ୍ପତ୍ତି ବିରୋଧରେ ବାଲିଗାଡ଼ି ଅଟକାଯାଇଥିଲା। ଦୁଇଟି ଘାଟ ଏକକାଳୀନ ଚାଲିବାକୁ ନିଷ୍ପତ୍ତି ହୋଇଥିବା ବେଳେ କାହା ନିର୍ଦ୍ଦେଶରେ ଧନତ୍ରୀ ବାଲିଘାଟ ଚାଲିଲା ବୋଲି ପ୍ରଶ୍ନ ଉଠିଥିଲା। ଫଳରେ ପ୍ରଶାସନିକ ଭୁଲ ନିଷ୍ପତ୍ତି ଯୋଗୁ ସ୍ଥାନୀୟ ଅଞ୍ଚଳରେ ନିଜନିଜ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ରାସ୍ତାରେ ବସିବା ଫଳରେ ରାଜସ୍ୱ ବିଭାଗ ପକ୍ଷରୁ ଧନତ୍ରୀ ବାଲିଘାଟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଲୋଚନା ନିଷ୍ପତ୍ତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଉନ୍ନୟନ କମିଟି ପକ୍ଷରୁ ସଭାପତି ଦାମୋଦର ଧଳ, ସମ୍ପାଦକ ଗୋଲଖ ଚନ୍ଦ୍ର ମାଝୀ, ପ୍ରତାପ ଧଳ,

ବାଲି ପରିବହନକୁ ବିରୋଧ କରି ନଦୀ ବନ୍ଧ ଅବରୋଧ କରାଯାଇଛି।

ପରେ ବାଲିଘାଟ ଚଳାଯିବାକୁ ପ୍ରଶାସନିକ ଶରତ ଧଳ, ଦୈତାରୀ ଧଳ, ଦିଲ୍ଲୀପ ଧଳ, ବାସୁଦେବ ପରିଡ଼ା, ପ୍ରଶାନ୍ତ କୁମାର ସାହୁ, ରାଜକିଶୋର ମଲ୍ଲିକ, ମାନସ ରଞ୍ଜନ ଧଳ, ସଦାନନ୍ଦ ସାମଲ, ରମେଶ ଚନ୍ଦ୍ର ସାହୁ, ଆନନ୍ଦ ପାଳ, ପ୍ରଦୀପ କୁମାର ସାହୁ, ଶଙ୍କର୍ଷଣ ପରିଡ଼ା, ବନମାଳୀ ଦାସ, ନିତ୍ୟାନନ୍ଦ ପରିଡ଼ା, ଅଶୋକ କୁମାର ପରିଡ଼ା, ମଦନ ମୋହନ ମାଝି ଓ ବିଷ୍ଣୁଚରଣ ଧଳ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

ନାବାଳିକାଙ୍କୁ ନିର୍ଯାତନା ଦେଇ ଯୁବକ ଗିରଫ

ଧର୍ମଶାଳା,୭।୫(ଡି.ଏନ.ଏ.)

ଧର୍ମଶାଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ନିଳଗିରି ଥାନା ଅଞ୍ଚଳର ତପନ ସିଂ। ତପନ ଧର୍ମଶାଳା ଥାନା ଅଧୀନ ପାଖର ଗ୍ରାମସ୍ଥିତ ତାଙ୍କ ବନ୍ଧୁ ଘରେ ରହୁଥିଲେ। ଏହି ସମୟରେ ନାବାଳିକାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତେଣୁ ସେ ନାବାଳିକାଙ୍କୁ ଅପହରଣ କରିନେଇ ନୀଳଗିରି ଅଞ୍ଚଳକୁ ପଳାଇଥିଲେ। ସେଠାରେ ସେ ତାଙ୍କୁ ବିବାହ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେ ନାବାଳିକାଙ୍କୁ ମାରପିଟ କରିବା ସହ ନାନା ନିର୍ଯାତନା ଦେଇ ଫେରାର ହୋଇ ଯାଇଥିଲେ। ଏନେଇ ନାବାଳିକା ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ହେଲେ ସେଠାରୁ ନ୍ୟାୟ ନ ପାଇବାରୁ ବାପଘରକୁ ଆସି ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୩୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଶୁକ୍ରବାର ରାତିରେ ଅଭିଯୁକ୍ତ ତପନଙ୍କୁ ନୀଳଗିରି ଅଞ୍ଚଳରୁ ଗିରଫ କରିଥିଲା। ଶନିବାର ଡାକ୍ତରୀ ମାଇନା ପରେ ତାଙ୍କୁ ଯାଜପୁର କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

ବିବାହ ଜିଦ୍ କରୁଥିବା ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ଯାଜପୁର ଅଫିସ,୭।୫

ଜଣେ ବିବାହିତା ମହିଳା ଶନିବାର ପେଟ୍ରୋଲ ବୋତଲ ଧରି ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଯାଜପୁର ଜିଲା ସୁକିନ୍ଦା ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ସମ୍ପୃକ୍ତା ମହିଳାଙ୍କ ପ୍ରେମିକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

ସୁକିନ୍ଦା ଥାନା ଲେମ୍ବୋ ପଞ୍ଚାୟତର ହରିଡାବାହାଳି ଗ୍ରାମର ଦୀପକ ମହାନ୍ତ କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ସହ ବିଭିନ୍ନ ସ୍ଥାନରେ ୧ ବର୍ଷ ଧରି ସ୍ୱାମୀ ସ୍ତ୍ରୀ ଭଳି ରହୁଥିଲେ। କିଛିଦିନ ପରେ ଦୀପକ ଉକ୍ତ ମହିଳାଙ୍କୁ ଧରି ନିଜ ଗ୍ରାମ ହରିଡାବାହାଳିକୁ ଆସିଥିଲେ। ଉଭୟ ହରିଡାବାହାଳିରେ ରହିବା ପରେ ବୈଦିକ ରୀତିରେ ସେ ଦୀପକଙ୍କୁ ବିବାହ କରିବାକୁ ଚାହୁଁଛନ୍ତ ବୋଲ ସମ୍ପୃକ୍ତ ମହିଳା କହିଥିଲେ । ଆପଣ ପୂର୍ବରୁ ବିବାହିତା। ପୂର୍ବତନ ସ୍ୱାମୀଙ୍କୁ ଛାଡପତ୍ର ଦେଲା ପରେ ଏହି ବିବାହ ହେବ ବୋଲି ଗ୍ରାମର ଭଦ୍ରଲୋକମାନେ କହିଥିଲେ। ଏହାପରେ ସମ୍ପୃକ୍ତା ମହିଳା କେଉଁଆଡ଼େ ଚାଲି ଯାଇଥିଲେ। ଏହାର କିଛିଦିନ ପରେ ସମ୍ପୃକ୍ତ ମହିଳା ପୂର୍ବ ବାସସ୍ଥାନକୁ ଆସିଥିଲେ। ହେଲେ ଏହାପୂର୍ବରୁ ଦୀପକ ସୁକିନ୍ଦା ଥାନା ବନ୍ଧଗା ପଞ୍ଚାୟତର କୋଇଲୋ ଗାଁର ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିସାରିଥିଲେ। ଏହି ଖବର ପାଇ ସମ୍ପୃକ୍ତା ମହିଳା ଦୀପକଙ୍କ

ପ୍ରେମିକ କୋର୍ଟ ଚାଲାଣ

ଘରକୁ ଆସିଥିଲେ । ସେତେବେଳେ ଦୀପକ ଅନୁପସ୍ଥିତି ଥିଲେ। ପରିବାର ଲୋକେ ସମ୍ପୃକ୍ତ ମହିଳାଙ୍କୁ ଘରେ ପୁରାଇ ଦେଇ ନ ଥିଲେ। ଏହା ପରେ ଉକ୍ତ ମହିଳା ଅଭିଯୋଗ ନିମନ୍ତେ ସୁକିନ୍ଦା ଥାନାକୁ ଆସୁଥିବା ବେଳେ ସୁକିନ୍ଦାଗଡସ୍ଥିତ ରଥଦାଣ୍ଡରେ ଦୀପକଙ୍କ ସହିତ ତାଙ୍କର ଭେଟ ହୋଇଥିଲା। ମହିଳା ଜଣକ ତାଙ୍କୁ ଅଟକାଇ ବିବାହ ସମ୍ପର୍କରେ ପଚାରିବାରୁ ସେ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ମହିଳା ଜଣଙ୍କ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଜଣାଇବା ସହ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତା ମହିଳା ଓ ଦୀପକଙ୍କୁ ଥାନାକୁ ନେଇ ପଚାରାଉଚୁରା କରିଥିଲା। ମହିଳାଙ୍କ ଅଭିଯୋଗ ଅନୁସାରେ ତଦନ୍ତ କରି ପୋଲିସ ଏକ ମାମଲା (ନଂ. ୮୫/୨୦୨୨) ରୁଜୁ କରିଛି। ଦୀପକଙ୍କୁ ଗିରଫ ଦର୍ଶାଇ ପୋଲିସ କୋର୍ଟ ଚାଲାଣ କରିଛି।

୨ ବର୍ଷ ପରେ ଅଭିଯୁକ୍ତ ଗିରଫ

ଧର୍ମଶାଳା,୭।୫(ଡି.ଏନ.ଏ.)

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅସଦାଚରଣ କରିବା ସହ ତାଙ୍କ ଅଳଙ୍କାର ଲୁଟ ମାମଲାରେ ପୋଲିସ ଜଣେ ଯୁବକଙ୍କୁ ୨ ବର୍ଷ ପରେ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅନ୍ତର୍ଗତ ଛେଳିଆ ଗ୍ରାମର ଧନଞ୍ଜୟ ମହାପାତ୍ର। ଧନଞ୍ଜୟଙ୍କ ସମ୍ପୃକ୍ତ ମହିଳାଙ୍କ ସହିତ ସୋସିଆଲ ମିଡିଆରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ସେ ଉକ୍ତ ମହିଳାଙ୍କୁ ୨୦୨୦ରେ ବିବାହ ପ୍ରଲୋଭନ ଦେଇ ଧର୍ମଶାଳା ଥାନା ଜାରକା ଅଞ୍ଚଳରେ ଆଣି ରଖିଥିଲେ। ପ୍ରାୟ ଏକ ମାସ ଧରି ଦୁହେଁ ଏକାଠି ରହିବା ପରେ ଧନଞ୍ଜୟ ହଠାତ

ମହିଳାଙ୍କୁ ଅସଦାଚରଣ ମାମଲା

ଦିନେ ଉକ୍ତ ମହିଳାଙ୍କ ସୁନା ଅଳଙ୍କାର ନେଇ ଫେରାର ହୋଇଯାଇଥିଲେ। ଏନେଇ ମହିଳା ଜଣକ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୯୩/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଘଟଣାର ୨ ବର୍ଷ ପରେ ପୋଲିସ ଅଭିଯୁକ୍ତ ଧନଞ୍ଜୟଙ୍କୁ ଶୁକ୍ରବାର ରାତିରେ ମୟୂରଭଞ୍ଜ ସ୍ଥିତ ତାଙ୍କ ଘରୁ ଗିରଫ କରିଥିଲା। ଶନିବାର ଧର୍ମଶାଳା ଡାକ୍ତରଖାନାରେ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ଏହାପରେ ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

ଭୌତିକ କାଣ୍ଡରୁ ଅଗ୍ନିକାଣ୍ଡ ସନ୍ଦେହ

୩ ବଖରା ଜଳିଗଲା, ୨ ପରିବାର ବାସଶୂନ୍ୟ

ରସୁଲପୁର,୭।୫(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ଶୁକ୍ରବାର ଓ ଶନିବାର ୨ଦିନ ଧରି ଅଗ୍ନିକାଣ୍ଡ ଘଟିବାରେ ଲାଗିଛି। ଏଥିରେ ୩ ବଖରା ଘର ଜଳଯାଇଛି। ଫଳରେ ୨ଟ ପରିବାର ବାସଶୂନ୍ୟ ହୋଇ ପଡ଼ିଛନ୍ତି। ଖବର ପାଇ ରସୁଲପୁର ଦମକଳ କେନ୍ଦ୍ର ବାହିନୀ ପହଞ୍ଚି ନିଆଁ ଲଭାଇଥିଲେ। ତେବେ ନିଆଁ ଲିଭାଇ ଚାଲିଯିବା ପରେ ପୁଣି ନିଆଁ ଲାଗିଯାଇଥିଲା। ଘର ଛପରର ବିଭିନ୍ନ ସ୍ଥାନରୁ ନିଆଁର ଝୁଲ ଦେଖିବାକୁ ମିଳିଥିଲା। ଏହାକୁ ଗାଁ ଲୋକେ ଆୟତ କରିଥିଲେ। ରାତିରେ ନିଆଁ ଲାଗି ନ ଥିଲା। ମାତ୍ର ଶନିବାର ଦିନବେଳା ପୁଣି ଘର ମଥାଣରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ଏହା ଦେଖି ଗାଁ ଲୋକେ ସମ୍ପୂର୍ଣ୍ଣ ଘରକୁ ଓଲାରି ଦେଇଥିଲେ। ପରେ ନରସିଂହପୁର ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟେ ଷଡ଼ଙ୍ଗୀ, ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତେବେ ଅଗ୍ନିକାଣ୍ଡ ଭୌତିକ କାଣ୍ଡରୁ ଘଟିଥାଇ ପାରେ ବୋଲି କେତେକ ମତ ଦେଉଥିବା ବେଳେ ଆଉ କେତେଜଣ ଏହା ବିଦ୍ୟୁତ୍ ସଟ୍ ଶର୍କିଟରୁ ହୋଇଥାଇ ପାରେ ବୋଲି କହିଛନ୍ତି। ମାତ୍ର ଅଗ୍ନିକାଣ୍ଡ ପଛର ଅସଲ କାରଣ ଏଯାଏ ସ୍ପଷ୍ଟ ହୋଇପାରି ନାହିଁ।

ଖସାଗଡ଼ିଆରେ ୨ ବଖରା ଜଳିଗଲା

ଅଗ୍ନିକାଣ୍ଡରେ ଜଳି ଯାଇଥିବା ଘର।

ପାଣିକୋଇଲି,୭।୫(ଡି.ଏନ.ଏ.)

ପାଣିକୋଇଲି ଥାନା ପଥରପଦା ପଞ୍ଚାୟତ ଖସାଗଡ଼ିଆ (ଓଚିନ୍ଦା) ଗ୍ରାମର କରୁଣାକର ମାଝିଙ୍କ ଘରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଫଳରେ ତାଙ୍କ ୨ ବଖରା ଘର ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ବୈତରଣୀରୋଡ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ କିଛି ଜଳିଯାଇଥିଲା। ରୋଷେଇ ଘରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ରୋଷେଇ ସାରି ସମସ୍ତେ ଅନ୍ୟ ଘରେ ଥିଲେ। ଏହି ସମୟରେ ନିଆଁ ଲାଗିଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ।

ବେଆଇନ କଳାପଥର ଖନନ: ଯୁବକ ଗିରଫ

ଧର୍ମଶାଳା,୭।୫(ଡି.ଏନ.ଏ.)

ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡ଼ପୁର କଳାପଥର ଖାଦାନରେ ବେଆଇନ ଖନନ ଅଭିଯୋଗରେ ଜେନାପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୬ ତାରିଖରେ ତହସିଲଦାରଙ୍କ ନେତୃତ୍ୱରେ ଗଠିତ ଟାସ୍କ ଫୋର୍ସ ଡଙ୍କାରୀ କଳାପଥର ଖାଦାନରେ ମାପଚୁପ ପାଇଁ ଯାଇଥିଲେ। ଏହି ସମୟରେ ରାହାଡ଼ପୁର କଳାପଥର ଖାଦାନରେ ବେଆଇନ ଖନନ ହେଉଥିବା ଖବର ପାଇଥିଲେ। ତେଣୁ ସେଠାରେ ଚଢ଼ାଉ କରି ୩ଟି କମ୍ପ୍ରେସର ଜବତ କରିଥିଲେ। ସେଠାରେ ବେଆଇନ ଭାବେ ଖନନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାର ଜେନାପୁର ଥାନାକୁ ଲିଖିତ ଭାବେ ଜଣାଇଥିଲେ। ପୋଲିସ ନଂ.୧୧୮/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଏହି ଥାନା ତୁରଙ୍ଗ ଗ୍ରାମର ଅଭୟ ଜେନା(୩୯)ଙ୍କୁ ଶୁକ୍ରବାର ରାତିରେ ଗିରଫ କରିଥିଲା। ଶନିବାର ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

ଗ୍ରାହକଙ୍କୁ କାତିରେ ହାଣିଲେ ଫଳ ଦୋକାନୀ

ଫଳ ଦୋକାନୀଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ଜଣେ ଯୁବକ।

ଯାଜପୁର ଟାଉନ,୭।୫(ଡି.ଏନ.ଏ.)

ଯାଜପୁର ଥାନା ଖଣ୍ଡରା ଛକରେ ଶନିବାର ଜଣେ ଫଳ ଦୋକାନୀଙ୍କ ଆକ୍ରମଣରେ ପୌରାଞ୍ଚଳ ଅନ୍ତର୍ଗତ ବୈଦ୍ୟରାଜପୁରର କେବୁଲ ବ୍ୟବସାୟୀ ସଞ୍ଜିତ କୁମାର ସାହୁ ଓ ତାଙ୍କର ଜଣେ ସହଯୋଗୀ ପ୍ରମୋଦ ପରିଡ଼ା ଗୁରୁତର ହୋଇଛନ୍ତି। ସଞ୍ଜିତ୍‌ଙ୍କ ବେକକୁ ଓ ପିଠିକୁ ଫଳ ଦୋକାନୀ ଏକ କାତିରେ ହାଣି ପକାଇଛନ୍ତି। ସେହିପରି ପ୍ରମୋଦଙ୍କୁ ମଧ୍ୟ ଫଳ ଦୋକାନୀ ଆକ୍ରମଣ କରିଛନ୍ତି। ୨ଜଣ ଯାକ ଗୁରୁତର ହୋଇ ଯାଜପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ। ତେବେ ସଞ୍ଜିତ୍‌ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଏନେଇ ସଞ୍ଜିତଙ୍କ ସ୍ତ୍ରୀ ବାଣିଶ୍ରୀ ପ୍ରିୟଦର୍ଶିନୀ ବେହେରା ଯାଜପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଅଜୟ କୁମାର ଜେନା ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

ସଞ୍ଜିତ ଓ ତାଙ୍କ ସହଯୋଗୀ ପ୍ରମୋଦ

କେବୁଲ ବ୍ୟବସାୟୀ ଓ କର୍ମଚାରୀ ଗୁରୁତର

ଖଣ୍ଡରା ଗ୍ରାମକୁ କେବୁଲ ସଂଯୋଗ କାର୍ଯ୍ୟରେ ଯାଇଥିଲେ। ସେଠାରୁ କାମ

୪ ବଖରା ଜଳିଗଲା

ଫୁଲବାଣୀ ଅଫିସ: ଫିରିଙ୍ଗିଆ ବ୍ଲକ ତଳଦଣ୍ଡିକିଆ ପଞ୍ଚାୟତର ପାଦେରିପଡା ଗାଁରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗି ୪ ବଖରା ଜଳିଯାଇଛି। ଫିରିଙ୍ଗିଆ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଛି । ପ୍ରଥମେ ଗାଁର ସତ୍ୟପ୍ରକାଶ ପ୍ରଧାନଙ୍କ ଘରେ ନିଆଁ ଲାଗିଥିଲା। ଏହାପରେ ନିଆଁ ତାଙ୍କ ଘରକୁ ଲାଗି ଥିବା ବିଶ୍ୱନାଥ ବିନ୍ଧାଣିଙ୍କ ଘରେ ବ୍ୟାପିଥିଲା। ପ୍ରାୟ ଦେଢଲକ୍ଷ ଟଙ୍କାର ଧନ ସମ୍ପତି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଆକଳନ କରାଯାଉଛି । ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ସଂକ୍ଷେପରେ

ଦିବ୍ୟ ଜୀବନ ସଂଘ ପକ୍ଷରୁ ସ୍ୱତନ୍ତ୍ର ସାଧନା ଦିବସ

ବ୍ରହ୍ମପୁର ଅଫିସ୍,୭।୫: ଦିବ୍ୟ ଜୀବନ ସଂଘ ବ୍ରହ୍ମପୁର ଶାଖା ପକ୍ଷରୁ ଶନିବାର ସ୍ୱତନ୍ତ୍ର ସାଧନା ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ପ୍ରକାଶ ଚନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସଭାପତି ଉପେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ଦିବସ ଉପଲକ୍ଷେ ସଂଘ ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ଏଥିରେ ଅତିଥି ଭାବେ ସ୍ୱାମୀ ବିଦ୍ୟାନନ୍ଦ ସରସ୍ୱତୀ ମହାରାଜ ଓ ସ୍ୱାମୀ ହରିଶରଣାନନ୍ଦ ସରସ୍ୱତୀ ମହାରାଜ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବାହ୍ନରେ ଜୟ୍ ଗଣେଶ କୀର୍ତ୍ତନ, ଉପ ଧ୍ୟାନ, ଗୁରୁପାଦ ପୂଜା, ଅର୍ଚ୍ଚନା, ବିଶ୍ୱ ପ୍ରାର୍ଥନା, ପ୍ରଭୁ ପ୍ରାର୍ଥନା ଓ ବିଶ୍ୱର କଲ୍ୟାଣ ଏବଂ ଜଗତର ମଙ୍ଗଳ କାମନା ନିମନ୍ତେ ହନୁମାନ ଚାଲିଶା ପାରାୟଣ ହୋଇଥିଲା। ସ୍ୱର୍ଗତ ଉପେନ୍ଦ୍ର ପାଣିଗ୍ରାହୀ ଜଣେ ସରଳ ବିଶ୍ୱାସୀ ଓ ଗୁରୁନିଷ୍ଠ ଥିଲେ ବୋଲି ସ୍ମୃତି ଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବସ୍ତ୍ର ବଣ୍ଟନ ସହ ନାରାୟଣ ସେବା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ପାଣିଗ୍ରାହୀ, ପୁଷ୍ପିତା ପାଣିଗ୍ରାହୀ, ରାଧାରାଣୀ ପାଣିଗ୍ରାହୀ, ଅନୁରାଧା ପାତ୍ର, ବିଷ୍ଣୁ ପ୍ରସାଦ ପାତ୍ର ଓ ସଂଘର ଉପସଭାପତି ଉମାଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରୀଙ୍କ ଟଙ୍କା ଠକିଥିବା ଅଭିଯୋଗ

ଗୋପାଳପୁର,୭।୫(ଡି.ଏନ.ଏ.)-ଏକ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ ଜଣେ ଛାତ୍ରୀଙ୍କ ନାମଲେଖା ଟଙ୍କା ଠକେଇ କରିଥିବା ନେଇ ଗୋଳନ୍ତରା ଥାନାରେ ଅଭିଯୋଗ ହୋଇଛି। ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର କେ.କୀର୍ତ୍ତି କୁମାରୀ ଗୋଳନ୍ତରା ଥାନା ଅନ୍ତର୍ଗତ ପାଲୁର ହିଲସ୍‌ସ୍ଥିତ ନିଷ୍ଟ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନର ଇଲୋକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ ଇଞ୍ଜିନିୟରିଂର ତୃତୀୟ ବର୍ଷ ଛାତ୍ରୀ। ଅଭିଯୋଗ ଅନୁସାରେ, ଏହି କଲେଜରେ ୯୪ ହଜାର ଟଙ୍କା ବକେୟା ଥିବା ନେଇ ଛାତ୍ରୀଙ୍କୁ ଏକ ମେଲ୍ ଆସିଥିଲା। ପରେ ସେ ନିଷ୍ଟର ଇନଚାର୍ଜ ଆଡମିଶନ ଟୁନା ବେହେରାଙ୍କ ସହ ଯୋଗାଯୋଗ କରିଥିଲେ। ପରେ ବେହେରା ଏକ ଲେଟର ପ୍ୟାଡ ସହିତ ବକେୟା ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାକୁ କହିଥିଲେ। ୨୦୨୦ ଅକ୍ଟୋବରରୁ ଡିସେମ୍ବର ୨୦ ମଧ୍ୟରେ ଡ୍ରାଫ୍ଟ ଯୋଗେ ଉକ୍ତ ଟଙ୍କା ଛାତ୍ରୀ ଜଣକ ପୈଠ କରିଥିଲେ। କରୋନା ଯୋଗୁ ଶିକ୍ଷାନୁଷ୍ଠାନ ବନ୍ଦ ଥିଲା। ବର୍ତ୍ତମାନ ଶିକ୍ଷାନୁଷ୍ଠାନ ଖୋଲିବା ପରେ ୯୪ ହଜାର ଟଙ୍କା ବକେୟା ରହିଛି ଓ ଏହାକୁ ଡିପୋଜିଟ କରିବାକୁ ଛାତ୍ରୀଙ୍କୁ କୁହାଯାଇଥିଲା। ଛାତ୍ରୀ ଜଣକ ଉକ୍ତ ଟଙ୍କା ଡିପୋଜିଟ କରିଥିବା ସମ୍ପର୍କରେ କହିବାରୁ ସେହି ଆକାଉଣ୍ଟ ନମ୍ବରଟି ଆମର ନୁହେଁ ବୋଲି ଶିକ୍ଷାନୁଷ୍ଠାନ ପକ୍ଷରୁ କୁହାଯାଇଥିଲା। ଛାତ୍ରୀଙ୍କ ଏତଲା କ୍ରମେ ଗୋଳନ୍ତରା ପୋଲିସ ନଂ. ୧୪୯/୨୨ରେ ଟୁନା ବେହେରା ଓ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ସଂଗ୍ରାମ ମୁଦୁଲିଙ୍କ ନାଁରେ ଠକେଇ ମାମଲା ରୁଜୁ କରିଛି। ଏ ନେଇ ଥାନାଧିକାରୀ ବିବେକାନନ୍ଦଙ୍କ ସହ ଯୋଗାଯୋଗ କରିବାରୁ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଛି ବୋଲି କହିଥିଲେ।

ନିଶାସକ୍ତଙ୍କୁ ପୋଲିସର ଧରପକଡ

ଗୋପାଳପୁର, ୭।୫(ଡି.ଏନ୍.ଏ.)- ବ୍ରହ୍ମପୁର ପୋଲିସ ଜିଲାରେ ଶୁକ୍ରବାର ନୂତନ ଏସ୍‌ପି ଶ୍ରବଣ ବିବେକ ଏମ୍. ଯୋଗ ଦେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଗୋପାଳପୁର ଓ ଗୋଳନ୍ତରା ଥାନା ପକ୍ଷରୁ ବିଭିନ୍ନ ଛକରେ ବ୍ଲକିଂ ଓ ନିଶାସକ୍ତଙ୍କୁ ଧରା ଅଭିଯାନ ଜୋର୍‌ଦାର କରାଯାଇଛି। ଗୋପାଳପୁର ଥାନାଧିକାରୀ ଶ୍ରୀକାନ୍ତ ଖମାରୀଙ୍କ ନେତୃତ୍ୱରେ ବ୍ଲକିଂ ଓ ନିଶାସକ୍ତଙ୍କୁ ଧରା ଅଭିଯାନ ବିଳମ୍ବିତ ରାତ୍ରି ଯାଏ ଚାଲିଥିଲା। ଏଥିରେ ୫ ଚାଳକଙ୍କୁ ଧରିଥିବା ବେଳେ ୫ ବାଇକ୍ ଜବତ କରାଯାଇଛି। ଏହି ସମୟରେ ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ଗୋଳନ୍ତରା ଥାନା ତୁଲୁ ଛକଠାରେ ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ବ୍ଲକିଂ ଓ ଚେକିଂ ଅଭିଯାନ କରାଯାଇଥିଲା।

ପରୀକ୍ଷା ପରେ ଛାତ୍ରଙ୍କ ମଧ୍ୟରେ ମାରପିଟ

ଦିଗପହଣ୍ଡି,୭।୫(ଡି.ଏନ.ଏ.)-ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଶନିବାର ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ ହୋଇଛି। ପାଟପୁର ଉଚ୍ଚ ବିଦ୍ୟାଳୟର କେତେଜଣ ଛାତ୍ର ଓ ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ମାଟ୍ରିକ ପରୀକ୍ଷା ଦେଇ ଫେରିବା ସମୟରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶୁକ୍ରବାର ସେହି ଛାତ୍ରମାନଙ୍କ ମଧ୍ୟରେ ପାଟପୁର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଝଗଡ଼ା ହୋଇଥିଲା। ଶନିବାର ଉଗ୍ର ରୂପ ଧାରଣ କରିଥିଲା। ରାମଚନ୍ଦ୍ରପୁର ବିଦ୍ୟାଳୟର ଛାତ୍ର, ତାଙ୍କର ଭାଇ ଓ ସହଯୋଗୀ ଓ ପାଟପୁର ଉଚ୍ଚ ବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରେ ଲୁହା ଛଡରେ ଆକ୍ରମଣ କରିଥିଲେ । ଏଥିରେ ଦୁଇ ଜଣ ଛାତ୍ର ଓ ଛାତ୍ରଙ୍କ ଭାଇ ଓ ତାଙ୍କ ସହଯୋଗୀ ଆହତ ହୋଇଥିଲେ । ସମସ୍ତଙ୍କୁ ଆଡପଡ଼ା ଓ ପାଟପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଲେଖାହେବା ସୁଦ୍ଧା ପାଟପୁର ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

ଉଚ୍ଛେଦ ବେଳେ ଏନ୍‌ଫୋର୍ସମେଣ୍ଟ ଟିମ୍, ବ୍ୟବସାୟୀ ହାତାହାତି

ବ୍ରହ୍ମପୁର ଅଫିସ,୭।୫

ବ୍ରହ୍ମପୁର ସହରରେ ଦିନକୁ ଦିନ ଉଠା ଦୋକାନୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସହରର ମୁଖ୍ୟ ଛକଠାରୁ ଆରମ୍ଭ କରି ଡାକ୍ତରଖାନା ଭଳି ସମ୍ବେଦନଶୀଳ ଅଞ୍ଚଳ ଗୁଡିକରେ ଉଠା ଦୋକାନୀମାନେ ମନମୁଖୀ ଭାବେ ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତାରେ ଯାତାୟାତରେ ସମସ୍ୟା ସାଙ୍ଗକୁ ଟ୍ରାଫିକ ଜାମ୍ ହେଉଛି। ଏହାକୁ ଏଡାଇବା ପାଇଁ ଗତ କିଛି ଦିନ ତଳେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ସମେତ ବଡ ବଜାର, ଗିରି ମାର୍କେଟ, ଗେଟ୍ ବଜାର ଭଳି ମୁଖ୍ୟ ଛକରେ ବସି ରହିଥିବା ବହୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରିଥିଲା । ତେବେ ବିଏମ୍‌ସି ପକ୍ଷରୁ ଉଚ୍ଛେଦ ପରେ ମଧ୍ୟ ବ୍ୟବସାୟୀମାନେ ପୁଣି ଥରେ ରାସ୍ତା ଉପରେ ବ୍ୟବସାୟ କରୁଥିବା ଦେଖିବାକୁ ମିଳିଥିଲା। ଫଳରେ ଶନିବାର ବ୍ରହ୍ମପୁର ବଡ ଡାକ୍ତରଖାନା ପରିସର ବାହାରେ ଉଠା ଦୋକାନୀମାନେ ରାସ୍ତା କବଜା କରୁଥିବା ନେଇ ବାରମ୍ବାର ଅଭିଯୋଗ ପରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ୍ ଟିମ୍ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କିନ୍ତୁ ଉଚ୍ଛେଦ ସମୟରେ ଏନ୍‌ଫୋର୍ସମେଣ୍ଟ୍ ଟିମ୍ ଓ ବ୍ୟବସାୟୀଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଛି। ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ପୂର୍ବରୁ ବଡ ଡାକ୍ତରଖାନା ପରିସର ବାହାରେ ବସୁଥିବା ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯିବା ସହ ବ୍ୟବସାୟ ନ କରିବା ପାଇଁ ତାଗିଦ କରାଯାଇଥିଲା। କିନ୍ତୁ ଉଠା ଦୋକାନୀମାନେ ପୁଣି ବ୍ୟବସାୟ ଆରମ୍ଭ କରିଥିଲେ। ଫଳରେ ଏନ୍‌ଫୋର୍ସମେଣ୍ଟ୍ ଟିମ୍ ପକ୍ଷରୁ ସେଠାରେ ବସିଥିବା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ସମୟରେ ଜଣେ ମହିଳା ବ୍ୟବସାୟୀ ଓ ଏନ୍‌ଫୋର୍ସମେଣ୍ଟ୍ ଟିମ୍ ସହ ହାତାହାତି ପରିସ୍ଥିତି ଦେଖିବାକୁ ମିଳିଥିଲା। ପରେ ପୋଲିସ ପ୍ରଶାସନ ଓ ଟିମ୍ ସହାୟତାରେ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିଲା । ଉଚ୍ଛେଦ ସମୟରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ୍ ଅଧିକାରୀ ତରୁଣକାନ୍ତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ଜବରଦଖଲ ଉଚ୍ଛେଦ ବେଳେ ବ୍ୟବସାୟୀ ଓ ଟିମ୍ ମଧ୍ୟରେ ଗଣ୍ଡଗୋଳ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଦାୟିତ୍ୱ ଗ୍ରହଣ

ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଉଛନ୍ତି।

ବ୍ରହ୍ମପୁର ଅଫିସ,୭।୫

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ କୁଳପତି ଭାବେ ଶନିବାର ପ୍ରଫେସର ଗୀତାଞ୍ଜଳି ଦାଶ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ଦାଶ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ତଥା କିଛି ଦିନ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଦାୟିତ୍ୱରେ ଥିବା ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସରେ ପ୍ରଥମ ମହିଳା କୁଳପତି ଭାବେ ନିଯୁକ୍ତି ହୋଇଥିବା ପ୍ରଫେସର ଦାଶ ଦାୟିତ୍ୱ ଗ୍ରହଣ କରିବା ସହ ବିଶ୍ୱବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାର ଉନ୍ନତି ଦିଗରେ ଅଧିକ ଦୃଷ୍ଟି ଦେବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣିଙ୍କର ଅକ୍ଟୋବରରେ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ବ୍ୟକ୍ତିଗତ କାରଣରୁ ଏପ୍ରିଲ ୩୦ରେ ଇସ୍ତଫା ଦେବା ପାଇଁ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ଅନୁମତି ନେଇଥିଲେ।

ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ,୭।୫

ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଶନିବାର ପୁରୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଥିବା ବେଆଇନ ନିର୍ମାଣକୁ ବିରୋଧ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ୱାସନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲ୍ଲେଖ ରହିଛି, ପୁରୀ ଜଗନ୍ନାଥ ମନ୍ଦିର ହେଉଛି କୋଟି କୋଟି ଓଡ଼ିଆଙ୍କ ଆସ୍ଥାର ପ୍ରତୀକ। ରାଜ୍ୟ ସରକାର ଏଏସ୍‌ଆଇର ବିନା ଅନୁମତିରେ ମନ୍ଦିରର ୧୦୦ ମିଟର ପରିଧି ମଧ୍ୟରେ ବେଆଇନ ନିର୍ମାଣ କରୁଛନ୍ତି। ଶ୍ରୀମନ୍ଦିରରେ କୌଣସି ସିମେଣ୍ଟ କଂକ୍ରିଟ କାମ ହୋଇନାହିଁ। କେବଳ ପଥର ଖଞ୍ଜା ଯାଇ ସୁଉଚ୍ଚ ମନ୍ଦିର ନିର୍ମାଣ ହୋଇଛି। ବର୍ତ୍ତମାନ ବିଭିନ୍ନ ଯନ୍ତ୍ରାଂଶ ଦ୍ୱାରା ଯେଉଁ ଶବ୍ଦ ହେଉଛି ଯାହା ଆଗାମୀ ଦିନରେ ଶ୍ରୀମନ୍ଦିରର ସୁରକ୍ଷା ପ୍ରତି ବିପଦ। ଏଏସ୍‌ଆଇ ୧୦୦ ମିଟର ପରିଧିରେ ନିର୍ମାଣ ବାରଣ କରିଥିବା ବେଳେ ରାଜ୍ୟ ସରକାର କେଉଁ ଆଧାରରେ ନିର୍ମାଣ କରୁଛନ୍ତି ବୋଲି ସଂଘ ପ୍ରଶ୍ନ କରିଛି। ଏଣୁ ବେଆଇନ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ସଂଘ ଦାବି କରିଛି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ଆଜିର ଦାବି ପତ୍ର ପ୍ରଦାନ ସମୟରେ ସଂଘ ଆବାହକ ଅରୁଣ ପ୍ରସାଦ ପାଢ଼ୀଙ୍କ ସମେତ ଭବାନୀ ଶଙ୍କର ଦାଶ, ପ୍ରସନ୍ନ ଛୋଟରାୟ, ରାଜୀବ ଖଡ଼ଙ୍ଗା ଓ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ନାବାଳିକା ବଳାତ୍କାର ମାମଲା ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୭।୫

ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ ଆଙ୍କୁଲି ଗ୍ରାମର ସୀମାଞ୍ଚଳ ସାହୁ। ପ୍ରକାଶ ଯେ, ୨୦୧୫ରେ ଏକ ଘରୋଇ କଲେଜରେ ଯୁକ୍ତ ୨ ପଢୁଥିବା ନାବାଳିକା ଛାତ୍ରୀଙ୍କ ସହ କୌଶଳକ୍ରମେ ସୀମାଞ୍ଚଳ ସମ୍ପର୍କ ରଖିଥିଲେ। ଏପରିକି ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ନାବାଳିକା ଜଣକ ସୀମାଞ୍ଚଳଙ୍କୁ ବିବାହ କରିବା ପାଇଁ କହିଥିଲେ କିନ୍ତୁକ ସେ ବିଭିନ୍ନ ଆଳ ଦେଖାଇ ତାଙ୍କୁ ଠକି ଆସୁଥିଲେ। ଶେଷରେ ପ୍ରତାରଣାର ଶିକାର ହୋଇଥିବା ପୀଡ଼ିତା ଛାତ୍ରୀ ଜଣକ ୨୦୨୨ ଜାନୁୟାରୀ ୭ରେ ବୈଦ୍ୟନାଥପୁର ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ସୀମାଞ୍ଚଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୀମାଞ୍ଚଳଙ୍କୁ ଶନିବାର କୋର୍ଟରେ ହାଜର କରାଯାଇଥିଲା।

ମା' ରାମାୟାଣାମ୍ମା ଠାକୁରାଣୀଙ୍କ ଯାତ୍ରା ଅସ୍ଥାୟୀ ମଣ୍ଡପରେ ଭକ୍ତଙ୍କ ଦର୍ଶନ

ଛତ୍ରପୁର,୭।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ସହରର ଆରାଧ୍ୟ ଦେବୀ ମା' ରାମାୟାଣାମ୍ମା ଠାକୁରାଣୀ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଶନିବାର ଅସ୍ଥାୟୀ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ଦିନତମାମ ମା'ଙ୍କ ଦର୍ଶନ ଲାଗି ଭିଡ ଦେଖିବାକୁ ମିଳିଥିଲା। ଶୁକ୍ରବାର ମା'ଙ୍କୁ ବାପଘରକୁ ନେବା ଲାଗି ଆବାହନ କରିବା ସହ ଆଜ୍ଞାମାଳ ନେବା ପାଇଁ କମିଟି ପକ୍ଷରୁ ଏକ ଶୋଭଯାତ୍ରା ମନ୍ଦିରକୁ ଆସିଥିଲା। ମଧ୍ୟରାତ୍ରିରେ ଆଜ୍ଞାମାଳ ମିଳିବା ପରେ ମା' ବାପ ଘରକୁ ଯାଇଥିଲେ। ଏନେଇ ଛତ୍ରପୁର ସହର ଉତ୍ସବ ମୁଖର ହୋଇଉଠିଛି। ମାସେ ଧରି ଚାଲିବାକୁ ଥିବା ଏହି ଯାତ୍ରା ଜୁନ ୭ ରେ ଉଦ୍‌ଯାପିତ ହେବ। ମା'ଙ୍କ ଯାତ୍ରା ଲାଗି ୨ ତାରିଖରେ ଶୁଭଖଣ୍ଡି ସ୍ଥାପନ ହୋଇଥିଲା। କୋଭିଡ୍ କଟକଣା ପାଇଁ ଗଲାବର୍ଷ ଯାତ୍ରା ବନ୍ଦ ହୋଇଥିବାବେଳେ ଚଳିତ ବର୍ଷ ଯାତ୍ରା ଯାକଜକମରେ କରିବା ପାଇଁ କମିଟି ସ୍ଥିର କରିଛି । ପୂର୍ବଭଳି ସହରର ବିଭିନ୍ନ ସାହିକୁ ମା'ଙ୍କ ଘଟ ପରିକ୍ରମା କରିବ। ସହରର ବିଭିନ୍ନ ସ୍ଥାନରେ ମେଢ, ଏବଂ ମୀନାବଜାରର ଆୟୋଜନ କରିବା ପାଇଁ ଯାତ୍ରା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

ଭାରତୀ ପାତ୍ରଙ୍କ ସମେତ ୩ ଜଣଙ୍କ ନାଁରେ ମାମଲା

ବ୍ରହ୍ମପୁର ଅଫିସ,୭।୫

ଜମି ହଡପ ଅଭିଯୋଗରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଭାରତୀ ପାତ୍ରଙ୍କ ନାଁରେ ପୁଣି ଆଉ ଏକ ମାମଲା ରୁଜୁ ହୋଇଛି। କାଗଜପତ୍ର ଜାଲିଆତି କରି ଜଣେ ବ୍ୟକ୍ତିଙ୍କ ଜମି ନିଜ ନାଁରେ କରାଇଦେବା ଅଭିଯୋଗରେ ଟାଉନ ଥାନା ପୋଲିସ ଭାରତୀ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଏହି ମାମଲା ରୁଜୁ କରିଛି। ଏ ନେଇ ନଂ. ୧୧୦/୨୨ରେ ଏକ ମାମଲା ରୁଜୁ ହୋଇଛି। ଏହି ଜମି ହଡପ ଘଟଣାରେ ଭାରତୀଙ୍କ ସମେତ ତାଙ୍କର ଦୁଇ ସହଯୋଗୀ ସାମିଲ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବିଜିପୁର କେନାଲ ସାହିର ଅଭିରାମ ବେହେରାଙ୍କ ମା' ବାସନ୍ତୀ ବେହେରା ୨୦୧୨ରେ ଜିତେନ୍ଦ୍ର କୁମାର ସାହୁଙ୍କଠାରୁ ନୀଳକଣ୍ଠପୁର ମୌଜାରେ ଏକ ଜମି କିଣିଥିଲେ। ସେହି ଜମିରେ ଘର କରି ଅଭିରାମଙ୍କ ପରିବାର ରହୁଥିଲେ। କୌଣସି କାରଣରୁ ଉକ୍ତ ଜମି ପଟ୍ଟା କରାଇ ପାରିନଥିଲେ ମଧ୍ୟ ପଞ୍ଜୀକରଣ ବେଳର କାଗଜପତ୍ର ଅଭିରାମଙ୍କ ନିକଟରେ ରହିଛି। ହେଲେ ଆଜକୁ କିଛି ମାସ ତଳେ ଅଭିରାମ ନିଜ ଘର ପଟ୍ଟା ପାଇଁ ଆବେଦନ କରିବାକୁ ଗଲାବେଳେ ତାଙ୍କ ଘରଟି ଗାନ୍ଧୀନଗର ୮ମ ଲାଇନର ଭାରତୀଙ୍କ ନାଁରେ ରେକର୍ଡଭୁକ୍ତ ହୋଇଥିବା ସେ ଜାଣିବାକୁ ପାଇଥିଲେ। କାଗଜପତ୍ର ଜାଲିଆତି କରି ଭାରତୀ ତାଙ୍କ ଜମି ହଡପ କରିଥିବା ଅଭିରାମ ସନ୍ଦେହ କରିଥିଲେ। ଅନ୍ୟପକ୍ଷରେ ଫେବୃୟାରୀ ୩ରେ ଭାରତୀଙ୍କ ସହ ଅରୁଣ ମହାନ୍ତି ଓ କୃଷ୍ଣଚନ୍ଦ୍ର ଜେନା ମିଳିତଭାବେ ଅଭିରାମଙ୍କ ଘରକୁ ଯାଇ ସେହି ଜାଗା ଛାଡିବାକୁ ଧମକ ଦେଇଥିଲେ। ୧ ଲକ୍ଷ ଟଙ୍କା ଦେଲେ ସେହି ଜାଗା ଅଭିରାମଙ୍କ ନାମରେ

ସଂକ୍ଷେପରେ

ଘାଟି ତଳୁ ଅଚେତ ଯୁବକ ଉଦ୍ଧାର

ସୋରଡା,୭।୫(ଡି.ଏନ୍.ଏ.): ଦାରିଙ୍ଗବାଡ଼ି ରାସ୍ତା ରସିଙ୍ଗଯୋଡି ଘାଟି ତଳୁ ଶନିବାର ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଅପରାହ୍ନ ୪ ଟାରେ ବଣ ଭିତରେ ଶୁଖିଲା ପତ୍ର ଗୋଟେଇବାକୁ ଯାଇଥିବା କିଛି ଲୋକ ଅଚେତ ଅବସ୍ଥାରେ ସମ୍ପୃକ୍ତ ଯୁବକଙ୍କୁ ପଡିଥିବା ଦେଖି ଗଜଳବାଡି ଗ୍ରାମରେ ଜଣାଇଥିଲେ। ପରେ ଗ୍ରାମବାସୀ ଜିଲା ପରିଷଦ ରାଜେଶ ସାହୁଙ୍କୁ ଜଣାଇବାପରେ ଗଣମାଧମ ପ୍ରତିନିଧି ସଞ୍ଜୀବ ପଟନାୟକଙ୍କୁ ଖବର ଦେଇଥିଲେ। ସଞ୍ଜୀବଙ୍କଠାରୁ ଖବର ପାଇ ଦମକଳ ବାହାନି ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ସୋରଡ଼ା ମେଡିକାଲରେ ଭର୍ତ୍ତି କରାଇଥିଲେ।

କୂଅରେ ପଡ଼ି ବୃଦ୍ଧ ମୃତ

ନୟାଗଡ଼ ଅଫିସ/ନୂଆଗାଁ, ୭।୫ (ଡି.ଏନ.ଏ.): ନୂଆଗାଁ ବ୍ଲକ କାଣିଗିରି ଗ୍ରାମରେ ପରମାନନ୍ଦ ସାମଲ(୮୦) ନାମଙ୍କ ଜଣେ ବ୍ୟକ୍ତି କୂଅରେ ପଡ଼ି ପ୍ରାଣ ହରାଇଛନ୍ତି । ପରମାନନ୍ଦ କୂଅ ଉପରେ ଶୁକ୍ରବାର ରାତିରେ ବସିଥିବା ବେଳେ ଅସବଧାନତା ହେତୁ ଗଳି ପଡିଥିଲେ । ପରିବାର ଲୋକେ ତାଙ୍କୁ ବହୁ ଖୋଜା ଖୋଜି କରିଥିଲେ ମଧ ପାଇ ନ ଥିଲେ । ତେବେ ପରମାନନ୍ଦ କୂଅରେ ପଡିଥିବା ଜଣାପଡ଼ିବା ପରେ ନୂଆଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କ ମୃତଦେହ କୂଅରୁ ଉଦ୍ଧାର କରିଥିଲେ ।

ଗ୍ୟାସ୍ ସିଲିଣ୍ଡର ବଣ୍ଟନ କଲେ ବିଧାୟିକା

ଆସିକା,୭।୫(ଡି.ଏନ.ଏ.): ଆସିକା ବ୍ଲକରେ ଥିବା ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଶନିବାର ୨ଟି ଲେଖାଏ ବଡ ଗ୍ୟାସ ସିଲିଣ୍ଡର ବଣ୍ଟନ କରାଯାଇଛି। ଆସିକା ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ମଞ୍ଜୁଳା ସ୍ୱାଇଁ ଏହି ସିଲିଣ୍ଡର ବଣ୍ଟନ କରିଥିଲେ। ସିଲିଣ୍ଡର ସହ ବିଭିନ୍ନ କେନ୍ଦ୍ରକୁ ଗ୍ୟାସ ଚୁଲା, ଲାଇଟର, ରିମୋଟ ଆଦି ଦିଆଯାଇଛି। ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କୁ ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ଏହା ବେଶ ସହାୟକ ହେବ ବୋଲି କୁହାଯାଇଛି। ସିଡିପିଓ ଭାରତୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଡିଓ ରୋଶନ ଶତପଥୀ, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟଙ୍କ ସମେତ ସୁପରଭାଇଜରମାନେ ଉପସ୍ଥିତ ଥିଲେ। ବ୍ଲକର ସମୁଦାୟ ୨୫୧ ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ ବର୍ତ୍ତମାନ ୧୮୧ କେନ୍ଦ୍ରରେ ଏହି ଗ୍ୟାସ ସିଲିଣ୍ଡର ବଣ୍ଟନ ଲାଗି ଆସିଥିବା ସିଡିପିଓ ସୂଚନା ଦେଇଛନ୍ତି।

ମା' ଶିଶୁଙ୍କ ପାଇଁ ସୁରକ୍ଷା କବଚ

ଆଜି ବିଶ୍ୱ ମାତୃତ୍ୱ ଦିବସ

ମା' ଏକ ବିରାଟ ଶବ୍ଦ । ଏହି ଶବ୍ଦରେ ଭରି ରହିଛି ଗଭୀର ମମତା, ଆସ୍ଥା, ବିଶ୍ୱାସ ଓ ସୁରକ୍ଷା । ସେଥିପାଇଁ କୁହାଯାଏ ମା'ର ତୁଳନା ନାହିଁ । କୁନି ଛୁଆଟି ଯେତେ ବଡ଼ ହେଲେ ମଧ୍ୟ ମା'ର ସ୍ନେହ, ଆବେଗ ସାମ୍ନାରେ ସେ ସେମିତି ଛୋଟ ପିଲାଟିଏ । ରବିବାର ବିଶ୍ୱ ମାତୃ ଦିବସ ପାଳନ ଅବସରରେ ସେହି ମା'ଙ୍କ କଥାକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା.. ।

ସୁରକ୍ଷା କବଚ

ସଂସାରରେ ନାରୀର ରୂପ ଓ ଭୂମିକା ବିସ୍ତୀର୍ଣ୍ଣ, ବିସ୍ମୟକର ଓ ବିଶାଳତମ । ତେଣୁ କୁହାଯାଏ ନାରୀ ବିଛେଇ ହୋଇଗଲେ ବସୁଧା, ଆଲୋକିତ ହେଲେ ଆକାଶ, ନଇଁ ଗଲେ ନଦୀ, ସଜାଇ ହେଲେ ହୁଏ ସଂସାର, ନାରୀ ରାଗି ଗଲେ ନାରାୟଣୀ, ମା'ରୂପର ସର୍ଜନାର ଜନ୍ମଦାତ୍ରୀ ସ୍ନେହ ମମତାର ବାତ୍ସଲ୍ୟମୟୀ । ସୁସ୍ଥ ସମାଜ ଗଠନରେ ମା'ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ସନ୍ତାନ ପାଇଁ ସୁରକ୍ଷା କବଚ ।

–ଧନେଶ୍ୱର ମହାରଣା,ଅବସରପ୍ରାପ୍ତ ଅଧକ୍ଷ, କଣ୍ଟିଲୋ

ସମାଜର ଆଦ୍ୟ ଗୁରୁ

ମା' ସମାଜର ଆଦ୍ୟ ଗୁରୁ । ତାଙ୍କର ଆଶୀର୍ବାଦ ବିନା ସମାଜର ଉନ୍ନତି ଅସମ୍ଭବ। ମା'ର ପଣତକାନି ଶିଶୁ ପାଇଁ ସୁରକ୍ଷା ବଳୟ । ହୃଦୟରେ ସମସ୍ତ ଦୁଃଖକଷ୍ଟକୁ ଚାପିଧରି ହସିହସି ପିଲାମାନଙ୍କ ମଙ୍ଗଳ ମନାସୁଥିବା ଜନନୀ ସର୍ବଦା ପ୍ରଣମ୍ୟ । ଆଜିର ପବିତ୍ର ଦିନରେ ସେହି ମାଆଙ୍କ ପାଦ ତଳେ ସହସ୍ର କୋଟି ଭୂମିଷ୍ଠ ପ୍ରଣାମ ।

–ସଦାଶିବ ମିଶ୍ର, ସାମାଜିକ କର୍ମୀ,କିଶୋର ପ୍ରସାଦ, ଗଣିଆ

ଏବେ ଦୁଃଖ ବଢ଼ିଛି

ମା' ର ବିକଳ୍ପ ନାହିଁ । ସେ ସୁଖଦୁଃଖରେ, ହସକାନ୍ଦରେ, ଶୋକଯନ୍ତ୍ରଣାରେ ସର୍ବଦା ସାହା ହୋଇଥାଏ । ବିଭିନ୍ନ କାରଣରୁ ଏବେ ମା'ଙ୍କ ଦୁଃଖ ବଢ଼ି ଚାଲିଛି । ଯେଉଁ ମା'ର ମାତୃତ୍ୱ ପିଲାମାନଙ୍କ ପାଇଁ ସଦା ବ୍ୟାକୁଳ, ସେହି ପିଲାମାନେ ଆଜି ମା'ର ଦୁଃଖକୁ ହୃଦୟଙ୍ଗମ କରିପାରୁ ନାହାନ୍ତି । ସଂପ୍ରତି ମାତୃ ସମାଜ ପ୍ରତି ପୁରୁଷମାନଙ୍କ ମନରେ ଏକ ପ୍ରକାର ନିର୍ଦ୍ଦୟ ଏବଂ ନିଷ୍ଠୁର ଭାବ ଦେଖା ଦେଇଛି । ଏହା ପରିବାର ପାଇଁ ଦୁଃଖ ଆଣିବ ।

–ଅଞ୍ଜନା ଦାଶ, ଅଭିନେତ୍ରୀ

ଉପେକ୍ଷା ବନ୍ଦ ହେଉ

ବିଡମ୍ବନା ଏହି ଯେ, ମା' କାଲି କାନ୍ଦୁଥିଲା, ଆଜି ବି ବିଭିନ୍ନ ସମସ୍ୟା ନେଇ କାନ୍ଦୁଛି । ସଂପ୍ରତି ସମାଜରେ ମା'ମାନେ ନିର୍ଯାତିତା ଏବଂ ଉପେକ୍ଷିତ । ମାତ୍ର ଜାଣି ରଖିବା ଉଚିତ ମା'ଙ୍କ ଆଖିରୁ ଲୁହ ଝରିଲେ କୌଣସି ସନ୍ତାନ ଶାନ୍ତିରେ ରହି ପାରିବେ ନାହିଁ କିମ୍ବା ତାଙ୍କ ଜୀବନ ସୁଖମୟ ହେବନାହିଁ । ତେଣୁ ଆଜିର ଦିବସରେ ମା'ଙ୍କ ଉପଯୁକ୍ତ ସେବା ଯତ୍ନ ଆମ ଜୀବନର ପରମ ଲକ୍ଷ୍ୟ ହେବା ଉଚିତ ।

–ସଙ୍ଗୀତା ବେହେରା,ଗୃହିଣୀ, ନୟାଗଡ଼

ସମାଜ ପ୍ରତି ବିପଦ

ମା' ହିଁ ଚିର ବନ୍ଦନୀୟା । ସେ କେବଳ ନିଜ ପିଲାମାନଙ୍କୁ ଆଶିଷ ପ୍ରଦାନ କରିଥାନ୍ତି । ଦିଅଁ ଦେବତାଙ୍କ ପାଖରେ ପିଲାଙ୍କ ଶୁଭ ମନାସି ପ୍ରାର୍ଥନା କରିଥାନ୍ତି । ହେଲେ ଏବେ ସମାଜ ବଦଳିଛି । ପିଲାମାନେ ବଡ ହେବା ପରେ ମା'ଙ୍କୁ ହତାଦର କରି ଚାଲିଛନ୍ତି । ଏହା ସମାଜ ପାଇଁ ଘୋର ବିପଦ ସୃଷ୍ଟି କରିବ । ଏଥିପ୍ରତି ସମସ୍ତେ ସତର୍କ ହେବା ଦରକାର ।

–ରଶ୍ମିତା ବେହେରା, ଶିକ୍ଷୟିତ୍ରୀ

ଉପସ୍ଥାପନା– **ଅଜୟ କୁମାର ମହାରଣା, ଖଣ୍ଡପଡ଼ା**

ନାବାଳିକାଙ୍କ ବିବାହ ବନ୍ଦ କଲା ଚାଇଲ୍ଡଲାଇନ

ନୟାଗଡ଼ ଅଫିସ,୭।୫

ନାବାଳିକା ବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଶୁକ୍ରବାର ଚାଇଲଡ ଲାଇନ, ଦଶପଲ୍ଲା ଥାନା ପୋଲିସ ଓ ସିଡିପିଓଙ୍କ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ଦଶପଲ୍ଲା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି । ପରେ ସମ୍ପୃକ୍ତା ନାବାଳିକାଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଭ୍ୟ ସନ୍ତୋଷ ସାହୁଙ୍କ ପାଖରେ ହାଜର କରାଯାଇଥିଲା। ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଭ୍ୟଙ୍କ ନିର୍ଦ୍ଦେଶ ଅନୁସାରେ ଘଡୁଆଳସ୍ଥିତ ତପସ୍ୟା ଶିଶୁ ଗୃହରେ ସେହି ନାବାଳିକାଙ୍କୁ ରଖାଯାଇଛି। ଏ ସଂକ୍ରାନ୍ତରେ ନାବାଳିକାଙ୍କ ପରିବାର ଲୋକଙ୍କୁ ଖବର ଦିଆ ଯାଇଛି । ନାବାଳିକାଙ୍କ ଘର ଝାରସୁଗୁଡ଼ା ଜିଲ୍ଲାରେ ହୋଇଥିବା ବେଳେ ତାଙ୍କୁ ଅଟକ ରଖିଥିବା ବିକ୍ରମ ବେହେରା(୨୧)ଙ୍କ ଘର ଦଶପଲ୍ଲା ମୋଚିସାହିରେ ବୋଲି ସୂଚନା ମିଳିଛି । ବିକ୍ରମ ସୋନପୁରର ଏକ ସୋଫା ଦୋକାନରେ କାମ କରନ୍ତି। ଏହି ସୁଯୋଗରେ ସେ ନାବାଳିକାଙ୍କୁ ଆଣି ବିବାହ କରିବା ପାଇଁ ଯୋଜନା କରୁଥିଲେ। ଚାଇଲଡ ଲାଇନ୍ ପକ୍ଷରୁ ସୁଜାତା ବେହେରା, ବିଭୁତି ଭୂଷଣ ବେହେରା ଓ ଦଶପଲ୍ଲା ଥାନା ଅଧିକାରିଣୀ ସ୍ନେହଲତା ପ୍ରଧାନ ଓ ଆଇସିଡିଏସ୍‌ର ସ୍ୱାଗତିକା ଏହି ଚଢ଼ାଉରେ ସାମିଲ ହୋଇଥିଲେ ।

ଲଣ୍ଡ୍ରି କର୍ମଚାରୀଙ୍କୁ ଦରମା ନ ଦେଇ ଖଟାଉଛନ୍ତି

ନୟାଗଡ଼ ଅଫିସ,୭।୫

ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ଫେରାଦ୍ ପାଇଁ ଆସିଥିବା ଅସ୍ଥାୟୀ କର୍ମଚାରୀ ।

- ଇପିଏଫ୍ ଓ ଇଏସ୍‌ଆଇ କଟୁଥିଲେ ମଧ ରସିଦ୍ ମିଳୁନି
- ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ଫେରାଦ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଂଶିକା ସର୍ଭିଶେଷ ପକ୍ଷରୁ ନିୟୋଜିତ ଲଣ୍ଡ୍ରୀ ଅସ୍ଥାୟୀ କର୍ମଚାରୀଙ୍କୁ ଦରମା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି । କେଉଁ କର୍ମଚାରୀ ୧୯ ମାସର ଦରମା ପାଇ ନାହାନ୍ତି ତ ଆଉ କିଏ ୧୦ ମାସର ପାଇ ନାହାନ୍ତି । ଦିନକୁ ଦରମା ୩୨୬ ଟଙ୍କା ହିସାବରେ ମାସକୁ ୯ ହଜାର ୭୮୦ ଟଙ୍କା ଦେବାକୁ ନିୟମ ଥିବାବେଳେ ୫ ହଜାର ଦେଇ କାମ ଚଳାଇ ନେବାକୁ କୁହାଯାଉଛି। ଇପିଏଫ୍ ଓ ଇଏସ୍‌ଆଇରେ ମଧ ସେମାନଙ୍କୁ ହଇରାଣ ହରକତ କରାଯାଉଛି । ଏନେଇ ଲଣ୍ଡ୍ରୀ କର୍ମଚାରୀ ପ୍ରଭାଗୀୟ ଶ୍ରମ ଆୟୁକ୍ତ, ସିଡିଏମ୍‌ଓ, ଜିଲା ଶ୍ରମ ଅଧିକାରୀ, ଅଂଶିକା ସର୍ଭିଶେଷକୁ ଫେରାଦ୍ ହୋଇଛନ୍ତି ।

ଅଭିଯୋଗ ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୭ଜଣ ଓ ଜିଲାର ୧୦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ଜଣ ଏପରି ମୋଟରେ ଲଣ୍ଡ୍ରୀ କର୍ମଚାରୀ କାମ କରୁଛନ୍ତି । ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ କର୍ମଚାରୀ ୧୯ ମାସର ଦରମା ପାଇ ନାହାନ୍ତି। ଓଡଗାଁ ଓ ରଣପୁରରେ ୧୨ମାସ, ସୁନାଖଳାରେ ୧୧ମାସ, ଚାନ୍ଦପୁରରେ ୭ମାସର ଦରମା ପାଇ ନାହାନ୍ତି । ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ଲଣ୍ଡ୍ରୀ କର୍ମଚାରୀ ୩ମାସର ଦରମା ପାଇ ନାହାନ୍ତି । ପୁଣି ସେମାନଙ୍କ ଦରମାରୁ ଇପିଏଫ୍ ଓ ଇଏସ୍‌ଆଇ ନାଁରେ କଟାଯାଉଥିଲେ ମଧ୍ୟ ସେମାନଙ୍କ ନାଁରେ ଡିପୋଜିଟ ହେଉ ନାହିଁ । ୭ଦିନ ମଧ୍ୟରେ ଲଣ୍ଡ୍ରୀ କର୍ମଚାରୀଙ୍କ ସମସ୍ୟା ସମାଧାନ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଭାରତୀୟ ମଜଦୁର ସଂଘର ନୟାଗଡ ଶାଖା ସମ୍ପାଦକ ସୁକାନ୍ତ କୁମାର ମହାପାତ୍ର ପ୍ରକାଶ କରିଛନ୍ତି ।

ଫାଇଲେରିଆ,କୁଷ୍ଠ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର କେନ୍ଦ୍ର ଉଦ୍‌ଘାଟିତ

ନୟାଗଡ଼ ଅଫିସ,୭।୫

ଓଡ଼ଗାଁ ବ୍ଲକ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାଇଲେରିଆ ଓ କୁଷ୍ଠ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏହି ସ୍ୱତନ୍ତ୍ର ଚିକିତ୍ସା କେନ୍ଦ୍ରକୁ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧାରୀ ଡା. ଅବିନାଶ ନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଯୋଜକ ଆଲୋକ କୁମାର ପଟେଲ, ସୁମନ୍ତ ବେହେରା, ଏମ୍‌ଟିଏସ୍ ବାଲୁଙ୍କେଶ୍ୱର ବେହେରା ଓ ଦେବବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତି ଗୁରୁବାର ସକାଳ ୮ରୁ ଦିନ ୧୨ ଘଣ୍ଟା ପର୍ଯ୍ୟନ୍ତ ଏହି କେନ୍ଦ୍ର ଖୋଲାଯିବ । ସେଠାରେ ରୋଗୀମାନଙ୍କ ବିକଳାଙ୍ଗ ଅଙ୍ଗର ଯତ୍ନ ନିଆଯିବା ସହିତ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେଥିପାଇଁ ସଚେତନ କରାଯିବ । ଏଥିସହିତ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯିବ । ଏହି କାର୍ଯ୍ୟକ୍ରମକୁ ଲେପ୍ରା ସୋସାଇଟିର କ୍ଷେତ୍ର ପରିଚାଳକ ପ୍ରହ୍ଲାଦ ମଙ୍ଗରାଜ ଓ ତାମସୀ ପଟ୍ଟନାୟକ ପରିଚାଳନା କରିଥିଲେ ।

ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ମିଠା ବାଣ୍ଟିଲେ ବ୍ଲକ ଅଧ୍ୟକ୍ଷା

ଛାତ୍ରୀଛାତ୍ରମାନଙ୍କୁ ମିଠା ବାଣ୍ଟୁଛନ୍ତି ବ୍ଲକ୍ ଅଧ୍ୟକ୍ଷା ।

ନୂଆଗାଁ,୭।୫ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସ୍କୁଲରେ ଚାଲିଥିବା ମାଟ୍ରିକ ପରୀକ୍ଷା ଶନିବାର ଶେଷ ହୋଇଛି । ଏହି ଅବସରରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ପରୀକ୍ଷାର୍ଥୀଙ୍କୁ ଭେଟି ମିଠା ବାଣ୍ଟିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ନୂଆଗାଁ ବ୍ଲକର ନୂଆଗାଁ ହାଇସ୍କୁଲ, ବାହାଡାଝୋଲା ହାଇସ୍କୁଲ, ବେରୁହାଁବାରି ପଞ୍ଚାୟତ ହାଇସ୍କୁଲ, ଗତିଶ୍ୱର ନୋଡାଲ ହାଇସ୍କୁଲ, ମହିପୁର ନୋଡାଲ ହାଇସ୍କୁଲ, ଜନଶକ୍ତି ନୋଡାଲ ହାଇସ୍କୁଲ ଓ ଜଗନ୍ନାଥ ପ୍ରସାଦ ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ପରୀକ୍ଷାର ପ୍ରଥମ ଦିବସରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ନୂଆଗାଁ ହାଇସ୍କୁଲ ନିକଟରେ ପହଞ୍ଚି ପରୀକ୍ଷାର୍ଥୀମାନଙ୍କୁ ପେନ ଓ ମାସ୍କ ବାଣ୍ଟିବା ସହ ଛାତ୍ରୀଛାତ୍ରମାନଙ୍କ ଶୁଭକାମନା କରିଥିଲେ । ପରୀକ୍ଷାର ଶେଷ ଦିବସରେ ସେ ମହିପୁର ନୋଡାଲ ହାଇସ୍କୁଲ ନିକଟରେ ଛାତ୍ରୀଛାତ୍ରମାନଙ୍କୁ ମିଠା ଓ ପାଣି ବୋତଲ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିପୁର ସମିତି ସଭ୍ୟ ଅନୀତା ବେହେରା ଓ ମହିପୁର ସରପଞ୍ଚ ତ୍ରିନାଥ ବେହେରା ସାମିଲ ହୋଇଥିଲେ ।

ଶହୀଦ କୃଷ୍ଣଚନ୍ଦ୍ରଙ୍କ ପରିବାରକୁ ମିଳିଲା ୫ ଲକ୍ଷର ସହାୟତା

ଟିକିଟି,୭।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ଟିକିଟିପେଣ୍ଠର ୧୪ତମ ବିହାର ରିଜିମେଣ୍ଟର ସୁବେଦାର ଶହୀଦ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପରିବାରକୁ ଡିଫେନ୍ସ ଏଣ୍ଡ ପାରା ମିଲିଟାରୀ ପେର୍ସୋନେଲ ରିଲିଫ୍ ଫଣ୍ଡ ତରଫରୁ ଶନିବାର ପାଞ୍ଚ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କୃଷ୍ଣଚନ୍ଦ୍ରଙ୍କ ପିତା ହନୁମାନ ପଣ୍ଡା ଏକ ଲକ୍ଷ, ତାଙ୍କ ମାତା ବାସନ୍ତୀ ପଣ୍ଡାଙ୍କୁ ଏକ ଲକ୍ଷ ଏବଂ ତାଙ୍କ ପତ୍ନୀ ଗୀତାଞ୍ଜଳୀ ପଣ୍ଡାଙ୍କୁ ତିନି ଲକ୍ଷ ଆକାରରେ ଦିଆଯାଇଛି। ଏହି ଡିମାଣ୍ଡ ଡ୍ରାଫ୍ଟ ଓଡ଼ିଶା ସରକାରଙ୍କ ଅନୁକମ୍ପା ରାଶି ହିସାବରେ ଟିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର, ଅତିରିକ୍ତ ତହସିଲଦାର କୁଳଦୀପ କୁମାରଙ୍କ ଦ୍ୱାରା ପ୍ରଦାନ କରାଯାଇଛି। କିନ୍ତୁ ଦେଶ ମାତୃକାର ସେବା କରି କୃଷ୍ଣଚନ୍ଦ୍ର ଶହୀଦ ହେବାର ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଟିକିଟି ପେଣ୍ଠ ଷ୍ଟାଡିୟମକୁ ତାଙ୍କ ନାମରେ ନାମିତ ହୋଇପାରିନି। ଯାହା ଦ୍ୱାରା ଅଞ୍ଚଳରେ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ଶହୀଦଙ୍କ ପରିବାରକୁ ଅନୁକମ୍ପା ସହାୟତା ପ୍ରଦାନ ବେଳେ ତହସିଲ କର୍ମଚାରୀ ନାଜିର ପୀତବାସ ନାୟକ, ତ୍ରିଲୋଚନ କାର୍ଜୀ, ରାଜସ୍ୱ ସହାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଜଗନ୍ନାଥ ମନ୍ଦିର ଚାରିପାଖ ଖନନକୁ ବିରୋଧ

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ନୟାଗଡ଼ ଅଫିସ,୭।୫

ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଚାରିପାଖରେ ଚାଲିଥିବା ଖନନ ଓ ନିର୍ମାଣକୁ ବେଆଇନ ଦର୍ଶାଇ ବିରୋଧ କରାଯାଇଛି । ପ୍ରତିବାଦରେ ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ପକ୍ଷରୁ ଶନିବାର ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏପରକି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ କୁହାଯାଇଛି ଜଗନ୍ନାଥ ହେଉଛନ୍ତି ଓଡିଆଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ । ପୁଣି ଚାରିଧାମ ମଧ୍ୟରୁ ପୁରୀ ହେଉଛି ଶ୍ରେଷ୍ଠ ଧାମ ।ତେବେ ଏପର ଏକ ପବିତ୍ର ପୀଠରେ ଚାଲିଥିବା ବେଆଇନ କାର୍ଯ୍ୟକୁ ବନ୍ଦ କରିବାକୁ ଦାବି ହୋଇଛି । ସନ୍ତୋଷ କୁମାର ପ୍ରଧାନ, ପ୍ରଫୁଲ ଖୁଣ୍ଟିଆ, ପ୍ରଭାତ ପରିଡା, ଦେବାଶିଷ ପାତ୍ରଙ୍କ ନେତୃତ୍ୱରେ ଏହ ଆନ୍ଦୋଳନ ହୋଇଛ ।

ଭଡ଼ାଟିଆଙ୍କ ବିରୋଧରେ ମାମଲା

ନୟାଗଡ଼ ଅଫିସ,୭।୫

ଘର ଛାଡୁନାହାନ୍ତି ଭଟାଡିଆ । ଭଡ଼ା ମାଗିଲେ ଧମକ ଦେଉଥିବା ଅଭିଯୋଗ ନୟାଗଡ଼ ଟାଉନ ଥାନାରେ ହୋଇଛି। ନୟାଗଡ ସହର ଯଦୁମଣି ନଗରର ଲୀଲାରାଣୀ ପଟ୍ଟନାୟକଙ୍କ ଏକ ୩ ମହଲା ଘର ନୟାଗଡ଼ କଲେଜ ରୋଡଠାରୁ ଲେଙ୍କୁଡିପଡା ରାସ୍ତାରେ ରହିଛି । ଏହି ଘରଟିକୁ ଦଶପଲ୍ଲା ଅଞ୍ଚଳର ଜଣେ ବ୍ୟକ୍ତି ଭଡା ନେଇ କୋର୍ଟ ସେଣ୍ଟର କରିଛନ୍ତି। ୨୦୨୧ ଡିସେମ୍ବର ସୁଦ୍ଧା ମାସକୁ ୪୮ ହଜାର ଓ ୨୦୨୨ ଜାନୁୟାରୀଠାରୁ ୫୫ ହଜାର ଭଡ଼ା ଦେବାକୁ ସ୍ଥିର ହୋଇଥିଲା । ସମ୍ପୃକ୍ତ ବ୍ୟକ୍ତି ୧ ଲକ୍ଷ ୪୪ ହଜାର ଟଙ୍କା ଅଗ୍ରିମ ଦେଇ ଭଡ଼ା ରହିଥିଲେ । ଅଗ୍ରିମ ଟଙ୍କା କଟିଯିବା ପରେ ଭଡା ଦେଉନାହାନ୍ତି। ଏପରି କି ଘର ମଧ୍ୟ ଛାଡୁନାହାନ୍ତି । ଭଡ଼ା ମାଗିଲେ ଟଙ୍କା ଦେବି ନାହିଁ, କ'ଣ କରୁଛ କର କହି ବିଭିନ୍ନ ଧମକଚମକ ଦେଉଛନ୍ତି ବୋଲି ଅଭିଯୋଗ ହ